

ଜାତୀୟ ଇତିହାସର ଏକ ସ୍ମରଣୀୟ ମୁହୂର୍ତ୍ତ : ବଡ଼ଲାଟ ପଦରୁ ଅବସର ଗ୍ରହଣ କରିବା ପୂର୍ବରୁ ତତ୍କାଳୀନ ମନ୍ତ୍ରୀମାନଙ୍କ ସହିତ ରାଜାଜୀ

# ଉତ୍କଳ ପ୍ରସଙ୍ଗ

୧୯୭୮ ନଭେମ୍ବର : କାର୍ତ୍ତିକ
୧୯୦୦ ଶକାବ୍ଦ
୩୫ ଭାଗ : ଚତୁର୍ଥ ସଂଖ୍ୟା

ଶ୍ରୀ କୈଳାସ ଚନ୍ଦ୍ର ମିଶ୍ର
ମୁଖ୍ୟ ସମ୍ପାଦକ

ଶ୍ରୀ ବିପିନବିହାରୀ ପଟ୍ଟନାୟକ
ସମ୍ପାଦକ

ପ୍ରହରାଜ ଶ୍ରୀ ସତ୍ୟନାରାୟଣ ନନ୍ଦ
ସହକାରୀ ସମ୍ପାଦକ

ଶ୍ରୀ ବ୍ରଜମୋହନ ପଟ୍ଟନାୟକ
ଶ୍ରୀ କିଶୋର ଚନ୍ଦ୍ର ବେହେରା
ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ
ସହଯୋଗୀ ସଂପାଦକ

ଶ୍ରୀ ଅସିତ୍ ମୁଖାର୍ଜୀ
ସଜ୍ଜା ଶିଳ୍ପୀ

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ
ମୁଦ୍ରଣ

ବାର୍ଷିକ ଦେୟ—ଟ ୧୦·୦୦

ପ୍ରତିଖଣ୍ଡ—ଟ ୧·୦୦

• • •

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ପ୍ରବନ୍ଧ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେସବୁ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମତ ପାଠ ବୋଲି ଧରିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସମ୍ବନ୍ଧରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବନାହିଁ ।

## ସୂଚୀପତ୍ର

| | | |
|---|---|---|
| କେବଳ ଗାନ୍ଧୀଜୀଙ୍କ ତୁଳନାରେ ହିଁ ସେ ଦ୍ୱିତୀୟ | .. | ୧ |
| ରାଜାଜୀ ଏକ ବହୁମୁଖୀ ପ୍ରତିଭା | .. | ୨ |
| ବାପୁଙ୍କ 'କଳା ସାହେବ' | .. | ୪ |
| ଭାରତର ଭୀଷ୍ମ ପିତାମହ | .. | ୫ |
| ଗୌରବୋଜ୍ଜ୍ୱଳ ସେବା | .. | ୭ |
| ମାନବ କଲ୍ୟାଣର ମହାବ୍ରତ | .. | ୯ |
| ରାଜାଜୀ ଓ ସ୍ୱାଧୀନତା ଆନ୍ଦୋଳନ | .. | ୧୧ |
| ପଞ୍ଜାବ କେଶରୀ-ଶଇଳମଣି | .. | ୧୫ |
| ରାଜାଜୀଙ୍କ ଶ୍ରେଷ୍ଠ ଅବଦାନ | .. | ୧୯ |
| ଆଦର୍ଶ ଗଣନାୟକ ରାଜାଜୀ | .. | ୨୧ |
| ନିର୍ବାଚନ କାହାଣୀ | .. | ୨୩ |
| ସଂଘବଦ୍ଧ ସମାଜ ସବୁ କିଛି ଜୟ କରିପାରିବ | .. | ୨୭ |
| ପରକମ—ନା—ପରଭବ | .. | ୩୧ |
| ଯୁଗ ପୁରୁଷ ଲାଲ ଲଜପତ ରାୟ | .. | ୩୩ |
| ସଚୟ ଲେଡ଼ା | .. | ୩୭ |
| ଭୁବନେଶ୍ୱରଠାରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ | .. | ୪୧ |
| ଶିକ୍ଷାମାନଙ୍କ ଘାଁ | .. | ୪୩ |
| ଓଡ଼ିଶା | .. | ୪୫ |
| ପ୍ରାଚୁର୍ଯ୍ୟରେ ଦାରିଦ୍ର୍ୟ ଏକ ବିଡ଼ମ୍ବନା | .. | ୪୭ |
| ଓଡ଼ିଶାର ଶିଳ୍ପ ଶ୍ରମିକ | .. | ୪୯ |
| ଜିଲ୍ଲା ପରିକ୍ରମା | .. | ୫୫ |
| ଋଷି ପ୍ରତିମ ମନୀଷୀ ରାଜାଜୀ | .. | ୬୧ |
| ରାଜାଜୀଙ୍କ ସମ୍ପର୍କରେ କେତୋଟି ଅନୁଭୂତି | .. | ୬୪ |
| ଯୁଗ ପୁରୁଷ ରାଜାଜୀ | .. | ୬୬ |
| ଅମର ପୁରୁଷ ରାଜାଜୀ | .. | ୬୮ |
| ରାଜାଜୀ, ରାମାୟଣ ଓ ମହାଭାରତ | .. | ୭୦ |
| ତାଙ୍କର ଆରୋଗ୍ୟମ୍ | .. | ୭୩ |
| Rajaji Some anecdotes | .. | ୭୬ |
| Memories about Rajaji | .. | ୭୮ |
| Here under this uniting roof | .. | ୮୦ |



# ବାର୍ତ୍ତା

ଡିସେମ୍ବର ୧୦, ୧୯୭୮ ଆମ ଦେଶ ପକ୍ଷରେ ଗୋଟିଏ ମହାନ୍ ସ୍ମରଣୀୟ ଦିବସ । କାରଣ ଏହି ଦିନ ଆମେ ଆମର ଅନ୍ୟତମ ସ୍ୱର୍ଗତ ଶ୍ରେଷ୍ଠ ନେତା ଚକ୍ରବର୍ତ୍ତୀ ରାଜଗୋପାଳାଚାରୀଙ୍କର ଶୁଭ ଜନ୍ମ ଶତବାର୍ଷିକୀ ପାଳନ କରୁଛୁ । ବିଗତ ଅର୍ଦ୍ଧ ଶତାବ୍ଦୀରୁ ଅଧିକ କାଳ ସେ ମହାତ୍ମା ଗାନ୍ଧୀ, ସର୍ଦ୍ଦାର ପଟେଲ, ପଣ୍ଡିତ ନେହେରୁ, ମୌଲନା ଆଜାଦ୍ ପ୍ରମୁଖ ସ୍ୱାଧୀନତା ଆନ୍ଦୋଳନର କର୍ଣ୍ଣଧାରମାନଙ୍କ ମଧ୍ୟରେ ଏକ ବିଶିଷ୍ଟ ସ୍ଥାନ ଗ୍ରହଣ କରିଥିଲେ ଏବଂ ନିଜର ସୁସ୍ଥ ରାଜନୀତିକ ଚିନ୍ତାଧାରା, ବାଗ୍ମିତା, ପ୍ରତ୍ୟୁତ୍ପନ୍ନମତିତା ଓ ନେତୃତ୍ୱ ବଳରେ ଦେଶକୁ ପ୍ରକୃଷ୍ଟ ମାର୍ଗ ପ୍ରଦର୍ଶନ କରୁଥିଲେ । ସରଳତା, ସାଧୁତା, ଚରିତ୍ରବତ୍ତା ତଥା ଦେଶବତ୍ସଳତା ତାଙ୍କଠାରେ ମୂର୍ତ୍ତିପରିଗ୍ରହ କରିଥିଲା ।

ରାଜାଜୀ ସ୍ୱାଧୀନତା ସଂଗ୍ରାମର ଜଣେ ବୀର ସୈନିକ ରୂପେ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ ବଡ଼ଲାଟ ହିସାବରେ ଜଣେ ବ୍ୟବସ୍ଥାପକ ତଥା ପ୍ରଶାସକ ରୂପେ ଏବଂ ରାଜନୈତିକ ଗୁରୁ ବା ଦିଗ୍‌ଦ୍ରଷ୍ଟା ରୂପେ ଏବେ ଆମ ସମସ୍ତଙ୍କର ସ୍ମରଣୀୟ ହୋଇ ରହିଛନ୍ତି । ତାଙ୍କର ରାଜନୀତିକ ଦର୍ଶନ ତଥା ଦୂରଦର୍ଶିତା ସେ କେତେ ଠିକ୍ ଥିଲା ତାହା ଆମେ ତାଙ୍କର ଅନୁପସ୍ଥିତିରେ ନିଶ୍ଚୟ ଉପଲବ୍ଧି କରିପାରୁଛୁ ।

ଜଣେ ଗ୍ରନ୍ଥକାର ହିସାବରେ ତାଙ୍କର ରଚନାବଳୀର ମୌଳିକ ଆଭିମୁଖ୍ୟ ଆମମାନଙ୍କୁ ଚମତ୍କୃତ କରିଥିଲା । ତାଙ୍କ ପ୍ରତିଷ୍ଠିତ ସାପ୍ତାହିକ "ସ୍ୱରାଜ୍ୟ" ପତ୍ରିକାରେ ସେ ବିଭିନ୍ନ ଜାତୀୟ ତଥା ଆନ୍ତର୍ଜାତୀୟ ପ୍ରଶ୍ନ ସଂପର୍କରେ ଯେଉଁସବୁ ମତାମତ ପ୍ରକାଶ କରୁଥିଲେ ସେସବୁରୁ ତାଙ୍କର ବିଜ୍ଞତା ଓ ଦୂରଦୃଷ୍ଟିର ସମ୍ୟକ୍ ପରିଚୟ ମିଳୁଥିଲା ।

ଦେଶର ସାଂପ୍ରତିକ ପରିସ୍ଥିତିରେ ରାଜାଜୀଙ୍କ ବାଣୀ ଆମମାନଙ୍କୁ ପଥ ପ୍ରଦର୍ଶନ କରୁ—ଏହାହିଁ ମୋର କାମନା ।

ମୁଖ୍ୟ ମନ୍ତ୍ରୀ, ଓଡ଼ିଶା

# କେବଳ ଗାନ୍ଧିଜୀଙ୍କ ତୁଳନାରେହିଁ ସେ ଦ୍ୱିତୀୟ

ଜୟପ୍ରକାଶ ନାରାୟଣ

ପ୍ରାକ୍ ସ୍ୱାଧୀନତା ଓ ସ୍ୱାଧୀନତାର ପରବର୍ତ୍ତୀ ଯୁଗରେ ଯେଉଁ କେତେଜଣ ନେତୃସ୍ଥାନୀୟ ବ୍ୟକ୍ତି ଭାରତର ଭାଗ୍ୟକୁ ରୂପରେଖ ଦେବାପାଇଁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଓ ଦାୟିତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରେ ଥିଲେ ବୟୋବୃଦ୍ଧ ନାଗରିକ ସ୍ୱର୍ଗତ ରାଜଗୋପାଳାଚାରୀ । ଯଦିଓ ରାଜନୀତିକ ସ୍ଥାନ ଦୃଷ୍ଟିରୁ କେବଳ ଗାନ୍ଧିଜୀଙ୍କ ତୁଳନାରେହିଁ ତାଙ୍କର ସ୍ଥାନଥିଲା ଦ୍ୱିତୀୟ, ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ଗ୍ରହଣ ଦୃଷ୍ଟିରୁ ସେ ଅନନ୍ୟ ସ୍ଥାନ ଅଧିକାର କରିଥିଲେ । ସେ ଥିଲେ ଜଣେ ଦୃଢ଼ମନା ବ୍ୟକ୍ତି । ଅଧିକାଂଶ ସମୟରେ ତାଙ୍କର ସହକର୍ମୀମାନଙ୍କ ସହିତ ମତଭେଦ ଘଟୁଥିଲା । ସମସ୍ତେ ତାଙ୍କ ଯୁକ୍ତିକୁ ବିରୋଧ କଲେ ମଧ୍ୟ ସେ ନିଜ ବିଶ୍ୱାସକୁ ବିସର୍ଜନ କରୁ ନଥିଲେ ।

ସ୍ୱାଧୀନତାର ପରବର୍ତ୍ତୀ କାଳରେ ଅବଶ୍ୟ ରାଜାଜୀଙ୍କୁ କଂଗ୍ରେସ ରାଜନୀତିରେ ସାଧାରଣ ଭୂମିକା ଗ୍ରହଣ କରିବାକୁ ପଡ଼ିଥିଲା । କଂଗ୍ରେସ ନେତୃବର୍ଗଙ୍କ ସହିତ ତାଙ୍କର କ୍ରମବର୍ଦ୍ଧମାନ ମତ ପାର୍ଥକ୍ୟ ସ୍ୱତନ୍ତ୍ର ପାର୍ଟି ଗଠନ କରିବା ପାଇଁ ତାଙ୍କୁ ବାଧ୍ୟ କରିଥିଲା । କିଛିଦିନ ମଧ୍ୟରେ ସେ ବିରୋଧୀ ଦଳର ଏକ ଟାଣୁଆ ନେତାରୂପେ ପ୍ରଶଂସିତ ହେଲେ । ଦେଶର ରାଜନୀତି କ୍ଷେତ୍ରରେ ବିରୋଧୀଦଳର ମର୍ଯ୍ୟାଦା ବୃଦ୍ଧିପାଇଁ ଦୁଇଜଣ ନେତୃସ୍ଥାନୀୟ ବ୍ୟକ୍ତିଙ୍କର ଅବଦାନ ବିଶେଷ ଉଲ୍ଲେଖନୀୟ । ଜଣେ ହେଉଛନ୍ତି ରାଜାଜୀ ଓ ଅନ୍ୟଜଣେ ଡ଼କ୍ଟର ରାମମନୋହର ଲୋହିଆ । ସେମାନେ ବିଭିନ୍ନ ସଂଗଠନ ମାଧ୍ୟମରେ ବିରୋଧୀ ଦଳର ଶକ୍ତିକୁ ଶାଣିତ କରିଥିଲେ ଏବଂ ଐତିହାସିକ ଚତୁର୍ଥ ସାଧାରଣ ନିର୍ବାଚନରେ ସାର୍ଥକଭାବେ ଏହି ଶକ୍ତିକୁ ବିଜୟ ପଥରେ ପରିଚାଳିତ କରିଥିଲେ । ବ୍ୟକ୍ତିଗତ ଭାବରେ ରାଜାଜୀଙ୍କ ପ୍ରତି ମୋର ଯଥେଷ୍ଟ ସମ୍ମାନ ଥିଲା । ଅବଶ୍ୟ ବହୁ ସମସ୍ୟା ସଂପର୍କରେ ତାଙ୍କର ବିଚାରଧାରା ସହିତ ମୋ ଚିନ୍ତାଧାରାର ବହୁ ତାରତମ୍ୟ ଥିଲା । ତଥାପି ତାଙ୍କର ବୌଦ୍ଧିକ ଶକ୍ତି, ଗଭୀର ଜ୍ଞାନ ଓ ଚାରିତ୍ରିକ ସଂହତି ସମସ୍ତଙ୍କ ମନରେ ତାଙ୍କପ୍ରତି ଶ୍ରଦ୍ଧା ସଂଚାର କରିଥାଏ ।

# ରାଜାଜୀ ଏକ ବହୁମୁଖୀ ପ୍ରତିଭା

ଆଚାର୍ଯ୍ୟ ଜେ. ବି. କୃପାଲାନୀ

ବ୍ୟକ୍ତି ବିଶେଷଙ୍କ ଚରିତ ଚିତ୍ରଣ କରିବାକୁ ଗଲାବେଳେ ଏପରିକି ଯେଉଁମାନଙ୍କ ନିବିଡ଼ ସଂପର୍କରେ ମୁଁ ଆସିଛି ସେମାନଙ୍କ କଥା କହିଲାବେଳେ ମୋତେ ବରାବର ଅଡୁଆ ଲାଗେ । ଜଣକ ସଂପର୍କରେ କିଛି ଲେଖିବାକୁ ଗଲାବେଳେ ତାଙ୍କର ଗୁଣ, ଦୁର୍ଗୁଣ ସବୁ କିଛି ମନକୁ ଆସିଥାଏ । ବେଳେ ବେଳେ ଜଣକର ଭଲ କଥା ଲେଖିବାକୁ ଗଲାବେଳେ ମନ୍ଦକଥା ଛାଏ ଛାଏଁ ସ୍ମରଣ ହୋଇଯାଏ । * * * କିନ୍ତୁ ରାଜାଜୀଙ୍କ ପରି ଏକ ବହୁମୁଖୀ ବ୍ୟକ୍ତିତ୍ୱ କ୍ଷେତ୍ରରେ ଏହା ଏକ ଜଟିଳ ବିଷୟ । ତେଣୁ ମୁଁ ଏଠାରେ ଯାହା ଲେଖୁଛି, ମୋର ଆଶଙ୍କା ଯେ ମୁଁ ତାଙ୍କର ବହୁମଖୀ ପତିଭା ସଂପୂର୍ଣ୍ଣଭାବେ ସବୁ ଦିଗରୁ ରୂପାୟନ କରିବାରେ ସମର୍ଥ ହୋଇ ନପାରେ ।

ରାଜାଜୀ ସବୁବେଳେ ବ୍ୟକ୍ତି ସ୍ୱାଧୀନତାକୁ ଗଣତନ୍ତ୍ରର ଭିତ୍ତି ବୋଲି କହିଛନ୍ତି । ବ୍ୟକ୍ତି ସ୍ୱାଧୀନତା ଆମର ବାସ୍ତବ ଅଗ୍ରଗତି ପାଇଁ ଏକାନ୍ତ ଜରୁରୀ ବୋଲି ସେ ସବୁବେଳେ ଦୃଢ଼ଯୁକ୍ତି ଦର୍ଶାଇଛନ୍ତି । ବ୍ୟକ୍ତିର ଆତ୍ମ-ପ୍ରତ୍ୟୟ ଓ ଜୀବନାଦର୍ଶ ସବୁ କ୍ଷେତ୍ରରେ ଅଗ୍ରଗତି ପାଇଁ ସହାୟକ ହୋଇଥାଏ । ଆଉ ମଧ୍ୟ ବାହ୍ୟତଃ କୌଣସି କର୍ମରେ ଅକୃତକାର୍ଯ୍ୟ ହେଲେ ବି ତାହା ବୃଥା ଯାଏନାହିଁ । ସମୟ ସମୟରେ ବ୍ୟକ୍ତି ବିଶେଷଙ୍କର ମୃତ୍ୟୁ ଫଳରେ ମଧ୍ୟ ବିଜୟ ହାସଲ ହୋଇଛି । କ୍ରୁଶବିଦ୍ଧ ଯୀଶୁଖ୍ରୀଷ୍ଟ ଏବଂ ବିଷପାନ କରିଥିବା ସକ୍ରେଟିଶ ଅଥବା ଜଣେ ଆତତାୟୀର ଗୁଳିରେ ନିହତ ଗାନ୍ଧୀ ବିଫଳକାମ ହୋଇଛନ୍ତି ବୋଲି କିଏ କହି ପାରିବ ? 'ଆଇନର ଶାସନ' ଓ 'ଆଇନର ଧାରା' ପ୍ରତି ରାଜାଜୀଙ୍କର ଗଭୀର ଆସ୍ଥା ଥିଲା ।

୧୯୨୧ ମସିହାରେ ରାଜାଜୀ ଭଲରୋଜଗାର ବର୍ତି ଚାଲିଥିବା ଆଇନ୍ ବ୍ୟବସାୟ ଛାଡ଼ି ଗାନ୍ଧିଜୀଙ୍କ ଆହ୍ୱାନରେ ଦେଶରେ ସଂଗଠିତ ହୋଇଥିବା ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ । କହିବାକୁ ଗଲେ ସେହି ସମୟରୁ ହିଁ ତାଙ୍କ ସହ ମୋର ପରିଚୟ ଆରମ୍ଭ ହେଲା । ୧୯୨୨ ମସିହାରେ ଗାନ୍ଧିଜୀ ଛଅବର୍ଷ କାରାଦଣ୍ଡ ଭୋଗିବା ଆଦେଶ ପାଇବା ପରେ ରାଜାଜୀ 'ୟଙ୍ଗ ଇଣ୍ଡିଆ' ପତ୍ରିକାର ସଂପାଦନା ଦାୟିତ୍ୱରେ ରହିଲେ । ଗୟାଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ତାଙ୍କର ବାଗ୍ମିତା ଜଣା ପଡ଼ିଥିଲା । ପରିବର୍ତ୍ତନ ବିରୋଧୀମାନଙ୍କର ମୁଖ୍ୟ ପ୍ରବକ୍ତା ଭାବରେ ଶ୍ରୀ ସି. ଆର. ଦାସ , ମୋତିଲାଲ ନେହେରୁ ଓ ବିଠଲଭାଇ ପଟେଲ ପ୍ରମୁଖ ବିଶିଷ୍ଟ ନେତୃବର୍ଗଙ୍କର ସେ ଅପ୍ରିୟଭାଜନ ହୋଇଥିଲେ । ପରିବର୍ତ୍ତନ ପନ୍ଥୀମାନେ ମନ୍ତ୍ରୀ ସଭାରେ ଯୋଗଦାନ କରିବାର ପକ୍ଷପାତୀ ଥିଲେ । ଏହାର ବିରୁଦ୍ଧାଚରଣ କରୁଥିବା ନେତବର୍ଗ ଗାନ୍ଧିଜୀଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମ ଅନୁଯାୟୀ ସ୍ଥିତାବସ୍ଥା ବଜାୟ ରଖିବାକୁ ଚାହୁଁଥିଲେ । ଯଦିଓ ଆଇନ୍ ଅମାନ୍ୟ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା , ତଥାପି କେତେକ ଗଠନମୂଳକ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା । ଯାହାର ପରିପୂରଣ ବ୍ୟତିରେକେ ଆଇନ୍ ଅମାନ୍ୟ ଆନ୍ଦୋଳନ ସଂଗଠିତ ହୋଇ ପାରୁନଥିଲା । ୧୯୨୧ ରେ ନାଗପୁର କଂଗ୍ରେସ ଅଧିବେଶନରେ ମନ୍ତ୍ରୀ ସଭା ବର୍ଜନ ଅସହଯୋଗ ଆନ୍ଦୋଳନର ଏକ ମୁଖ୍ୟ କାର୍ଯ୍ୟକ୍ରମ ରୂପେ ସ୍ୱୀକୃତ ହୋଇଥିଲା । ମନ୍ତ୍ରୀ ସଭାରେ ଯୋଗଦାନକୁ ସମର୍ଥନ କରୁଥିବା ନେତୃବର୍ଗ ପରିବର୍ତ୍ତନ ବିରୋଧୀଙ୍କ ଦ୍ୱାରା ହାରି ଯାଇଥିଲେ । ଫଳରେ ସଭାପତି ଶ୍ରୀ ଦାସ ଇସ୍ତଫା ଦେବାପାଇଁ ବାଧ୍ୟ ହୋଇଥିଲେ ।

ରାଜାଜୀ ତାଙ୍କର ବିତର୍କ ସମୟରେ ସବୁବେଳେ ତର୍କ ଭିତରେ ସୀମିତ ରହୁନଥିଲେ । ସେ ଏଥିସହ ଉପମା, ଅଳଙ୍କାର ଓ ପ୍ରାସଙ୍ଗିକ ଗଳ୍ପର ଅବତାରଣା କରୁଥିବାରୁ ଏହା ଆହୁରି ଉପଭୋଗ୍ୟ ହେଉଥିଲା । ଏହି ପ୍ରଣାଳୀ ଅବଲମ୍ବନ କରି ସେ ତାଙ୍କର ବିରୁଦ୍ଧ ମତବାଦୀଙ୍କୁ ପରାସ୍ତ କରି ପାରୁଥିଲେ । କିନ୍ତୁ ମୋର ସଂଶୟ, ଏହାଦ୍ୱାରା ସେ ନିଜ ମନରେ ଦୃଢ଼ ପ୍ରତ୍ୟୟ ଆଣି ପାରୁନଥିଲେ । ଉଦାହରଣ ସ୍ୱରୂପ ଯଦିଓ ରାଜାଜୀ ପାକିସ୍ଥାନ ସୃଷ୍ଟି ପାଇଁ ମୁସଲିମ୍ ଲିଗ୍‌ର ଦାବୀକୁ ସମର୍ଥନ କରୁଥିଲେ, କିନ୍ତୁ ଜିନ୍ନା ରାଜାଜୀଙ୍କ ପ୍ରଣାଳୀକୁ କେବେ ଗ୍ରହଣ କରି ନଥିଲେ । ସେ ଭାବୁଥିଲେ ସେ ଏଥିରେ କିଛି ଫନ୍ଦି ରହିଛି । ୧୯୩୯ ମସିହା ତ୍ରିପୁରା କଂଗ୍ରେସ ଅଧବେଶନ ସୁଭାଷଚନ୍ଦ୍ର ବୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସୁଭାଷ ବୋଷଙ୍କ ସଭାପତିତ୍ୱକୁ ସେ ନର୍ମଦା ନଦୀରେ ଏକ ଛିଦ୍ରଯୁକ୍ତ ଡଙ୍ଗା ସହିତ ତୁଳନା କରିଥିଲେ । ଗାନ୍ଧିଜୀଙ୍କ ଇଚ୍ଛା ମୁତାବକ କାର୍ଯ୍ୟକାରୀ କମିଟିକୁ ସଭ୍ୟ ମନୋନୀତ କରିବା ପାଇଁ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ଦ୍ୱାରା ଆଗତ ପ୍ରସ୍ତାବ ରାଜାଜୀ ପ୍ରଣୟନ କରିଥିଲେ । ଫଳରେ ସୁଭାଷ ବୋଷ ସଭାପତି ପଦରୁ ଇସ୍ତଫା ଦେଇଥିଲେ ।

ଆମର ସମ୍ବିଧାନ ପ୍ରଣୟନ ପୂର୍ବରୁ ରାଜାଜୀ ସ୍ୱାଧୀନତା ପରବର୍ତ୍ତୀକାଳର ପ୍ରଥମ ବଡ଼ଲାଟ ଥିଲେ । ଭାରତ ଛାଡ଼ ଆନ୍ଦୋଳନରେ ଭାଗ ନନେଇ ଥିବା ହେତୁ ସେ ଜନସାଧାରଣଙ୍କର ଅତି ଜଣାଶୁଣା ନେତା ହୋଇ ପାରି ନଥିଲେ । କିନ୍ତୁ ତାଙ୍କର ଦକ୍ଷତା, ସାଧୁତା ଓ ସର୍ବୋପରି ଦେଶ ପାଇଁ ତାଙ୍କର ମହାନ୍ ତ୍ୟାଗ ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ତାଙ୍କୁ ଦେଶର ସର୍ବୋଚ୍ଚ ପଦବୀରେ ଅଧିଷ୍ଠିତ କରାଯାଇଥିଲା । ସେ ନିଜେ ସରଳ ଜୀବନଯାପନ କରୁଥିଲେ, କିନ୍ତୁ ବ୍ରିଟିଶ ଶାସନ କାଳରେ ଏହି ଉଚ୍ଚ ପଦବୀର ସମସ୍ତ ବିଧି ବ୍ୟବସ୍ଥା ଯେଉଁଳି ଅନୁସୃତ ହେଉଥିଲା ତାହା ଯଥାଯଥ ପ୍ରତିପାଳନ କ୍ଷେତ୍ରରେ ସେ ତୀକ୍ଷ୍ଣ ଦୃଷ୍ଟି ଦେଉଥିଲେ । ଲୋକ ସଭାର ଅନ୍ୟ କେତେକ ସଦସ୍ୟଙ୍କ ସହିତ ମୋତେ ଥରେ ଚା' ପାନ ପାଇଁ ରାଜାଜୀ ନିମନ୍ତ୍ରଣ କରିଥିଲେ । ଆମର ପ୍ରସ୍ଥାନ ସମୟରେ, ମୁଁ ମୋର ନାମ ଖବର କାଗଜରେ ବାହାର ନକରିବା ପାଇଁ ତାଙ୍କୁ ଅନୁରୋଧ କରିଥିଲି । କାରଣ ଏହା ଜଣେ ପୁରାତନ ବନ୍ଧୁଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ । ସେ କୌଣସି ଦରବାର ଅନୁଷ୍ଠିତ କରୁନାହାନ୍ତି ଯେଉଁଥିରେ କି ନାମ ପ୍ରକାଶ ପାଇଲେ ଜଣେ ନିଜକୁ ଗୌରବାନ୍ୱିତ ମନେ କରିବ

କିନ୍ତୁ ରାଜାଜୀ ମୋର ସେ ଅନୁରୋଧ ରକ୍ଷା କରି ନଥିଲେ । ଯାହାହେଉ ପରବର୍ତ୍ତୀ ରାଷ୍ଟ୍ରପତିମାନେ ଏଭଳି କ୍ଷେତ୍ରରେ ମୋର ଚିନ୍ତାଧାରାକୁ ସମ୍ମାନ ଦେଉଥିଲେ ଏବଂ ରାଷ୍ଟ୍ରପତି ଭବନକୁ ପରିଦର୍ଶନରେ ଯାଉଥିବା ବ୍ୟକ୍ତିଙ୍କ ସହ ମୋର ନାମ କେବେ ଖବର କାଗଜରେ ପ୍ରକାଶ ପାଉ ନଥିଲା ।

ରାଜାଜୀଙ୍କ ପ୍ରଶାସନିକ ଦକ୍ଷତା ଅତି ଉଚ୍ଚ କୋଟୀର । ରାଜାଜୀ ୧୯୫୪ ମସିହାରେ ଗୋଟିଏ ପ୍ରଶ୍ନର ଭିତ୍ତି ଉପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ।

ରାଜାଜୀ ଜଣେ ଦୃଢ଼ ଆତ୍ମ-ପ୍ରତ୍ୟୟ ସଂପନ୍ନ ବ୍ୟକ୍ତି ଥିଲେ । ସେ ଯାହା ଉଚିତ ପନ୍ଥା ବୋଲି ମନେ କରୁଥିଲେ, ତାହା ଯେତେ ଅପ୍ରିୟ ହେଲେ ମଧ୍ୟ ସେ ସେଥିରେ ଅଟଳ ରହୁଥିଲେ । ସମୟ ସମୟରେ ସେ ଯେଉଁ ବିଷୟଗୁଡ଼ିକ ଆଉ ନହେବାର ବୋଲି ପ୍ରତୀୟ-ମାନ ହୋଇଥାଏ, ସେହି ବିଷୟଗୁଡ଼ିକ ମଧ୍ୟ ବଳିଷ୍ଠ ଭାବରେ ଉପସ୍ଥାପନ କରିଥାନ୍ତି । କେତେକ କ୍ଷେତ୍ରରେ ଗାନ୍ଧିଜୀଙ୍କ ସହିତ ସେ ଏକମତ ହୋଇ ପାରୁନଥିଲେ । କିନ୍ତୁ ତାଙ୍କର ଧୀମତ୍ତା ଓ ଚିନ୍ତାଧାରାକୁ ଗାନ୍ଧିଜୀ ଉଚ୍ଚ ପ୍ରଶଂସା କରୁଥିଲେ । ଗାନ୍ଧିଜୀ ତାଙ୍କୁ ବିବେକ-ବାନ ବ୍ୟକ୍ତି ରୂପେ ଅଭିହିତ କରୁଥିଲେ । ଯଦି ରାଜାଜୀଙ୍କୁ ଭାରତର ପ୍ରଧାନ ମନ୍ତ୍ରୀ ରୂପେ ବଛା ଯାଇଥାନ୍ତା, ତେବେ ଗାନ୍ଧିଜୀ ନିଜର ଦାୟାଦ ରୂପେ ତାଙ୍କୁ ମନୋନୀତ କରିଛନ୍ତି ବୋଲି ଲୋକମାନେ କହିଥାନ୍ତେ ।

ନିଜର ମାତୃଭାଷା ତାମିଲ ଓ ଇଂରାଜୀରେ ତାଙ୍କର ସାହିତ୍ୟିକ ପ୍ରତିଭା ସର୍ବ ବିଦିତ । ସେ କେବଳ ଧର୍ମ ଓ ଦର୍ଶନ ତତ୍ତ୍ୱ ଉପରେ ତାଙ୍କର ଲେଖନୀ ସୀମାବଦ୍ଧ ନରଖି ବହୁ ଉପାଦେୟ ଶିଶୁ ସାହିତ୍ୟ ସୃଷ୍ଟି କରି ଯାଇଛନ୍ତି । ଆମ ସଂସ୍କୃତିର ସେ ଥିଲେ ଜଣେ ଦୀପ୍ତିମନ୍ତ ପ୍ରତୀକ । ଦେଖିବାକୁ ଯଦିଓ ସେ ଖୁବ୍ ସରଳ ତଥାପି ସେ ଅତ୍ୟନ୍ତ ଦୃଢ଼ମନା ଥିଲେ । ସେ ତାଙ୍କର ବିରୁଦ୍ଧ ମତବାଦ ବ୍ୟକ୍ତିଙ୍କ ଉପରେ କୌଣସି ଘୃଣା ବା ଆକ୍ରୋଶ ନରଖି ସ୍ଥିର ଚିତ୍ତରେ ସେମାନଙ୍କର ସମ୍ମୁଖୀନ ହେଉଥିଲେ । ଯଦିଓ ତାଙ୍କର ବାକସ୍ୱଚ୍ଛତା ରହିଥିଲା ତଥାପି ସ୍ୱଳ୍ପ ବାକ୍ୟ ବିନିମୟରେ ତାଙ୍କର ବିରୁଦ୍ଧ ମତବାଦ ବ୍ୟକ୍ତିମାନଙ୍କୁ ସେ ପରାସ୍ତ କରି ପାରୁଥିଲେ ।

## ଆଦିମ ଜାତି ଉନ୍ନୟନ କାର୍ଯ୍ୟକ୍ରମ

**ଷଷ୍ଠ ଯୋଜନା କାଳରେ ଏଥିପାଇଁ ୧୩ କୋଟି ୬୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ**

ରାଜ୍ୟର ବିଭିନ୍ନ ଅଂଚଳରେ ବସବାସ କରୁଥିବା ପ୍ରାୟ ୧ ଲକ୍ଷ ଆଦିମ ଜାତି ଲୋକଙ୍କ ସାମୂହିକ ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏଥିପାଇଁ ବର୍ତ୍ତମାନ ୭ ଗୋଟି ସ୍ୱତନ୍ତ୍ର ପ୍ରୋଜେକ୍ଟ କାର୍ଯ୍ୟକାରୀ ହେଉଛି ଏବଂ ଷଷ୍ଠ ଯୋଜନା କାଳରେ ଆଉ ୫ ଗୋଟି ପ୍ରୋଜେକ୍ଟ କାର୍ଯ୍ୟକାରୀ କରାଯିବ । ଏଥିରେ ମୋଟ ୧୩ କୋଟି ୬୨ ଲକ୍ଷ ଟଙ୍କା ବ୍ୟୟ ହେବ ବୋଲି ଅଟକଳ କରାଯାଇଛି ।

ଆଦିମ ଜାତି ଲୋକଙ୍କ ସାମାଜିକ ତଥା ଅର୍ଥନୈତିକ ଅଭିବୃଦ୍ଧି ସକାଶେ ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ୭ ଗୋଟି ସ୍ୱତନ୍ତ୍ର ପ୍ରୋଜେକ୍ଟ ପାଇଁ ୮ କୋଟି ୬୨ ଲକ୍ଷ ୩୫ ହଜାର ଟଙ୍କା ବ୍ୟୟ ବରାଦ କରା ଯାଇଛି । ଏଥିରେ କୋରାପୁଟର ବଣ୍ଡା ଏବଂ ଡ଼ୋଙ୍ଗରିଆ କନ୍ଧ, ଗଞ୍ଜାମର ସଉରା, ଗୁମ୍ମା ମାଜ ଅଞ୍ଚଳର ଲାଞ୍ଜିଆ ସଉରା, ଫୁଲବାଣୀର କୁଟିଆ କନ୍ଧ, କେନ୍ଦୁଝରର ଜୁଆଙ୍ଗ ଏବଂ ଢ଼େଙ୍କାନାଳର ପଉଡ଼ି ଭୂୟାଁମାନଙ୍କର ଉନ୍ନୟନ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଛି ।

ଏହି ପ୍ରୋଜେକ୍ଟଗୁଡ଼ିକ ବ୍ୟତୀତ ଷଷ୍ଠ ଯୋଜନା କାଳରେ ୫ କୋଟି ଟଙ୍କା ବ୍ୟୟ ଅଟକଳରେ ଆଉ ୫ ଟି ସ୍ୱତନ୍ତ୍ର ପ୍ରୋଜେକ୍ଟ କାର୍ଯ୍ୟକାରୀ ହେବ । ଏ ଗୁଡ଼ିକ ମଧ୍ୟରେ କେନ୍ଦୁଝର ଜିଲ୍ଲାର ନୂଆଗାଁପିଢ଼, ଗଞ୍ଜାମର କଇଁପୁର, ଫୁଲବାଣୀର କୋଟଗଡ଼, ସୁନ୍ଦରଗଡ଼ର ବଣାଇ ଏବଂ କୋରାପୁଟ ଜିଲ୍ଲା ରାୟଗଡ଼ାର ଆଦିମ ଜାତି ଅଧ୍ୟୁଷିତ ଅଞ୍ଚଳମାନ ଅନ୍ତର୍ଭୁକ୍ତ ।

ବଣ ପାହାଡ଼ ଘେରା ଦୁର୍ଗମ ଅଞ୍ଚଳମାନଙ୍କରେ ବସବାସ କରୁଥିବା ଏହି ଆଦିମ ଜାତି ଲୋକମାନେ ଅଦ୍ୟାବଧି ପ୍ରାକ୍ କୃଷି ସଭ୍ୟତା ସ୍ତରରେ ମଧ୍ୟ ପହଞ୍ଚି ପାରି ନ ଥିବାରୁ ଏବଂ ଉତ୍କଟ ଦାରିଦ୍ର୍ୟ ଯୋଗୁ ବଞ୍ଚି ରହିବା ସେମାନଙ୍କ ପକ୍ଷେ ସମସ୍ୟା ହୋଇ ଉଠିଥିବାରୁ ରାଜ୍ୟ ସରକାର ଉପରୋକ୍ତ ସ୍ୱତନ୍ତ୍ର ଯୋଜନା ଗୁଡ଼ିକ ଜରିଆରେ ସେମାନଙ୍କ ଉନ୍ନୟନ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି । ପୋଡୁଚାଷ ନିରାକରଣ, ଋଣ ଛାଡ଼, ସାମାଜିକ ଓ ଅର୍ଥନୈତିକ ଶୋଷଣ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ପ୍ରାକ୍-ପ୍ରାଥମିକ ଓ ପ୍ରାଥମିକ ସ୍କୁଲ ଛାତ୍ର ଛାତ୍ରୀମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ, ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା, ସ୍ଥାନୀୟ ଶିଳ୍ପ ଓ ହସ୍ତ ଶିଳ୍ପ ଉନ୍ନୟନ ଆଦି କାର୍ଯ୍ୟକ୍ରମମାନ ଉପରୋକ୍ତ ଯୋଜନା ଜରିଆରେ କାର୍ଯ୍ୟକାରୀ କରାଯାଉଛି ।

# ବାପୁଙ୍କ 'କଳା ସାହେବ'

କାକା ସାହେବ କାଲେଲକର

ରାଜାଜୀ ନିଜର ଲେଖା ମାଧ୍ୟମରେ ଆମ ସମସ୍ତଙ୍କ ହୃଦୟ ଜୟ କରି ପାରିଛନ୍ତି । ତାଙ୍କର ସ୍ୱଦେଶ ପ୍ରୀତି ଅତି ମହାନ୍ । ସେ ଆମ ସଂସ୍କୃତିର ପ୍ରତୀକ । ଇଂରାଜୀ ଭାଷାରେ ତାଙ୍କର ଖୁବ୍ ଦଖଲ ଥିଲା । ସର୍ବୋପରି ରାଜାଜୀ ଗାନ୍ଧୀଜୀଙ୍କ ମନକୁ ଯେପରି ଚିହ୍ନିଥିଲେ, ଅନ୍ୟ କେହି ସେପରି ଜାଣି ନଥିଲେ । ମୋ ମନକୁ ଆସୁଥିଲା, "କିଏ ଏହି ରାଜଗୋପାଳାଚାରୀ ? ସେ ନିଶ୍ଚୟ ଅଖଣ୍ଡ ଜ୍ଞାନ ଓ ଅନୁକଂପା ସଂପନ୍ନ ବ୍ୟକ୍ତି ହୋଇଥିବେ । ନୋହିଲେ ସେ ଗାନ୍ଧୀଜୀଙ୍କ ବାର୍ତ୍ତାର ତାତ୍ପର୍ଯ୍ୟ ଉପଲବ୍ଧି କରିପାରି ନଥାନ୍ତେ ।

ଗାନ୍ଧୀଜୀଙ୍କ କାରାବାସ ଯୋଗୁଁ ଆମକୁ ଗାନ୍ଧୀଜ ଙ୍କ ଲେଖାଲେଖି ଓ 'ନବଜୀବନ ପ୍ରେସ୍' ଦାୟିତ୍ୱ ବୁଝିବାକୁ ପଡ଼ିଲା । ଏହି ପ୍ରସଙ୍ଗରେ ରାଜାଜୀଙ୍କ ସହିତ ମୋର ପରିଚୟ ଘଟିଲା । ଗାନ୍ଧୀଜୀଙ୍କ ଦକ୍ଷିଣ ଭାରତ ଗସ୍ତ ବେଳେ ମୁଁ ତାଙ୍କ ସହ ଯାଇଥିଲି । ଗାନ୍ଧୀଜୀଙ୍କର ଏହି ଗସ୍ତ କାର୍ଯ୍ୟକ୍ରମ ନିଜେ ରାଜଗୋପାଳାଚାରୀ ଆୟୋଜନ କରିଥିଲେ । ସେହିଠାରେ ହିଁ ରାଜାଜୀଙ୍କୁ ଅତି ନିବିଡ଼ ଭାବରେ ଜାଣିବାର ଅବକାଶ ମୋତେ ମିଳିଥିଲା ।

ସେହି ଗସ୍ତ ବେଳର ଏକ ଆମୋଦପ୍ରଦ ଘଟଣା ମୁଁ ଏଠରେ ଉଲ୍ଲେଖ କରୁଛି । ଅଳ୍ପ କେତେକ ଯୁବକ ଗାନ୍ଧୀଙ୍କ ସହ ଦେଖା କରିବାକୁ ଆସିଥିଲେ । ସେମାନେ ସମସ୍ତେ 'ବ୍ରାହ୍ମଣ ବିରୋଧୀ ଆନ୍ଦୋଳନର' ଅନ୍ତର୍ଭୁକ୍ତ ଥିଲେ । ସେମାନେ ସମସ୍ତେ ରାଜାଜୀଙ୍କ ନେତୃତ୍ୱକୁ ବ୍ରାହ୍ମଣ-ନେତୃତ୍ୱ ବୋଲି ସମାଲୋଚନା କରି ନିଜର ଅସନ୍ତୋଷ ପ୍ରକାଶ କଲେ । ଗାନ୍ଧୀଜୀ ଧୈର୍ଯ୍ୟର ସହ ସେମାନଙ୍କ କଥା ଶୁଣିଲେ । କିନ୍ତୁ ସେ ସମୟରେ ଗାନ୍ଧୀଜୀ ଅତି ଉତ୍ଫୁଲ୍ଲ ଥିବାର ମୁଁ ଲକ୍ଷ୍ୟ କଲି । ସେ ଯୁବକମାନଙ୍କ ପ୍ରତି ଲକ୍ଷ୍ୟ କରି କହିଲେ "ରାଜାଜୀଙ୍କ ନେତୃତ୍ୱକୁ ଆପଣମାନେ ବ୍ରାହ୍ମଣ ନେତୃତ୍ୱ ବୋଲି କହୁଛନ୍ତି । ମୁଁ ତାଙ୍କୁ ସବୁବେଳେ 'କଳା ସାହେବ' ହିସାବରେ ସମ୍ମାନ ଦେଇ ଆସିଛି । ରାଜାଜୀ ଭାରତକୁ କିଭଳି ନିବିଡ଼ ଭାବରେ ଭଲ ପାଆନ୍ତି ତାହା ମୁଁ ଜାଣେ । ଭାରତୀୟ ସଂସ୍କୃତିକୁ ସେ ଗଭୀର ଭାବେ ଅନୁଧ୍ୟାନ କରିଛନ୍ତି । ମୁଁ ତାଙ୍କର ନିକଟ ସଂପର୍କରେ ଆସିଛି । କିନ୍ତୁ କେବେ-ହେଲେ ତାଙ୍କଠାରେ ହିନ୍ଦୁର ଲକ୍ଷଣ ବିଶେଷ କରି ବ୍ରାହ୍ମଣ ଲୋକର ଗର୍ବ କିମ୍ବା କୌଣସି ସାଂପ୍ରଦାୟିକ ଭାବନା ଦେଖିନାହିଁ । ହଁ, ସେ ବ୍ରାହ୍ମଣ ବଂଶ ସମ୍ଭୂତ ଓ ଉଭୟ ପୋଷାକ ଓ ଚଳିଚଳଣରେ ତାଙ୍କଠି ବ୍ରାହ୍ମଣ-ସୁଲଭ ସରଳତା ପ୍ରକଟିତ ହୋଇଥାଏ । କିନ୍ତୁ ମୁଁ ଆପଣ ସମସ୍ତଙ୍କୁ ଏଠି କହି ରଖୁଛି ଯେ ଦକ୍ଷିଣ ଭାରତର ବ୍ରାହ୍ମଣଙ୍କ ସଂପର୍କରେ ଆମେ ଯାହାସବୁ ଶୁଣୁ ତାଙ୍କଠାରେ ସେଥିର ଲେଶ ମାତ୍ର ଗନ୍ଧ ନାହିଁ" ।

ଗାନ୍ଧୀଜୀ ଠିକ୍ କେଉଁ ଭାଷାରେ ସେମାନଙ୍କୁ କହିଥିଲେ ତାହା ମୋର ମନେ ନଥିଲେ ହେଁ ତାଙ୍କ ବକ୍ତବ୍ୟର ସାରକଥା ମୁଁ ଏଠାରେ ଉଲ୍ଲେଖ କଲି । ଗାନ୍ଧୀଜୀ ରାଜାଜୀଙ୍କୁ ଯେତେବେଳେ ପରିହାସରେ 'କଳା ସାହେବ' ବୋଲି କହିଲେ ସେତେବେଳେ ମୁଁ ଖୁବ୍ ଆଶ୍ଚର୍ଯ୍ୟ ହେଲି । ନିଃସନ୍ଦେହରେ ରାଜାଜୀ ପାଶ୍ଚାତ୍ୟ ସଂସ୍କୃତିର ସମସ୍ତ ସାରବତ୍ତା ଆହରଣ କରିଥିଲେ । ସେ ଆଧୁନିକ କାଳର ଆବଶ୍ୟକତା ମଧ୍ୟ ଉପଲବ୍ଧି କରିପାରିଥିଲେ ।

# ଭାରତର ଭୀଷ୍ମ ପିତାମହ

ମୋରାରଜୀ ଦେଶାଇ

୧୯୩୦ ମସିହା ସତ୍ୟାଗ୍ରହ ଆନ୍ଦୋଳନ ପରେ ୧୯୩୧ ମାର୍ଚ୍ଚ ମାସରେ ଦିଲ୍ଲୀଠାରେ ଗାନ୍ଧୀ-ଇରଉଇନ୍ ଚୁକ୍ତି ସଂପର୍କରେ ଆଲୋଚନା ହେଉଥିଲା ବେଳେ ରାଜାଜୀଙ୍କ ସହିତ ମୋର ପ୍ରଥମଥର ପାଇଁ ସାକ୍ଷାତ ହୋଇଥିଲା । ତାଙ୍କର ବ୍ୟକ୍ତିତ୍ୱ ବିଶେଷ କରି ତାଙ୍କର ସୂକ୍ଷ୍ମ ତଥା ଗଭୀର ଧୀମତ୍ତା ମୋତେ ବିଶେଷ ମୁଗ୍ଧ କରିଥିଲା । ମୋ ମତରେ ସେ ଥିଲେ ଏ ଦେଶର ଶ୍ରେଷ୍ଠ ସୂକ୍ଷ୍ମ ବୁଦ୍ଧି ସଂପନ୍ନ ବ୍ୟକ୍ତି । ସେ ଥିଲେ ମହାତ୍ମାଗାନ୍ଧୀଙ୍କର ଘନିଷ୍ଠ ସହଯୋଗୀମାନଙ୍କ ମଧ୍ୟରେ ଅନ୍ୟତମ ଏବଂ ଗାନ୍ଧୀ-ଇରଉଇନ୍ ଚୁକ୍ତି ବିଷୟରେ ଆଲୋଚନା ହେଲା ବେଳେ ସେ ଗାନ୍ଧୀଜୀଙ୍କ ଆଗରେ ନିଜର ମତାମତ ସୁସ୍ପଷ୍ଟ ଓ ସ୍ୱାଧୀନଭାବେ ବ୍ୟକ୍ତ କରୁଥିଲେ । ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ରାଜେନ୍ଦ୍ର ବାବୁଙ୍କର ଯେପରି, ରାଜାଜୀଙ୍କର ମଧ୍ୟ ସେହିପରି ଗାନ୍ଧୀଜୀଙ୍କ ପ୍ରତି ପ୍ରଗାଢ଼ ଆସକ୍ତି ରହିଥିଲା ।

ପ୍ରଥମ ସାକ୍ଷାତ ପରଠାରୁ ମୁଁ ବରାବର ରାଜାଜୀଙ୍କଠାରୁ ସ୍ନେହ ଓ ସୌହାର୍ଦ୍ଦ୍ୟ ଲାଭ କରି ଆସିଛି । ମୋ ପକ୍ଷରେ ଏହା ସୌଭାଗ୍ୟର କଥା । ୧୯୩୭ ମସିହାରେ କଂଗ୍ରେସ ମନ୍ତ୍ରିମଣ୍ଡଳମାନ ଗଠିତ ହେଲା । ସେ ମାନ୍ଦ୍ରାଜ ମନ୍ତ୍ରିମଣ୍ଡଳର ନେତୃତ୍ୱ ଗ୍ରହଣ କରିଥିଲେ ଏବଂ ତାଙ୍କ ମନ୍ତ୍ରିମଣ୍ଡଳ ଆମ ଦେଶର ସୁଦକ୍ଷ ମନ୍ତ୍ରିମଣ୍ଡଳମାନଙ୍କ ମଧ୍ୟରେ ଅନ୍ୟତମ ଥିଲା । ମାନ୍ଦ୍ରାଜ ରାଜ୍ୟରେ ନିଶା-ନିବାରଣ ପ୍ରବର୍ତ୍ତନ କରିବାରେ ସେ ଥିଲେ ପ୍ରଥମ । ଶିକ୍ଷା କ୍ଷେତ୍ରରେ ମଧ୍ୟ ସେ ଅଭିନବ ସଂସ୍କାର ପ୍ରବର୍ତ୍ତନ କରିଥିଲେ ।

ସେ ଭାରତର ପ୍ରଥମ ରାଷ୍ଟ୍ରପତି ହୁଅନ୍ତୁ ବୋଲି ପଣ୍ଡିତ ଜବାହରଲାଲ ନେହେରୁଙ୍କର ଇଚ୍ଛା ଥିଲା । କିନ୍ତୁ ଏଥିପାଇଁ କଂଗ୍ରେସ ପାର୍ଲିଆମେଣ୍ଟାରୀ ଦଳ ରାଜେନ୍ଦ୍ର ବାବୁଙ୍କୁ ବାଛିବାରୁ ଭାରତର ପ୍ରଥମ ରାଷ୍ଟ୍ରପତି ପଦବୀରେ ରାଜାଜୀଙ୍କୁ ଅଧିଷ୍ଠିତ କରିବାରେ ପଣ୍ଡିତ ନେହେରୁଙ୍କ ଉଦ୍ୟମ ସଫଳ ହୋଇ ପାରି ନଥିଲା ।

୧୯୫୨ ମସିହା ନିର୍ବାଚନରେ ମାନ୍ଦ୍ରାଜରେ କଂଗ୍ରେସ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହେବା ଫଳରେ କଂଗ୍ରେସ ଦଳ ସଂଖ୍ୟାଗରିଷ୍ଠତା ହାସଲ କରି ପାରି ନଥିଲା । ରାଜାଜୀ ଦଳର ନେତୃତ୍ୱ ନେବା ପାଇଁ ରାଜି ହୋଇ ଯଦି ମାନ୍ଦ୍ରାଜର ମୁଖ୍ୟମନ୍ତ୍ରୀ ହୁଅନ୍ତି ତାହାହେଲେ ସେ ରାଜ୍ୟରେ ଏକ ସୁଦୃଢ଼ ତଥା ଦକ୍ଷ ସରକାର ଗଠିତ ହୋଇ ପାରନ୍ତା ବୋଲି ସମସ୍ତେ ଅନୁଭବ କରିଥିଲେ । ତେଣୁ ରାଜ୍ୟର ମୁଖ୍ୟମନ୍ତ୍ରୀ ହେବା ନିମନ୍ତେ ତାଙ୍କୁ ପ୍ରବର୍ତ୍ତା ଯାଇଥିଲା । ସେହି ସମୟରେ ଶ୍ରୀ ଶ୍ରୀପ୍ରକାଶଜୀ ମାନ୍ଦ୍ରାଜର ରାଜ୍ୟପାଳ ପଦବୀରେ ରହିଥିଲେ । ସେ ତାଙ୍କୁ କାଉନ୍ସିଲ୍କୁ ମନୋନୀତ କରିଥିଲେ । ଏହାପରେ ରାଜାଜୀ ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇ ଶାସନର ଦୃଢ଼ୀକରଣ କରିଥିଲେ । ସେ ମୁଖ୍ୟମନ୍ତ୍ରୀ ହେବାର ମାତ୍ର ଦୁଇ ବର୍ଷ ମଧ୍ୟରେ କାମରାଜଙ୍କ ସହିତ ତାଙ୍କର ମତ ପାର୍ଥକ୍ୟ ଘଟିଥିଲା । ତେଣୁ ରାଜାଜୀଙ୍କୁ ମୁଖ୍ୟମନ୍ତ୍ରୀ ପଦ ତ୍ୟାଗ କରିବାକୁ ପଡିଥିଲା । ଏହି ଘଟଣା ପରେ ରାଜାଜୀ କଂଗ୍ରେସର ଚିନ୍ତାଧାରାଠାରୁ ଅଲଗା ହୋଇ ସ୍ୱାଧୀନ ଭାବରେ ଚିନ୍ତା କଲେ ଏବଂ ଅବଶେଷରେ "ସ୍ୱତନ୍ତ୍ର ଦଳ" ନାମରେ ଏକ ନୂତନ ଦଳ ଗଠନ କରିଥିଲେ ।

ରାଜାଜୀଙ୍କର ଯେଉଁ ବିଷୟରେ ଦୃଢ଼ ଭାବରେ ହୃଦବୋଧ ହେଉଥିଲା ସେ ବିଷୟରେ ସେ ଖୋଲଖୋଲି ତଥା ନିର୍ଭୀକ ଭାବେ ନିଜର ମତାମତ ବ୍ୟକ୍ତ କରୁଥିଲେ । ସେ କଂଗ୍ରେସକୁ ବିରୋଧ କରି ଡି. ଏମ୍. କେ. ଦଳକୁ ସମର୍ଥନ କରିବା ଫଳରେ ଡି. ଏମ୍. କେ. ଦଳ ବଳଶାଳୀ ହୋଇ ବିଧାନ ସଭାରେ ସଂଖ୍ୟାଗରିଷ୍ଠତା ଲାଭ କରିଥିଲା । ମୋ ମତରେ, ରାଜାଜୀ ଯଦି ଡି. ଏମ୍. କେ. ଦଳ ସହିତ

ନିର୍ବାଚନ ବୁଝାମଣା କରି ତାକୁ ସାହାଯ୍ୟ କରି ନ ଥାନ୍ତେ ତାହାହେଲେ ଡି. ଏମ୍. କେ. ଦଳ ସଂଖ୍ୟାଗରିଷ୍ଠତା ଲାଭ କରି ପାରି ନଥାନ୍ତା ।

ସ୍ୱରଚନା ମାଧ୍ୟମରେ ରାଜାଜୀ ଦେଶପାଇଁ ଅତି ମୂଲ୍ୟବାନ ସାହିତ୍ୟ ସୃଷ୍ଟିକରି ଯାଇଛନ୍ତି । ତାଙ୍କ ରଚିତ ସାହିତ୍ୟ ମୌଳିକତା ଓ ଉଚ୍ଚକୋଟୀର ମୂଲ୍ୟବୋଧ ପାଇଁ ବିଖ୍ୟାତ । ତାଙ୍କ ରଚନାବଳୀ ମାଧ୍ୟମରେ ସେ ଯେଉଁ ମତାମତ ପ୍ରକାଶ କରି ଯାଇଛନ୍ତି ସେଥି ସହିତ ତୁମେ ଏକମତ ହୁଅ ବା ନହୁଅ ତାଙ୍କର ଦୃଢ଼, ଗଭୀର ଓ ଟାଣୁଆ ଯୁକ୍ତିରେ ତୁମେ ଚମତ୍କୃତ ହୋଇଯିବ । ଇଂରାଜୀ ଭାଷା ଉପରେ ତାଙ୍କର ଉଲ୍ଲେଖଯୋଗ୍ୟ ଦଖଲ ଥିଲା । ୯୩ ବର୍ଷ ବୟସରେ ମଧ୍ୟ ତାଙ୍କ ମନୋବଳ ଦୃଢ଼ ଥିଲା । ତାଙ୍କର ଶରୀର ସେତେ ଦୃଢ଼ ନଥିଲେ ମଧ୍ୟ ସେ ଅନ୍ୟ ଯେ କୌଣସି ସ୍ୱାସ୍ଥ୍ୟବାନ ଲୋକ ଅପେକ୍ଷା ଅଧିକ କାମ କରି ପାରୁଥିଲେ । କାରଣ ତାଙ୍କର ମନ ଉପରେ ଅପୂର୍ବ ସଂଯମ ଥିଲା । ସେ ଅତ୍ୟନ୍ତ କର୍ମଠ ଥିଲେ ଏବଂ ତାଙ୍କ ଲେଖନୀ ଅତ୍ୟନ୍ତ ସତେଜ ଓ ବଳିଷ୍ଠ ଥିଲା ।

## ଡାକ୍ତରଖାନାର ସୁପରିଚାଳନା ପାଇଁ କମିଟି ଗଠିତ ହେଲା

ରାଜ୍ୟ ସରକାରଙ୍କ ଅଧୀନରେ ପରିଚାଳିତ ହାସପାତାଳ, ଡ଼ାକ୍ତରଖାନା ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଉତ୍ତମ ପରିଚାଳନା ପାଇଁ ପ୍ରତି ଅନୁଷ୍ଠାନ ନିମନ୍ତେ ଗୋଟିଏ ଲେଖାଏଁ କମିଟି ଗଠନ କରାଯାଇଛି ।

ଜିଲ୍ଲା ସଦର ମହକୁମାରେ ଥିବା ହାସପାତାଳ ପାଇଁ ଜିଲ୍ଲା ମାଜିଷ୍ଟ୍ରେଟ, ସବ୍‌ଡ଼ିଭିଜନ ସଦର ମହକୁମାରେ ଥିବା ହାସପାତାଳ ପାଇଁ ଏସ୍. ଡ଼ି. ଓ., ଡ଼ାକ୍ତରଖାନା ଗୁଡ଼ିକ ପାଇଁ ସ୍ଥାନୀୟ ଏମ୍. ଏଲ୍. ଏ. ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକ ପାଇଁ ସ୍ଥାନୀୟ ପଞ୍ଚାୟତ ସମିତିର ଚେୟାରମ୍ୟାନଙ୍କ ଅଧ୍ୟକ୍ଷତାରେ ଏହି କମିଟିମାନ ଗଠନ କରାଯାଇଛି ।

ଅନ୍ୟମାନଙ୍କ ମଧ୍ୟରେ ସିଭିଲସର୍ଜନ ଅଫିସର, ସ୍ଥାନୀୟ ମ୍ୟୁନିସିପାଲିଟିର ଚେୟାରମ୍ୟାନ, ଜଣେ ମହିଳା ସମାଜସେବୀ ଓ ସ୍ଥାନୀୟ ଏମ୍. ଏଲ୍. ଏ. ଜିଲ୍ଲା ସଦର ମହକୁମା କମିଟିରେ ସଦସ୍ୟ ରହିଛନ୍ତି ।

ସେହିଭଳି ସବ୍‌ଡ଼ିଭିଜନାଲ ହାସପାତାଳ ପାଇଁ ମ୍ୟୁନିସିପାଲିଟି ଅଥବା ଏନ୍. ଏ. ସି. ର ଚେୟାରମ୍ୟାନ, ସ୍ଥାନୀୟ ଏମ୍. ଏଲ୍. ଏ., ଜିଲ୍ଲା କଲେକ୍ଟରଙ୍କ ଦ୍ୱାରା ମନୋନୀତ ଜଣେ ବିଶିଷ୍ଟ ବ୍ୟକ୍ତି ଓ ଜଣେ ମହିଳା ସମାଜସେବୀ ସଦସ୍ୟ ରହିଛନ୍ତି ।

ଡ଼ାକ୍ତରଖାନା ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ବ୍ଲକ୍ ଉନ୍ନୟନ ଅଫିସର ପ୍ରମୁଖଙ୍କୁ ନେଇ କମିଟିମାନ ଗଢ଼ା ଯାଇଛି ।

ଏହି କମିଟିଗୁଡ଼ିକର କାର୍ଯ୍ୟକାଳ ୩ବର୍ଷ ପାଇଁ ଧାର୍ଯ୍ୟ କରାଯାଇଛି । କମିଟିର ସଦସ୍ୟମାନେ ଡ଼ାକ୍ତରଖାନା ପରିଦର୍ଶନ କରି ସୁପରିଚାଳନା ନିମନ୍ତେ ଆବଶ୍ୟକ ପରାମର୍ଶ ଦେଇ ପାରିବେ । ଏହା ବ୍ୟତୀତ ରୋଗୀମାନଙ୍କୁ ଖାଦ୍ୟ ଯୋଗାଣ, ଅତ୍ୟାବଶ୍ୟକୀୟ ଔଷଧପତ୍ରର ବିନିଯୋଗ ପ୍ରଭୃତି ତଦାରଖ କରିପାରିବେ । ଅନୁଷ୍ଠାନଗୁଡ଼ିକ ପାଇଁ ଖାଦ୍ୟ ପଦାର୍ଥ ଯୋଗାଇବା ନିମନ୍ତେ ଠିକାଦାର ବାଛିବା ଓ ସ୍ଥାନୀୟ ବଜାରରୁ ଜିନିଷପତ୍ର ଖରିଦ୍ କରିବା ବିଷୟରେ ମଧ୍ୟ କମିଟି ନିଷ୍ପତ୍ତି କରିବ ।

# ଗୌରବୋଜ୍ଜ୍ୱଳ ସେବା

ଶ୍ରୀ ବରାହଗିରି ଭେଙ୍କଟଗିରି

ରାଜାଜୀ ଏକ ତ୍ୟାଗପୂତ ଓ ଉତ୍ସର୍ଗୀକୃତ ଜୀବନ ଯାପନ କରୁଥିଲେ । ତୁମେ କେତେକ ବିଷୟରେ ତାଙ୍କ ସହିତ ଏକ ମତ ନହୋଇ ପାର । ତଥାପି ତାଙ୍କର ଉଦ୍ଦେଶ୍ୟ ଯେ ସଦ୍‌ଭାବନାପୂର୍ଣ୍ଣ ଓ ମହତ୍ ଏହା ନିଃସନ୍ଦେହରେ କୁହାଯାଇ ପାରେ । ନିଜର ମତାମତ ସ୍ପଷ୍ଟ ଭାବରେ ଓ ସଂକ୍ଷେପରେ ବ୍ୟକ୍ତ କରିବାର ସାମର୍ଥ୍ୟ ତାଙ୍କର ଥିଲା । ସେ ନିର୍ଭୀକ ଭାବରେ ନିଜର ମତ ବ୍ୟକ୍ତ କରୁଥିଲେ । ତେଣୁ ଭାରତର ରାଜନୀତି କ୍ଷେତ୍ରରେ ସେ ଭୀଷ୍ମ ପିତାମହ ରୂପେ ବିବେଚିତ ହେବା ଆଦୌ ଆଶ୍ଚର୍ଯ୍ୟକର ନୁହେଁ ।

୧୯୧୮ ମସିହାଠାରୁ ସେ ମହାତ୍ମା ଗାନ୍ଧୀଙ୍କର ଡାହାଣ ହାତ ରୂପେ କାର୍ଯ୍ୟ କରିବାକୁ ଲାଗିଲେ । ମୁଁ ସେହି ଦିନଠାରୁ ଅର୍ଦ୍ଧ ଶତାବ୍ଦୀରୁ ଅଧିକ କାଳ ତାଙ୍କୁ ବନ୍ଧୁ ରୂପେ ପାଇବାର ସୌଭାଗ୍ୟ ଲାଭ କରିଥିଲି । ସମୟ ଅତିବାହିତ ହେବା ସଙ୍ଗେ ସଙ୍ଗେ ତାଙ୍କ ସହିତ ମୋର ସମ୍ପର୍କ ଦୃଢ଼ରୁ ଦୃଢ଼ତର ହୋଇଥିଲା । ଶ୍ରମିକ ଓ ଟ୍ରେଡ୍ ୟୁନିୟନ ସଂସ୍ଥାଗୁଡ଼ିକ ସହିତ ମୋର ଅତୀତର ସଂପର୍କ ଦୃଷ୍ଟିରୁ ଶ୍ରମିକ ସମସ୍ୟା ଗୁଡ଼ିକର ସମାଧାନ ସଂପର୍କରେ କଂଗ୍ରେସର ବିଭିନ୍ନ ନୀତି ବିଷୟରେ ରାଜାଜୀ ମୋ ସହିତ ଆଲୋଚନା କରୁଥିଲେ । ରାଜାଜୀ ମୋର ମତାମତକୁ ଉପଯୁକ୍ତ ଭାବେ ବିବେଚନା କରୁଥିଲେ ।

ପରେ କଂଗ୍ରେସ ଯେତେବେଳେ ୧୯୩୫ ମସିହାର ଭାରତ ଶାସନ ଆଇନ୍ ଅନୁସାରେ ୧୯୩୭ ମସିହାରେ ମାନ୍ଦ୍ରାଜ ପ୍ରଦେଶର ଶାସନ ଭାର ଗ୍ରହଣ କଲା, ସେତେବେଳେ ଶାସନର ନେତୃତ୍ୱ ଗ୍ରହଣ କରିବାର ଭାର ତାଙ୍କରି ଉପରେ ପଡ଼ିଲା । ସେ ମୋତେ ତାଙ୍କ ମନ୍ତ୍ରିମଣ୍ଡଳରେ ଜଣେ ସଭ୍ୟ ରୂପେ ଗ୍ରହଣ କଲେ ଏବଂ ଶ୍ରମ, ଶିଳ୍ପ, ସମବାୟ, ବିଦ୍ୟୁତ୍ ପ୍ରଭୃତି ବିଭାଗର ଦାୟିତ୍ୱ ମୋ ଉପରେ ଅର୍ପଣ କଲେ । ପ୍ରଥମ କଂଗ୍ରେସ ମନ୍ତ୍ରି-ମଣ୍ଡଳକୁ ଘୋର ବାଧାବିଘ୍ନ ମଧ୍ୟରେ କାର୍ଯ୍ୟ କରିବାକୁ ପଡ଼ିଥିଲା । କାରଣ ସେତେବେଳେ ରାଜ୍ୟପାଳଙ୍କ ହାତରେ ପ୍ରଭୂତ କ୍ଷମତା ଥିଲା । ରାଜ୍ୟପାଳ ଓ ସରକାରଙ୍କ ଭିତରେ ସଂଘର୍ଷ ଏଡ଼ାଇ ସେ ନାନା ସମସ୍ୟାର ସନ୍ତୋଷଜନକ ସମାଧାନ କରି ପାରିଥିଲେ ଓ ତାଙ୍କ ସହିତ ଯଥାଯଥ ବୁଝାମଣା କରି ପାରିଥିଲେ । ଏହାକୁ ତାଙ୍କର ଗୋଟିଏ ବଡ଼ କୃତିତ୍ୱ ବୋଲି କୁହାଯାଇ ପାରେ ।

୧୯୩୭—୩୯ ରେ ତାଙ୍କର ଜଣେ ସହଯୋଗୀ ଭାବେ ମୁଁ ମନ୍ତ୍ରିମଣ୍ଡଳରେ କାମ କରୁଥିଲି । ବେଳେ ବେଳେ ତାଙ୍କ ସହିତ ମୋର କେତେକ ବିଷୟରେ ମତଭେଦ ଘଟୁଥିଲା । କିନ୍ତୁ ମୁଁ ଉପସ୍ଥାପିତ କରିଥିବା ମତାମତ ବିଷୟରେ ମୋର ସିଦ୍ଧାନ୍ତ ଯଥାର୍ଥ ବୋଲି ତାଙ୍କର ହୃଦବୋଧ ହେବା ମାତ୍ରେ ତାକୁ ଗ୍ରହଣ କରିନେବା ତାଙ୍କ ପକ୍ଷରେ ସମ୍ମାନହାନିକର ବା ବିଜ୍ଞତା-ବିହୀନ ହେବ ବୋଲି ସେ କେବେ ହେଲେ ଭାବୁ ନଥିଲେ ।

୧୯୩୮ ରେ 'ହାର୍ଭି'ଙ୍କ ମାଲିକାନାରେ ପରିଚାଳିତ ମଦୁରାଇ ଓ ପାପନାଶନମ୍ ମିଲ୍‌ରେ ଗୋଟିଏ ବଡ଼ ବ୍ୟବସାୟଗତ ବିବାଦ ଉପୁଜିଥିଲା । ମିଲ୍‌ର ମାଲିକ ତାହା ତାଲା-ବନ୍ଦ ଘୋଷଣା କରିଦେଲେ । ପ୍ରାୟ ୨୦,୦୦୦ ଶ୍ରମିକ କାର୍ଯ୍ୟ କରିବାକୁ ଚାହୁଁଥିଲେ ମଧ୍ୟ ସେମାନଙ୍କୁ ସେ ସୁଯୋଗ ଦିଆଯାଇ ନଥିଲା । ଏହି ତାଲାବନ୍ଦ ପ୍ରାୟ ତିନିମାସ ପର୍ଯ୍ୟନ୍ତ ଚାଲୁ ରହିଲା । ଏକ ଯୁକ୍ତିଯୁକ୍ତ ଦୃଷ୍ଟିଭଙ୍ଗୀ ଗ୍ରହଣ କରିବାକୁ ମୁଁ ମାଲିକମାନଙ୍କୁ ପ୍ରବର୍ତ୍ତାଇଥିଲି । କିନ୍ତୁ ମୋର ଉଦ୍ୟମ ବ୍ୟର୍ଥ ହେଲା । ସେମାନେ କେତେକ ଶ୍ରମିକ ସ୍ୱାର୍ଥ ବିରୋଧୀ ସର୍ତ୍ତରେ ତାଲାବନ୍ଦ ଉଠାଇବାକୁ ଓ ମିଲ୍ ଖୋଲିବାକୁ ସ୍ଥିର କଲେ । ଯେଉଁ ଶ୍ରମିକମାନଙ୍କୁ ସେମାନେ ସକ୍ରିୟ ଟ୍ରେଡ୍‌ୟୁନିୟନବାଦୀ ବା ସେମାନଙ୍କର ପରିପନ୍ଥୀ ବୋଲି ମନେ କରୁଥିଲେ ସେମାନଙ୍କୁ ବାଦ୍ ଦେଇ କେବଳ ସେମାନଙ୍କ ପ୍ରତି ଅନୁଗତ ଶ୍ରମିକମାନଙ୍କୁ ରଖିବା ପାଇଁ କିମ୍ବା ନୂଆ ଲୋକ ନିଯୁକ୍ତ କରିବା ପାଇଁ ସେମାନେ ଚାହୁଁଥିଲେ । ମୁଁ ସେତେବେଳେ ଏକଥା ଜାଣିଲି ସେତେବେଳେ ରାଜାଜୀକୁ କହିଲି ଯେ ଶ୍ରମିକ ଓ ପରିଚାଳନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ଗୋଟିଏ ସନ୍ତୋଷଜନକ ସମାଧାନ ନହେବା ପର୍ଯ୍ୟନ୍ତ ନିଜ ମନ ମୁତାବକ କାର୍ଯ୍ୟ କରିଯିବାକୁ ଓ ମିଲ୍ ଖୋଲିବାକୁ ସେମାନଙ୍କୁ କଦାପି ଅନୁମତି ଦିଆଯିବା ଉଚିତ ନୁହେଁ । ବିବାଦର ସାଲିସ୍ ନ ହେବା ଯାଏ ମିଲ୍ ନ ଖୋଲିବା ପାଇଁ ମିଲର ମାଲିକ'ଙ୍କୁ ନିର୍ଦ୍ଦେଶ ଦେଇ ୧୪୪ ଧାରା ଜାରି କରାଯିବା ଆବଶ୍ୟକ ବୋଲି ମୁଁ ସ୍ଥିର କଲି । ମୋର ଏ ସିଦ୍ଧାନ୍ତ କୌଣସି ପରଂପରା ଦ୍ୱାରା ସମର୍ଥିତ ହୋଇ ନଥିବାରୁ ରାଜାଜୀ ଟିକିଏ ବିସ୍ମିତ ହୋଇ ପଡ଼ିଥିଲେ । କିନ୍ତୁ ବିଭ୍ରାନ୍ତ ମାଲିକଙ୍କୁ ବାଟକୁ ଆଣିବା ପାଇଁ ଏ ବିଷୟରେ କଠୋର ମନୋବୃତ୍ତି ଆଚରଣ କରିବା ଠିକ୍ ହେବ ବୋଲି ରାଜାଜୀ ପରିଶେଷରେ ମୋ ସହିତ ଏକ-ମତ ହୋଇଥିଲେ । ସେ ଏ ବିଷୟ ରାଜ୍ୟ-ପାଳଙ୍କୁ ଟେଲିଫୋନରେ ଜଣାଇଲେ । ରାଜ୍ୟପାଳ ସେତେବେଳେ 'ଉଟି' ରେ ଥିଲେ । ସେ ରାଜାଜୀଙ୍କ ପ୍ରସ୍ତାବରେ ରାଜି ହେଲେ ନାହିଁ । କିନ୍ତୁ ରାଜାଜୀ ତାଙ୍କ ସିଦ୍ଧାନ୍ତରେ ଅଟଳ ଥିଲେ ଏବଂ ରାଜ୍ୟପାଳଙ୍କୁ ଜଣାଇ ଦେଲେ ଯେ ଯଦି ତାଙ୍କ ସରକାରଙ୍କ ମତ ଗ୍ରହଣ କରା ନଯାଏ ତେବେ ତାଙ୍କ ସରକାର ଇସ୍ତଫା ଦେବେ । ଅବଶେଷରେ ଦେଶର ଇତିହାସରେ ପ୍ରଥମ ଥର ପରିଚାଳନା କର୍ତ୍ତୃ-ପକ୍ଷଙ୍କ ବିରୁଦ୍ଧରେ ୧୪୪ ଧାରା ଜାରି କରାଗଲା ଏବଂ ଜିଦ୍ ଛାଡ଼ି ଶ୍ରମିକମାନଙ୍କ ସହିତ ଚୂଡ଼ାନ୍ତ ସମାଧାନ କରିବା ପାଇଁ ତାଙ୍କୁ ବାଧ୍ୟ କରାଗଲା । ରାଜାଜୀ ଯେଉଁ ନିଷ୍ପତ୍ତି ଗ୍ରହଣ କରନ୍ତି, ପରିଣାମ ଯାହାହେଉ ପଛକେ ତହିଁରେ ସେ ଅଟଳ ରହନ୍ତି । ଏହି କଥାଟି ଦର୍ଶାଇ ଦେବାପାଇଁ ଏଠାରେ ମୁଁ ଉପରୋକ୍ତ ଘଟଣାଟି ଉଲ୍ଲେଖ କରିଛି ।

ଏହାପରେ ୧୯୩୯ ମସିହାରେ ଚିଟି-ବାଲସାରେ ଶ୍ରମିକମାନେ ଗୋଟିଏ ଧର୍ମଘଟ କରିଥିଲେ । ସେତେବେଳେ ବିଶାଖାପାଟଣା-ର ଜିଲାପାଳ 'ହୋଲି' ବିନା ଉତ୍ତେଜନାରେ ଓ ଅହେତୁକ ଭାବରେ ମିଲ୍ ଭିତରେ ପ୍ରବେଶ କରି ନିରସ୍ତ୍ର ଶ୍ରମିକମାନଙ୍କ ଉପରେ ଗୁଳି

ବଢ଼ାଇବାକୁ ଆଦେଶ ଦେଇଥିଲେ । ୧୯୩୭ ରେ ମୁଁ ଶ୍ରମମନ୍ତ୍ରୀ ହିସାବରେ ଦାୟିତ୍ୱ ଗ୍ରହଣ କଲାପରେ ସବୁ ଜିଲାପାଳଙ୍କୁ ଗୋଟିଏ ସାଧାରଣ ନିର୍ଦ୍ଦେଶ ଦେଇଥିଲି ଯେ ଯେତେବେଳେ ଧର୍ମଘଟ ବା କାରଖାନା ବନ୍ଦ ଭଳି ଘଟଣା ଘଟିବ, ସେତେବେଳେ ଗୁଳି ଗ୍ରହଣ କରିବା କିମ୍ବା କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ସେମାନେ ସେମାନଙ୍କର ଅଭିପ୍ରାୟ ଶ୍ରମିକ ପ୍ରତିନିଧି ମାନଙ୍କୁ ଜଣାଇ ଦେବେ ଏବଂ ଏପରି କଠୋର କାର୍ଯ୍ୟାନୁଷ୍ଠାନକୁ ଏଡ଼ାଇ ଦେଇ ହେବ କି ନାହିଁ ସେ ବିଷୟରେ ବିବେଚନା କରିବେ । ମୁଁ ସର୍ବଦା ଅନୁଭବ କରି ଆସିଛି ଯେ ଗୋଟିଏ ଧର୍ମଘଟକୁ ଆଇନ ଶୃଙ୍ଖଳାଗତ ସମସ୍ୟା ରୂପେ ବିବେଚନା କରାଯିବା ଉଚିତ ନୁହେଁ, ବରଂ ଏହାକୁ ମାନବିକ ସମସ୍ୟା ରୂପେ ବିବେଚନା କରାଯିବା ଶ୍ରେୟସ୍କର ଏବଂ କୌଣସି ଅଚଳ ଅବସ୍ଥାକୁ ସୁଧାରିବା ପାଇଁ ଆଲୋଚନା ଓ ସାଲିସ୍‌ର ଆଶ୍ରୟ ନିଆଯିବା ଆବଶ୍ୟକ । ହୋମିଙ୍କ ଆଦେଶ ଫଳରେ ଯେଉଁ ଗୁଳିକାଣ୍ଡ ଘଟିଲା, ତଦ୍ଦ୍ୱାରା କେବଳ ଚିରବାଇସାରେ ନୁହେଁ, ସମଗ୍ର ମାଡ୍ରାଜ ପ୍ରଦେଶରେ ଶ୍ରମିକ ମାନଙ୍କ ମଧ୍ୟରେ ବ୍ୟାପକ ଉତ୍ତେଜନା ଓ ତୀବ୍ର ଅଶାନ୍ତିର ତରଙ୍ଗ ଖେଳିଗଲା, ମୁଁ ରାଜାଜୀଙ୍କୁ ପରାମର୍ଶ ଦେଲି ଯେ ଏହି ଘଟଣାଟିର ତଦନ୍ତ ପାଇଁ ଗୋଟିଏ ତଦନ୍ତ କମିସନ୍ ନଯୁକ୍ତ ହେବା ଆବଶ୍ୟକ । ସେ ମୋର ପରାମର୍ଶ ଗ୍ରହଣ କରିଥିଲେ । ତାହାପରେ ତଦନ୍ତ କମିସନ୍‌ଙ୍କ ରିପୋର୍ଟ ମିଳିବା ପରେ ହୋମିଙ୍କୁ ଭାଇଚେୟାରରୁ ବେଲାରିକୁ ସ୍ଥାନାନ୍ତରିତ କରାଯାଇଥିଲା ।

ନାନା ବିଷୟରେ ପ୍ରଥମ ହେବାର କୃତିତ୍ୱ ରାଜାଜୀଙ୍କର ଥିଲା, ସମଗ୍ର ମାଡ୍ରାଜ ପ୍ରଦେଶରେ ବିକ୍ରିକର ଓ ନିଶା ନିବାରଣ ପ୍ରବର୍ତ୍ତନ କରି ଏ ଦିଗରେ ସେ ଦେଶକୁ ଏକ ସ୍ୱଷ୍ଟ ଦିଗ୍‌ଦର୍ଶନ ଦେଇଥିଲେ । କେତେକ ମହଲରୁ ବାଧା ଓ ବିରୋଧ ସତ୍ତ୍ୱେ ଏଇ ଦୁଇଟି ପଦକ୍ଷେପ ଗ୍ରହଣ କରି ସେ ବିଶେଷ ବିଜ୍ଞତା ଓ ଚତୁରତା ପ୍ରଦର୍ଶନ କରିଥିଲେ । ବିକ୍ରିକର ଆଇନ୍ ବିଧାନ ସଭାରେ ଗୃହୀତ ହୋଇ ବଡ଼ଲାଟଙ୍କ ସ୍ୱୀକୃତି ଲାଗି ପଠାଗଲା । ଏହି ଆଇନ୍ ବଡ଼ଲାଟଙ୍କ ଅନୁମୋଦନ ଲାଭ କରିବ ନାହିଁ ବୋଲି ଆଶଙ୍କା କରାଯାଉଥିଲା । କିନ୍ତୁ ରାଜାଜୀ ଦିଲ୍ଲୀ କର୍ତ୍ତୃପକ୍ଷଙ୍କୁ ଜଣାଇ ଦେଲେ ଯେ ଆଇନଟି ବଡ଼ଲାଟଙ୍କ ସ୍ୱୀକୃତି ଲାଭ ନକଲେ ତାଙ୍କ ସରକାର ଇସ୍ତଫା ଦେଇଦେବେ । ଏହାପରେ ବଡ଼ଲାଟ ଅବିଳମ୍ବେ ଏହି ଆଇନକୁ ସ୍ୱୀକୃତି ଦେଇ ଦେଲେ ।

୧୯୪୨ ଅଗଷ୍ଟ ଆନ୍ଦୋଳନ କାଳରେ ଗାନ୍ଧିଜୀ 'ଭାରତ ଛାଡ଼' ଆହ୍ୱାନ ଦେଲେ । ଆମ ଦେଶର ଅଗଣିତ ଦେଶବାସୀ ତାଙ୍କରି ଆହ୍ୱାନରେ ଏହି ଆନ୍ଦୋଳନରେ ଝାସ ଦେଲେ । ଗାନ୍ଧିଜୀ ଅନୁଭବ କଲେ ଯେ ଆମ ଦେଶବାସୀ ଇଂରେଜମାନଙ୍କ ବିରୁଦ୍ଧରେ ହିଂସାତ୍ମକ ପନ୍ଥା ଅବଲମ୍ବନ ନକରି ଅହିଂସ ଅସହଯୋଗ ବାଟ ଧରିବା ଦରକାର । ଏଇ ପ୍ରଶ୍ନ ଉପରେ ଗାନ୍ଧିଜୀଙ୍କ ସହିତ ରାଜାଜୀଙ୍କର ମତଭେଦ ଘଟିଥିଲା । କିନ୍ତୁ ଏକଥା ନିଃସନ୍ଦେହ ଯେ ଗାନ୍ଧିଜୀଙ୍କ ଦୂରଦର୍ଶିତା ପରବର୍ତ୍ତୀ ଘଟଣା ମାନଙ୍କରୁ ପ୍ରମାଣିତ ହୋଇଥିଲା । ଇଂରେଜମାନଙ୍କ ସହିତ ସହଯୋଗମୂଳକ ନୀତି

[illegible] ପ୍ରକାଶ କରୁଥିବାରୁ ତାଙ୍କୁ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଲୋକଙ୍କ ପାଖରେ ଅପ୍ରିୟ ହେବାର ଆଶଙ୍କା ଥିଲେ ମଧ୍ୟ ସେ ତାଙ୍କ ମତାମତରେ ଅଟଳ ରହିଥିଲେ, ରାଜାଜୀଙ୍କର ଏହା ଗୋଟିଏ ଅନ୍ତର୍ନିହିତ ଗୁଣ ।

ନାନା ବିଷୟରେ ଆମ ଦୁହିଙ୍କ ମଧ୍ୟରେ ମତଭେଦ ଥିଲେ ମଧ୍ୟ ରାଜାଜୀଙ୍କ ପ୍ରତି ମୋର ଭକ୍ତି ଓ ସମ୍ମାନ କମି ନଥିଲା କି ତାଙ୍କର ମୋ ପ୍ରତି ସ୍ନେହଶ୍ରଦ୍ଧା କମି ନଥିଲା । ମୁଁ ଉପରାଷ୍ଟ୍ରପତି ହେବା ପରେ ତାଙ୍କ ସହିତ ସାକ୍ଷାତ କରିଥିଲି । ମୁଁ ନିର୍ବାଚନରେ ବିଜୟୀ ହୋଇଥିବା ଶୁଣି ସେ ଆନନ୍ଦ ପ୍ରକାଶ କରିଥିଲେ । ଅବଶ୍ୟ ମୁଁ ଯେତେବେଳେ ରାଷ୍ଟ୍ରପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବସିଲି, ରାଜାଜୀ ମୋର ପ୍ରାର୍ଥିତ୍ୱକୁ ସମର୍ଥନ କରି ନଥିଲେ । ରାଜାଜୀ ପ୍ରଥମରୁ ରାଷ୍ଟ୍ରପତି ନିର୍ବାଚନରେ ଅବାଧ ଭୋଟ ବା ମତ ପ୍ରକାଶର ବିଶେଷ ପକ୍ଷପାତୀ ଥିଲେ ବୋଲି ଏଠାରେ ଉଲ୍ଲେଖ କଲେ ଅବାନ୍ତର ହେବ ନାହିଁ । ସେ କହୁଥିଲେ ଯେ ଛୋଟ ବଡ଼ ଭେଦାଭେଦ ଭୁଲି ପ୍ରତ୍ୟେକ ଲୋକ ପ୍ରାର୍ଥୀ ମନୋନୟନ କରି ପାରନ୍ତି କିନ୍ତୁ ଭୋଟ ଦାନ ବିଷୟଟି ଭୋଟଦାତାମାନଙ୍କ ସ୍ୱାଧୀନ ବିଶ୍ୱାସ ଉପରେ ଛାଡ଼ି ଦିଆଯିବା ଉଚିତ । ତଥାପି ନିଜନିଜର ବିବେକ ଅନୁସାରେ ଭୋଟ ଦେବା ପାଇଁ ମୁଁ ଭୋଟଦାତାମାନଙ୍କୁ ନିବେଦନ କଲେ ମଧ୍ୟ ରାଜାଜୀ ତାଙ୍କ ପୂର୍ବ ମତକୁ ସମର୍ଥନ କରି ନଥିଲେ ।

## ପାଠାଗାର୍ ଗୁଡ଼ିକର ଉନ୍ନତ ପାଇଁ ସାଂସ୍କୃତିକ ବିଭାଗର ତତ୍ପରତା

ସାଂସ୍କୃତିକ ବ୍ୟାପାର ବିଭାଗ ତରଫରୁ ଇତିମଧ୍ୟରେ ଓଡ଼ିଶାର ୧୩ ଟି ଜିଲ୍ଲାର ସଦର ମହକୁମାରେ ୧୩ ଗୋଟି ଜିଲ୍ଲାସ୍ତରୀୟ ପାଠାଗାର ସ୍ଥାପନ କରା ଯାଇଛି । ଏ ସବୁ ପାଠାଗାର ସମେତ ଅନ୍ୟାନ୍ୟ ପାଠାଗାରଗୁଡ଼ିକର ଉନ୍ନତି ନିମନ୍ତେ ରାଜ୍ୟ ସରକାର ଏକ ସହକାରୀ ନିର୍ଦ୍ଦେଶକ ପଦବୀ ସୃଷ୍ଟି କରିଛନ୍ତି । ଉକ୍ତ ସହକାରୀ ନିର୍ଦ୍ଦେଶକ ପାଠାଗାର ଗୁଡ଼ିକୁ ଆର୍ଥିକ ସାହାଯ୍ୟ ତଥା ପୁସ୍ତକ ଆଦି ପ୍ରଦାନ କରି ସେ ଗୁଡ଼ିକର ଉତ୍ତରୋତ୍ତର ଉନ୍ନତି ଦିଗରେ ଯତ୍ନବାନ ହେବେ ।

ସାଂସ୍କୃତିକ ବିଭାଗ ନିର୍ଦ୍ଦେଶକ ଉକ୍ତ ପଦବି ପୂରଣ କରିବା ଦିଗରେ ବିହିତ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ଏତଦ୍ ବ୍ୟତୀତ ଏହି ବିଭାଗ ଜିଲ୍ଲା ସ୍ତରୀୟ ସରକାରୀ ପାଠାଗାର ଗୁଡ଼ିକରେ ନିୟମାବଳି ପ୍ରବର୍ତ୍ତନ ତଥା ପାଠକମାନଙ୍କୁ ପୁସ୍ତକ ଯୋଗାଇବା ବିଷୟରେ ନିୟମାବଳୀ ପ୍ରଣୟନ କରିବାର ବ୍ୟବସ୍ଥା କରୁଛନ୍ତି ।

ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଉଦ୍ୟମରେ ରାଜା ରାମ ମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନ ତରଫରୁ ଏକଶତ ନୂତନ ପାଠାଗାର ଓ ଏକ ଶତ ପୁରାତନ ପାଠାଗାରକୁ ପୁସ୍ତକ ସାହାଯ୍ୟ ଯୋଗାଇ ଦିଆ ଯିବାର ମଧ୍ୟ ପରିକଳ୍ପନା ରହିଛି ।

# ମାନବ କଲ୍ୟାଣର ମହାବ୍ରତ

—ଆର୍. ଆର୍. ଦବାକର

ରାଜାଜୀଙ୍କ ସଂପର୍କରେ ସଂକ୍ଷେପରେ ଲେଖିବା ମୋ ପକ୍ଷେ କଷ୍ଟକର । ତାଙ୍କ ସହିତ ବ୍ୟକ୍ତିଗତ ସଂପର୍କ ଥିବାରୁ ମୁଁ ତାଙ୍କ ଜୀବନ ଓ କର୍ମର ବହୁବିଧ ଓ ଭିନ୍ନ ଭିନ୍ନ ବିଭାବଗୁଡ଼ିକ ବିଷୟରେ ନିବିଡ଼ ଭାବରେ ଜାଣିଛି । ଆହୁରି ଅନେକ ବିଭାବ ତାଙ୍କ ରଚନା ଓ କର୍ମରୁ ଏବଂ ତାଙ୍କ ସହିତ ନିବିଡ଼ତର ସଂପର୍କରେ ଆସିଥିବା ବ୍ୟକ୍ତିମାନଙ୍କଠାରୁ ଜାଣିଛି ।

ମୁଁ ଜାଣେ ଯେ ସେ ତାମିଲ୍ ତଥା ଇଂରାଜୀ ଭାଷାରେ ଜଣେ ମହାନ୍ ଲେଖକ ଓ କଥାକାର । ଧର୍ମ ଓ ଦର୍ଶନ ସମେତ ସେ ଅନେକ ବିଷୟରେ ଲେଖିଛନ୍ତି । ବମ୍ବେର ଭାରତୀୟ ବିଦ୍ୟା ଭବନ ଦ୍ୱାରା ପ୍ରକାଶିତ ତାଙ୍କର ମହାଭାରତ ଓ ରାମାୟଣ ସହସ୍ର ସହସ୍ର ସଂଖ୍ୟାରେ ବିକ୍ରି ହୋଇଛି ଏବଂ ଅନେକ ଭାଷାରେ ଅନୁଦିତ ହୋଇଅଛି ।

* * * *

ଲେଖିବା ଯେ ଏକ ମହାନ୍ କର୍ମ, ଏ ବିଷୟରେ କାହାରି ସନ୍ଦେହ ରହିବା ଉଚିତ ନୁହେଁ । ମହାନ ଅସ୍ତିତ୍ୱବାଦୀ ଦାର୍ଶନିକ ଜାଁ ପଲ୍ ସାର୍ତ୍ରେ କହନ୍ତି—ଲେଖିବା ଏକ କର୍ମ—ଏହା ଆତ୍ମସଂଧାନ କର୍ମ । ସେଥିପାଇଁ ସାର୍ତ୍ରେ ତାଙ୍କ ଆତ୍ମଜୀବନର ନାମ ରଖିଛନ୍ତି ଶବ୍ଦ ବା Words; ପ୍ରକୃତରେ ମନୁଷ୍ୟ ଜୀବନରେ ଶବ୍ଦ ବା ଲେଖାହିଁ ବଞ୍ଚି ରହେ । ତାହା ଅଧିକ ଚିରନ୍ତନ ଏବଂ ବାସ୍ତବରେ ମରଣରହିତ । କିନ୍ତୁ କର୍ମ ନୁହେଁ; ଏପରିକି କର୍ମ ଯଦି ବଞ୍ଚି ରହେ ତାହା କେବଳ ଶବ୍ଦରେ ଲେଖା ଇତିହାସ ରୂପରେ ବଞ୍ଚି ରହି ପାରିବ । ବୁଦ୍ଧ ବା ଯୀଶୁଖ୍ରୀଷ୍ଟ କ'ଣ କରିଥିଲେ ସେସବୁ ଜାଣିବା ପାଇଁ ବାଚିକ ଶବ୍ଦ ବା ଲିଖିତ ଶବ୍ଦର ସାହାଯ୍ୟ ନେବାକୁ ହୋଇଥାଏ; କାରଣ ତାଙ୍କର କର୍ମାବଳୀ ଶବ୍ଦ ରୂପରେ ଯୁଗ ଯୁଗ ଧରି ବଞ୍ଚି ରହିଛି ।

* * * *

ରାଜାଜୀଙ୍କ ହୃଦୟରେ ମୋ ପ୍ରତି କିଞ୍ଚିତ୍ ସ୍ନେହ ଥିବା ଭଳି ମନେ ହେଉଥିଲା । ମୋତେ ଗାଳିଗୁଲଜ କରିବାକୁ ପଡ଼ିଲେ ସେ ତୀକ୍ଷ୍ଣ ଭାଷା ବ୍ୟବହାର କରୁନଥିଲେ । ମୁଁ ଯେତେବେଳେ ତାଙ୍କୁ ଗାନ୍ଧୀ ଶତବାର୍ଷିକ ବିଷୟରେ କହିବାକୁ ଗଲି, ସେ କହିଲେ, "ତୁମେ ଭରି ସାହସୀ ଲୋକ ପରି ମନେ ହେଉଛ" । କେତେକ ବର୍ଷ ପୂର୍ବେ ଫରାସୀ ସରକାରଙ୍କ ସହିତ ଆଲୋଚନା କରି ପ୍ରଶାନ୍ତ ମହାସାଗରରେ ଆଣବିକ ପରୀକ୍ଷା ବନ୍ଦ କରିବା ପାଇଁ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଏକ ପ୍ରତିନିଧି ଦଳ ଫରାସୀ ଗସ୍ତରେ ଯିବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ ।

ଆଣବିକ ପରୀକ୍ଷା ବନ୍ଦ କରିବା ପାଇଁ ୧୯୬୨ରେ ଯୁକ୍ତରାଷ୍ଟ୍ର ଆମେରିକା, ଇଂଲଣ୍ଡ ଓ ରୁଷିଆକୁ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଯେଉଁ ସ୍ମରଣୀୟ ପ୍ରତିନିଧି ଦଳ ପଠାଇଥିଲେ, ପ୍ରସଙ୍ଗତଃ ସେ କଥା ମୋର ମନେ ପଡୁଛି । ଯୁକ୍ତରାଷ୍ଟ୍ରର ରାଷ୍ଟ୍ରପତି ଜନ୍. ଏଫ୍. କେନେଡି ଆମ୍ଭମାନଙ୍କୁ ଯଥେଷ୍ଟ ସମ୍ମାନ ଓ ହାର୍ଦ୍ଦିକତା ସହିତ ସ୍ୱାଗତ କରିଥିଲେ । କାର୍ଯ୍ୟ ନିର୍ଘଣ୍ଟରେ ଆମ ଆଲୋଚନାର ସମୟସୀମା ୨୦ ମିନିଟ୍ ହେବ ବୋଲି ନିର୍ଧାର୍ଯ୍ୟ ହୋଇଥିଲେ ମଧ୍ୟ ସେ ଆମ ସହିତ ୭୫ ମିନିଟ୍ ପର୍ଯ୍ୟନ୍ତ କଥାବାର୍ତ୍ତା କରିଥିଲେ । ଆଲୋଚନା ମାମୁଲି ଢଙ୍ଗରେ ହୋଇଥିଲେ ମଧ୍ୟ ଏହାର ବିଷୟବସ୍ତୁ ଥିଲା ପ୍ରଚଣ୍ଡ ଗାମ୍ଭୀର୍ଯ୍ୟପୂର୍ଣ୍ଣ । ମାନବ ଜାତି ଉପରେ ଆଣବିକ ବିକୀରଣର ଆଘାତ ବନ୍ଦ କରିବା ପାଇଁ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ରାଜାଜୀ ଯେପରି ଭାବରେ ସମସ୍ୟାଟିର ଅବତାରଣା କଲେ ତାହା କେନେଡିଙ୍କ ହୃଦୟ ସ୍ପର୍ଶ କଲାଭଳି ମନେହେଲା । ପରେ ଏଇ ଆଲୋଚନା ପ୍ରସଙ୍ଗରେ କେନେଡି କହିଥିଲେ ସଭ୍ୟତାର ସମୃଦ୍ଧି ପାଇଁ ଏହାର ଅବଦାନ ରହିଛି ।

କେନେଡିଙ୍କ ଅଭ୍ୟର୍ଥନା ପରେ ଆମ ଆଲୋଚନା କ୍ରମଶଃ ଆଗେଇ ଚାଲିଲା । କିନ୍ତୁ ନିରସ୍ତ୍ରୀକରଣ ସଂସ୍ଥାର ଦାୟିତ୍ୱପ୍ରାପ୍ତ କର୍ମକର୍ତ୍ତାଙ୍କ ସହିତ ଆଲୋଚନା ପରେ ରାଜାଜୀ ଶାନ୍ତ ଭାବରେ ମନ୍ତବ୍ୟ ଦେଲେ ଯେ ପ୍ରକୃତରେ ଏହା ଅସ୍ତ୍ରୀକରଣ ସଂସ୍ଥା, କାରଣ ଏହି ସଂସ୍ଥା, ସବୁ କଥାକୁ ଜାତୀୟ ନିରାପତ୍ତା ଦୃଷ୍ଟିରୁ ବିଚାର କରୁଛି !

ତାଙ୍କର ଘଟଣାବହୁଳ ଜୀବନରେ ରାଜାଜୀ ଅନେକ ବଡ଼ ବଡ଼ ପଦରେ କାର୍ଯ୍ୟ କରିଛନ୍ତି । ନିଜ ରାଜ୍ୟରେ ମୁଖ୍ୟମନ୍ତ୍ରୀ ରୂପେ ଦୁଇଥର ସେ ଶାସନ ଭାର ଗ୍ରହଣ କରିଥିଲେ । ସେ ଥିଲେ ପଶ୍ଚିମବଙ୍ଗର ରାଜ୍ୟପାଳ । ସେ ଥିଲେ ପ୍ରଥମ ଓ ଶେଷ ଭାରତୀୟ ଗଭର୍ଣ୍ଣର-ଜେନେରାଲ । କେନ୍ଦ୍ରୀୟ ମନ୍ତ୍ରୀ ପରିଷଦରେ ସେ ଥିଲେ ସ୍ୱରାଷ୍ଟ୍ରମନ୍ତ୍ରୀ କିନ୍ତୁ ଏସବୁ ଦାୟିତ୍ୱ ତାଙ୍କର ମୌଳିକ ଚରିତ୍ରକୁ ପରିବର୍ତ୍ତିତ କରି ନଥିଲା । ସରଳତା, ସମସ୍ୟାର ସିଧାସଳଖ ଆଲୋଚନା ଏବଂ ମାନବ କଲ୍ୟାଣକର ପ୍ରତ୍ୟେକ ବିଷୟରେ ତୀକ୍ଷ୍ଣ ଆଗ୍ରହ ତାଙ୍କର ତୁଙ୍ଗତମ ମାନସିକ ସଂଗତି ପ୍ରଦର୍ଶିତ କରିଥାଏ । ସେ ଯେପରି ଭୟଶୂନ୍ୟ, ତାଙ୍କର ବିଶ୍ୱାସ ମଧ୍ୟ ସେହିପରି ଦୃଢ଼ । ତାଙ୍କର ଯୁକ୍ତି ଥିଲା ଶାଣିତ ଏବଂ ଯୁକ୍ତିରେ ସେ ଶେଷ ପର୍ଯ୍ୟନ୍ତ ଅଟଳ ରହିଥିଲେ । ଇଂରେଜ ଭାଷାରେ ତାଙ୍କର ଦକ୍ଷତାର ପଟାନ୍ତର ନାହିଁ । ତାଙ୍କ ସଂପର୍କରେ ଅନେକ କଥା ବିସ୍ମୃତ ହୋଇଯାଇ ପାରେ । କିନ୍ତୁ ଭାରତ ପ୍ରତି ତାଙ୍କର ଯେଉଁ ଅବଦାନ, ବିଶେଷ କରି ଜନସାଧାରଣଙ୍କ ହିତ ପାଇଁ ତାଙ୍କର ଯେଉଁ ପ୍ରଚେଷ୍ଟା, ମଣିଷର ଆଚରଣ ଉନ୍ନତ କରିବାରେ ତାଙ୍କର ଯେଉଁ ନିରଳସ ଉଦ୍ୟମ, ସବୁଦିନ ପାଇଁ ସେସବୁ ସ୍ମରଣୀୟ ହୋଇ ରହିବ; ସର୍ବୋପରି, ଇଂରେଜୀ ଓ ତାମିଲ୍ ଭାଷାରେ ସେ ସୃଷ୍ଟି କରିଥିବା ଅନବଦ୍ୟ ରଚନାବଳୀ ଦେଶ ଓ ବିଦେଶରେ ଅଗଣିତ ଲୋକଙ୍କୁ ଠିକ୍ ମାର୍ଗରେ ଅଗ୍ରସର ହେବା ପାଇଁ ଉତ୍ସାହିତ କରିବ ।

## BATHING COMPLEX AT ATRI

Government of Orissa have decided to develop a Bathing Complex at Atri Hot-Sulphur Spring in Puri district in order to provide more amenities to inland and foreign tourists.

The Bathing Complex is proposed to be developed in three phases and the construction of the first phase involving an expenditure of Rs. 13 lakhs has been administratively approved recently by the State Government. The first phase envisages construction of an embankment around the Hot Spring to provide it permanent protection against the floods, suitable land scaping, construction of public toilet, restaurant, construction of four tanks for bathing.

The second and third phases of the project envisage construction of a Tourist Bungalow at Atri and provision of modern amenities for international tourists.

The Bathing Complex at Atri will form part of the new tourist complex consisting of Barunai Hills-Atri-Kantilo which is being developed by Government. Measures are already under way to acquire the Revenue Department Inspection Bungalow at Barunai by the Tourist Department to convert it into a Tourist Bungalow. A new Tourist Bungalow at Kantilo is also proposed to be constructed.

# ରାଜାଜୀ ଓ ସ୍ୱାଧୀନତା ଆନ୍ଦୋଳନ

ଡ. ଶିବ ରାଓ

ଭାରତର ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିବା ମୁଖ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ରାଜାଜୀ ବହୁକାଳ ଦେଶ ସେବାରେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ପ୍ରଥମେ ସେ କିଛିକାଳ ପାଇଁ ସାଲେମ୍ ମ୍ୟୁନିସିପାଲିଟିରେ ସେବା କାର୍ଯ୍ୟ କରିଥିଲେ । ଏହି ସମୟକୁ ବାଦ୍ ଦେଲେ ବି ତାଙ୍କ ଭଳି ଦୀର୍ଘକାଳ ସେବା କାର୍ଯ୍ୟରେ ବିଭିନ୍ନ ଦାୟିତ୍ୱରେ ରହିବାର ସୌଭାଗ୍ୟ ତାଙ୍କ ଭଳି ଖୁବ୍ କମ୍ ବ୍ୟକ୍ତିଙ୍କୁ ମିଳିଛି । ଶ୍ରୀମତୀ ଆନି ବେସାନ୍ତଙ୍କ ହୋମ୍ ରୁଲ୍ ଲୀଗରେ ଯୋଗ ଦେଇ ସେ ସର୍ବ ପ୍ରଥମେ ସର୍ବ ଭାରତୀୟ ରାଜନୀତିରେ ନିଜର ବ୍ୟକ୍ତିତ୍ୱର ପରିଚୟ ଦେଇଥିଲେ । ସେତେବେଳେ ଯେଉଁମାନେ ମାନ୍ଦ୍ରାଜର ଗୋଖଲେ ହଲରେ ତାଙ୍କର ବକ୍ତୃତା ଶୁଣି ଥିଲେ ସେମାନେ ସ୍ୱାଧୀନତା ସଂଗ୍ରାମରେ ତାଙ୍କୁ ଏକ ନୂଆ ଶକ୍ତି ରୂପେ ସ୍ୱୀକାର କରିଥିଲେ । ତାଙ୍କ ବକ୍ତବ୍ୟରେ ସେ ଇଂରେଜ ସରକାର କିମ୍ବା ହୋମ୍ ରୁଲ ଲୀଗ୍‌ର ସମାଲୋଚକମାନଙ୍କୁ ଆକ୍ରମଣ କରୁ ନଥିଲେ ଅଥବା ସେମାନଙ୍କ ପ୍ରତି କୌଣସି ତିକ୍ତତା ତାଙ୍କର ନ ଥିଲା । ସେ ଧୀର ସ୍ଥିରମନ ଓ ଅକାଟ୍ୟ ଯୁକ୍ତି ସହକାରେ ତାଙ୍କର ଭାଷଣ ଦେଉଥିଲେ । ପ୍ରଥମ ବିଶ୍ୱ ଯୁଦ୍ଧ କାଳରେ ତାଙ୍କର ଏହିସବୁ ଗୁଣ ଯୋଗୁଁ ସେ ଖୁବ୍ ଖ୍ୟାତି ଅର୍ଜନ କରି ପାରିଥିଲେ ।

ରାଜାଜୀ ସ୍ୱୀୟ ରାଜନୈତିକ ଜୀବନରେ ପ୍ରଥମ କେତେ ବର୍ଷ ମଧ୍ୟରେ ଗାନ୍ଧୀଜୀଙ୍କର ଜଣେ ଏକନିଷ୍ଠ ଅନୁଗାମୀ ହୋଇ ପଡ଼ିଲେ । ଗାନ୍ଧୀଜୀ କଂଗ୍ରେସ ଆଗରେ ଯେଉଁ ରଚନାତ୍ମକ କାର୍ଯ୍ୟକ୍ରମ ଉପସ୍ଥାପିତ କରିଥିଲେ ସେ ସଂପର୍କରେ ସେ ଗାନ୍ଧୀଜୀଙ୍କର ବିଚାରଧାରାକୁ ଆନନ୍ଦରେ ଗ୍ରହଣ କରୁଥିଲେ ଏବଂ ତାକୁ କାର୍ଯ୍ୟକାରୀ କରିବାରେ ଆଗ୍ରହ ଦେଖାଇଥିଲେ ।

ମଣ୍ଟେଗୁ ସଂସ୍କାର ପରିକଳ୍ପନା ଅନୁସାରେ ବିଧାନ ସଭାମାନଙ୍କୁ ଦ୍ୱିତୀୟ ନିର୍ବାଚନ ହେବାର ସାକ୍‌କାଳରେ ସି.ଆର. ଦାସ ଓ ମୋତିଲାଲ ନେହରୁ ସ୍ଥିର କଲେ ଯେ ବିଧାନ ସଭା ସଂକ୍ରାନ୍ତ କାର୍ଯ୍ୟରେ ସେମାନେ ସକ୍ରିୟ ଭାବେ ଭାଗନେବା ପାଇଁ ପରିସ୍ଥିତି ଅନୁକୂଳ ରହିଛି । କଂଗ୍ରେସ ଦଳ ପ୍ରିନ୍ସ ଅଫ୍ ୱେଲସ୍‌ଙ୍କର ଭାରତ ପରିଦର୍ଶନକୁ ବଏକଟ୍ କରିବା ଦାବୀକୁ ପରିତ୍ୟାଗ କଲେ ତା ବଦଳରେ ପ୍ରଦେଶମାନଙ୍କୁ ସ୍ୱାୟତ୍ତ ଶାସନ ପ୍ରଦାନ କରିବା ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ଲର୍ଡ ରିଡିଂ ଏକ ପ୍ରସ୍ତାବ ଦେଇଥିଲେ । ଗାନ୍ଧୀଜୀ ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଲେ କିନ୍ତୁ ଉକ୍ତ ନେତାମାନେ ଗାନ୍ଧୀଜୀଙ୍କ ଏତାଦୃଶ ନିଷ୍ପତ୍ତି ସହିତ ଏକମତ ହୋଇ ପାରି ନ ଥିଲେ । ଇଂଲଣ୍ଡର ରାଜା ଉକ୍ତ ମଣ୍ଟେଗୁ ଯୋଜନାକୁ "ମୋ ସାମ୍ରାଜ୍ୟ ଭିତରେ ସ୍ୱରାଜ୍ୟରଅଯାନ୍ତରେ" ବୋଲି ବର୍ଣ୍ଣନା କରିଥିଲେ । ଏ ବିବୃତି ସେପରି କିଛି ତାତ୍ପର୍ଯ୍ୟପୂର୍ଣ୍ଣ ନ ଥିଲା । କିନ୍ତୁ ଶ୍ରମିକ ଦଳର ନେତା ତଥା ପ୍ରଧାନ ମନ୍ତ୍ରୀ ଶ୍ରମସେ ମାକ୍‌ଡୋନାଲ୍ଡ ଭାରତକୁ ସ୍ୱାୟତ୍ତ ଶାସନ (ଡୋମିନିଅନ୍ ପାହ୍ୟା) ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । ୧୯୨୬ ମସିହାର ସର୍ବଦଳୀୟ ସମ୍ମିଳନୀରେ ଡୋମିନିୟନ ବା ଉପନିବେଶ ପାହ୍ୟାର ପରିସରକୁ ସଂପ୍ରସାରିତ କରାଯାଇଥିଲା ଏହି ପରିପ୍ରେକ୍ଷୀରେ ଫରିଦ୍ ପୁରଠାରେ ଅନୁଷ୍ଠିତ ରାଜନୈତିକ ସମ୍ମିଳନୀରେ ସି. ଆର. ଦାସ ଘୋଷଣା କରିଥିଲେ ଯେ ସେତେବେଳେ ଔପନିବେଶିକ ପାହ୍ୟାର ଯାହା ଅର୍ଥ କରାଯାଉଥିଲା ତଦନୁସାରେ ଭାରତକୁ ସମ୍ଭବତଃ ପୂର୍ଣ୍ଣ ସ୍ୱାଧୀନତାଠାରୁ ଊଣତର ପାହ୍ୟା ଅର୍ପଣ କରାଯାଇଥାନ୍ତା ।

ମାକ୍‌ଡୋନାଲଡ୍ ଦ୍ୱିତୀୟଥର ପାଇଁ ୧୯୨୯ରେ ବିଲାତର ପ୍ରଧାନମନ୍ତ୍ରୀ ପଦ ଗ୍ରହଣ କରି ଘୋଷଣା କରିଥିଲେ ଯେ, କେତେ ବର୍ଷ କାହିଁକି, କେତେ ମାସ ମଧ୍ୟରେ ଭାରତକୁ ଔପନିବେଶିକ ପାହ୍ୟା ଦିଆଯିବ ସେହି ସମୟରେ ବଡ଼ଲାଟ ଲର୍ଡ ଇରଉଇନ୍ ଭାରତର ଜନସାଧାରଣଙ୍କୁ କହିଥିଲେ ଯେ ମଣ୍ଟେଗ୍ୟୁ ସଂସ୍କାର ଯୋଜନାର ବାସ୍ତବ ପ୍ରକୃତି ହେଉ ଔପନିବେଶିକ ପାହ୍ୟା ପ୍ରଦାନ କରିବା । ବିଲାତ ପାର୍ଲାମେଣ୍ଟର ବିରୋଧୀ ଦଳର ଅନ୍ତତଃ କେତେକ ସଦସ୍ୟଙ୍କର ସମ୍ମତି ଓ ଅନୁମୋଦନ ବିନା ଗୋଟିଏ ସଂଖ୍ୟାଲଘୁ ସରକାର ଏସବୁ ଘୋଷଣା କରିଥିବେ ବୋଲି ବିଶ୍ୱାସ କରିବା କଷ୍ଟକର ମନେହୁଏ ।

ମାକ୍‌ଡୋନାଲଡ୍ ଲଣ୍ଡନରେ ଡକାଇଥିବା ପ୍ରଥମ ଗୋଲଟେବୁଲ ବୈଠକରେ ଯୋଗ ଦେବା ପାଇଁ କଂଗ୍ରେସ ପ୍ରତିନିଧିମାନେ ନାସ୍ତି କରିଥିଲେ । ବୈଠକ ଶେଷରେ ସେ ଯେଉଁ ଘୋଷଣା କଲେ ତହିଁରେ ଇଂରେଜ ସରକାରର ଭାରତ ସଂପର୍କରେ ଚିନ୍ତାଧାରାରେ ଯଥେଷ୍ଟ ପରିବର୍ତ୍ତନ ଘଟିଥିବାର ନିଦର୍ଶନ ମିଳିଥିଲା । ଭାରତର ଜାତୀୟ ଆକାଂକ୍ଷା ପରିପୂରଣ ଦିଗରେ ମାକ୍‌ଡୋନାଲଡ୍ ଦୁଇଟି ସୁଯୋଗ ପ୍ରଦାନ ପାଇଁ ନିଜ ଘୋଷଣାରେ ଉଲ୍ଲେଖ କରିଥିଲେ । ପ୍ରଥମତଃ, ଗୋଲଟେବୁଲ ବୈଠକର ଅନୁମୋଦନ ଲାଭ କରିବା ପାଇଁ ତାହାର ଏକ ଚୂଡ଼ାନ୍ତ ବୈଠକରେ ତାହାର କାର୍ଯ୍ୟର ସମୀକ୍ଷା କରାଯିବ । ଦ୍ୱିତୀୟତଃ ଭାରତ ଉପରେ ଦାୟିତ୍ୱମୂଳକ 'ଶାସନର ଭାର ଯେ, କେବଳ ଅର୍ପଣ କରାଯିବ ତାହା ନୁହେଁ, ଏଭଳି ଶାସନର ମର୍ଯ୍ୟାଦା ଓ ବିଶେଷ ଅଧିକାର ମଧ୍ୟ ଅର୍ପଣ କରାଯିବ—ଏହା ହିଁ ଥିଲା ଉକ୍ତ ବୈଠକ ଆହ୍ୱାନର ଉଦ୍ଦେଶ୍ୟ ।

ଦୁର୍ଭାଗ୍ୟକୁ ଲଣ୍ଡନରେ ଏହି ଘୋଷଣା ପ୍ରକାଶିତ ହେବାର ଅଳ୍ପ କେତେ ଦିନ ମଧ୍ୟରେ ମୋତିଲାଲ ନେହରୁ ସ୍ୱର୍ଗାରୋହଣ କଲେ । ଏହିସବୁ ଘଟଣାକୁ ମନେ ମନେ ଆଲୋଚନା କରି ରାଜାଜୀ ନିଶ୍ଚୟ ଅନୁଭବ କରିଥିବେ ଯେ ଗାନ୍ଧୀଜୀଙ୍କ ଗଠନମୂଳକ କାର୍ଯ୍ୟକ୍ରମ ପ୍ରତି ତାଙ୍କର ଅନୁରକ୍ତି ଯେତେ ଗଭୀର ହୋଇଥାଉ ପଛକେ ଉକ୍ତ ଘୋଷଣା ଗୁଡ଼ିକର ଯୌକ୍ତିକତାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ଭାରତ ଓ ବିଲାତ ମଧ୍ୟରେ ଗୋଟିଏ ସମାଧାନ ଆଣିବା ପାଇଁ ସାର ତେଜ ବାହାଦୁର ସାପ୍ରୁ ଓ ଏମ. ଆର ଜୟକାର ଆଲୋଚନାରେ ନିରତ ଥିବାବେଳେ ରାଜାଜୀ ସାପ୍ରୁଙ୍କ ଆଡ଼କୁ ଚାହିଁ ଥିଲେ । ଏହିସବୁ ଆଲୋଚନା ଫଳରେ ଗାନ୍ଧୀ–ଇରଉଇନ ଚୁକ୍ତି ସମ୍ପାଦିତ ହେଲା ଏବଂ ଗାନ୍ଧୀଜୀ ଗୋଲ ଟେବୁଲ ସମ୍ମିଳନୀର

୨ୟ ଅଧିବେଶନରେ ଯୋଗ ଦେଇଥିଲେ । ଏହି ଅଧିବେଶନରେ ଗାନ୍ଧୀଜୀ ଯେଉଁ ହୃଦୟସ୍ପର୍ଶୀ ଭାଷଣ ଦେଲେ ତହିଁରେ ମିଳାମିଶାର ଏକ ନୂତନ ମନୋଭାବ ପରିଷ୍ଫୁଟ ହୋଇଥିଲା । ଇଂରେଜ ପ୍ରତିନିଧି ମାନଙ୍କୁ ନିବେଦନ କରି ସେ କହି ଥିଲେ ସେମାନେ ଅତୀତକୁ ଭୁଲିଯାନ୍ତୁ ଏବଂ ଜାତିସଂଘର ଘୋଷିତ ନୀତିକୁ ଭିତ୍ତିକରି ପୂର୍ଣ୍ଣ ବିଶ୍ୱଶାନ୍ତି ଆନୟନ କରିବା ସକାଶେ ସାମ୍ୟ ଓ ପାରସ୍ପରିକ ବନ୍ଧୁତା ସୂତ୍ରରେ ଆବଦ୍ଧ ହୋଇ ଭାରତ ସହିତ ହାତ ମିଳାଇ ଚାଲନ୍ତୁ ।

ଭାରତର ଦୁର୍ଭାଗ୍ୟକୁ ଚର୍ଚ୍ଚିଲ ସାହେବ ବିଲାତ ପାର୍ଲାମେଣ୍ଟରେ ବ୍ୟକ୍ତିଗତ ଭାବେ ମାକ୍‌ଡୋନାଲ୍ଡଙ୍କ ବିରୁଦ୍ଧରେ ଓ ତାଙ୍କ ବୈଦେଶିକ ନୀତି ବିରୁଦ୍ଧରେ ତୀବ୍ର ପ୍ରତିବାଦ କଲେ । ସେ ମାକଡୋନାଲ୍ଡଙ୍କୁ ଓ ତାଙ୍କ ପ୍ରସ୍ତାବଗୁଡ଼ିକୁ ପରିହାସ କଲେ ଏବଂ ଭାରତ କମନ୍‌ୱେଲଥର ସଦସ୍ୟ ହେବା ଦିଗରେ "ଷ୍ଟାଚ୍ୟୁଟ୍ ଅଫ୍ ୱେଷ୍ଟ ମିନିଷ୍ଟର" ଗୋଟିଏ ପ୍ରଧାନ ଅନ୍ତରାୟ ବୋଲି ଦର୍ଶାଇଥିଲେ ।

ଏହି ରୂପେ ମାକଡୋନାଲ୍ଡ୍ ସାହେବଙ୍କ ଭାରତ ପକ୍ଷପାତୀ ନୀତିଗୁଡ଼ିକର ଚତୁର୍ଦ୍ଦିଗରେ କେତେକ ଶକ୍ତିଶାଳୀ ପ୍ରତିକୂଳ ପରିସ୍ଥିତି ପୁନର୍ଜୀବିତ ହୋଇ ଦଣ୍ଡାୟମାନ ହେଲା । ବ୍ୟକ୍ତିଗତ ଭାବରେ ସେ ପଦଚ୍ୟୁତ ହେଲେ ଏବଂ ପାର୍ଲାମେଣ୍ଟର ମିଳିତ ସାକ୍ଷ୍ୟ କମିଟିରେ ତାଙ୍କର ମୂଳ ପ୍ରସ୍ତାବଗୁଡ଼ିକ ବହୁ ପରିମାଣରେ କାଟଛାଣ୍ଟ ହୋଇଗଲା । ବାସ୍ତବରେ ୧୯୩୫ ମସିହାର ଭାରତ ସଂବିଧାନ ଆଇନ କାର୍ଯ୍ୟକାରୀ ହେବା ପୂର୍ବରୁ ନେଭିଲ ଚେମ୍ବରଲେନ୍ ଆଇନର ଅନ୍ତର୍ଭୁକ୍ତ ହୋଇଥିବା ସଂରକ୍ଷଣ ବ୍ୟବସ୍ଥା ଗୁଡ଼ିକ "ମନୁଷ୍ୟର ବୁଦ୍ଧି ଦ୍ୱାରା ଉଦ୍‌ଭାବିତ ହୋଇପାରିବା ଭଳି ବ୍ୟବସ୍ଥା " ବୋଲି ବର୍ଣ୍ଣନା କରିଥିଲେ ।

ରାଜାଜୀ ପରିସ୍ଥିତି ସଂପର୍କରେ ଚିନ୍ତା କରି ସ୍ଥିର କଲେ ଯେ ଗାନ୍ଧୀଜୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମକୁ କାର୍ଯ୍ୟରେ ପରିଣତ କରିବା ସକାଶେ ସର୍ବାଧିକ ସୁବିଧା ହାସଲ କରିବାକୁ ହେଲେ ନୂତନ ସଂବିଧାନକୁ କାର୍ଯ୍ୟକାରୀ କରିବା, ଅବଶେଷରେ ଭାରତ ପକ୍ଷରେ ସବୁଠାରୁ ବେଶି ବିଜ୍ଞତାର କାର୍ଯ୍ୟ ହେବ । ଗାନ୍ଧୀ–ଇରଉଇନ ଚୁକ୍ତିର ସର୍ତ୍ତରେ ରାଜି ହୋଇଯିବା ପାଇଁ ଗାନ୍ଧୀଜୀଙ୍କୁ ପ୍ରବର୍ତ୍ତାଇବା ଦିଗରେ ରାଜାଜୀ ଏକ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଏହି ଚୁକ୍ତିଫଳରେ କଂଗ୍ରେସର ଏକମାତ୍ର ପ୍ରତିନିଧି ରୂପେ ଗୋଲ ଟେବୁଲ ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ଯୋଗ ଦେବାପାଇଁ ଗାନ୍ଧୀଜୀ ସମର୍ଥ ହୋଇଥିଲେ ।

ନୂତନ ଶାସନ ବିଧାନ ଅନୁସାରେ ପ୍ରାଦେଶିକ ବିଧାନ ସଭାମାନଙ୍କପାଇଁ ୧୯୩୭ ମସିହା ପ୍ରାରମ୍ଭରେ ନିର୍ବାଚନ ହୋଇଥିଲା । ଲର୍ଡ ଉଇଲିଙ୍ଗଡ଼ନଙ୍କ ଶାସନ କାଳରେ କଂଗ୍ରେସ ଲୋକେ ବହୁବର୍ଷ କାରାଗାରରେ ଅଟକ ରହିବା ଫଳରେ ସେମାନଙ୍କର ମନୋବଳ ଭାଙ୍ଗି ପଡ଼ିଛି ଏବଂ ସେମାନେ କୌଣସି ପ୍ରାଦେଶିକ ବିଧାନ ସଭାରେ ସଂଖ୍ୟାଲଘୁ ଭୋଟରୁ ଅଧିକ ପାଇ ପାରିବେ ନାହିଁ ବୋଲି ଇଂରେଜ ଉଚ୍ଚ ପଦସ୍ଥ ଅଫିସରମାନେ ଗୋଟିଏ ଗୁରୁତର ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇଥିଲେ । ଭୋଟର ଫଳାଫଳରେ ସମସ୍ତେ ଏପରିକି କଂଗ୍ରେସ ଲୋକେ ମଧ୍ୟ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଛଅ ଗୋଟି ପ୍ରଦେଶରେ କଂଗ୍ରେସ ନିଷ୍ପତ୍ତିମୂଳକ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା । ଉତ୍ତରପଶ୍ଚିମ ସୀମାନ୍ତ ପ୍ରଦେଶରେ କଂଗ୍ରେସ ସଂଖ୍ୟାଗରିଷ୍ଠତା ହାସଲ ନ କରିଥିଲେ ମଧ୍ୟ ସଂଖ୍ୟାଧିକ ଗୋଷ୍ଠୀରୂପେ ଉତ୍ତୀର୍ଣ୍ଣ ହୋଇଥିଲା ।

ମୋର ସ୍ପଷ୍ଟ ମନେ ପଡୁଛି, ୧୯୩୭ ପ୍ରାରମ୍ଭରେ ରାଜାଜୀ ମୋର ନୂଆଦିଲ୍ଲୀ ବାସ ଭବନରେ ଦୁଇଥର ମୋ ସହିତ ସାକ୍ଷାତ୍ କରି କଂଗ୍ରେସ ଶାସନ ଦାୟିତ୍ୱ ଗ୍ରହଣ କରିବା ସଂପର୍କରେ ଯେଉଁ ଅଚଳ ଅବସ୍ଥା ଉପୁଜିଛି ତା'ର ସମାଧାନ ପାଇଁ ତାଙ୍କଦ୍ୱାରା ପ୍ରସ୍ତୁତ ଗୋଟିଏ ସୂତ୍ର ବିଷୟରେ ମୋ ସଙ୍ଗେ ଆଲୋଚନା କରିଥିଲେ । ଏକ ନୂତନ ଓ ଅପେକ୍ଷାକୃତ ଭଲ ସଂବିଧାନ ପ୍ରଣୟନ ଉଦ୍ଦେଶ୍ୟରେ ପ୍ରଥମ ସଂବିଧାନକୁ ପୁରାପୁରି ନଷ୍ଟ କରିଦେବା ପାଇଁ ଜବାହାର ନେହରୁଙ୍କ ଗୋଷ୍ଠୀ କୃତସଂକଳ୍ପ ଥିଲେ । ଗାନ୍ଧୀଜୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ମନ୍ତ୍ରୀମଣ୍ଡଳ ଗୁଡ଼ିକଠାରେ ନ୍ୟସ୍ତ ହୋଇଥିବା କ୍ଷମତାଗୁଡ଼ିକ ଉପଯୋଗ କରିବା ଗୋଟିଏ ଗଠନମୂଳକ ପନ୍ଥା ବୋଲି ରାଜାଜୀ ସ୍ଥିର କରିଥିଲେ । ତାଙ୍କର ଏହି ଅଭିମୁଖ୍ୟ ନିଶ୍ଚୟ ଗାନ୍ଧୀଜୀଙ୍କ ମନକୁ ପାଇଥିବ । କାରଣ ଇଂରେଜ ସରକାର ତାଙ୍କର ସୂତ୍ରଟିକୁ ଗ୍ରହଣ କରିନେଲେ, ଉଭୟ ପକ୍ଷ ଦ୍ୱାରା ଗ୍ରହଣୀୟ ହେବାଭଳି ଗୋଟିଏ ସମାଧାନ ହୋଇପାରିବ ବୋଲି ରାଜାଜୀ ଦୃଢ଼ ବିଶ୍ୱାସ ପ୍ରକାଶ କରିଥିଲେ ।

ଏହା ହେଉଛି ରାଜାଜୀଙ୍କର ପ୍ରଥମ ଜିତାପଟ । ପରବର୍ତ୍ତୀ ଦୁଇବର୍ଷ ସେ ମାନ୍ଦ୍ରାଜର ପ୍ରଧାନମନ୍ତ୍ରୀ ଥିଲେ । ଶାସନ ଦକ୍ଷତା ଓ ସାଧୁତା ନିମନ୍ତେ ସେ ବିଶେଷ ଖ୍ୟାତି ଅର୍ଜ୍ଜନ କରିଥିଲେ । ଯଦି କଂଗ୍ରେସ ମନ୍ତ୍ରୀମଣ୍ଡଳମାନେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବା ସତ୍ତ୍ୱେ ଅର୍ଥନୈତିକ ଓ ସାମାଜିକ ସଂସ୍କାର ଅବ୍ୟାହତ ରଖିଥାନ୍ତେ ତାହାହେଲେ ଶାସନ ସଂକଟ ଉପୁଜି ନ ଥାନ୍ତା ଏବଂ ସମ୍ବିଧାନର ସମ୍ମିଳିତ ଅଂଶଟିକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ କଂଗ୍ରେସ ବଡ଼ଲାଟଙ୍କ ପାଖରେ ବଡ଼ଦାବୀ ଉପସ୍ଥାପିତ କରିପାରିଥାନ୍ତା ।

ତଥାପି କଂଗ୍ରେସ ସଂଗଠନରେ ଥିବା ବାମପନ୍ଥୀମାନେ କଂଗ୍ରେସ ମନ୍ତ୍ରିମଣ୍ଡଳ ଗୁଡ଼ିକୁ କାର୍ଯ୍ୟ କରାଇ ନ ଦେବା ପାଇଁ ଦୃଢ଼ ପ୍ରତିଜ୍ଞ ଥିଲେ ଏବଂ ସେମାନେ ସଂଖ୍ୟାଗରିଷ୍ଠ ମତରେ ସ୍ଥିର କଲେ ଯେ କଂଗ୍ରେସ ଶାସନରୁ ବିଦାୟ ନେବା ଉଚିତ୍ । ରାଜାଜୀ ଏହି ନିଷ୍ପତ୍ତିର ବିରୋଧ କରୁଥିଲେ ମଧ୍ୟ ସର୍ବ ପ୍ରଥମେ ତାଙ୍କରି ମନ୍ତ୍ରିମଣ୍ଡଳକୁହିଁ ଇସ୍ତଫା ଦେବାକୁ ପଡ଼ିଥିଲା ।

ନାନା ଦିଗରୁ ଦେଖିବାକୁ ଗଲେ ୧୯୪୨ ମସିହା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଭାରତ ପକ୍ଷରେ ସବୁଠାରୁ ବେଶୀ ସଙ୍କଟଜନକ ଥିଲା । କ୍ରିପ୍‌ସ ଭାରତୀୟ ନେତାମାନଙ୍କ ସହିତ ଆଲୋଚନା କରିଥିଲେ ସତ୍ୟ ମାତ୍ର ତାଙ୍କର ଉଦ୍ୟମ ବ୍ୟର୍ଥ ହୋଇ ଯାଇଥିଲା । ସେ ଇଂଲଣ୍ଡକୁ ଫେରି ଇଂରେଜ ସରକାରଙ୍କୁ ଏହା ଜଣାଇ ଦେଇଥିଲେ । ଆଲୋଚନା ବିଫଳ ହେବା ଫଳରେ ଭାରତରେ ପ୍ରବଳ ଅସନ୍ତୋଷ ଦେଖାଦେଇଥିଲା । ସେତେବେଳେ ବଙ୍ଗୋପସାଗର ଜାପାନର ନୌବାହିନୀର କରଗତ ହୋଇ ପଡ଼ିଥିଲା ଏବଂ ମାନ୍ଦ୍ରାଜର ପୂର୍ବ ଉପକୂଳ ଜାପାନର ଅଧିକାରକୁ ଆସିଯିବା ପରି ବୋଧ ହେଉଥିଲା । ଏହିଭଳି ହତାଶଜନକ ପରିସ୍ଥିତିରେ ରାଜାଜୀ ଅନୁଭବ କଲେ ଯେ, ବିଶ୍ୱଯୁଦ୍ଧ ଶେଷ ହେବା ପୂର୍ବରୁ ଗୋଟିଏ ଅସ୍ଥାୟୀ ସମାଧାନ କରାଇନେବା ସକାଶେ ମିଃ ଜିନାଙ୍କୁ ରାଜି କରାଇବା ପାଇଁ ଉଦ୍ୟମ କରାଯିବା ଉଚିତ୍ । ତେଣୁ ୧୯୪୨ ମସିହା ଏପ୍ରିଲ ମାସ ଶେଷ ଆଡ଼କୁ ଏଲାହାବାଦରେ ଅନୁଷ୍ଠିତ ହୋଇଥିବା କଂଗ୍ରେସ କମିଟି ବୈଠକରେ ଦେଶ ବିଭାଜନ ନୀତିକୁ ଗ୍ରହଣ କରିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ ଏବଂ ପରେ ଏ ସଂକ୍ରାନ୍ତ ପୁଙ୍ଖାନୁପୁଙ୍ଖ ବିଷୟଗୁଡ଼ିକ ସାଧାରଣ ସମୟରେ ଚୂଡ଼ାନ୍ତ କରିବା ପାଇଁ ମତ ପ୍ରକାଶ କରିଥିଲେ । ତାଙ୍କର ଏହି ପ୍ରସ୍ତାବ ଯୋଗୁଁ ସେ ଅତ୍ୟନ୍ତ ଅପ୍ରିୟ ହୋଇ ପଡ଼ିଲେ ଏବଂ ତାଙ୍କୁ ପ୍ରାୟ ଆଉ କେହି ପଚାରିଲେ ନାହିଁ । କିନ୍ତୁ ନିଜ ପ୍ରସ୍ତାବରେ ସେ ଏକା ଏକା ଜିଦ୍ଧିକାକ ପାଇଁ ଅଟଳ ରହିଥିଲେ ।

୧୯୪୨ ମସିହା ତମାମ ଭାରତ ଓ ବିଲାତ ମଧ୍ୟରେ ପୁଣି କଥାବାର୍ତ୍ତା ଆରମ୍ଭ କରିବା ପାଇଁ ବିଭିନ୍ନ ଉଦ୍ୟମ ହୋଇଥିଲା । ଗାନ୍ଧୀଜୀ ଆମେରିକାର ରାଷ୍ଟ୍ରପତି ରୁଜ୍‌ଭେଲ୍ଟଙ୍କ ମତ ପ୍ରତି ଖୁବ୍ ଗୁରୁତ୍ୱ ଦେଉଥିଲେ ଏବଂ ତାଙ୍କ ସହିତ ପତ୍ରାଳାପ କରି ଭରସା ଦେଇଥିଲେ ଯେ ସେ ଆଇନ୍ ଅମାନ୍ୟ ଆନ୍ଦୋଳନକୁ ଚେତେଇବେ ନାହିଁ । ବମ୍ବେରେ ଭାରତ ଛାଡ଼ ପ୍ରସ୍ତାବ ଗୃହୀତ ହେବାର ଏକ ସପ୍ତାହ ପୂର୍ବରୁ ୧୯୪୨ ଅଗଷ୍ଟ ୧ ତାରିଖରେ ରାଷ୍ଟ୍ରପତି ରୁଜ୍‌ଭେଲ୍ଟ ତାଙ୍କ ଶେଷ ଚିଠିରେ ଭାରତ-ବିଲାତ ମଧ୍ୟରେ

ଗୋଟିଏ ସାଧାରଣ ବୁଝାମଣା ହେଉ ବୋଲି ଯୁକ୍ତି କରିଥିଲେ ଏବଂ ଯଦି ଶେଷରେ ଏହି ବୁଝାମଣାକୁ ଭିତ୍ତି କରି ସମାଧାନ ହେଉ ବୋଲି ଇଚ୍ଛା ପ୍ରକାଶ କରିଥିଲେ । ସେ ତାଙ୍କ ପତ୍ରରେ ଲେଖିଥିଲେ ଯେ ଭାରତ ସହିତ ଉତ୍ତମ ବ୍ୟବହାର କରାଯିବା ଏବଂ ତା ପ୍ରତି ନ୍ୟାୟ ବିଚାର କରାଯିବା ପାଇଁ ଆମେରିକା ବରାବର ଉଦ୍ୟମ କରୁଛି । ସେ ଚିଠିରେ ଶେଷକୁ ଲେଖି ଥିଲେ ଯେ ଗଣତନ୍ତ୍ର ଓ ନ୍ୟାୟ ପ୍ରତି ଆମ ଦୁଇ ଦେଶର ଆଗ୍ରହ ରହି ଥିବାରୁ ଆମ୍ଭେମାନେ ମିଶି ଗୋଟିଏ ସାଧାରଣ ଶତ୍ରୁ ବିରୁଦ୍ଧରେ ଠିଆ ହେବା । ଏହି ଚିଠିଟି ସାଧାରଣତଃ ୫।୬ ଦିନ ଭିତରେ ଗାନ୍ଧୀଜୀଙ୍କୁ ମିଳି ଯିବାର କଥା । କିନ୍ତୁ କୌଣସି ଅଭିସନ୍ଧି ଯୋଗୁ ହେଉ ବା ଆକସ୍ମିକ କାରଣ ଯୋଗୁ ହେଉ ଏହା ଗାନ୍ଧୀଜୀଙ୍କୁ ମିଳିବାରେ ମାସେ ଡେରି ହୋଇଗଲା । ଏହି ଚିଠିଟି ନୂଆ ଦିଲ୍ଲୀରେ ଆମେରିକାନ ମିଶନ୍ ସଦର ମହକୁମାରେ ସେପଟେମ୍ବର ମାସ ଆରମ୍ଭରେ ଦିଆଗଲା ଏବଂ ଚିଠିରେ ନିର୍ଦ୍ଦେଶ ଥିଲା ଯେ ଏହି ଚିଠିଟି ରାଜାଜୀଙ୍କୁ ଦେଇ ଦେବାକୁ ହେବ ଏବଂ ଗାନ୍ଧୀଜୀ ଅଟକରୁ ଖଲାସ ହେବା ପରେ ରାଜାଜୀ ଚିଠିଟି ତାଙ୍କୁ ଦେଇ ଦେବେ । ଅବଶ୍ୟ ସେତେବେଳକୁ ଚିଠିର ଗୁରୁତ୍ୱ ପୁରାପୁରି ନଷ୍ଟ ହୋଇ ଯାଇଥିଲା । ରାଜାଜୀ ନିଜକୁ ଭାରତ ଛାଡ଼ ପ୍ରସ୍ତାବ ସହିତ ସମ୍ପୃକ୍ତ କରି ନ ଥିଲେ । କିନ୍ତୁ କଥାବାର୍ତ୍ତା ପୁଣି ଆରମ୍ଭ କରିବା ଉଦ୍ଦେଶ୍ୟରେ ସାର ତେଜ୍-ବାହାଦୁର ସାପ୍ରୁ ଏବଂ ତାଙ୍କର ସହକର୍ମୀମାନଙ୍କ ସହିତ କ୍ରମାଗତ ଉଦ୍ୟମ କରିଥିଲେ । ତତ୍କାଳୀନ ବଡ଼ଲାଟ୍ ଲର୍ଡ ଲିନ୍ ଲିଥ୍ ଗୋ କେନ୍ଦ୍ରରେ ୧୦।୧୨ ଜଣ ଏକଜିକ୍ୟୁଟିଭ କାଉନ୍ସିଲର ନିଯୁକ୍ତ କରିବା ପାଇଁ ମନସ୍ଥ କରିଥିଲେ । ଏହି କାଉନ୍ସିଲରମାନେ ପ୍ରତ୍ୟକ୍ଷ ଭାବେ ବିଧାନ ସଭା ପ୍ରତି ଦାୟୀ ରହିଥାନ୍ତେ ଏବଂ ସ୍ୱରାଷ୍ଟ୍ର ଓ ଅର୍ଥ ବିଭାଗ ଦୁଇଟି ୟୁରୋପୀୟ ସଦସ୍ୟମାନଙ୍କ ହାତରେ ରହିଥାନ୍ତା ।

ସ୍ୱାଧୀନତା ଆନ୍ଦୋଳନ ପ୍ରତି ରାଜାଜୀଙ୍କର ଅବଦାନ କଣ ଥିଲା ସେ ବିଷୟରେ ଏକ ପୂର୍ଣ୍ଣାଙ୍ଗ ବିବରଣୀ ଦେବା ଏହି ଲେଖାର ଉଦ୍ଦେଶ୍ୟ ନୁହେଁ । କିନ୍ତୁ ଘଡ଼ି ସନ୍ଧି ସମୟରେ ସମାଧାନର ସୂତ୍ର ବାହାର କରିବା ବିଷୟରେ ତାଙ୍କର କିପରି ବିଚକ୍ଷଣତା ଓ ଦୂରଦୃଷ୍ଟି ଥିଲା ତାହା ଦର୍ଶାଇବା ଏହି ଲେଖାର ଉଦ୍ଦେଶ୍ୟ । ସ୍ୱାଧୀନତା ପରେ ରାଜାଜୀ ଅନେକ ଦାୟିତ୍ୱ ପୂର୍ଣ୍ଣ ପଦବୀରେ ଅଧିଷ୍ଠିତ ହୋଇ ଦେଶ ସେବା କରିଥିଲେ । ଏଠାରେ ସେ ସବୁ ବିଶ୍ଳିଷ୍ଟ ବର୍ଣ୍ଣନା କରିବା ଅନାବଶ୍ୟକ । କିନ୍ତୁ ଗୋଟିଏ ଘଟଣା ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ବୋଲି ମୁଁ ମନେ କରୁଛି । ୧୯୬୨ ମସିହାରେ ମୁଁ ରାଜାଜୀ ଓ ଶ୍ରୀ ଦିବାକରଙ୍କ ସହିତ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ପ୍ରତିନିଧି ଦଳରେ ଲଣ୍ଡନ, ୱାଶିଂଟନ ଓ ନ୍ୟୁୟର୍କ ଯାଇଥିଲି । ଆଣବିକ ଅସ୍ତ୍ର ପରୀକ୍ଷା ସ୍ଥଗିତ ରଖିବା ସଂପର୍କରେ ଗୋଟିଏ ରାଜିନାମା ହେବା ପାଇଁ ସେତେବେଳେ ଏକ ପ୍ରସ୍ତାବ ହୋଇଥିଲା ।

ଆମର ବିଦେଶ ଗସ୍ତରେ ଆମ୍ଭେମାନେ ବିଭିନ୍ନ ଜାତିସଂଘ ପ୍ରତିନିଧି ଦଳର ନେତୃବର୍ଗଙ୍କୁ ଏବଂ ୱାଶିଂଟନ୍‌ଠାରେ ପ୍ରେସିଡେଣ୍ଟ କେନେଡ଼ିଙ୍କୁ ଭେଟିଥିଲୁ । ରାଜାଜୀ ଆମେରିକାର ପ୍ରେସିଡେଣ୍ଟଙ୍କ ସହିତ ଆଲୋଚନା କରି ତାଙ୍କୁ ବିଶେଷ ପ୍ରଭାବିତ କରି ପାରିଥିଲେ । ମୁଁ ଭାରତକୁ ଫେରି ପଣ୍ଡିତ ନେହରୁଙ୍କୁ ଆମ ବିଦେଶ ଗସ୍ତ ସଂପର୍କରେ ବିସ୍ତୃତ ବିବରଣୀ ଦେଇଥିଲି ଏବଂ ରାଜାଜୀଙ୍କୁ ନିରସ୍ତ୍ରୀକରଣ ସମିଳନୀରେ ଭାରତର ପ୍ରତିନିଧି ରୂପେ ନିଆଯାଉ ବୋଲି ମତ ପ୍ରକାଶ କରିଥିଲି । କିନ୍ତୁ ପ୍ରଧାନ ମନ୍ତ୍ରୀଙ୍କ କେତେକ ସହକର୍ମୀଙ୍କ ବିରୋଧ ଯୋଗୁଁ ତାଙ୍କ (ପ୍ରଧାନମନ୍ତ୍ରୀଙ୍କ) ପକ୍ଷରେ ମୋ ପ୍ରସ୍ତାବଟି ଗ୍ରହଣୀୟ ହୋଇ ପାରି ନ ଥିଲା ।

(ମୂଳ ଲେଖାରୁ ଗୃହୀତ)

## ଆଦିବାସୀ ଓ ହରିଜନ ଉନ୍ନୟନ ସଂପର୍କରେ ଗବେଷଣା ଓ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱରରେ ଥିବା ରାଜ୍ୟ ସରକାରଙ୍କ ଆଦିବାସୀ ଓ ହରିଜନ ଗବେଷଣା ତଥା ତାଲିମ ଅନୁଷ୍ଠାନ ପକ୍ଷରୁ ଆଦିବାସୀ ଓ ହରିଜନମାନଙ୍କ ସାମାଜିକ ତଥା ଅର୍ଥନୈତିକ ସମସ୍ୟା ସଂପର୍କରେ ଗବେଷଣା କରାଯିବା ସଙ୍ଗେ ସଙ୍ଗେ ଆଦିବାସୀ ଅଞ୍ଚଳରେ ନିଯୁକ୍ତ ସରକାରୀ କର୍ମଚାରୀମାନଙ୍କୁ ତାଲିମ ଦେବାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ବର୍ତ୍ତମାନ ଆଦିବାସୀ ଅଞ୍ଚଳରେ ମୁତୟନ ଥିବା ଶିକ୍ଷକ, ସଂପ୍ରସାରଣ ଅଫିସର, ପୁଲିସ କର୍ମଚାରୀ, ପ୍ରୋଜେକ୍ଟ ନିର୍ଦ୍ଦେଶକ ଓ ପ୍ରଶାସକମାନଙ୍କୁ ଆଦିବାସୀ ସଂସ୍କୃତି ଓ ଜୀବନଧାରା ସଂପର୍କରେ ଏହି ଅନୁଷ୍ଠାନ ପକ୍ଷରୁ ତାଲିମ ଦିଆଯାଉଛି । ଏହା ବ୍ୟତୀତ ଏହି ଅଞ୍ଚଳରେ କାମ କରୁଥିବା ଜଙ୍ଗଲ ଏବଂ ଅବକାରୀ ବିଭାଗ କର୍ମଚାରୀ, ଗ୍ରାମଗୋଷ୍ଠୀ ଉନ୍ନୟନ ଅଫିସର ଓ ଜିଲ୍ଲା ସ୍ତରୀୟ ଅଫିସରମାନଙ୍କୁ ମଧ୍ୟ ଏ ପ୍ରକାର ତାଲିମ ଦେବାର ପ୍ରସ୍ତାବ ରହିଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଗତବର୍ଷ ୧୩୨ ଜଣ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି । ଏହି ଅନୁଷ୍ଠାନର ଗବେଷଣା ଲବ୍ଧ ଜ୍ଞାନ ଓ ତଥ୍ୟ ସମନ୍ୱିତ ଆଦିବାସୀ ଉନ୍ନୟନ କାର୍ଯ୍ୟକ୍ରମ ପ୍ରଣୟନ କରିବାରେ ସହାୟକ ହୋଇଥାଏ । ବିଭିନ୍ନ ଉନ୍ନୟନମୂଳକ ଯୋଜନା ଦ୍ୱାରା ଆଦିବାସୀ ଓ ହରିଜନମାନଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତି କିପରି ଭାବରେ ପ୍ରଭାବିତ ହେଉଛି ଏ ସଂପର୍କରେ ମଧ୍ୟ ଏହି ଅନୁଷ୍ଠାନ ପକ୍ଷରୁ ଅନୁଧ୍ୟାନ କରାଯାଉଛି ।

ଗଞ୍ଜାମର ସଉରା, କୋରାପୁଟର ବଣ୍ଡା ଓ ଡଙ୍ଗରିଆ କନ୍ଧ ଏବଂ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ବାସ କରୁଥିବା ହରିଜନମାନଙ୍କ ସାମାଜିକ ତଥା ଅର୍ଥନୈତିକ ସମସ୍ୟା ସମେତ କେନ୍ଦୁଝରର ଭୂୟାଁ, ଗଞ୍ଜାମର ସଉରା ଓ କଳାହାଣ୍ଡିର କନ୍ଧମାନଙ୍କ ଦ୍ୱାରା ଅନୁସୃତ ପୋଡୁଚାଷ ସଂପର୍କରେ ବର୍ତ୍ତମାନ ବିଶେଷ ଗବେଷଣା କରାଯାଉଛି । ଏହା ବ୍ୟତୀତ ବାଗତା, ବିରହୋର, ହୋ, ଜଟାପୁ, କୋଲ୍, ଚେଞ୍ଚୁ, କନ୍ଧଦୋରା, କୋରା, ମାଙ୍କିଡ଼ି, ପେରେଙ୍ଗା, ପେଣ୍ଟିଆ ଏବଂ ଥାରୁଆ ଆଦି ଆଦିମ ଜାତିମାନଙ୍କ ମଧ୍ୟରେ ଜନସଂଖ୍ୟା ହ୍ରାସ ପାଉଥିବାରୁ ଏ ସଂପର୍କରେ ଅନୁଧ୍ୟାନ କରାଯାଉଛି ।

ଅଗଭୀର ନଳକୂପ (ଫିଲ୍‌ଟର ପଏଣ୍ଟ ନଳକୂପ) ପାଇଁ

# ଓଡ଼ିଶା ଏଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍‌ର

ବ୍ୟାପକ ଯୋଜନା

## କୃଷିଭାଇମାନଙ୍କ ପାଇଁ ସୁସଂବାଦ

ଓଡ଼ିଶାର ଉପକୂଳ ଅଞ୍ଚଳରେ ଏବଂ ନଦୀମାନଙ୍କ ଅବବାହିକାରେ ଫିଲ୍‌ଟର ପଏଣ୍ଟ ନଳକୂପ କରିବାପାଇଁ ଓଡ଼ିଶା ସରକାରଙ୍କଦ୍ୱାରା ଅନୁମୋଦିତ ଏବଂ ସମବାୟ ତଥା ଅନ୍ୟାନ୍ୟ ବ୍ୟାଙ୍କପାଇଁ ଏକମାତ୍ର ସଂସ୍ଥାରୂପେ ନିରୂପିତ ଓଡ଼ିଶା ଏଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍‌ପୋରେସନ୍ ସହିତ ଇଚ୍ଛୁକ କୃଷୀଭାଇ ପତ୍ରାଳାପ କରନ୍ତୁ ।

- ❊ କର୍ପୋରେସନ୍‌ରେ ବ୍ୟାଙ୍କ ଅର୍ଡର ଦେବା ଦିନରୁ ୬୦ଦିନ ମଧ୍ୟରେ ନଳକୂପ ସହିତ ପମ୍ପ ସ୍ଥାପନ-ପୂର୍ବକ ଏହା କୃଷୀଭାଇଙ୍କ ହସ୍ତେ ଅର୍ପଣ କରିଥାଏ ।
- ❊ କର୍ପୋରେସନ୍ ଉତ୍କୃଷ୍ଟ ଧରଣର ଆବଶ୍ୟକ ଉପକରଣ ନ୍ୟାଯ୍ୟ ମୂଲ୍ୟରେ ଯୋଗାଇଥାଏ ।
- ❊ ସ୍ଥାପନର ଏକ ବର୍ଷ ପର୍ଯ୍ୟନ୍ତ କର୍ପୋରେସନ ବିକ୍ରୟ ପରବର୍ତ୍ତୀ ସେବା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ମାଗଣାରେ ତୁଲାଇଥାଏ ।
- ❊ ଏକ ବର୍ଷ ଗ୍ୟାରେଣ୍ଟି ସମୟ ପରେ ମଧ୍ୟ କର୍ପୋରେସନ ପମ୍ପର ରକ୍ଷଣାବେକ୍ଷଣ ଓ ମରାମତି ଉପଯୁକ୍ତ ଯତ୍ ସାମାନ୍ୟ ମୂଲ୍ୟରେ କରିଥାଏ ।
- ❊ କର୍ପୋରେସନ ଏହି ସବୁ କାର୍ଯ୍ୟ ଭୂତଳ-ଜଳ ସମ୍ବନ୍ଧୀୟ ବୈଷୟିକ ଜ୍ଞାନସମ୍ପନ୍ନ ଯନ୍ତ୍ରୀମାନଙ୍କ ଦ୍ୱାରା କରାଇଥାଏ ।

ଆଞ୍ଚଳିକ ଅଫିସସମୂହ

୧ । ଷ୍ଟେସନ ରୋଡ୍, ବ୍ରହ୍ମପୁର (ଗଞ୍ଜାମ)
୨ । ମଧୁପାଟଣା, କଟକ-୧୦
୩ । ବୁଢ଼ାରଜା, ସଂବଲପୁର

ଏସ୍. ଆର୍. ପଟ୍ଟନାୟକ
ମ୍ୟାନେଜିଂ ଡାଇରେକ୍‌ଟର
ଓଡ଼ିଶା ଏଗ୍ରୋ ଇଣ୍ଡଷ୍ଟ୍ରିଜ କର୍ପୋରେସନ୍ ଲିଃ
କିଲ୍ଲା ମଇଦାନ, କଟକ-୭୫୩୦୦୧

# ପଞ୍ଜାବ କେଶରୀ-ଉତ୍କଳମଣି

ଉଦୟନାଥ ଷଡ଼ଙ୍ଗୀ

ଭାରତ ରାଜନୀତିରେ ମହାତ୍ମା ଗାନ୍ଧୀଙ୍କ ପ୍ରଭାବ ପଡ଼ିବାର ବହୁ ଆଗରୁ ଏହି ଉପ ମହାଦେଶର ଉତ୍ତର-ପଶ୍ଚିମ ଓ ଦକ୍ଷିଣ ପୂର୍ବ ଦୁଇ ପ୍ରାନ୍ତ ଅଞ୍ଚଳ—ପଞ୍ଜାବ ଓ ଓଡ଼ିଶାର ଦୁଇ ଦେଶପ୍ରେମୀ ତ୍ୟାଗୀ ଜନ ନେତାଙ୍କ ଆବିର୍ଭାବ ଯେପରି ସ୍ମରଣୀୟ, ସେମାନଙ୍କ ଚିନ୍ତାଧାରା, କାର୍ଯ୍ୟକଳାପ, ଜାତିର ଜାଗରଣ ପାଇଁ ତ୍ୟାଗ ଓ ନିଷ୍ଠା ସେହିପରି ଉଲ୍ଲେଖନୀୟ । ପଞ୍ଜାବର ପଞ୍ଜାବ କେଶରୀ ଲାଲା ଲଜପତ୍ ରାୟ ଓ ଓଡ଼ିଶାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଦୁଇ ସହୋଦର ପରି ମନେ ହୁଅନ୍ତି ।

ଲାଲା ଲଜପତ୍ ରାୟଙ୍କର ଜନ୍ମ ୧୮୬୫ ଖ୍ରୀଷ୍ଟାବ୍ଦରେ । ପଣ୍ଡିତ ଗୋପବନ୍ଧୁଙ୍କ ଜନ୍ମର ବାରବର୍ଷ ପରେ ଅର୍ଥାତ୍ ୧୮୭୭ରେ । ଲାଲାଜୀଙ୍କ ତିରୋଧାନ ୧୯୨୮ ନଭେମ୍ବର ୧୭ ତାରିଖରେ ଏବଂ ପଣ୍ଡିତ ଗୋପବନ୍ଧୁଙ୍କର ଦେହତ୍ୟାଗ ତାର ମାତ୍ର ପାଞ୍ଚମାସ ପୂର୍ବରୁ ଜୁନ ମାସ ସେହି ୧୭ ତାରିଖରେ । ଲାଲାଜୀ କେବଳ ୬୩ ବର୍ଷ ଏବଂ ପଣ୍ଡିତ ଗୋପବନ୍ଧୁ ୫୧ବର୍ଷ ମାତ୍ର ଜୀବିତ ଥାଇ ଦେଶ ଓ ଜାତିର ଉତ୍ଥାନ ପାଇଁ ଯେଉଁ ମହତ୍ କାର୍ଯ୍ୟ ସାଧନ କରି ଯାଇଛନ୍ତି, ତାହା ଇତିହାସରେ ଚିର ଜାଜ୍ୱଲ୍ୟମାନ ହୋଇ ରହିଥିବ । ଆୟୁଷକାଳ ତୁଳନାରେ ସେମାନଙ୍କ କାର୍ଯ୍ୟ ଏତେ ବେଶୀ ଯେ ତାହା ଆମ୍ଭମାନଙ୍କର ଉତ୍ତରାଧିକାରୀମାନଙ୍କୁ ବରାବର ପ୍ରେରଣା ଦେଇ ଆସୁଥିବ ! ପଣ୍ଡିତ ଗୋପବନ୍ଧୁ ଯଥାର୍ଥରେ ଗାଇଛନ୍ତି :—

"ମାନବ ଜୀବନ ନୁହଇ କେବଳ
ବର୍ଷ ମାସ ଦିନ ଦଣ୍ଡ
କର୍ମେ ଜୀଏଁ ନର କର୍ମ ଏକା ତା'ର
ଜୀବନର ମାନ ଦଣ୍ଡ ।
ମୁହୂର୍ତ୍ତେ ମାତର ଉଜ୍ଜ୍ୱଳ ପ୍ରଖର
ଶିଖା ଟେକି ହୁତାଶନ,
ଜଳି ଯେତେ କରେ ଆଲୋକ ଉତ୍ତାପ
ଚଉଦିଗେ ବିତରଣ ।
ଲିଭୁ ସେ କ୍ଷଣକେ ତଥାପି ଏ ଲୋକେ
ରହେ ତା' ଆଦର ଯଶ
କି ଲୋଡ଼ା ତହିଁରେ ରହେ ଯେ ମହୀରେ
ବୂହୁଳି ସହସ୍ର ବର୍ଷ ।

ଲାଲା ଲଜପତ୍ ଓ ପଣ୍ଡିତ ଗୋପବନ୍ଧୁ ନିଜ ନିଜ ଜୀବନ-କାଳ ମଧ୍ୟରେ ଯେଉଁ ଉଜ୍ଜ୍ୱଳ ଓ ପ୍ରଖର ଆଲୋକ ଦେଇ ଯାଇଛନ୍ତି, ତାହା ଲିଭିବାର ନୁହେଁ କି କେବେ ଲିଭିବ ନାହିଁ ।

ଉଭୟେ ନିଜକୁ ମନେ କରୁଥିଲେ କର୍ମୀ । ସେମାନଙ୍କ ଗୁଣମୁଗ୍ଧ ଦେଶବାସୀ ସେମାନଙ୍କୁ ନେତୃ ପଦରେ ବରଣ କରିଥିଲେ ମଧ୍ୟ, ସେମାନଙ୍କ ମନରେ ତାହା କେବେ ସ୍ଥାନ ପାଇ ନ ଥିଲା । ଲାଲାଜୀ ନେତାର ସଂଜ୍ଞା ନିରୂପଣ କରିବାକୁ ଯାଇ ଲେଖିଥିଲେ :—

"ସେ ହେଉଛନ୍ତି ପ୍ରକୃତ ନେତା, ଯାହାଙ୍କ ନେତୃତ୍ୱ କାର୍ଯ୍ୟରେ ସନ୍ତୋଷ ଦେଇ ପାରିବ ଓ ପ୍ରଭାବଶାଳୀ ହୋଇ ପାରିବ ; ସେ କି ଜନସାଧାରଣଙ୍କଠାରୁ ଆଗୁଆ ଥିବେ, ସେ ନିର୍ଭୀକ, ସାହସୀ ଓ ସର୍ବୋପରି ଯାହାଙ୍କ ନିସ୍ୱାର୍ଥପରତା ସନ୍ଦେହ ମୁକ୍ତ ହୋଇଥିବ ।"

ପଣ୍ଡିତ ଗୋପବନ୍ଧୁ ଗାଇଛନ୍ତି :—

"ନ ଅଟକେ କର୍ମ ନେତାର ଅଭାବେ,
ଧର୍ମ ନାବ ଚଳେ ଧର୍ମର ପ୍ରଭାବେ,
ବିଶେଷେ ଉତ୍କଳେ ନାହିଁ ପ୍ରୟୋଜନ,
ଉତ୍କଳର ନେତା ନିଜେ ନାରାୟଣ ।

)( )( )(

କର୍ମ ଭୂମେ ଜିଏ ନେତା ଅବା ନୀଚ
ସରବେ ନିମିର ବିଧି ନିୟୋଜିତ ।"

ଉଭୟେ ମହାତ୍ମା ଗାନ୍ଧୀଙ୍କୁ ନେତା ବୋଲି ଗ୍ରହଣ କରି ତାଙ୍କରି ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ । ଲାଲଜୀ ଲେଖିଥିଲେ :

"ଆତ୍ମ ଶକ୍ତି, ଆତ୍ମବଳି ଏବଂ ସାଧୁତାରେ ମହାତ୍ମା ଗାନ୍ଧୀଙ୍କ ସମକକ୍ଷ ହେଲ ଭଳି ଅନ୍ୟ ଜଣେ ବ୍ୟକ୍ତି ସମଗ୍ର ପୃଥିବୀରେ ଆମେ କୁତ୍ରାପି ଦେଖିବାକୁ ପାଇବା ନାହିଁ । ହୁଏତ ଆମେ ଗାନ୍ଧିଜୀଙ୍କ ମତବାଦ ସହିତ ଏକମତ ହୋଇପାରୁ ବା ନ ପାରୁ ; ଆମେ ତାଙ୍କୁ ଅନୁସରଣ କରିପାରୁ ବା ନ ପାରୁ ; କିନ୍ତୁ ମହାତ୍ମା ଗାନ୍ଧୀଙ୍କ ଭଳି ଅନ୍ୟ ଜଣେ ବ୍ୟକ୍ତି ବାହାର କରିବାକୁ ମୁଁ ସମଗ୍ର ପୃଥିବୀକୁ ଆହ୍ୱାନ କରୁଛି ।"

ପଣ୍ଡିତ ଗୋପବନ୍ଧୁଙ୍କ କବିପ୍ରାଣ ଗାଇ ଉଠିଥିଲା—

"ତ୍ୱରା'ର ଶାସିବା ନୀତି ଭାଙ୍ଗିଯିବ,
ପ୍ରଜାଙ୍କ ମତରେ ଶାସନ ଚାଲିବ ।
ଏହି ନବଯୁଗ ଆଣିବା ସକାଶେ,
ଗାନ୍ଧି ରହିଛନ୍ତି ସିନା କାରାବାସେ ।

)( )( )(

ଗାନ୍ଧି ଭଗୀରଥ ନିଜ ପୁଣ୍ୟ ବଳେ,
ଆଣିଲେ ଅସଙ୍ଗ ଜାହ୍ନବୀ ଉତ୍କଳେ ।
ଉତ୍କଳେ ଅସଙ୍ଗ ପ୍ରବାହେ ତ୍ୱରିତ,
ବାହୁଛନ୍ତି ଯେହ୍ନେ ସ୍ୱରାଜ୍ୟ ବୋଇତ ।
ସେ ଦଳରେ ମୁହିଁ ଅକିଞ୍ଚନ ଜଣେ,
ମୋଡ଼ୁଥିଲି ନାବ-ମଙ୍ଗ ପ୍ରାଣ ପଣେ ।

)( )( )(

ଅରେ ଉତ୍କଳ ଭାଇ ମନରେ ବିଚାର,
କି ପାଇଁ ମହାତ୍ମା ଏତେ ନାରଖାର ।"

ଘୋର ଅନ୍ଧକାର ମଧ୍ୟରୁ ଦେଶ ଓ ଜାତିକୁ ଉଦ୍ଧାର କରିବା ଲାଗି ଶିକ୍ଷା ଯେ ସର୍ବାଦୌ ଆବଶ୍ୟକ, ଏହା ଏ ଉଭୟ ନେତା ପ୍ରଥମ ଅବସ୍ଥାରେ ହିଁ ଅନୁଭବ କରିଥିଲେ । ଲାଲଜୀ ସେଥିପାଇଁ ଲେଖିଥିଲେ, "ଅବଶ୍ୟ ଅଧିକ ସଂଖ୍ୟାରେ ସ୍କୁଲ ଓ ଶିକ୍ଷକ ଜାତିର ପ୍ରଥମ ଆବଶ୍ୟକତା ପୁଣି ଦ୍ୱିତୀୟ ଆବଶ୍ୟକତା ହେଉଛି, ଉତ୍ତମ ବିଦ୍ୟାଳୟ ଓ ସନ୍ତୁଷ୍ଟ ଶିକ୍ଷକ ଗୋଷ୍ଠୀ । ତୃତୀୟ ଆବଶ୍ୟକତା ହେଉଛି, ବୃତ୍ତି ଶିକ୍ଷା ବିଦ୍ୟାଳୟ । ବ୍ୟବସାୟ, ବାଣିଜ୍ୟ ଓ ବିଦେଶୀ ଭାଷା ଶିକ୍ଷା ଅନୁଷ୍ଠାନ ଏହାର ଅନ୍ତର୍ଭୁକ୍ତ । ଚତୁର୍ଥରେ ଶିଳ୍ପ କାରୀଗରି ଶିକ୍ଷା ବିଦ୍ୟାଳୟ ପ୍ରତିଷ୍ଠା ନିତାନ୍ତ ଆବଶ୍ୟକ । ପଞ୍ଚମରେ ଧାରାବାହିକ ଶିକ୍ଷା ବ୍ୟବସ୍ଥା ଏବଂ ଷଷ୍ଠରେ ଅଧିକ ସଂଖ୍ୟାରେ ହାଇସ୍କୁଲ ଓ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଆବଶ୍ୟକ ।"

ପଣ୍ଡିତ ଗୋପବନ୍ଧୁ ତ ଦେଶରେ ଶିକ୍ଷା ପ୍ରସାର ତାଙ୍କ କର୍ମ ଜୀବନରେ ପ୍ରଥମ ପାହାଚ ରୂପେ ଗ୍ରହଣ କରି ନେଇଥିଲେ । କେବଳ ପୁସ୍ତକଗତ ଶିକ୍ଷା ନୁହେଁ, ପ୍ରକୃତ ଜ୍ଞାନ ଆହରଣ ଓ ନାନା ବୈଷୟିକ ଶିକ୍ଷାରେ ଦକ୍ଷତା ହାସଲ କରି ଜୀବିକାର୍ଜନର ପଥ ସୁଗମ କରିବା ଲାଗି ସେ ଆଦର୍ଶ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ।

ପଣ୍ଡିତ ଗୋପବନ୍ଧୁ କହୁଥିଲେ—"ଗୁଣିକିରି ରୂପକ ମାପ କାଠିରେ ମାପ ହେଲା ଭଳି ବିଦ୍ୟା ଉପାର୍ଜନ କରିବା ଭାରତରେ ଗୁରୁକୁଳ ଆଶ୍ରମର ଉଦ୍ଦେଶ୍ୟ ନ ଥିଲା । ଜ୍ଞାନ ପିପାସୁ କେହି ଜ୍ଞାନ ଲାଭରୁ ବଞ୍ଚିତ ହେବ କାହିଁକି ? ଆମ୍ଭେମାନେ ବରାବର କହିଥାଉ, ମନୁଷ୍ୟ ଆଲୋକର ସନ୍ତାନ । ସେ ସବୁବେଳେ ଅଧିକ ଅଧିକ ଆଲୋକ ଲୋଡ଼ୁଅଛି ଏବଂ ତାହା ତା'ର ପାଇବା ଉଚିତ୍ । ବାହ୍ୟ ଜଗତରେ ଚନ୍ଦ୍ର ସୂର୍ଯ୍ୟର ଆଲୋକ ବ୍ୟକ୍ତି ଏବଂ ଅବସ୍ଥା ନିର୍ବିଶେଷରେ ସମସ୍ତେ ଲାଭ କରୁ ଅଛନ୍ତି । ଜଗତର ମହାପୁରୁଷମାନେ ଧର୍ମ ରାଜ୍ୟରେ ଯେ ନୂତନ ଜ୍ୟୋତିର ସଂପାତ କରୁଅଛନ୍ତି, ରାଜା ପ୍ରଜା, ଧନୀ ଦରିଦ୍ର ସମସ୍ତେ ତହିଁରେ ସମାନ ଅଧିକାରୀ । ବିଦ୍ୟାଲୋକ ପଥରେ ତେବେ ଅବସ୍ଥା କେବଳ ଅନ୍ତରାୟ ହେବ କାହିଁକି ?"

)( )( )(

"ବିଲାତରେ ବଡ଼ ବଡ଼ ବ୍ୟବସାୟୀ ଓ ଧନୀ ମହାଜନ ପିଲାମାନେ ସାଧାରଣ କୁଲିଙ୍କ ସଙ୍ଗେ ପ୍ରଥମେ କଳ କାରଖାନାରେ କାମ କରି ବ୍ୟବସାୟର ସବୁ ସୂତ୍ର ଓ ଭେଦ ଶିଖନ୍ତି । କୃଷି ଅତି ପୁରାତନ ଓ ଉତ୍କୃଷ୍ଟ ବ୍ୟବସାୟ । ତାକୁ ଭଲକରି ନ ଶିଖିଲେ କିଛି ଜାଣି ହେବ ନାହିଁ । ପ୍ରକୃତ ଚଷା ହେବାର ଗୌରବ ଅଛି । ତୁମେମାନେ ନିଜ କାର୍ଯ୍ୟ ଦ୍ୱାରା ଚାଷର ଗୌରବ ବଢ଼ାଅ । ଏଣିକି ଚାଷ ଆଉ ମୂର୍ଖ ଲୋକଙ୍କ ବ୍ୟବସାୟ ହୋଇ ରହିବ ନାହିଁ । ଚାଷ କରିବାକୁ ଦେଶର ବିଚକ୍ଷଣ ଓ ବିଦ୍ୟାବନ୍ତ ଲୋକ ଦରକାର ।"

ଲାଲଜୀ କହୁଥିଲେ—"ଜଣେ ହିନ୍ଦୁ ହିସାବରେ ଏହାହିଁ ମୋର ଏକାନ୍ତ ପ୍ରାର୍ଥନା ଯେ, ମୁଁ ପୁଣି ଥରେ ବେଦ ନିନାଦିତ ଏହି ଭୂଖଣ୍ଡରେ ଯେପରି ଜନ୍ମ ଗ୍ରହଣ କରି ପାରିବି ଏବଂ ଜାତିର ସମବେତ କର୍ମ ପ୍ରବାହ ସଙ୍ଗେ ମୋର କର୍ମକୁ ମିଶାଇ ଦେଇ ପାରିବି ।"

ଅତି ତରୁଣ ବୟସରେ ପଣ୍ଡିତ ଗୋପବନ୍ଧୁ ଗାଇଥିଲେ—

"ନିଜ ସ୍ୱାର୍ଥ ଲାଗି ଜାତ ନୁହେଁ ହିନ୍ଦୁ,
ବିଶ୍ୱହିତେ ତା'ର ପ୍ରତି ରକ୍ତ ବିନ୍ଦୁ ।"

ପୁଣି ବନ୍ଦୀଶାଳାରେ ହୃଦୟର ଆବେଗରେ ଗାଇଛନ୍ତି—

"ଭାରତ ପ୍ରଭାବେ ହେଉ ସାର୍ଥ ଋଷିବାଣୀ,
ମଧୁମୟ ଭାବେ ମର ହେଉ ବିଶ୍ୱ ପ୍ରାଣୀ ।

ସର୍ବ ସିନ୍ଧୁ ସ୍ରୋତେ କ୍ଷରୁ ମଧୁମୟ ନୀର,
ବହୁ ମଧୁମୟ ଗନ୍ଧ ଶୀତଳ ସମୀର ।
ମଧୁମୟ ରସେ ପୁଷ୍ଟ ହେଉ ବନସ୍ପତି,
ମଧୁମୟ ରସେ ଶୋଭୁ ସର୍ବ ବସୁମତୀ ।
ହେଉ ମଧୁମୟ ଉଷା ପ୍ରଦୋଷ ରଜନୀ,
ନଭୋଦେଶେ ମଧୁମୟ ରବି ଦିନମଣି ।
ମଧୁମୟ ରବେ ହେଉ ବିଶ୍ୱ ନିନାଦିତ,
ଉଠୁ ବିଶ୍ୱ ପ୍ରାଣେ ମଧୁ ଅମୃତ ସଙ୍ଗୀତ ।"

ଉଭୟ ସମାନ ସ୍ୱରରେ ଦେଶରେ ଜାତିଭେଦ ପ୍ରଥାର କୁପରିଣତି ପ୍ରତି ଦେଶବାସୀଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି, ଶାରୀରିକ ଶ୍ରମ ପ୍ରତି ବିତୃଷ୍ଣାର ନିନ୍ଦା କରିଛନ୍ତି; ସହିଷ୍ଣୁତା, ନିଃସ୍ୱାର୍ଥପରତା ଓ ଆତ୍ମୋନ୍ନତି ପାଇଁ ଯୁବକମାନଙ୍କୁ ଆହ୍ୱାନ ଦେଇଛନ୍ତି । ପରନ୍ତୁ, ଦୀନ ଦରିଦ୍ରର ସେବା ସେହି ଦୁଇ ମନୀଷୀଙ୍କର ଜୀବନର ବ୍ରତ ଥିଲା ।

ଭାରତର ସଂସ୍କୃତି, ପୂର୍ବ ପରଂପରା, ଐତିହ୍ୟ ଓ ଆଦର୍ଶ ଯେତେବେଳେ କଳୁଷିତ ହେବାକୁ ବସିଲା, ସେତେବେଳେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଆର୍ଯ୍ୟ ସମାଜ ପ୍ରତିଷ୍ଠା କଲେ । ତାଙ୍କର ପ୍ରଥମ କାର୍ଯ୍ୟକ୍ଷେତ୍ର ପଞ୍ଜାବ ଥିଲା । ସେହି କାଳରୁ ଲାଲାଜୀ ଯେପରି ସେହି ଅନୁଷ୍ଠାନ ପ୍ରତି ଆକୃଷ୍ଟ ହୋଇଥିଲେ, ସୁଦୂର ଓଡ଼ିଶାରେ ପଣ୍ଡିତ ଗୋପବନ୍ଧୁ ମଧ୍ୟ ସେହିପରି ପ୍ରଭାବିତ ହୋଇ ଥିଲେ । ୧୯୧୫ରେ ଲାଲାଜୀ ଲେଖିଥିଲେ :—

"ଆର୍ଯ୍ୟ ସମାଜ ସାମାଜିକ ଜୀବନର ସବୁ ଶ୍ରେଣୀର ପୁରୁଷ ଓ ସ୍ତ୍ରୀ ବ୍ୟକ୍ତିଙ୍କୁ ଜ୍ଞାନ ଅର୍ଜନ, ଶିକ୍ଷା ଓ ଯୋଗ୍ୟତା ଲାଭ କରି ଜୀବନରେ ଇଚ୍ଛାନୁରୂପ ସ୍ଥାନ ଗ୍ରହଣ କରିବାକୁ ସମାନ ସୁଯୋଗ ଦେବ । ପ୍ରତ୍ୟେକ ବ୍ୟକ୍ତି ସେ ସ୍ତ୍ରୀ ହୁଅନ୍ତୁ ବା ପୁରୁଷ ହୁଅନ୍ତୁ, ନିଜର ପରିବେଷ୍ଟନୀ ସ୍ଥିର କରିବା, ସେ କ୍ଷେତ୍ରରେ ଜୀବନ ସଂଗ୍ରାମ ଚଳାଇ ମନୁଷ୍ୟ ସମାଜରେ ଶକ୍ତି ଅନୁରୂପ ଉଚ୍ଚ ସ୍ଥାନ ଦଖଲ କରିବାର ଅଧିକାର ତା'ର ରହିଛି । ଆର୍ଯ୍ୟ ସମାଜ ପ୍ରତ୍ୟେକଙ୍କର ଏ ଅଧିକାର ସ୍ୱୀକାର କରେ ।"

ପଣ୍ଡିତ ଗୋପବନ୍ଧୁ 'ସତ୍ୟବାଦୀ' ପତ୍ରିକାରେ ତା' ପୂର୍ବରୁ ଘୋଷଣା କରିଥିଲେ —

"ନାନା ଆପଦ ବିପଦରେ ବାରମ୍ବାର ବିଜାତୀୟମାନଙ୍କ ଆକ୍ରମଣ ମଧ୍ୟରେ ଭାରତ ଏତେ କାଳ ନିଜର ଯେଉଁ ଆଦର୍ଶ ଓ ଜଗତର ଶିକ୍ଷଣୀୟ ବ୍ୟକ୍ତିତ୍ୱ ଅକ୍ଷୁଣ୍ଣ ରଖିଥିଲା, ତାହା ଲୋପ ପାଇ ଆସୁଛି । ଏଥିପାଇଁ ବର୍ତ୍ତମାନ ଭାରତବାସୀର କର୍ତ୍ତବ୍ୟ, ସେହି ପ୍ରାଚୀନ ଶିକ୍ଷା ପ୍ରଣାଳୀ ପୁଣି ଯେପରି ଦେଶରେ ଚଳେ, ସେ ବିଷୟରେ ଯତ୍ନବାନ ହେବା । ସୁଖର ବିଷୟ, ଏ ଦିଗରେ ଚେଷ୍ଟାର ଆରମ୍ଭ ହେଲଣି । ପଞ୍ଜାବର ଆର୍ଯ୍ୟ ସମାଜ କିପରି ଏକ ମହତ ଆୟୋଜନରେ ବ୍ରତୀ ହୋଇ ଅଛନ୍ତି, ତାହା ବୋଧ ହୁଏ ଅନେକଙ୍କୁ ଜଣା ନ ଥିବ । ଆର୍ଯ୍ୟ ସମାଜ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ । ଏହି ସମାଜର ଲୋକମାନେ ସକଳ ବିଷୟରେ ହିନ୍ଦୁମାନଙ୍କ ସଙ୍ଗେ ସମାନ । ତେବେ ବୈଦିକ ଯୁଗର ପରବର୍ତ୍ତୀ ଆସ୍ଥାର ଅନୁଷ୍ଠାନ, ଜାତି ଭେଦ, ପ୍ରତିମା ପୂଜା ପ୍ରଭୃତି କେତେକ କଥା ମାନନ୍ତି ନାହିଁ । × × × ଭାରତର ଯୁବକମାନଙ୍କର ଚରିତ୍ର ଗଠନ କାମନାରେ ଏମାନେ ନାନା ଉପାୟ ଅବଲମ୍ବନ କରୁ ଅଛନ୍ତି ।"

ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦଙ୍କ ସଂପର୍କରେ ଲାଲାଜୀ ଲେଖିଛନ୍ତି—"କୂଟନୀତି ବା କୁଟୀଳତା ସ୍ୱାମୀ ଦୟାନନ୍ଦଙ୍କଠାରେ ସ୍ଥାନ ପାଇ ନ ଥିଲା । ତାଙ୍କର ଅଭ୍ୟାସ ଏବଂ ଶିକ୍ଷା ଏ ଉଭୟରୁ ମୁକ୍ତ । କଥା ଓ କାର୍ଯ୍ୟରେ ପାର୍ଥକ୍ୟ ତାଙ୍କ ପ୍ରକୃତିର ବହିର୍ଭୂତ । ସେ ସତ୍ୟ, ବିରାଟ ସତ୍ୟର ଏକନିଷ୍ଠ ସେବକ ଥିଲେ । ତେଣୁ ଅସତ୍ୟ ଦୁର୍ଗର ମୂଳୋତ୍ପାଟନ ପାଇଁ ସେ ସିଧାସଳଖ ଅସଲ ମର୍ମ କଥା କହିବାକୁ ଡରୁ ନ ଥିଲେ ।

ପଣ୍ଡିତ ଗୋପବନ୍ଧୁ ତା' ଆଗରୁ ସତ୍ୟନିଷ୍ଠ ସ୍ୱାମୀ ଦୟାନନ୍ଦଙ୍କ ପ୍ରତିଷ୍ଠିତ ଗୁରୁକୁଳ ଶିକ୍ଷାଶ୍ରମ ସଂପର୍କରେ ମତ ଦେଇଥିଲେ—"ଗୁରୁ କୁଳର ପ୍ରତିଷ୍ଠାତାମାନେ ଆଶା କରନ୍ତି, ଗୁରୁକୁଳର ବ୍ରହ୍ମଚାରୀ ଛାତ୍ରମାନେ ଜୀବନକୁ ସଂଯତ କରି ସବଳ ଓ ଶିକ୍ଷିତ ହେବେ ଏବଂ ତପରେ ତ୍ୟାଗ ଦ୍ୱାରା ଦେଶରେ ପୁନରାୟ ଆର୍ଯ୍ୟ ଆଦର୍ଶ ପ୍ରତିଷ୍ଠିତ କରିବେ । ଅଧିକନ୍ତୁ ସେମାନଙ୍କର ବିଶ୍ୱାସ, ସୁ ବିବେଚନାର ସହିତ ଗୃହୀତ ପାଶ୍ଚାତ୍ୟ ଦେଶର ନିୟନ୍ତ୍ରିତ କ୍ରିୟା କଳାପ ସଙ୍ଗେ ପ୍ରାଚ୍ୟର ସରଳତା ନ ମିଶିଲେ ଭାରତର ବହୁମୁଖୀ ଉନ୍ନତି ହୋଇ ପାରିବ ନାହିଁ ! ଆଶ୍ରମର ବ୍ରହ୍ମଚାରୀମାନେ ବେଦ, ଉପନିଷଦ, ସାହିତ୍ୟ, ଦର୍ଶନ ପ୍ରଭୃତି ସଂସ୍କୃତରେ ପଢିବା ସଙ୍ଗେ ସଙ୍ଗେ ଇଉରୋପର ଆଧୁନିକ ଶିକ୍ଷଣୀୟ ବିଷୟମାନ ହିନ୍ଦୀ ଭାଷାରେ ଶିକ୍ଷା କରୁଛନ୍ତି । ପ୍ରାଚ୍ୟ ପାଶ୍ଚାତ୍ୟର ଭାବରାଶି ଏକତ୍ର ମିଶିଲେ ହିଁ ଉଭୟ ମହାଜାତ୍ୟର ମିଳନ ସମ୍ଭବ । ଅନ୍ୟ ପ୍ରକାର ମିଳନର ଚେଷ୍ଟା ନୈସର୍ଗିକ ନୁହେଁ । ସୁତରାଂ ତାହା ଅସାଧ୍ୟ ।"

ଉଭୟଙ୍କର ମତ ଥିଲା, ପାଶ୍ଚାତ୍ୟର ଆଦର୍ଶ ଭୋଗ ଜୀବନକୁ ପ୍ରକୃତ ଉପଭୋଗ କରିବା ; ମାତ୍ର ଆର୍ଯ୍ୟ ଭାରତର ଆଦର୍ଶ, ତ୍ୟାଗ, ତ୍ୟାଗହିଁ ଭୋଗ ।

ଏହି ଦୁଇ ସମଭାବାପନ୍ନ ଦେଶଭକ୍ତ ସେବା ବ୍ରତୀଙ୍କର ବୋଧହୁଏ ପ୍ରଥମ ଦେଖାସାକ୍ଷାତ ହୁଏ ୧୯୨୦ ମସିହାରେ କଲିକତା କଂଗ୍ରେସ ଅଧିବେଶନରେ । ଗୁଣୀକୁ ଗୁଣୀ ଚିହ୍ନିଲା ପରି ଉଭୟେ ପରସ୍ପର ପ୍ରତି ଏକାନ୍ତ ଭାବରେ ଆକୃଷ୍ଟ ହୁଅନ୍ତି । ପୂର୍ବରୁ ଗୋପ ଅଞ୍ଚଳରେ ଦୁର୍ଭିକ୍ଷ ସମୟରେ ଲାଲାଜୀଙ୍କ ସାହାଯ୍ୟ, ସହଯୋଗ ତାଙ୍କ ପ୍ରତି ପଣ୍ଡିତ ଗୋପବନ୍ଧୁଙ୍କର ଅଗାଧ ଭକ୍ତି ଓ ବିଶ୍ୱାସ ସୃଷ୍ଟି କରିଥିଲା । କଲିକତା କଂଗ୍ରେସ ଅଧିବେଶନରେ ଉଭୟେ ଏକାତ୍ମ ହୋଇ ଗଲେ । ୧୯୨୭ରେ ଲାଲାଜୀ ଆସି ପୁରୀରେ ପଣ୍ଡିତ ଗୋପବନ୍ଧୁଙ୍କର ଅତିଥି ହେଲେ । ସେହିଠାରେ ହିଁ

"ଲୋକ ସେବକ ମଣ୍ଡଳ" ଗଠନର ପରିକଳ୍ପନା । ୧୯୨୮ରେ ଏହାର ପ୍ରଥମ ବୈଠକରେ ଉଭୟେ ପୁଣି ମିଳିତ ହୋଇ ଥିଲେ । ସେହି ୧୯୨୮ ଜୁନ ମାସ ୧୭ ତାରିଖରେ ପଣ୍ଡିତ ଗୋପବନ୍ଧୁ ଓ ତାର ଠିକ ପାଞ୍ଚ ମାସ ପରେ ନଭେମ୍ବର ୧୭ ତାରିଖରେ ଲାଲଜୀ ଅମର ଧାମର ଯାତ୍ରୀ ହେଲେ । ଯେପରିକି ଜଣକ ବିରହରେ ଏ ଦୁନିଆରେ ଅନ୍ୟର ଅବସ୍ଥାନ ଅସହ୍ୟ ବୋଧ ହେଲା ।

କନିଷ୍ଠ ସହୋଦର ସମ ପଣ୍ଡିତ ଗୋପବନ୍ଧୁଙ୍କ ବିୟୋଗରେ ଲାଲଜୀ ବ୍ୟାକୁଳ ପ୍ରାଣରେ ଲେଖିଥିଲେ—

"ସ୍ୱର୍ଗତ ପଣ୍ଡିତ ଗୋପବନ୍ଧୁ ବାସ୍ତବ ଦୃଷ୍ଟିରୁ ମଣିଷଙ୍କ ଭିତରେ ରାଜପୁତ୍ର ଭଳି ଥିଲେ । ତାଙ୍କର ଗଭୀର ଧର୍ମ ବିଶ୍ୱାସ ଥିଲା । ମାତ୍ର ତାଙ୍କ ଉଚ୍ଚ କୋଟୀର ଚରିତ୍ର ଓ ଆଚରଣରେ ସେ ପ୍ରମାଣିତ କରି ଯାଇଛନ୍ତି ଯେ, ସତ ଓ ନିର୍ମଳ ହେବାରେ ମଣିଷକୁ ଯାହା ସାହାଯ୍ୟ କରେ, ତା' ସହିତ ତା'ର ଧର୍ମମତ ଓ ଆଚରିତ ଧର୍ମନୀତିର ସଂପର୍କ ନ ଥାଏ । * * * ତାଙ୍କର ସବୁ କିଛି ସେ ଜନତାକୁ ଦେଇଗଲେ । ତାଙ୍କ ଦେହ, ମନ ପ୍ରଜ୍ଞା, ବୁଦ୍ଧି ବିଦ୍ୟା, ଶକ୍ତି ସାମର୍ଥ୍ୟ ଓ ଶେଷରେ ନିଜର ଆତ୍ମାକୁ ମଧ୍ୟ ଏଥିରୁ ବାଦ ଦେଇ ନ ଥିଲେ । କେବଳ ମହାତ୍ମା ଗାନ୍ଧୀଙ୍କୁ ଛାଡ଼ି ଦେଲେ, ଗୋପବନ୍ଧୁଙ୍କ ଭଳି ସାଦା ସିଧା ପୋଷାକରେ, ନିର୍ମଳ ମନର ଅନ୍ୟ ଜଣେ ହେଲେ କେହି ଭାରତୀୟ ନେତା ନଜରରେ ପଡ଼ନ୍ତି ନାହିଁ ।" × ×

"ଯାହାଙ୍କ ଉପରେ ମୋର ପୂର୍ଣ୍ଣ ବିଶ୍ୱାସ ଓ ଆସ୍ଥା ସ୍ଥାପନ କରିପାରିବି, ଏଭଳି ଜଣେ ସହକର୍ମୀ ମୁଁ ଗୋପବନ୍ଧୁଙ୍କ ଭିତରେ ପାଇଥିଲି ଏବଂ ସେହିଭଳି ଜଣେ ସହକର୍ମୀ ପାଇଗଲେ ଯେ କେତେ ଆନନ୍ଦ, ତାହା କଥାରେ କହି ହେବ ନାହିଁ । ତାଙ୍କର ବିଶ୍ୱାସ ସବୁବେଳେ ଗଭୀର ଓ ଦୃଢ଼ ଥିଲା । କିନ୍ତୁ ଯେଉଁମାନଙ୍କୁ ସେ ବିଶ୍ୱାସ କରୁଥିଲେ ଓ ଶ୍ରଦ୍ଧା କରୁଥିଲେ, ସେମାନଙ୍କର ମତାମତ ଶୁଣିବାକୁ ମଧ୍ୟ ସେ ସବୁବେଳେ ପ୍ରସ୍ତୁତ ଥିଲେ । ହାୟ! ଏଭଳି ଜଣେ ମଣିଷକୁ ହରେଇବା କେତେ ଅପୂରଣୀୟ ନୁହେଁ ସତେ ! * * * ଏଭଳି ଏକ ସନ୍ତାନର ମୃତ୍ୟୁରେ ଦେଶ ଆଜି ଆହୁରି ଦରିଦ୍ରତର ହୋଇଗଲା ଏବଂ ଲୋକସେବକ ମଣ୍ଡଳ ଏଭଳି ଜଣେ ନେତାଙ୍କୁ ହରାଇଲା, ଯାହାଙ୍କ ନେତୃତ୍ୱ ଓ ମର୍ଯ୍ୟାଦା କ୍ରମଶଃ ବୃଦ୍ଧି ହୋଇ ଆସୁଥିଲା ।"

---

## ବିଶେଷ ଅନୁନ୍ନତ ଜିଲାରେ ଶିଳ୍ପ ପାଇଁ ଆର୍ଥିକ ସାହାଯ୍ୟ

ଓଡ଼ିଶାରେ କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାଗୁଡ଼ିକ ଶିଳ୍ପ କ୍ଷେତ୍ରରେ ବିଶେଷ ଅନୁନ୍ନତ ବୋଲି ଘୋଷଣା କରାଯାଇଅଛି । ଏହି ଜିଲ୍ଲାଗୁଡ଼ିକରେ ଯେଉଁମାନେ ଶିଳ୍ପ ସ୍ଥାପନ କରିଛନ୍ତି ବା କରିବେ ସେମାନେ ଶିଳ୍ପ ପାଇଁ ବିନିଯୋଗ କରିଥିବା ଆସ୍ତି-ମୂଳଧନ (ଅର୍ଥାତ ଜମି, କାରଖାନା ଘର, ଯନ୍ତ୍ରପାତି ପାଇଁ ଖର୍ଚ୍ଚ ହୋଇଥିବା ମୂଳଧନ) ର ଶତକଡ଼ା ୧୦ ଭାଗରୁ ୧୫ ଭାଗ କେନ୍ଦ୍ରୀୟ ସହାୟତା ପାଇବା ପାଇଁ ହକଦାର ।

କଳାହାଣ୍ଡି ଓ ମୟୂରଭଞ୍ଜ ଜିଲ୍ଲାରେ ୧୯୭୦ ମସିହା ଅକ୍ଟୋବର ମାସ ପହିଲା ପରେ ଓ ଅବଶିଷ୍ଟ ୪ଟି ଜିଲ୍ଲାରେ ତା ୨୬-୮-୧୯୭୧ ପରଠାରୁ ତା ୨୮-୨-୧୯୭୩ ରିଖ ମଧ୍ୟରେ ସ୍ଥାପିତ ହୋଇଥିବା ଶିଳ୍ପଗୁଡ଼ିକ ଆସ୍ତି-ମୂଳଧନର ଶତକଡ଼ା ୧୦ ଭାଗ କେନ୍ଦ୍ରୀୟ ସାହାଯ୍ୟ ଆକାରରେ ପାଇବେ ଓ ତା ୧-୩-୧୯୭୩ ରିଖ ପରେ ଉପରୋକ୍ତ ୬ଟି ଜିଲ୍ଲାରେ ସ୍ଥାପିତ ହୋଇଥିବା ଶିଳ୍ପଗୁଡ଼ିକ ଶତକଡ଼ା ୧୫ ଭାଗ କେନ୍ଦ୍ରୀୟ ସାହାଯ୍ୟ ପାଇପାରିବେ ।

ଉପରୋକ୍ତ ୬ଟି ଜିଲ୍ଲାରେ ଯେଉଁମାନେ ଶିଳ୍ପ ସ୍ଥାପନ କରିଅଛନ୍ତି ସେମାନେ ଏହି ସାହାଯ୍ୟ ପାଇବା ପାଇଁ ସଂପୃକ୍ତ ଜିଲ୍ଲାର ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜରଙ୍କ ନିକଟରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଶୀଘ୍ର ଆବେଦନ କରିବାକୁ ରାଜ୍ୟ ଶିଳ୍ପ ବିଭାଗ ନିର୍ଦ୍ଦେଶକ ଜଣାଇଛନ୍ତି ।

ଏ ସଂପର୍କୀୟ ସମସ୍ତ ସୂଚନା ସଂପୃକ୍ତ ଜିଲ୍ଲା ଶିଳ୍ପ କେନ୍ଦ୍ରରୁ ମିଳିପାରିବ ।

ଏହି ସୁବିଧା ୧୯୭୯ ମସିହା ମାର୍ଚ୍ଚ ମାସ ଶେଷ ପର୍ଯ୍ୟନ୍ତ ମିଳିପାରିବ । ତେଣୁ ସଂପୃକ୍ତ ଶିଳ୍ପର ଉଦ୍ୟୋଗୀମାନେ ଶୀଘ୍ର ଏହି ସୁବିଧା ପାଇବା ଦିଗରେ ତତ୍ପର ହେବା ପାଇଁ ପରାମର୍ଶ ଦିଆଯାଉଅଛି ।

# ରାଜାଜୀଙ୍କ ଶ୍ରେଷ୍ଠ ଅବଦାନ


ଡଃ. ଆର୍. ସି. ମଜୁମଦାର

ଗତ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଭାରତର ସ୍ୱାଧୀନତା ପାଇଁ ଯେଉଁ ଗୌରବମୟ ସଂଗ୍ରାମ ହୋଇଥିଲା, ସେଥିରୁ କେତେକଙ୍କ ମହାନ୍ ନେତାଙ୍କର ଆବିର୍ଭାବ ଘଟିଥିଲା । ଏଭଳି ନେତାଙ୍କ ମଧ୍ୟରେ ରାଜାଜୀ ଥିଲେ ଅନ୍ୟତମ । ଯେଉଁ ସବୁ ସଦ୍‌ଗୁଣ ଓ ନୀତି ନିୟମ ଯୁଗ ଯୁଗ ବ୍ୟାପି ଭାରତୀୟ ସଂସ୍କୃତିର ଦୃଢ଼ ଭିତ୍ତି ଉପରେ ଗଢି ଉଠିଛି ସେ ଥିଲେ ସେହି ସବୁ ସଦ୍‌ଗୁଣ ଓ ମହନୀୟ ନୀତି ନିୟମର ମୂର୍ତ୍ତିମନ୍ତ ବିଗ୍ରହ । ଏହି ସବୁ ସଦ୍‌ଗୁଣ ଯୋଗୁ ସେ ସମ୍ମାନ ଓ ଖ୍ୟାତି ଲାଭ କରିବା ସଂଗେ ସଂଗେ ସେ ସବୁ ପ୍ରଚାର କରିବା ଓ ଆଚରଣ କରିବାରୁ ମଧ୍ୟ ବିରତ ହେଉ ନ ଥିଲେ । ଏପରିକି କେତେକ ଶ୍ରେଣୀର ରାଜନୀତିଜ୍ଞ ତାଙ୍କୁ ବିସ୍ମୃତିର ଗର୍ଭକୁ ଠେଲି ଦେଇଥିଲେ ମଧ୍ୟ ସେ ନିଜ ପଥରୁ ବିଚ୍ୟୁତ ହେଉ ନ ଥିଲେ ।

ସେ ଅବିଚଳିତ ଭାବରେ ମହାତ୍ମା ଗାନ୍ଧୀଙ୍କର ଅନୁବର୍ତ୍ତନ କରୁଥିଲେ । ଆଜି ଯେଉଁମାନେ ନିଜକୁ ଗାନ୍ଧୀଜୀଙ୍କ ମନୋନୀତ ବ୍ୟକ୍ତି ବା ଉତ୍ତରାଧିକାରୀ କହି କ୍ଷମତା ଓ କର୍ତ୍ତୃତ୍ୱ ଜାହିର କରିବାକୁ ଦାବୀ କରନ୍ତି ଏବଂ ସଦା ସର୍ବଦା ତାଙ୍କ ନାମ ଧରନ୍ତି ସେମାନେ ମହାମାନବ ଗାନ୍ଧୀଜୀଙ୍କ ସତ୍ୟ, ସାଧୁତା ଓ ନୈତିକତାକୁ ବିସର୍ଜନ ଦେଇଥିଲେ ମଧ୍ୟ ରାଜାଜୀ ଗାନ୍ଧିଜୀଙ୍କର ଉକ୍ତ ମହାନ ନୀତି ଗୁଡ଼ିକୁ ପାଳନ କରୁଥିଲେ । ଗାନ୍ଧିଜୀ ଗଡ୍‌ସେ ଦ୍ୱାରା ନିହତ ହୋଇଥିଲେ । କିନ୍ତୁ ଏବେ ଭାରତର ବଡ଼ ବଡ଼ ନେତା ଯେଉଁମାନେ କି ଗାନ୍ଧିଜୀଙ୍କ ନାମରେ ଶପଥ ନେଉଛନ୍ତି ସେମାନେ ତାଙ୍କ ପ୍ରଦର୍ଶିତ ମହାନ୍ ଆଦର୍ଶରୁ ବିଚ୍ୟୁତ ହୋଇ ଗଡ୍‌ସେର ମାର୍ଗ ଧରିଛନ୍ତି । ବିଗତ ପ୍ରାୟ ୨୦ ବର୍ଷ ମଧ୍ୟରେ ନୈତିକତାରେ ଗ୍ଳାନି ଦେଖାଦେଉଛି ସେ ସଂପର୍କରେ ଏକମାତ୍ର ରାଜାଜୀ ପ୍ରତିବାଦର ସ୍ୱର ଉତ୍ତୋଳନ କରି ଆସିଥିଲେ । ଭାରତର ବାତାବରଣ ଯେତେ କପଟତାରେ ପରିପୂର୍ଣ୍ଣ ଥିଲା ବେଳେ ନିଜକୁ ସେଥିରୁ ଅଲଗା ରଖି ରାଜାଜୀ ନିର୍ଭୀକ ଭାବରେ ଅପ୍ରିୟ ସତ୍ୟ କଥା କହିବାକୁ କୁଣ୍ଠିତ ହେଉ ନ ଥିଲେ ।

ଭାରତର ଭବିଷ୍ୟତ ବଂଶଧରଙ୍କ ପାଇଁ ରାଜାଜୀଙ୍କର ଦୁଇଟି ଶ୍ରେଷ୍ଠ ଅବଦାନ ରହିଛି । ଗୋଟିଏ ହେଲା ତାଙ୍କର ନିର୍ଭୀକ ବ୍ୟକ୍ତିତ୍ୱ ଏବଂ ଅନ୍ୟଟି ହେଲା ବାସ୍ତବଧର୍ମୀ ରାଜନୈତିକ ଦୂରଦୃଷ୍ଟି । ରାଜନୈତିକ ନେତୃତ୍ୱରେ ଏଇ ଦୁଇଟି ଅଭାବ ପରିଲକ୍ଷିତ ହେଉଛି । ତେଣୁ ଭାରତର ସ୍ୱାଧୀନତା ପାଇଁ ପ୍ରାଣପାତ କରିଥିବା ତାର ସନ୍ତାନମାନେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ସଫଳ ହୋଇ ପାରିନାହିଁ । ରାଜାଜୀଙ୍କର ଅନେକ ମତାମତକୁ କେତେକେ ଏବେ ବି ପସନ୍ଦ କରୁ ନାହାନ୍ତି । ତଥାପି କାଳକ୍ରମେ ଜନମତ ତାଙ୍କ ଆଡ଼କୁ ଢଳୁଥିବାର ଦେଖାଯାଉଛି । ଭାରତୀୟ ଗଣତନ୍ତ୍ରର ଶୈଶବରେ ଗୃହୀତ ହୋଇଥିବା ବହୁ ବ୍ୟବସ୍ଥା ବିରୁଦ୍ଧରେ ସେ ସତର୍କବାଣୀ ଶୁଣାଇଥିଲେ କିନ୍ତୁ ତାଙ୍କ କଥା କେହି ଶୁଣି ନ ଥିଲେ । ଜଣେ ଦୂରଦର୍ଶୀ ରାଜନୀତିଜ୍ଞ ରୂପେ ତାଙ୍କର ଖ୍ୟାତି, କାଳର ଗତିକ୍ରମେ ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ହେବ—ଏ ବିଷୟରେ ମୁଁ ନିଃସନ୍ଦେହ ।

(ମର୍ମାନୁବାଦ)



ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ୧୯୭୮ ନଭେମ୍ବର ୧୭ ତାରିଖ ଦିନ ସୂଚନା ଭବନଠାରେ ଲଲ୍ଲ ରାଜପତ ରାୟଙ୍କ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉପଲକ୍ଷେ ଆୟୋଜିତ ଏକ ସମାବେଶରେ ଉଦ୍‌ବୋଧନ ଦେଉଛନ୍ତି ।

ଓଡ଼ିଶାର ରାଜ୍ୟପାଳ ଶ୍ରୀ ଭଗବତ ଦୟାଲ ଶର୍ମା ଏହି ଉତ୍ସବ ଉଦ୍‌ଘାଟନ କରିଥିଲେ ।



ପରୀଠାରେ ଅନୁଷ୍ଠିତ କ୍ୟାମ୍ପରେ ଅଖିଳ ଓଡ଼ିଶା ବାଳିକା ଏନ୍. ସି. ସି. ଡ଼ିଭିଜନର କ୍ୟାଡ଼େଟମାନଙ୍କୁ ପୁରୀ ଜିଲ୍ଲାପାଳ ଶ୍ରୀ ଏସ୍. ଏନ୍. ରଥ, ଉଦ୍‌ବୋଧନ ଦେଉଛନ୍ତି (ତା ୧୪ । ୧୦ । ୧୯୭୮)

# ଆଦର୍ଶ ରାଷ୍ଟ୍ରନାୟକ ରାଜାଜୀ

ଶ୍ରୀ ନବ କିଶୋର ଦାସ

ଶ୍ରୀ ରାଜଗୋପାଳାଚାରୀଙ୍କ ବ୍ୟକ୍ତିତ୍ୱର ଏକ ବିଶେଷ ଦିଗ ମୁଁ ତ୍ରିପୁରା କଂଗ୍ରେସ ଅଧିବେଶନରେ ଦେଖିଥିଲି । ସୁଭାଷ ବୋଷ ସଭାପତି ନିର୍ବାଚନରେ ଜୟୀ ହୋଇ କଂଗ୍ରେସର ନେତା ହେଲେ ବେଳକୁ ଶ୍ରୀ ରାଜଗୋପାଳାଚାରୀ ତାହାଙ୍କୁ ଏକ "ଛିଦ୍ର ଯୁକ୍ତ ସୁସଜ୍ଜିତ ନୌକା" (Leaky boat) ସଂଗେ ତୁଳନା କରି ଏପରି ଚମତ୍କାର ବକ୍ତୃତା ଦେଲେ ଯେ ଏହା ଆମ୍ଭମାନଙ୍କ ମନରେ ଗଭୀର ରେଖାପାତ କରିଥିଲା । ଶ୍ରୀ ଶରତ୍ ବୋଷ "ଶବ୍ଦ ଶବ୍ଦ, କେବଳ ଶବ୍ଦ" (Words, Words only Words) ବୋଲି କହି କଂଗ୍ରେସ ନେତାମାନଙ୍କ ଦୀର୍ଘ ପ୍ରସ୍ତାବକୁ ପରିହାସ କଲାବେଳେ ଶ୍ରୀ ରାଜଗୋପାଳାଚାରୀ କହିଲେ ଯେ ସୁଭାଷ ବୋଷଙ୍କ ଥାଟ୍ ନେତୃତ୍ୱ ସୁସଜ୍ଜିତ ନୌକା ଭଳି ଦୃଶ୍ୟ ହେଲେ ମଧ୍ୟ, ଏହା ଛିଦ୍ର ଯୁକ୍ତ । ଅର୍ଥାତ୍ ସୁଭାଷ ବୋଷଙ୍କ ନେତୃତ୍ୱ ଗ୍ରହଣ କଲେ ଭାରତ ସ୍ୱାଧୀନତା ହାସଲ କରି ପାରିବ ନାହିଁ ।

ଇତିହାସର ସ୍ରୋତ ବହୁ ଦୂରକୁ ବହି ଯାଇଛି । ଶ୍ରୀ ସୁଭାଷ କଂଗ୍ରେସ ତ୍ୟାଗ କରି, ସ୍ୱଦେଶ ଭାରତ ତ୍ୟାଗ କରି ଏକ ନୂତନ ବିପ୍ଳବାତ୍ମକ ପଥରେ ପାଦ ଦେଇ ଐତିହାସିକ ପୁରୁଷରେ ପରିଣତ ହୋଇଛନ୍ତି । ଶ୍ରୀ ରାଜଗୋପାଳାଚାରୀ ମଧ୍ୟ ଆଜି ଏକ ଐତିହାସିକ ବ୍ୟକ୍ତି । ସେହି ସମୟରୁ ମୁଁ ଶ୍ରୀ ରାଜଗୋପାଳଚାରୀଙ୍କ ମନସ୍ୱିତା ଓ ଯୁକ୍ତି ତର୍କରେ ଚମତ୍କାରିତାର ନମୁନା ଜାଣିଥିଲି । ଏହା ମଧ୍ୟରେ ମୁଁ ତାହାଙ୍କ "ମହାଭାରତ", ରାମାୟଣ", "ଉପନିଷଦ" ପ୍ରଭୃତି ନାନା ବହି ଓ "ସ୍ୱରାଜ" କାଗଜରେ ବହୁ ଉପାଦେୟ ଲେଖାବଳୀ ପଢିଛି । ପୁଣି ତାହାଙ୍କ ସଙ୍ଗେ ଭେଟ ହେବାର ସୌଭାଗ୍ୟ ମୋତେ ମିଳିଥିଲା "ସ୍ୱରାଜ୍ୟ ଦଳ" ଗଠନ ସମୟରେ ବମ୍ବେ ଓ ମାଡ୍ରାସରେ ।

କଂଗ୍ରେସ ଦଳ ସ୍ୱାଧୀନତା ହାସଲ ପରେ ସେ ଥରେ ଉଦାର ଆର୍ଷ ବୁଝାଇଥିଲେ ଯେ କଂଗ୍ରେସ ଭଳି ଏକ ବିଶାଳ ବୃକ୍ଷକୁ ନ କାଟି ରକ୍ଷା କରିବା ଉଚିତ୍ । ମାତ୍ର କାଳର ଗତିରେ କଂଗ୍ରେସର ବିଶାଳ ବୃକ୍ଷ ବହୁ ଖଣ୍ଡରେ ଖଣ୍ଡିତ ଓ ବିଭକ୍ତ ହେଲା । ପୁଣି ମନେପଡେ ଆମେ ସବୁ ରେଭେନ୍ସା କଲେଜର ଛାତ୍ର ଥିବାବେଳେ ଶ୍ରୀ ରାଜଗୋପାଳାଚାରୀ କଂଗ୍ରେସ ଦଳ ଛାଡ଼ି ପାକିସ୍ଥାନ ଗଠନ ସପକ୍ଷରେ ଅର୍ଥାତ୍ ଭାରତକୁ ବିଭକ୍ତ କରିବା ସପକ୍ଷରେ ବକ୍ତୃତା ଦେବାକୁ ରେଭେନ୍ସା କଲେଜ ପୁରୁଣା ଛାତ୍ରମାନଙ୍କ ସଭାକୁ ଆସିଥିଲେ । ସେତେବେଳେ ସେ ଏକ ଚମତ୍କାର ଦୃଷ୍ଟାନ୍ତ ଦେଇ ବୁଝାଇଥିଲେ ଯେ ଗାମୁଛା ମଝିରୁ ଫାଟିଗଲେ ଏହାକୁ ଛିଣ୍ଡାଇ ଦିଖଣ୍ଡି ତଉଲିଆ କରିଦେବା ବୁଦ୍ଧିମାନର କାର୍ଯ୍ୟ । ଅର୍ଥାତ୍ ସରୋଜ ଅନୁଭୂତିରୁ ଶ୍ରୀ ରାଜଗୋପାଳାଚାରୀ ସାଧାରଣ ଲୋକେ ବୁଝିଲା ଭଳି ନାନା ଚାଷିକି ଭାଷାରେ ଦୃଷ୍ଟାନ୍ତ ଦେଇ ଲୋକ ମନୋରଞ୍ଜନ କରିବାରେ ପଟୁ ଥିଲେ । ଯେତେବେଳେ ପଣ୍ଡିତ ନେହରୁ ନାଗପୁର କଂଗ୍ରେସରେ ଜମିଜମା ନୀତି ସଂପର୍କରେ ଜୋର ଯୁକ୍ତ ଅବହୁ ବେଶୀ ତତ୍ପର ଥିଲେ ଓ ବମ୍ବେରେ ଧନିକ ସଂପ୍ରଦାୟ କଂଗ୍ରେସ ବିରୁଦ୍ଧରେ ବିଭିନ୍ନ କ୍ଷୁଦ୍ର କ୍ଷୁଦ୍ର ଦଳକୁ ଆର୍ଥିକ ସହାୟତା ଦେଉଥିଲେ, ସେତିକିବେଳେ ମୁଁ ଶ୍ରୀ ମାଶାନୀଙ୍କୁ ପ୍ରସ୍ତାବ ଦେଲି ଯେ ଏକ କଂଗ୍ରେସର ବିକଳ୍ପ ଦଳ ଗଠନ କରିବା ଭାରତୀୟ ଲୋକତନ୍ତ୍ରକୁ ବଞ୍ଚାଇବାର ଏକମାତ୍ର ବାଟ । ଅନ୍ତତଃ କମ୍ୟୁନିଷ୍ଟ ଭୋଟ ଏହି ନୂଆ ଦଳ ପାଇବ । ସେତେବେଳେ ପ୍ରଶ୍ନ ଉଠିଲା ନେତା କିଏ ହେବ ? ଶ୍ରୀ ରାଜାଜୀଙ୍କ ଉପରେ ଦୃଷ୍ଟି ପଡ଼ିଲା । ଏହା ପୂର୍ବରୁ ବମ୍ବେରୁ ମଧ୍ୟ ତାହାଙ୍କୁ ବିରୁଦ୍ଧ ନେତୃତ୍ୱ ନେବାକୁ ଅନୁରୋଧ କରାଯାଇଥିଲା । ସେ ଅନିଚ୍ଛା ଜଣାଇଥିଲେ । କାରଣ ସେ ଭାରତୀୟ କଂଗ୍ରେସରେ ଜଣେ ପ୍ରତିଷ୍ଠିତ ନେତା । ସେ ସ୍ୱାଧୀନ ଭାରତର ଭାଇସରାୟ ହୋଇଥିଲେ ଓ ସେ କଂଗ୍ରେସ ଦଳରେ ରାଜ୍ୟ ତଥା କେନ୍ଦ୍ରର ମନ୍ତ୍ରୀ ମଧ୍ୟ ହୋଇଥିଲେ । ମାତ୍ର ଶେଷରେ ସେ ସ୍ୱତନ୍ତ୍ର ଦଳ ଗଠନରେ ଯୋଗ ଦେଇ ବମ୍ବେ ଆସିଥିଲେ । ବମ୍ବେରେ ମଧ୍ୟ ମୁଁ ତାହାଙ୍କୁ ଭେଟିଥିଲି, ସ୍ୱତନ୍ତ୍ର ଦଳ ସଭାରେ ବକ୍ତୃତା ଦେଇଥିଲି । ମାତ୍ର ମୁଁ ଏକ ସ୍ୱତନ୍ତ୍ର ମତବାଦର ପ୍ରବର୍ତ୍ତକ ହୋଇଥିବାରୁ କୌଣସି ଅନ୍ୟ ଦଳରେ ପୁରା ଯୋଗ ଦେବା ମୋ ପକ୍ଷରେ ସମ୍ଭବ ନ ଥିଲା । ମାତ୍ର ଦଳ ଗଠନରେ ମୁଁ ପୂର୍ଣ୍ଣ ପ୍ରାଣରେ ଯୋଗ ଦେଇଥିଲି । କାରଣ ମୋର ପୂର୍ଣ୍ଣ ବିଶ୍ୱାସ ଥିଲା କଂଗ୍ରେସ ଦଳର ଏକ ଟାଣୁଆ ବିରୋଧୀ ଦଳ ଆବଶ୍ୟକ । ଭାରତୀୟ ଲୋକତନ୍ତ୍ରର ସୁସ୍ଥ ବିକାଶ ଓ ଅଭିବୃଦ୍ଧି ପାଇଁ ଶ୍ରୀ ରାଜାଜୀଙ୍କ ମାଡ୍ରାସ ଘରେ ତାଙ୍କୁ ମୁଁ ଭେଟିଛି । ଦିଲ୍ଲୀ ଅଫିସରେ ତାହାଙ୍କ ସଂଗେ ଆଲୋଚନା କରିଛି । ସେ ଜାଣିଥିଲେ ଯେ ମୋର ଏକ ସ୍ୱତନ୍ତ୍ର ନୀତି ଓ ଆଦର୍ଶ ଥିଲା ଓ ଅଛି । ତେଣୁ ମୋତେ ସ୍ୱରାଜ୍ୟ ଦଳରେ ସେ ପୁରା ସାମିଲ ହେବାକୁ ଚାହିଁଥିଲେ । ତାଙ୍କର ବୟସ ହୋଇଯାଇଥିଲା, ସେ କେବଳ ସ୍ୱତନ୍ତ୍ର ଦଳରେ ମହାତ୍ମା ଗାନ୍ଧୀଙ୍କ ଭଳି ତୁଙ୍ଗ ନେତା ଥିଲେ । ସେ ଥିଲେ ସ୍ୱତନ୍ତ୍ର ଦଳର ସ୍ରଷ୍ଟା, ବନ୍ଧୁ, ପଥ ପ୍ରଦର୍ଶକ ଓ ଦାର୍ଶନିକ । ମାତ୍ର ସେ ଭାରତ ସାରା ବୁଲି ଏହି ଦଳକୁ ପୁଷ୍ଟ କରିବାକୁ ଆଉ ଶାରୀରିକ ବଳ ଓ ଶକ୍ତି ପାଇ ନ ଥିଲେ । ଏହି ହେଲା ସ୍ୱତନ୍ତ୍ର ଦଳ ଅଭିବୃଦ୍ଧିର ପ୍ରବଳ ବାଧା । ଦ୍ୱିତୀୟରେ ପୁଞ୍ଜିବାଦୀ ପ୍ରବଣତା ସ୍ୱରାଜ୍ୟ ଦଳରେ ଅତି ପ୍ରବଳ ହୋଇଗଲା । ବହୁ ରାଜା, ମହାରାଜା, ଶିଳ୍ପପତି, ବଣିକ ମଧ୍ୟ ସ୍ୱରାଜ୍ୟ ଦଳକୁ ସମର୍ଥନ ଜଣାଇଲେ । ମାତ୍ର ଦଳ ବଢି ପାରିଲା ନାହିଁ । ଏଥିରୁ ମୋତେ ଏକ ବଡ଼ ରାଜନୀତିକ ଶିକ୍ଷା ମିଳିଲା ନିଶ୍ଚୟ । ମାତ୍ର ଶ୍ରୀ ରାଜଗୋପାଳାଚାରୀଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧା ଓ ଭକ୍ତି ନ୍ୟୂନ ହେଲା ନାହିଁ । ଶ୍ରୀ ରାଜଗୋପାଳାଚାରୀଙ୍କର ଯେ ତୀକ୍ଷ୍ଣ ମେଧା, ମନସ୍ୱୀତା, ପାଣ୍ଡିତ୍ୟ ଓ ଲୋକଙ୍କୁ ପ୍ରଭାବିତ କରିବା ପାଇଁ ନେତୃତ୍ୱ ଓ ଅତି ଉଚ୍ଚ କୋଟୀର ବିଶ୍ଳେଷଣ ଶକ୍ତି ଥିଲା, ଏଥିରେ ସନ୍ଦେହ ନାହିଁ । ମାତ୍ର ଉପଯୁକ୍ତ ସଂଗଠନ ଅଭାବରୁ ସ୍ୱତନ୍ତ୍ର ଦଳର ବିଲୟ ଘଟିଲା । ଓଡ଼ିଶାରେ

'ଗଣତନ୍ତ୍ର ପରିଷଦ' ଏକ ସଂଗଠିତ ଦଳ ଥିବାରୁ ଏହା ସ୍ୱତନ୍ତ୍ର ଦଳରେ ଯୋଗ ଦେଇ ସହଜରେ ରାଜ୍ୟ-ଶାସନ ପାଇଗଲା ସତ, ମାତ୍ର ପରିଣାମ ବିଶେଷ କିଛି ଲାଭପ୍ରଦ ହେଲା ନାହିଁ । ଏହାର କାରଣ ଭାରତରେ ବର୍ତ୍ତମାନ କେନ୍ଦ୍ରୀୟ ଦଳ ଗଠନ ବ୍ୟତୀତ ଭାରତୀୟ ରାଷ୍ଟ୍ର ନୀତିକୁ ବଦଳାଇବା ଅସମ୍ଭବ । ଦିଲ୍ଲୀ ଦରବାରରେ ସବୁ ନୀତି ଗୃହୀତ ହେଉଅଛି । ରାଜ୍ୟ ସ୍ତରରେ ବିଶେଷ ନୀତି ନିୟନ୍ତ୍ରଣ ହେଉ ନାହିଁ ।

ଶ୍ରୀ ରାଜାଜୀ କେବଳ ରାଷ୍ଟ୍ରୀୟ ନେତା, ଦୂରଦ୍ରଷ୍ଟା, ସୁବକ୍ତା ଓ ତାର୍କିକ ନ ଥିଲେ, ସେ ଜଣେ ଅତି ଧୁରନ୍ଧର ଲୋକନେତା ଓ ଶାସକ ଥିଲେ । ସେ ଜଣେ ଉଚ୍ଚକୋଟୀର ସାହିତ୍ୟିକ ଓ ଲେଖକ ଥିଲେ । ସେ ପ୍ରାଚୀନ ଧର୍ମ ସାହିତ୍ୟର ଜଣେ ଆଧୁନିକ ବ୍ୟାଖ୍ୟାକାର ଓ ଟୀକାକାର ଥିଲେ । ତାହାଙ୍କ ଲିଖିତ ଇଂରାଜୀ ଓ ତାମିଲ ଭାଷାର ପୁସ୍ତକ ସବୁ ତାହାଙ୍କ ପାଣ୍ଡିତ୍ୟ ଓ ତୀକ୍ଷ୍ଣ ବୁଦ୍ଧିର ପରିଚୟ ଦିଏ । ଶ୍ରୀ ରାଜାଜୀ କେବଳ ଧର୍ମ ଶାସ୍ତ୍ରର ଆଧୁନିକ ନବୀକରଣ କରି ଭାରତୀୟମାନଙ୍କ ପାଇଁ ଲେଖି ନାହାନ୍ତି, ସେ ସମସ୍ତ ଇଂରାଜୀ-ଭାଷୀ ଲୋକମାନଙ୍କ ପାଇଁ ଭାରତୀୟ ଧର୍ମଶାସ୍ତ୍ର ଓ ପ୍ରାଚୀନ ଧର୍ମ ସାହିତ୍ୟକୁ ଲୋକମୁଖୀ ଓ ଲୋକପ୍ରିୟ କରି ଯାଇଛନ୍ତି । ତାହାଙ୍କ ରାମାୟଣ ଓ ମହାଭାରତ କାହାଣୀ ଘରେ ଘରେ ସମାଦୃତ ।

କେବଳ ଧର୍ମ ସାହିତ୍ୟ ନୁହେଁ, ଆଧୁନିକ ଭାରତକୁ ସମୃଦ୍ଧ କରିବା ପାଇଁ ତାଙ୍କ ରାଷ୍ଟ୍ରନୀତିକ ଲେଖାବଳୀ ଓ ଚିନ୍ତାଧାରାକୁ ପରିବର୍ତ୍ତିତ ପରିପ୍ରେକ୍ଷୀରେ ଅନୁସରଣ କରାଯିବା ଉଚିତ୍ । ସେ ଆଧୁନିକ ଲୋକତାନ୍ତ୍ରିକ ନିର୍ବାଚନକୁ ଧନୀ ବ୍ୟକ୍ତିମାନଙ୍କ ବାକ୍ସ ବା ଟଙ୍କାରୁ ମୁକ୍ତ କରିବାକୁ ଯେଉଁ ସବୁ ନିବନ୍ଧ ରଚନା କରିଥିଲେ, ଏବେ ତାହା ପୁସ୍ତକ ଆକାରରେ ଭାରତୀୟ ବିଦ୍ୟାଭବନ ଦ୍ୱାରା ପ୍ରକାଶିତ ହୋଇଛି । ଭାରତ ଓ ଭାରତୀୟତାର ସେ ଜଣେ ଶ୍ରେଷ୍ଠ ନେତା ଥିଲେ । 'ଧର୍ମ' ତାଙ୍କର ରାଷ୍ଟ୍ରକୁ ଛାଡ଼ି ଉଛି ନ ଥିଲା । ଧର୍ମ ବୋଲନ୍ତେ ସେ ବୁଝୁଥିଲେ ଯାହା ମଣିଷ ସମାଜ ଓ ରାଷ୍ଟ୍ରକୁ ଧାରଣ କରେ ବା ରକ୍ଷା କରେ । ଶ୍ରୀ ରାଜାଜୀ ମାନ୍ଦ୍ରାଜର ମୁଖ୍ୟମନ୍ତ୍ରୀ ଥିଲାବେଳେ ଦକ୍ଷିଣରେ ହିନ୍ଦୀ ପ୍ରଚାର ପାଇଁ ଆଗଭର ହୋଇ ଅନେକଙ୍କର ଅପ୍ରିୟ ହୋଇଥିଲେ । ମାତ୍ର ଏକ ସୁଦୃଢ଼ ରାଷ୍ଟ୍ର ଗଢ଼ିବା ପାଇଁ ଦାକ୍ଷିଣାତ୍ୟରେ ହିନ୍ଦୀ ଶିକ୍ଷା ପ୍ରଚଳନ କରିବା ଅବଶ୍ୟ ଏକ କର୍ତ୍ତବ୍ୟ ଥିଲା । ଶ୍ରୀ ରାଜାଜୀ ଦକ୍ଷିଣ ଓ ଉତ୍ତର ଭାରତ ମଧ୍ୟରେ ଏକ ସାଂସ୍କୃତିକ ସେତୁ ନିର୍ମାଣ କରିବାକୁ ସକ୍ଷମ ହୋଇଥିଲେ । ସେ ଭାରତର ଏକତା, ଦୃଢ଼ତା ଓ ସ୍ୱାଧୀନତା ପାଇଁ ଅକ୍ଳାନ୍ତ ଉଦ୍ୟମ କରି ଯଶସ୍ୱୀ ହୋଇ ଅଛନ୍ତି ।

କଠୋର ଭାବରେ ଭାରତୀୟ ଆଦର୍ଶର ଅନୁସରଣ କରି ରାଜାଜୀ ଅତି ନିରାଡ଼ମ୍ବର ଜୀବନ ଯାପନ କରୁଥିଲେ । ସେ ପ୍ରାଚୀନ ଋଷିମାନଙ୍କ ଭଳି ଉଚ୍ଚ ଚିନ୍ତା ଓ ସାହିତ୍ୟ ପରିବେଷଣ କରୁଥିଲେ । ଶ୍ରୀ ରାଜାଜୀ ଆଜି ମୃତ୍ୟୁ ବରଣ କରି ମଧ୍ୟ ଅମର । ସେ ନିଜେ ବ୍ରାହ୍ମଣ କୁଳର ହୋଇ ମଧ୍ୟ ତାହାଙ୍କ କନ୍ୟାକୁ ମହାତ୍ମା ଗାନ୍ଧୀଙ୍କ ପୁତ୍ର ସହିତ ବିଭା ଦେଇଥିଲେ । ଶ୍ରୀ ରାଜାଜୀ ଜଣେ ଆଦର୍ଶ ଶାସକ ଓ ଭାବୁକ ଥିଲେ । ଭାରତ ବହୁବର୍ଷ ପର୍ଯ୍ୟନ୍ତ ତାହାଙ୍କ ଲେଖାବଳୀ ଓ ସାହିତ୍ୟରୁ ଅଗ୍ରଗତିର ପ୍ରେରଣା ଲାଭ କରିବ ବୋଲି ବିଶ୍ୱାସ ।

## ଅତ୍ରି ପର୍ଯ୍ୟଟନ କେନ୍ଦ୍ରର ବିକାଶ

ପୁରୀ ଜିଲ୍ଲା ଖୋର୍ଦ୍ଧା ସବ୍‌ଡ଼ିଭିଜନର ଅତ୍ରି ଉଷ୍ଣ ପ୍ରସ୍ରବଣ ଠାରେ ଏକ ପର୍ଯ୍ୟଟନ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି ଏବଂ ଏ ଦିଗରେ ପ୍ରାଥମିକ ପଦକ୍ଷେପ ସ୍ୱରୂପ ସେଠାରେ ସ୍ନାନାଗାର ନିର୍ମାଣ ଓ ଅନ୍ୟାନ୍ୟ ଆନୁଷଂଗିକ ବ୍ୟବସ୍ଥା ପାଇଁ ୧୩ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ।

ପ୍ରଥମ ପର୍ଯ୍ୟାୟରେ ଏହି ଉଷ୍ଣ ପ୍ରସ୍ରବଣକୁ ବନ୍ୟାଜଳ ପ୍ରକୋପରୁ ରକ୍ଷା କରିବା ପାଇଁ ଏକ ଘେରି ବନ୍ଧ ନିର୍ମାଣ କରାଯିବ । ଏଠାରେ ସ୍ନାନାଗାର, ରେଷ୍ଟୁରାଣ୍ଟ ଓ ଜଳ ଭଣ୍ଡାର ମଧ୍ୟ ନିର୍ମାଣ କରାଯିବ ।

ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଅତ୍ରିଠାରେ ଏକ ପାନ୍ଥ ନିବାସ ନିର୍ମାଣ ଓ ବିଦେଶୀ ପର୍ଯ୍ୟଟକମାନଙ୍କ ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ବ୍ୟବସ୍ଥା କରାଯିବ ।

ଅତ୍ରି ସମେତ ବରୁଣେଇ ଓ କଣ୍ଟିଲୋକୁ ନେଇ ଏକ ସମନ୍ୱିତ ପର୍ଯ୍ୟଟନ କେନ୍ଦ୍ର ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର କଣ୍ଟିଲୋ ଠାରେ ଏକ ନୂତନ ପାନ୍ଥ ନିବାସ ନିର୍ମାଣ ଓ ବରୁଣେଇ ରାଜସ୍ୱ ବିଭାଗ ଡ଼ାକ ବଙ୍ଗଳାକୁ ପାନ୍ଥ ନିବାସରେ ପରିଣତ କରିବାକୁ ପ୍ରସ୍ତାବ କରିଛନ୍ତି ।

# ନର୍ଗରନ କାହାଣୀ


ମୂଳ ରଚନା
ଚକ୍ରବର୍ତ୍ତୀ
ରାଜଗୋପାଳାଚାରୀ

ଅନୁବାଦ
ଶ୍ରୀ ରମେଶ ଚନ୍ଦ୍ର ଧଳ


କୋଟୁର ଜିଲ୍ଲାର ମୁଖ୍ୟ ସହର ମଧ୍ୟ କୋଟକୁ ନାମରେ ପରିଚିତ ଥିଲା । ସେଠାରେ ଥିବା ହରିଜନବସ୍ତିର ନାମ ଥିଲା କଣ୍ଣାଚେରି । ଏବେ କିନ୍ତୁ ବିଭିନ୍ନ ନାମରେ ସେ ବସ୍ତିଗୁଡ଼ିକ ପରିଚିତ । ହେମସ୍‌ପେଟ୍‌ରେ ତିରିଶଗୋଟି ହରିଜନ ପରିବାର ବସତି ସ୍ଥାପନ କରି ରହିଥିଲେ । ସେମାନଙ୍କ ମଧ୍ୟରୁ କେବଳ ସିଙ୍ଗନ ଭଲରେ ଚଳଂତଳ କରୁଥିଲା । ହେମ୍‌ସ୍‌ପେଟ୍‌ର ଅଧିକାଂଶ ହରିଜନ ଦୂରି ସେନାର ପାହାଡରେ ଗଛ ଲଗାଇ ଦିନ ମଜୁରିଆ ଭାବରେ ସେମାନଙ୍କ ପରିବାର ଭରଣପୋଷଣ କରୁଥିଲେ । ସିଙ୍ଗନ କିନ୍ତୁ ଦୂରି କାମ କରୁ ନଥିଲା । ସେ ନିକଟବର୍ତ୍ତୀ ବଜାରମାନଙ୍କରୁ ଜିନିଷପତ୍ର ଆଣି କୋଟୁରରେ ଥିବା କଫି, 'ଟି' ବଗିଚାର ଇଂରେଜ ମାଲିକମାନଙ୍କୁ ଅଳ୍ପ ଲାଭ ରଖି ଜିନିଷପତ୍ର ଯୋଗାଉ ସେଥିରୁ ସେ ବେଶ ଦୁଇ ପଇସା ପାଉଥିଲା । ସେ ପାହାଡ ଉପରେ ବସବାସ କରିଥିବା ସମସ୍ତ ଇଂରେଜ ଓ ଭଦ୍ରମହିଳାମାନଙ୍କର ତା ପ୍ରତି ସହାନୁଭୂତି ଥିଲା । ତା ଉପରେ ସମସ୍ତଙ୍କର ଯଥେଷ୍ଟ ଆସ୍ଥା ଥିଲା ।

କୋଟରୁ ଡିସପାଳ ମଧ୍ୟ ସରଳସହଜ ସିଙ୍ଗନର ସଚ୍ଚୋଟପଣିଆ ଓ ଅନ୍ୟାନ୍ୟ ସଦ୍‌ଗୁଣ ସଂପର୍କରେ ସମ୍ବାଦ ପାଇ ପାରିଥିଲେ । ମୁନିସିପାଲ ବୋର୍ଡର ହରିଜନ ସଟ୍ ଯେତେବେଳେ ଖାଲି ପଡ଼ିଲା ଓ ତାହା ପୂରଣ ହେବା କଥା ଉଠିଲା ଜିଲ୍ଲା ପୁଲିସ ଅଧ୍ୟକ୍ଷ, ଜିଲ୍ଲା ମେଡ଼ିକାଲ ଅଫିସର ଓ ଲଣ୍ଡନ ମିଶନ ପାଦ୍ରୀ ଇଂରାଜୀ କ୍ଳବରେ ମଦ ପରସୁଥିବା ବାର୍ଟି ସ୍ୱାମୀ ପିଲାନକୁ ସେ ସ୍ଥାନରେ ମନୋନୀତ କରିବା ଲାଗି ପ୍ରସ୍ତାବ ଜିଲ୍ଲାପାଳଙ୍କ ଉପରେ ପକାଇଲେ । କିନ୍ତୁ ଜିଲ୍ଲାପାଳଙ୍କ ସ୍ତ୍ରୀ ଏହି ପ୍ରସ୍ତାବକୁ ନାକଚ କରିଦେଲେ । ସେ କହିଲେ ପାହାଡ ଉପରେ ଥିବା ସମସ୍ତ ଶ୍ୱେତାଙ୍ଗିନୀମାନେ ସରଳସହଜ ସିଙ୍ଗନର ନାମ ଏଥିଲାଗି ପ୍ରସ୍ତାବିତ କରୁଛନ୍ତି । ତେଣୁ ସେ ସ୍ଥାନରେ ତାକୁ ମନୋନୀତ କରାଯିବା ଉଚିତ । ସମସ୍ତେ ଯାହା କହୁଛନ୍ତି ତାହା ସେ ଠିକ୍ ଏକଥା ସ୍ୱାମୀଙ୍କୁ ବୁଝାଇ ଦେବାଟା ସ୍ୱାଭାବିକ କଥା । ଅନ୍ୟାନ୍ୟ ଅଫିସରମାନଙ୍କୁ ଜିଲ୍ଲାପାଳ କହିଥିଲେ, ଆପଣମାନେ ବୁଝିନାହାନ୍ତି ଆମେ ଯଦି କ୍ଳବର ମଦପରସିଥିବା ସେବକଟିକୁ ମନୋନୀତ କରିଦେବା ତେବେ ଟାଉନ୍‌ର ଦେଶପ୍ରେମୀମାନେ ଆନ୍ଦୋଳନ କରିବେ । ଅଯଥା ଗୋଳମାଳ ହେବ । ଆମେ ଯାହା କିଛି କରିବା ଚତୁରତାର ସହିତ କରିବା । ତାପରେ ଅନ୍ୟ ଯେଉଁ ସବୁ ଆପତ୍ତିଗୁଡ଼ିକ ତାର ସମାଧାନ କରିବା ପରେ ସେ ସିଙ୍ଗନକୁ ମନୋନୀତ କଲେ । ସେହି ମୁହୂର୍ତ୍ତରୁ ସିଙ୍ଗନର ଅବନତି ହେବାକୁ ଆରମ୍ଭ କଲା । ସେ ଜଣେ ସମ୍ମାନୀତ ବ୍ୟକ୍ତି ହୋଇଗଲା । ଜିଲ୍ଲାପାଳ ଓ ଅନ୍ୟାନ୍ୟ ବଡ଼ ବଡ଼ ଅଫିସରମାନେ ତା ସଙ୍ଗେ ହାତ ମିଳାଇଲେ, କଥାବାର୍ତ୍ତା କଲେ । ବଡଲୋକ ହୋଇଯିବା ପରେ ସେ ଆଉ ତାର ବ୍ୟବସାୟ ଦେଖାଶୁଣା କରିପାରିଲା ନାହିଁ । ନିଜେ ନଯାଇ ତା ଜିନିଷପତ୍ର କିଣିବାକୁ ସେ ତାର ପୁତୁରା ବରଦନକୁ ପଠାଇଲା । ପାହାଡ ଉପରକୁ ସେ କେବେକେବେ କିପରି ଯାଏ । ବରଦନକୁ ସେ ସେଠାକୁ ସବୁ କାମରେ ପଠାଏ । ଯାହା ଲାଭ ହୁଏ ସେଥିରୁ ଗୋଟାଏ ଭାଗ ସେ ତା ପୁତୁରାକୁ ଦିଏ । ତାର ବ୍ୟବସାୟ ପ୍ରତି ଧ୍ୟାନ ଦେବା କମିବା ସଙ୍ଗେ ସଙ୍ଗେ ଲାଭ ହେବା ମଧ୍ୟ କମିବାକୁ ଲାଗିଲା । ପରିବାରର ପରିପୋଷଣ ପାଇଁ ଅଭାବ ହେବାରୁ ସେ ଉପକାରୀ ବ୍ୟବସାୟୀମାନଙ୍କର ସ୍ତ୍ରୀମାନେ ତାକୁ ଦେଉଥିବା ଅଗ୍ରୀମ ଟଙ୍କାରୁ ସେ ଖର୍ଚ୍ଚ କରିବାକୁ ଆରମ୍ଭ କଲା । ପୁରାତନ ଏବଂ ବିଶ୍ୱାସୀ ଗ୍ରାହକ ହୋଇଥିବାରୁ ଓ ମ୍ୟୁନିସିପାଲିଟିରେ କାଉନ୍‌ସିଲର ଥିବାରୁ ଦୋକାନୀମାନେ ବାକିରେ ତାକୁ ଜିନିଷପତ୍ର ଦେଉଥିଲେ । ସ୍ତ୍ରୀ ଲୋକମାନଙ୍କୁ ହିସାବ ଦେବାବେଳେ ତାକୁ କେତେକ ମିଛ କଥା କହିବାକୁ ପଡ଼ୁଥିଲା । ଛୋଟ ହେଉ ବଡ ହେଉ ବ୍ୟବସାୟରେ ଅସାଧୁତା ଅଚିରେ ଅବ୍ୟାପାର ସୃଷ୍ଟି କରେ ଏବଂ ମାଲିକକୁ ଅସମ୍ଭବ ଭାବେ ଦରିଦ୍ର କରେ । ପୂର୍ବରୁ ସିଙ୍ଗନ ପ୍ରତି ଅନ୍ୟମାନଙ୍କର ଯେଉଁ ସମ୍ମାନ ଥିଲା ତାହା ଧୀରେ ଧୀରେ ହ୍ରାସ ହେବାକୁ ଲାଗିଲା । ଅର୍ଥ ଆତୁରିକତା ଓ ଅର୍ଥକ ପରିହାସରେ ସିଙ୍ଗନ ଟାଉନ୍ କାଉନ୍‌ସିଲରମାନଙ୍କ ମଧ୍ୟରେ ସଚ୍ଚୋଟ ବୋଲି କେବେ କେବେ ଯେଉଁ ମତାମତ ଶୁଣା ଯାଉଥିଲା ତାହା ମଧ୍ୟ ଆଉ ଶୁଣାଗଲା ନାହିଁ ।

ମ୍ୟୁନିସିପାଲିଟିର ସଭାପତି ଗୋପାଳ ଚେଟିୟାରଙ୍କର ହଠାତ୍ ପରଲୋକ ହୋଇଗଲା । ତାଙ୍କ ସ୍ଥାନରେ ନୂଆ ସଭାପତି ନିର୍ବାଚନ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଗଲା । ବଡ ସୂତା ବ୍ୟବସାୟୀ ଧନପାଳ ଚେଟିୟାର ନିର୍ବାଚନରେ ଠିଆ ହେଲେ । ଓକିଲ ରାମସ୍ୱାମୀ ମୁଦାଲିୟାର ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦୀଭାବେ ପ୍ରତିଦ୍ୱନ୍ଦ୍ୱୀତା କଲେ । ବଜାରରେ ଓ ଓକିଲମାନଙ୍କ ମଧ୍ୟରେ ଦୀର୍ଘ ମାସ ଧରି ଏହି ନିର୍ବାଚନ କେବଳ ଆଲୋଚନାର ବିଷୟ ହୋଇ ରହିଲା ।

ଭୋଟ ଯୋଗାଡ଼ ଚାଲିଲା । ନିର୍ବାଚନର ଚାରିଦିନ ପୂର୍ବରୁ ଟଙ୍କା ଦିଆନିଆ ହେଉଥିବା କଥା ଅନ୍ୟମାନେ କୁହାକୁହି ହେଲେ । କେତେକ କହିଲେ ଚେଟିୟାର ପ୍ରତି କାଉନ୍‌ସିଲରଙ୍କୁ ଏକ ହଜାର ଟଙ୍କା ଦେବ ବୋଲି ଠିକ୍ କରିଛି । ଏହା କେତେକାଂଶରେ ସତ ଓ କେତେକାଂଶରେ ମିଛ । ମୁଦାଲିୟର ସ୍ପଷ୍ଟ ଭାବେ କହିଦେଲେ

ଯେ ସେ କେବେ ଏପରି ପନ୍ଥାର ଅନୁସରଣ କରିବେ ନାହିଁ । ଏହା ତାଙ୍କର ବନ୍ଧୁମାନଙ୍କୁ ଶିଥିଳ କରି ପକାଉଛ । ସେମାନଙ୍କ ପରାମର୍ଶ ପ୍ରତି କର୍ଣ୍ଣପାତ ନକରି ଆପଣା ନିଷ୍ପତ୍ତିରେ ସେ ଅଟଳ ରହିଲେ । ସୋମବାର ଦିନ ସକାଳ ଆଠଟା ବେଳେ ନିର୍ବାଚନ ଆରମ୍ଭ ହେବ । ତା' ପୂର୍ବଦିନ ରବିବାର ରାତି ଆଠଟା ବେଳେ ରାମସ୍ୱାମୀ ମୁଦାଲିୟରଙ୍କ ଅନ୍ତରଙ୍ଗ ବନ୍ଧୁମାନେ ତାଙ୍କ ଘରଠାରେ ଜମାହେଲେ ।

ନାସ ବ୍ୟବସାୟୀ ରଙ୍ଗାପିଲ୍ଲଇ କହିଲେ "ତୁମର ଅନଶନ ଏହା ଦ୍ୱାରା କିଛି କ୍ଷତି ହେବ ନାହିଁ । ଆମେ କେବଳ ଯାହା ଅପମାନିତ ହେବୁ ।"

ଦୋକାନୀ ସୀତାରାମାୟାର୍ କହିଲ ଏଥିରେ ହାରିବା ପରେ ଆମେ କ'ଣ ଆଉ କୋର୍ଟରେ ରହି ପାରିବୁ ? ଆମକୁ ଅନ୍ୟତ୍ର ସ୍ଥିତି ନେବାକୁ ପଡ଼ିବ । ବୀର ରାଘବ ଚେଟିୟାର ପଡ଼ିଲେ ଆମ ସମସ୍ତଙ୍କୁ ଏପରି ଅପମାନଜନକ ପରିସ୍ଥିତିକୁ ଟାଣି ଆଣିବାଟା କ'ଣ ତୁମର ଠିକ୍ ହେଲ ? ସେଠାରେ ଉପସ୍ଥିତ ଥିବା ଶେଷ ଭଦ୍ରଲୋକ ଜଣକ ହେଉଛନ୍ତି ଧନପାଳ ଚେଟିୟାରଙ୍କ ଶାଳକ । ତା' ପୂର୍ବରୁ ଦୁହେଁ ମିଶି ବ୍ୟବସାୟ କରୁଥିଲେ । ମାତ୍ର ବ୍ୟବସାୟ ପୃଥକ ହୋଇଯିବା ଦିନଠୁ ସେ ଦୁହେଁ ପରସ୍ପରର ଚରମ ଶତ୍ରୁ ହୋଇ ପଡ଼ିଛନ୍ତି ।

ମୁଦାଲିୟର କୌଣସି ଉତ୍ତର ଦେଉ ନଥାନ୍ତି ।

ସୀତାରାମାୟାର ପୁଣି କହିଲ ଆମେ ତେବେ କେବଳ ଏହି ପରି ଚୁପଚାପ୍ ଦେଖୁଥିବା ? ସେ ସର୍ବସାଧାରଣଙ୍କୁ ଦୁର୍ନୀତିଗ୍ରସ୍ତ କରି ମ୍ୟୁନିସିପାଲିଟିକୁ ନଷ୍ଟଭ୍ରଷ୍ଟ କରି ଦେବ ।

ମୁଦାଲିୟର କହିଲେ ବର୍ତ୍ତମାନ ଯେପରି ଦୁର୍ନୀତି ଲାଗିଛି ତାକୁ କିପରି ନିରୋଧ କରାଯାଇ ପାରିବ ? ଆଗବେଳେ ସଭାପତିମାନେ ଅଧିକ ସମ୍ମାନାସ୍ପଦ ବ୍ୟକ୍ତି ଥିଲେ । ବର୍ତ୍ତମାନ ସଦ୍ଗୁଣ ଲୋକମାନଙ୍କର କେଉଁଠି ହେଲେ ସ୍ଥାନ ନାହିଁ ।

ଆୟୁର୍ବେଦ- ଡାକ୍ତର ର ଶ ବା ସ୍ୱ ଗୀ କହିଲେ-ବୁଝିଲ, "ବିଷକୁ ବିଷ କାଟେ" । ତୁମେ ଏ କ୍ଷେତ୍ରରେ ଅଧିକ ଆଗ୍ରହ ପ୍ରକାଶ କରିବା ଉଚିତ । ଏପରି ଉଦାସୀନ ଭାବରେ କାମ ହେବ ନାହିଁ ।

ଦୁଇ ମିନିଟ୍ ପରେ ଘଣ୍ଟାରେ ନଅ ବାଜିଲ । ସୀତାରାମ ଉଠିପଡ଼ି କହିଲେ "ଉଠିବେ ସୁହିଁ । ଘଣ୍ଟା ଆମକୁ ଶୁଭ ସଙ୍କେତ ଦେଖାଉଛି । ଆମର ଆଉ ସମୟ ନଷ୍ଟ କରିବା ଅନୁଚିତ । ମୁଦାଲିୟରଙ୍କ କାନ୍ଧରେ ହାତ ପକାଇ ସେ ତାଙ୍କୁ ତାଙ୍କର ଅଫିସ ଘରକୁ ନେଇଗଲେ ।

ସେଠାରେ ସେ ଦୁହେଁ ଘଣ୍ଟାଏ ଆଲୋଚନା କଲେ । ତା ପରେ ସୀତାରାମାୟାର ହସି ହସି ଘର ବାହାରକୁ ଆସି ସମସ୍ତଙ୍କୁ କହିଲେ, ସବୁ ଠିକ ଅଛି । କାମ ହୋଇଗଲା । ବର୍ତ୍ତମାନ ଯାହା ପ୍ରୟୋଜନ ଆମେ ତାହା କରି ପାରିବା । ଆଉ ମାତ୍ର ଗୋଟିଏ ରାତି ରହିଲ । ଏକଥା ଶୁଣି ସମସ୍ତେ ଖୁସି ହୋଇଗଲେ ।

ସାଢ଼େ ରାତି ମଟରକାର୍ ଧାଇଁଲ । ରାତି ଦିଟା ବେଳକୁ ମୁଦାଲିୟରଙ୍କ ଘରେ ସମ୍ବାଦ ପହଞ୍ଚିଲ ୩୪ ଜଣ କାଉନ୍ସିଲରଙ୍କ ଭିତରୁ ୧୭ ଜଣ ତାଙ୍କୁ ସମର୍ଥନ ଜଣାଉଛନ୍ତି । ସେମାନଙ୍କ ଭିତରୁ ଦଶଜଣ ଚେଟିୟାରଙ୍କୁ ଟଙ୍କା ଫେରାଇ ଦେଉଛନ୍ତି । ସାତଜଣ କେଉଁ ପକ୍ଷରୁ ଟଙ୍କା ନେବେ ନାହିଁ ମାତ୍ର ମୁଦାଲିୟରଙ୍କୁ ସମର୍ଥନ କରିବେ ବୋଲି ଜଣାଇ ଦେଉଛନ୍ତି । ସେମାନଙ୍କର ଆଉ ମାତ୍ର ଗୋଟିଏ ଭୋଟ ଦରକାର । ସେଥିପାଇଁ ନିର୍ଣ୍ଣିତ ହେବାକୁ ହେବ । ବାକି ଯେଉଁ ଅଠର ଜଣ ରହିଗଲେ ସେମାନଙ୍କ ଭିତରୁ ଜଣେ ବ୍ୟବସାୟପାଇଁ ନେପାଳ ଚମ୍ପି ଯାଇଛନ୍ତି । ତା ପରଦିନ ଫେରିଆସିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ । ଧନପାଳ ପାଇଁ ଆଉ ଷୋଳ ଜଣ ରହିଲେ । ସେମାନଙ୍କୁ କୌଣସି ମତେ ଏପଟସେପଟ କରି ହେବ ନାହିଁ । କେବଳ ସିଙ୍ଗାରନ ଭୋଟଟି ରହିଲ । ତା ଭୋଟ ନେଇ କିଛି ନିଶ୍ଚିତ ହୋଇ ହେଲ ନାହିଁ । ସବୁଆଡ଼େ ଖୋଜାଖୋଜିକରି ତାକୁ କେବଳ ପାଇ ହେଲ ନାହିଁ । ସେ ପାହାଡ଼ ଉପରକୁ ଯାଇଛି ବୋଲି ସମ୍ବାଦ ମିଳିଲ ।

ତା ସାଙ୍ଗ ଘର ମୁନିସ୍ୱାମୀ ଯିଏ ମାଷ୍ଟ ଅଛି ତାକୁ ତା ଘର ବିଷୟରେ ପଚାରି ଥିଲ କି ? ବୋଲି ନାସ ମିଲର ରଙ୍ଗାପାଲି ପଚାରିଲ । "ହଁ ଆମେ ତାକୁ ପଚାରିଥିଲୁ । ସେ ଥରକେ ପ୍ରକାରେ କହିଲ । ଥରେ କହିଲ; ସିଙ୍ଗାରନ ହୁଏତ ପାହାଡ଼ ଉପରକୁ ଯାଇଛି । ଆଉ ଥରେ କହିଲ ସେ ଘର ଭିତରେ କେଉଁଠି ଲୁଚିଛି । ଏହି ଅବ୍ୟାପାରରେ ଗରିବ ଲୋକମାନେ କାହିଁକି ଲଗିବାର ହେବେ ? ସେମାନଙ୍କୁ ଗୁପ୍ତକଟରୁ ହେବାକୁ ହେବ । ସେମାନେ ଜଣକୁ ସାହାଯ୍ୟ କଲେ ଅନ୍ୟ ଜଣକର ସେମାନେ ଅଯଥା କ୍ରୋଧର କାରଣ ହେବେ ।

ସୀତାରାମାୟାର୍ କହିଲେ ଏଥିରୁ ମନେ ହେଉଛି ଆମର ଚରମ ଉଦ୍ୟମ ସତ୍ତ୍ୱେ ଫଳ କିଛି ହେବ ନାହିଁ ।

ରଙ୍ଗାପିଲ୍ଲଇ ଠିଆ ହୋଇ ଖୁବ୍ ରାଗରେ କହିଲେ, "ନିରାଶ ହୋଇ ପଡ଼ିବାରେ ଲାଭ କଣ ?"

ସୀତାରାମାୟାର୍ ଓଲଟି କହିଲେ, ତୁମେ ତେବେ ନିଜେ ଚେଷ୍ଟା କରୁନାହଁ କାହିଁକି ?

ରଙ୍ଗାପିଲ୍ଲଇ କହିଲେ—ଆମେ ଗରିବ ଲୋକ । ଆମକୁ କିଏ ବିଶ୍ୱାସ କରିବ ? ସୀତାରାମାୟାର୍ କହିଲେ ମୁଦାଲିୟର୍ ଏବେ ରଙ୍ଗାପିଲ୍ଲଇ ସବୁ ବୁଝାବୁଝି କରନ୍ତୁ । ମୁଁ ଏଣିକି ଆଉ କିଛି କରିବି ନାହିଁ । ମୁଁ ସବୁକଥାରୁ ଦୂରେଇ ଯାଉଛି ।

ସୀତାରାମାୟାର୍‌କୁ ଠେଲି ନିଜ ଆସନରେ ବସାଇ ଦେଇ ବୀର ରାଘବ ଚେଟିୟାର୍ କହିଲେ କଳିଗୋଳ ହେବାର ବେଳ ଏ ନୁହେଁ ; ସେ ମୁଦାଲିୟର୍ ପାଖକୁ ଯାଇ କହିଲ । ଏ କାରବାରରେ ଆମର ମୋଟେ ପଶିବା ଉଚିତ ନଥିଲ । ଥରେ ଯେତେବେଳେ ପଶିଛେ ଜିତିବା ପର୍ଯ୍ୟନ୍ତ ଆମେ ଚେଷ୍ଟା ଚଳାଇବା ଉଚିତ । ହାତରେ ଯାହା ପଡ଼ିଛି ପାର୍ଟି କ'ଣ ସେକଥା ଜାଣିବ ନାହିଁ । ସିଙ୍ଗାରନ କଥା ବୁଝିବା ଦାୟିତ୍ୱ ରଙ୍ଗାପିଲ୍ଲଇଙ୍କୁ ଦେଇଦିଅ । ଉପରେ ଭଗବାନ ଅଛନ୍ତି । ଆମେ ନିଶ୍ଚୟ ଜିତିବା । ଏକଥା ଶୁଣି ମୁଦାଲିୟର୍ ଉତ୍ସାହିତ ହେଲେ । ସେ ଘର ଭିତରକୁ ଗଲେ । ଘର ଭିତରେ ଗୋଟିଏ ବାକ୍ସ ଖୋଲି ବନ୍ଦ କରିବାର ଶବ୍ଦ ସେମାନେ ବାହାରୁ ଶୁଣି ପାରିଲେ । ସେ ହାତରେ ଗୋଟିଏ ମୁଣା ଧରି ପଦାକୁ ଆସିଲେ । ରଙ୍ଗାପିଲ୍ଲଇକୁ ସଙ୍ଗରେ ନେଇ ଆଉ ଏକ ଘର ଭିତରକୁ ପଶିଲେ ।

ନାସ ବ୍ୟବସାୟୀ କେମ୍ବବେଟ୍ ଗଲ । ସେ ସେଠାରେ ମୁନିସ୍ୱାମୀକୁ ଦେଖି କିଛି କଥାବାର୍ତ୍ତା ନକରି ସିଧା ଶହେଟା ରୂପାଟଙ୍କା ଯାହା ପାଞ୍ଚଗୋଟି କାଗଜ ପ୍ୟାକେଟରେ ଗୁଡ଼ା ହୋଇଥିଲା ତାକୁ ଧରାଇଦେଲା । ମୁନିସ୍ୱାମୀ ତା ଜୀବନରେ ସ୍ୱପ୍ନରେ ବି ଏତେ ଗୁଡ଼ାଏ ରୂପା ଟଙ୍କା ଏକ ସମୟରେ ଦେଖି ନ ଥିଲ । ସେ ଆବାକାବା ହୋଇ ରଙ୍ଗାପିଲ୍ଲାଇକୁ କେବଳ ଚାହିଁ ରହିଲା । ରଙ୍ଗାପିଲ୍ଲାଇ କହିଲା ଅନେକ ଲୋକ ତୋତେ କହିଥିବେ । କିନ୍ତୁ ଆଜିକାଲି କେଉଁଜଣ ଗରିବ ଲୋକକୁ ବିଶ୍ୱାସ କରନ୍ତି ? ସାହାଯ୍ୟ କରନ୍ତି ? ଗରିବ ଲୋକ କିପରି ଅସୁବିଧାର ସମ୍ମୁଖୀନ ହୁଏ ଅନ୍ୟ କିଏ କାହିଁକି ବୁଝିବ । ଆମେ ଭୋଟରେ ଜିତିଲୁ କିମ୍ବା ହାରିଲୁ ସେଥିରେ କିଛି ଯାଏ ଆସେ ନାହିଁ । ଏ ଟଙ୍କା ତୋର । କିନ୍ତୁ ତୁ ସତ କହ, ସିଙ୍ଗାରନ କେଉଁଠି ? ମୁନିସ୍ୱାମୀ କହିଲ ମୁଁ ତୁମକୁ କେବେ ମିଛ କହିବି ନାହିଁ । ଧନପାଳ ଚେଟିୟାର ତାକୁ ନେଇ ତା ଘୋଡ଼ାଶାଳରେ ତାଲ ପକାଇ ବନ୍ଦ କରି ରଖିଛି । ସେଠାରେ ବି ଲୋକ ଜଗିଛନ୍ତି । ତା' ଉପରେ ଚେଟିୟାର୍ ଦେଢ଼ଶହ ଟଙ୍କା ପାପ୍ୟ ଅଛି । ତମେ କ'ଣ ଏ କଥା ଜାଣ ନାହିଁ । ଆସନ୍ତା କାଲି ସେମାନେ ତାକୁ ସାଙ୍ଗରେ ମ୍ୟୁନିସିପାଲିଟି ଅଫିସକୁ ନେବେ ।

ରଙ୍ଗାପିଲଇ କହିଲ ମୁନିସ୍ୱାମୀ, ମୁଁ ଯାହା ତୋତେ କହୁଛି ତୁ ସେହି ଅନୁସାରେ କାମ କର । କାମଲଗି କେତେ ଖର୍ଚ୍ଚ ହେବ ସେଥିରେ କିଛି ଯାଏ ଆସେ ନାହିଁ ।

କିଛି ସମୟ ସେମାନେ ଫସଫାସ ହେଲେ । ମୁନିସ୍ୱାମୀ କହିଲ ତୁମେ ଏଠାରେ ଥାଅ । ତା ପରେ ମୁନିସ୍ୱାମୀ ସିରାଙ୍ଗନ ଘର ଭିତରେ ପଶିଲ ।

ସିରାଙ୍ଗନର୍ ବୁଢ଼ୀମା ସଙ୍ଗେ କିଛି ସମୟ କଥା ହେଲ ପରେ ସେ ପଦାକୁ ଆସିଲ । ଚେରି ମାରିଆମ୍ମା ମନ୍ଦିର ସମ୍ମୁଖ-ରେ ଥିବା ପଥର ତିଆରି ବେଞ୍ଚ ଉପରେ ରଙ୍ଗାପିଲଇକୁ ବସାଇ ଦେଇ ସେ ଯେଉଁ ଗାଡ଼ି ଧରି ଆସିଥିଲ ସେ ଗାଡ଼ିରେ ବସି ଧନପାଳ ଚେଟିୟାର ଘରକୁ ଗଲ ।

ଧନପାଳ ଚେଟିୟାର୍ ତାଙ୍କ ପୋର୍ଟିକୋ ତଳେ ତାଙ୍କ ସାଙ୍ଗମାନଙ୍କ ସହିତ ବେଞ୍ଚ ଉପରେ ବସିଥିଲେ । ଗୋଟିଏ ଲଣ୍ଠନ ଜାଳି ସେମାନେ ପେନ୍‌ସିଲରେ କ'ଣ ଲେଖାଲେଖି କରୁଥିଲେ । ମୁନିସ୍ୱାମୀ ଗାଡ଼ିରୁ ଓହ୍ଲାଇ ସିଧାଯାଇ ଚେଟିୟାର୍ ପାଦତଳେ ପଡ଼ିଯାଇ କହିଲ, ଆପଣଙ୍କୁ ଏପରି ଅବେଳରେ ଆସି କହୁଛି ମୋତେ ଏଥିପାଇଁ କ୍ଷମା କରିବେ । ସିରାଙ୍ଗନର ମା ମରିଯିବ । ଆମେ ଏଠୁ ଫେରିଗଲ ବେଳକୁ ସେ ସେ ଜୀବନରେ ଥିବ ସେ କଥା ମୁଁ ଭାବି ପାରୁନାହିଁ । ଆପଣ ଦୟାକରି ସିରାଙ୍ଗନକୁ ତା ମାକୁ ଦେଖିବା ଲଗି ଛାଡ଼ି ଦିଅନ୍ତୁ । ଧନପାଳ ଚେଟିୟାର୍ ପଚାରିଲେ–ହଠାତ୍ ବୁଢ଼ୀର ଏପରି କ'ଣ ହେଲ? ସବୁ ବାଜେ କଥା । ମୁଦାଲିୟର୍ ତୁମକୁ ଏଠିକି ପଠାଇ ନାହିଁତ ? "ଉପରେ ଭଗବାନ କେବଳ ସବୁ ଜାଣନ୍ତି..। ମିଛ କହି କ'ଣ ଆମେ ଏଥିରୁ ରକ୍ଷା ପାଇ ପାରିବୁ? ସତରେ ବୁଢ଼ୀକୁ ଝାଡ଼ା ହେଉଛି । ସେ ଆଉ ବଞ୍ଚିବ ନାହିଁ । ଗଲ କାଲିଠୁ ଆଜି ଭିତରେ ସେ କୋଡ଼ିଏ ଥର ଝାଡ଼ା ଗଲଣି । ସେ ଏବେ ଅଚେତ ହୋଇ ପଡିଛି । ମୁଁ ଆପଣଙ୍କୁ ନେହୁରା ହୋଇ କହୁଛି ମୋ ଭାଇକୁ କୌଣସି ମତେ ଛାଡ଼ି ଦିଅନ୍ତୁ । ନହେଲେ ମୋ ମା'ର ଆତ୍ମା ଅତିକଷ୍ଟ ଭୋଗିବ କହି ସେ ଅତି କରୁଣ-ଭାବେ କାନ୍ଦିବାକୁ ଲଗିଲ ।

ଚେଟିୟାର୍ ତାଙ୍କ କିରାଣୀ ଶ୍ରୀନିବାସ ଆୟାରକୁ ଡାକି କହିଲେ ଠିକ୍ ଅଛି ତୁମେ ସିରାଙ୍ଗନ ସାଙ୍ଗେ ଯାଇ ଦେଖ ପ୍ରକୃତରେ କ'ଣ ହୋଇଛି । ସେଠାରୁ ଫେରି ଘଟଣାଟି ମୋତେ କହିବ । କେହି ଜଣେ କହିଲ ଇୟା ଭିତରେ କିଛି କାରସାଦି ଅଛି । ଚେଟିୟାରଙ୍କ ପ୍ରକୃତି ସେ ଅନ୍ୟକୁ ଅତି ସରଳଭାବେ ବିଶ୍ୱାସ କରି ଯାଆନ୍ତି । କିରାଣୀ ଶ୍ରୀନିବାସ ଆୟାର ଭିତରୁ ଯାଇ ସିରାଙ୍ଗନକୁ ଗୋଡ଼ାଣାକରୁ ଫିଟାଇ ଘରର ଫଳ ବରଣ୍ଡା ବାଟେ ପଦାକୁ ନେଲ । ସେଠାରେ ଗାଡ଼ି ଠିଆ ହୋଇଥିଲ । ମୁନି-ସ୍ୱାମୀ ମଧ୍ୟ ସେଠାକୁ ଆସି ସେହି ଗାଡ଼ିରେ ବସିଲ । ଧନପାଳ ଚେଟିୟାର କହିଲେ ଶ୍ରୀନିବାସ ଆୟାର ତମେ କ'ଣ ଅଉ ଭାବଛ? ତୁମେ ବି ଏ ଗାଡ଼ିରେ ଯାଅ ।

ଛୁଆଁ ଅଛୁଆଁ କଥା ସେତେବେଳେ ଆଉ ମନରେ ନାହିଁ । ନିର୍ବାଚନ ବେଳେ ଛୁଆଁ ଅଛୁଆଁ ମାନି ଚଳିବା କଷ୍ଟ । ସେହି ଏକା ଗାଡ଼ିରେ ସମସ୍ତେ ଯାଇ ବସିଲେ ।

ସିରାଙ୍ଗନର ଘର ଡେମ୍‌ସପଡ୍ ଆଗରେ ଯେତେବେଳେ ଗାଡ଼ି ପହଞ୍ଚିଲା ସେତେବେଳେ ତା ଘର ଭିତରୁ କାନ୍ଦ ବୋବାଳି ଶୁଭୁଥିଲା । ଶ୍ରୀନିବାସ ଆୟାର ମନକୁ ମନ କହିଲା ଶୁଣ ସେ ଯାହା କହୁଥିଲା ତେବେ ତାହା ସତ । ସିରାଙ୍ଗନକୁ ଘର ଭିତରକୁ ଯାଇ କ'ଣ ହେଉଛି ବୁଝିବାକୁ ସେ କହିଲା । ସିରାଙ୍ଗନ ଓ ମୁନିସ୍ୱାମୀ ଦୁହେଁ ଘର ଭିତରକୁ ଗଲେ । କିଛି ସମୟ ଯିବା ପରେ ମୁନିସ୍ୱାମୀ ଘରୁ ବାହାରି ଆସି ବ୍ରାହ୍ମଣ କିରାଣୀଙ୍କ କାନରେ କହିଲା ବୁଢ଼ୀ ଆଉ ନାହିଁ । କହି ପୁଣି ଘର ଭିତରକୁ ପଶିଲା । ସେମାନେ ସମସ୍ତେ ପାଟି କରି କହିଲେ ଆହା ତୁ ଆମମାନଙ୍କୁ ଛାଡ଼ି ଚାଲିଗଲୁ । ଆମ ପରିବାରକୁ ଭସେଇ ଦେଲୁ । ପାଖରେ ଠିଆ ହୋଇ ଏସବୁ ଦେଖୁଥିବା ଗୋଟିଏ ପିଲାକୁ ଶ୍ରୀନିବାସ ଡାକି ପଚାରିଲା ଯାଙ୍କ ଘରେ କ'ଣ ହେଉଛି । ପିଲାଟି କହିଲା ତୁମେ କାହିଁକି ପଚାରୁଛ ? ବୁଢ଼ୀକୁ ହଇଜା ହୋଇଥିଲା । ସେ ମରିଗଲା । ଏକଥା ଶୁଣି ଶ୍ରୀନିବାସ ଡରିଗଲା । ସେତ ସହଜେ ହରିଜନ ବସ୍ତିରେ, ସେଥିରେ ପୁଣି ହଇଜା । ଏପରି ପରିସ୍ଥିତିରେ ସେଠାରେ ଅପେକ୍ଷା କରିବାରେ କୌଣସି ମାନେ ନାହିଁ ବୋଲି ସେ ଠିକ୍ କଲା । ମୁନିସ୍ୱାମୀ ଠିକ୍ ସେତିକି-ବେଳେ ପଦାକୁ ଆସିଲା ।

ବୁଢ଼ୀ ଅଚେତ ହୋଇ ପଡ଼ିଛି । ସେ କିଛି କହି ପାରୁନାହିଁ କିମ୍ବା ନିଶ୍ୱାସ ପ୍ରଶ୍ୱାସ ନେଇ ପାରୁନାହିଁ । ମୁଁ ଭାବୁଛି ବୁଢ଼ୀ ଆଉ ଜୀବନରେ ନାହିଁ । ସିରଙ୍ଗନ ପାଇଁ ମୁଁ ଦାୟୀ ରହିଲି । ଆୟାର ଦୟାକରି ଆପଣ ଯାଆନ୍ତୁ । ଆୟାର ଡର ଡର ହୋଇ ଘରକୁ ଫେରିଗଲା । ଘର ଭିତରେ ବୁଢ଼ୀ ତା' ପୁଅମାନଙ୍କୁ ତା ପାଖକୁ ଆସିବାକୁ ସଙ୍କେତ ଦେଖାଇଲା । ମା ପାଟି ପାଖରେ ସିରାଙ୍ଗନ ତା କାନ ଦେଖାଇଲା । କହିଲା "ସେମାନେ ହଜାରେ ଟଙ୍କା ଦେବେ ବୋଲି କହିଛନ୍ତି । ଏତେ ଟଙ୍କା କଣ କିଏ ଫେରାଏ । ତୁ ଅବାଧ୍ୟ ହୁଅନାହିଁ । ବୁଢ଼ୀ କଥା ମାନ । ସିରାଙ୍ଗନ କହିଲା । ଏ ସବୁ କି ମନ୍ତ୍ରଣା ଚାଲିଛି ? ତୁ ମୋତେ ଏଇଥି ଲାଗି ଡକାଇଲୁ ହଁ ! ମୁନିସ୍ୱାମୀ ଓ ଅନ୍ୟମାନେ ଏକଥା କହିଛନ୍ତି । ତା ପରେ ପାଟି କରି କାନ୍ଦୁଥିବାର ଶବ୍ଦ ଶୁଣାଗଲା ।

ବୁଢ଼ୀ ପୁଣି କହିଲା ବୁଝିଲୁ ପୁଅ ମୋତେ ହଇଜା କିମ୍ବା ଅନ୍ୟ କିଛି ହୋଇନାହିଁ । କିନ୍ତୁ ମତେ କିପରି ଗୋଟାଏ ଅସୁଖ ଲାଗୁଛି । ତୁ ଏ ହଜାର ଟଙ୍କା ନେ । ସେ ତୋଲା ବ୍ୟବ-ସାୟୀ ଆଣି ଦେଉଛି । କିନ୍ତୁ ତୁ ସବଦିନ ଲାଗି ଏ ବ୍ୟବସାୟ ଛାଡ଼ି ଦେ । ତୋର ଯାହା ଋଣ ଅଛି ପରିଶୋଧ କରିଦେ । ଭଲରେ ରହ । ମୁଁ ଆଉ ବେଶୀଦିନ ବଞ୍ଚିବି ନାହିଁ । ସିରାଙ୍ଗନ ନିର୍ବାକ ହୋଇ ଠିଆ ହୋଇ ରହିଲା । ଭୟ, କ୍ରୋଧ ଏବଂ ବିସ୍ମୟରେ ସେ ଅଭିଭୂତ ହୋଇ ପଡ଼ିଥିଲା । ମୁନିସ୍ୱାମୀର ଇଙ୍ଗିତରେ ଘର ଭିତରୁ ଆଉ ଥରେ ସମସ୍ତେ ପାଟି କରି ଉଠିଲେ । "ଆହା ଆମର ସବୁ ସରିଗଲା ।

ତା ପରେ ସିରାଙ୍ଗନ ଆସି ରଙ୍ଗାପିଲାଇ ପାଖରେ ଠିଆ ହେଲା । ରଙ୍ଗାପିଲାଇ ତାକୁ କହିଲା ଯା' ଗାଡ଼ି ଭିତରେ ବସ । ମୁଦାଲି-ୟରଙ୍କ ଘରେ ପହଞ୍ଚିଲା ପରେ ମୁଁ ତୋତେ ସମସ୍ତ ବ୍ୟାପାର ବୁଝାଇ ଦେବି । ସମସ୍ତେ-ଯାଇ ଗାଡ଼ିରେ ବସିଲେ । ତା ପରେ ରଙ୍ଗା ପିଲାଇ କହିଲା ସିରାଙ୍ଗନ ତୁ ଭାରି ଭାଗ୍ୟବାନ ଲୋକ । ସମସ୍ତେ ଟଙ୍କା କମାଉଛନ୍ତି । ତୁ'ତ ତୁ ସେପରି କୌଣସି ଭଲ କରିନାହୁଁ । କାହିଁକି ଟଙ୍କା ନକମାଉଚୁ । ତୁ ସୁଯୋଗ ହରା ନାହିଁ । ତୁ କ'ଣ ଚାହୁଁଛୁ ମୋତେ କହ ମୁଁ ସବୁ ଠିକ୍ କରିଦେବି । ତୋର ସବୁ କାମ କରାଇ ଦେବାର ଦାୟିତ୍ୱ ମୁଁ ନେଉଛି । ମୁଦାଲିୟର ଘର ପାଖରେ ଗାଡ଼ି ଆସି ପହଞ୍ଚିବା ପର୍ଯ୍ୟନ୍ତ ସେ ଏହିପରି କହି ଚାଲିଥାଏ । ରଙ୍ଗାପିଲାଇ କେତେ ସମୟ ଏକାନ୍ତରେ ମୁଦାଲିୟର ସଙ୍ଗେ କଥାବାର୍ତ୍ତା ହେଲା । ସେ ହାତରେ ଗୋଟିଏ ଜଳା ବୁଜୁଳି ଧରି ସିରାଙ୍ଗନ ପାଖକୁ ଗଲା । ବାହାରେ ବରଣ୍ଡାରେ ସେ ବସିଥାଏ । ତାକୁ ବୁଜୁଳିଟିକୁ ଦେଖାଇ ସେ କହିଲା ଏଇ ସୁନା । ଏଥିରେ ଯାହା ଅଛି ତୋ ଜୀବନ ସାରା ଖଟିଲେ ମଧ୍ୟ କମାଇ ପାରିବୁ ନାହିଁ । ଏଥିରେ ତୋର ଋଣ ପରି-ଶୋଧ କରି କିଛି ଗୋଟାଏ ବ୍ୟବସାୟ କର । ମୁଦାଲିୟର ତୋତେ ଆଉ କିଛି ବି ଦେବେ । ସେ ଦେଖିବେ ତୋର ଯେପରି ଆଉ କୌଣସି ଅସୁବିଧା ନହୁଏ । ସିରଙ୍ଗନ ମୂକ ପାଲଟି-ଗଲ ।

ବୀର ରାଘବ ଚେଟିୟାର ପୁଡ଼ିଆଟିକୁ ଉଠାଇ ସିରାଙ୍ଗନ କୋଳ ଉପରକୁ ପକାଇ ଦେଲେ । ଠିଆ ହୁଅ । ନିୟମ କର । ସବୁ ଆସି ଶେଷ ହେଲାଣି । ତୁ ପୁଣି କାହିଁକି ଦୋଦପାଞ୍ଚ ହେଉଛୁ । ସିରାଙ୍ଗନ ପୁଡ଼ିଆଟିକୁ ଉଠାଇ ପାଖରେ ରଖିଲା । ଗୋଟାଏ ମିନିଟ୍ ସେ ଚିନ୍ତା କରିବାର ଛଳନା କଲା । ସମସ୍ତେ ସ୍ଥିର ରହିଲେ । ସେ କ'ଣ କହିବ ଶୁଣିବା ଲାଗି ।

ସେ ହଠାତ୍ ଲୁହାମାରି ଘରି ଭିତରକୁ ଦୌଡ଼ି ପଳାଇଲା । କେତେଜଣ ତା ପଛେ ଗୋଡ଼ା-ଇଲେ । ସେ ଏବେ ଯୋରରେ ଦୌଡ଼ି

ପଳାଇଲା ଯେ ତାକୁ ଆଉ ଦେଖି ହେଲା ନାହିଁ ସେମାନେ ଫେରିଆସି କହିଲେ ଧରି ହେଲା ନାହିଁ ସେ ପଳାଇଲା । ମୁଦାଲିୟର ଟଙ୍କା ପୁଡ଼ିଆଟି ଧରି ଘରଭିତରକୁ ଗଲେ । ଟଙ୍କା ତକ ଗଣିଦେଇ ପଦାକୁ ଆସି କହିଲେ ବଦ୍ଜାତ୍ ଆମକୁ ଠକି ଦେଇ ଖସିଗଲା । ଅନ୍ୟ ସମସ୍ତେ କହିଲେ ଛୋଟ ଜୁଳରେ ତା' ଜନ୍ମ । ସେ ଆଉ କ'ଣ କରନ୍ତା ? ପରଦିନ ନିର୍ବାଚନ ସଭାରେ ସିରାଗନ ଉପସ୍ଥିତ ରହି ନଥିଲା । କେତେଜଣ କହିଲେ, ତା ମା ମରି ଯାଇଛି । ଅନ୍ୟମାନେ କହିଲେ ତା ଠିକ୍ ନୁହେଁ ।

କ୍ୱାର୍ଟର ନଂ ୪୬/୧, ଟାଇପ୍ ୪-ଏ
ୟୁନିଟ୍-୨, ଭୁବନେଶ୍ୱର-୯

ଲୋକ ଦେଖିବାକୁ ସେ ବ୍ୟବସ୍ଥା କରା ଯାଇଥିଲା । ନେଗାପଟମ୍ ଯାଇଥିବା କାଉନ୍ସିଲର ଫେରି ଆସି ଭୋଟ ଦେବାକୁ ପ୍ରସ୍ତୁତ ହେଲେ । କେହି ଜଣେ କହିଲା ଧନପାଳ ଚେଟିୟାର ଛବିଶଟି ଭୋଟ ପାଇବ । ଅନ୍ୟ ଜଣେ କହିଲା ସେ ନୁହେଁ ସତରଟି ଲେଖାଏଁ ଭୋଟ ପାଇବେ । ଅନ୍ୟ ଗୋଟିଏ ବାଣ୍ଡିଲ ଭୋଟ ରହିବ । ତୃତୀୟ ଜଣକ କହିଲା ଏସବୁ ଟଙ୍କାର ଖେଳ । ଅନ୍ୟ ଜଣେ କହିଲା । ଏଗୁଡ଼ା ପକା ବଦ୍ଜାତ୍ । ଟଙ୍କାକୁ ଟଙ୍କା ନେଇ ଏମାନେ ବି ଚିତା ଜାଳିବେ ।

ଅବଶେଷରେ ଧନପାଳ ଚେଟିୟାର ତେଇଶଟି ଭୋଟ ମୁଦାଲିୟର ଦଶଟି ଭୋଟ, ଏବଂ ଖଣ୍ଡିଏ ଚିହ୍ନ ଦିଆ ହୋଇନଥିବା ଭୋଟ କାଗଜ ମିଳି ଥିବାର ଦେଖାଯାଇ ଥିଲା । ନିର୍ବାଚନ ଫଳାଫଳ ଶୁଣି ବାହାରେ ଉପସ୍ଥିତ ଜନତା ଧନପାଳ ଚେଟିୟାରଙ୍କର ଜୟଗାନ କରିଥିଲେ । ବିରୋଧ ଦଳ ପକ୍ଷରୁ ମଧ୍ୟ ପାଟି କରିଥିଲେ । "ଦୁର୍ନୀତି, ଦୁର୍ନୀତି ।"

ସିରାଗନ ଏକମାତ୍ର ସଚ୍ଚୋଟ ଲୋକ ବୋଲି ମୁଦାଲିୟର କହିଥିଲେ ।

## ଗାଁ ଗହଳରେ ଚକ୍ଷୁଶିବିର ଖୋଲିବା ପାଇଁ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକୁ ଆର୍ଥିକ ସାହାଯ୍ୟ ପ୍ରଦାନ ।

ଗାଁ ଗହଳର ଲୋକମାନଙ୍କୁ ଚକ୍ଷୁରୋଗ ସଂକ୍ରାନ୍ତରେ ବିଶେଷଜ୍ଞ ଚିକିତ୍ସାର ସୁବିଧା ସୁଯୋଗ ଯୋଗାଇ ଦେବା ଉଦ୍ଦେଶ୍ୟରେ ଭାରତ ସରକାର ଚକ୍ଷୁରୋଗ ପ୍ରତିରୋଧ ତଥା ଦୃଷ୍ଟିହୀନତା ନିୟନ୍ତ୍ରଣ ଲାଗି ଏକ ଜାତୀୟ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିଛନ୍ତି ଓ ତାହା ପଞ୍ଚମ ଯୋଜନା କାର୍ଯ୍ୟକାଳ ମଧ୍ୟରେ କାର୍ଯ୍ୟକାରୀ କରାଯାଇଥିଲା । ଉକ୍ତ ଯୋଜନା ଅନୁଯାୟୀ ଯେଉଁ ଗ୍ରାମାଞ୍ଚଳରେ ଉକ୍ତ ସୁବିଧାସୁଯୋଗ ନଥିବ, ସେସବୁ ଅଞ୍ଚଳରେ ଚକ୍ଷୁ ଶିବିର ଖୋଲିବା ନିମନ୍ତେ ସମାଜ ସେବା କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ଲାଗି ଆର୍ଥିକ ସାହାଯ୍ୟର ବ୍ୟବସ୍ଥା ରହିଛି । ଗାଁ ଗହଳର ଲୋକମାନଙ୍କୁ ଚକ୍ଷୁରୋଗ ସଂକ୍ରାନ୍ତରେ ବ୍ୟାପକ ଚିକିତ୍ସାର ସୁବିଧା ସୁଯୋଗ ଯୋଗାଇ ଦେବା ଲାଗି ଭାରତ ସରକାରଙ୍କ ନିର୍ଦ୍ଦେଶମତେ ଏହି ଚକ୍ଷୁ ଶିବିରମାନ ଖୋଲାଯିବ । ଚକ୍ଷୁ ଭିତରର ଅସ୍ତ୍ରୋପଚାର ନିମନ୍ତେ (କେବଳ କାଟ୍ରାକ୍ଟ୍ ଓ ଗ୍ଲାସିମା ପାଇଁ) ୪୦ ଟଙ୍କା ହିସାବରେ ଓ ସାଧାରଣ ଚକ୍ଷୁ ପରୀକ୍ଷା, ଚକ୍ଷୁରୋଗ ପ୍ରତିରୋଧ ସଂକ୍ରାନ୍ତରେ ଶିକ୍ଷା ବ୍ୟବସ୍ଥା, ପ୍ରାଥମିକ ଅବସ୍ଥାରୁ ଦୃଷ୍ଟିହୀନତା ଚିହ୍ନଟ କରିବା ଓ ଅନ୍ଧ ବ୍ୟକ୍ତିମାନଙ୍କ ଥଇଥାନ ଲାଗି ଆବଶ୍ୟକ ତାଲିମ ପ୍ରଦାନ ଉଦ୍ଦେଶ୍ୟରେ ସର୍ବୋଚ୍ଚ ୬,୦୦୦ ଟଙ୍କା ଆର୍ଥିକ ସାହାଯ୍ୟ ଦିଆଯିବାର ବ୍ୟବସ୍ଥା କରାଯାଇଛି । ଏଥିନିମନ୍ତେ ସଂପୃକ୍ତ ଜିଲା ମୁଖ୍ୟ ମେଡ଼ିକାଲ ଅଫିସରଙ୍କ ଅଧ୍ୟକ୍ଷତାରେ କୌଣସି କମିଟି ଗଠିତ ହୋଇ ନଥିଲେ ଅସ୍ତ୍ରୋପଚାର ଓ ଅନ୍ୟାନ୍ୟ କାର୍ଯ୍ୟ ସଂକ୍ରାନ୍ତରେ ସବିଶେଷ ବିବରଣୀ ଡିଭିଜନାଲ ତଥା ଜିଲ କମିଟିର ଅଧ୍ୟକ୍ଷ କିମ୍ବା ସଂପାଦକଙ୍କ ଦ୍ୱାରା ସ୍ୱାକ୍ଷରିତ ହେବା ବାଂଛନୀୟ ।

ଯେଉଁ ସାମାଜିକ ତଥା ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ଗାଁ ଗହଳରେ ଚକ୍ଷୁ ଶିବିର ଖୋଲିବା ସଂଗେ ସଂଗେ ୧୯୭୮–୭୯ ବର୍ଷ ମଧ୍ୟରେ ଏଥିଲାଗି ଆବଶ୍ୟକ ଆର୍ଥିକ ସାହାଯ୍ୟ ପାଇବା ପାଇଁ ଆଗ୍ରହୀ, ସେମାନେ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟରୁ ମିଳୁଥିବା ନିର୍ଦ୍ଦେଶାବଳୀ ସମେତ ନିର୍ଦ୍ଧାରିତ ଆବେଦନପତ୍ରରେ ଆବେଦନ କରିବା ନିମନ୍ତେ ଅନୁରୋଧ କରାଯାଉଛି । ଆର୍ଥିକ ସାହାଯ୍ୟ ପାଇବା ନିମନ୍ତେ ଆବେଦନ ପତ୍ର ମିଳିବା ମାତ୍ରେ ତାହା ବିଚାର ଲାଗି ନୂଆଦିଲୀସ୍ଥିତ ସାଧାରଣ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟର ଜାତୀୟ ଅନ୍ଧ ନିରାକରଣ ପରିଷଦର ଅପ୍‌ଥାଲ୍‌ମୋଲୋଜି ଶାଖାର ନିର୍ଦ୍ଦେଶକ, ନିର୍ମାଣ ଭବନଙ୍କ ନିକଟକୁ ପଠାଇ ଦିଆଯିବ ।

# ସଂଘବଦ୍ଧ ସମାଜ ସବୁକିଛି ଜୟ କରିପାରିବ

**ଶ୍ରୀ ନୀଳମଣି ରାଉତରାୟ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

[ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୪୧ ତମ ଜନ୍ମ ବାର୍ଷିକୀ ଉତ୍ସବ ଉପଲକ୍ଷେ ପ୍ରଦତ୍ତ ଭାଷଣର ସାରାଂଶ ]

ଆପଣମାନେ ସମସ୍ତେ ସର୍ବ-ଧର୍ମମତାଦର୍ଶର ପରିପୂରଣରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଦିବ୍ୟଜୀବନ ଓ ଭଗବତ୍ ବାଣୀ ବିଷୟ ଆଲୋଚନା କରିବା ପାଇଁ ସମବେତ ହୋଇଅଛନ୍ତି । ସେଥି ସଂଗେ ସଂଗେ ଠାକୁରଙ୍କର ଗୁରୁତ୍ୱପୂର୍ଣ୍ଣ ଉପଦେଶାବଳୀ ଆହୁରି କେତେକ ଦିଗରୁ ମଧ୍ୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରଖିଛନ୍ତି । ଏହି ଅବସରରେ ମୋ ମନରେ ଏହି ଗୋଟିଏ ପ୍ରଶ୍ନ ଜାଗରିତ ହେଉଛି ଯେ ଏ ସବୁର ତାତ୍ପର୍ଯ୍ୟ କ'ଣ ? ଏହି ପ୍ରଶ୍ନ ଉଠିଲା ବେଳେ ମୋର ମନ ସ୍ୱତଃ ଟାଣି ହୋଇ ଚାଲିଯାଉଛି ବହୁ ଅତୀତ ଯୁଗକୁ—ମହାଭାରତ ଯୁଦ୍ଧ କ୍ଷେତ୍ରକୁ ଯେଉଁଠାରେ ଭଗବାନ ଶ୍ରୀକୃଷ୍ଣ ତାଙ୍କର ପ୍ରିୟସଖା ଅର୍ଜୁନଙ୍କୁ ଉଦ୍‌ବୋଧନ ଦେଇ ବୁଝାଇଥିଲେ :—

"ଯଦା ଯଦାହି ଧର୍ମସ୍ୟ ଗ୍ଳାନିର୍ଭବତି ଭାରତ,
ଅଭ୍ୟୁତ୍ ଥାନଂ ଅଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହଂ,
ପରିତ୍ରାଣାୟ ସାଧୁନାଂ ବିନାଶାୟଚ ଦୁଷ୍କୃତାଂ
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ"

ଏହାକୁ ଭଗବାନ ଶ୍ରୀକୃଷ୍ଣଙ୍କର ଭବିଷ୍ୟତ ବାଣୀ କୁହାଯାଇ ପାରେ; ପ୍ରତିଶ୍ରୁତି ବା ସାନ୍ତ୍ୱନା ମଧ୍ୟ କୁହାଯାଇପାରେ ।

ସାଧାରଣତଃ ମନୁଷ୍ୟ କୁପଥଗାମୀ ହେବାକୁ ଚେଷ୍ଟା କରେ ନାହିଁ । ତେବେ ବ୍ୟବହାର କରାଯାଉଥିବା ଲୁଗା ପ୍ରତ୍ୟେହ ଧୌତ ହେଉଥିଲେ ମଧ୍ୟ ସେ ଯେପରି କିଛି ଦିନ ପରେ ମଳିନତା ଧାରଣ କରିବା ହେତୁ ପରିଷ୍କାର କରାଯିବାର ଆବଶ୍ୟକତା ପଡ଼େ, ସେହିପରି ବ୍ୟବହାରିକ ଦୋଷରୁ ସମାଜରେ କ୍ରମଶଃ କୁ ସଂସ୍କାର ପ୍ରବେଶ କରି ସମାଜକୁ କଳୁଷିତ କରେ ଏବଂ ମାନବକୁ ବିପଥ ଗାମୀ କରାଇ ହିତାହିତ ଜ୍ଞାନର ବିବେଚନା ରଖେନା । କ୍ରମଶଃ ଖଳ ପ୍ରକୃତିସଂପର୍ଣ୍ଣ ଲୋକଙ୍କର ପ୍ରାଦୁର୍ଭାବ ବୃଦ୍ଧି ପାଏ ଏବଂ ସେତେବେଳେ ସାଧୁ ସନ୍ନ୍ୟାସୀ ବା ସଜ୍ଜନମାନେ ଆବିର୍ଭୂତ ହୋଇ ପୁନଶ୍ଚ ସମାଜକୁ ସତ୍‌ପଥଗାମୀ କରାଇବାକୁ ଉପଦେଶ ଦିଅନ୍ତି, ପରିଚାଳିତ ଓ ନିୟନ୍ତ୍ରିତ କରନ୍ତି । ଏହି କ୍ରମ ସବୁ ଯୁଗରେ ଦେଖାଯାଏ, ଏହାର ବ୍ୟତିକ୍ରମ ନାହିଁ ।

ମହାଭାରତ ଯୁଗରେ ମହାତ୍ମା ବ୍ୟାସଦେବ ନିଜର ମହତ୍ ଉପଦେଶ ଦ୍ୱାରା ତାତ୍କାଳୀକ ସମାଜକୁ ନିୟନ୍ତ୍ରିତ କରିଥିଲେ । ତତ୍ ପରବର୍ତ୍ତୀ କାଳରେ ଶୁକଋଷି ମଧ୍ୟ ପିତାଙ୍କ ଅନୁରୂପ କାର୍ଯ୍ୟ କରି ଯାଇଛନ୍ତି । ସେହିପରି ଶଙ୍କରାଚାର୍ଯ୍ୟ, ରାମାନୁଜାଚାର୍ଯ୍ୟ ପ୍ରଭୃତି ମନିଷୀଗଣ ଯୁଗେ ଯୁଗେ ଅବତୀର୍ଣ୍ଣ ହୋଇ ନିଜର ପ୍ରଚାର ଦ୍ୱାରା ମାନବ-ସମାଜର କଳୁଷ ବିଦୂରିତ କରି ସମାଜକୁ ସୁନିୟନ୍ତ୍ରିତ କରିବା ଦ୍ୱାରା ଯୁଗେ ଯୁଗେ ସମାଜର ପୂଜ୍ୟ ହୋଇ ରହିଛନ୍ତି । ସେମାନେ ମାନବ ସମାଜର ଗୁରୁ, ଶିକ୍ଷା-ଦାତା , ନିୟାମକ । ସେହିମାନଙ୍କର ଆବିର୍ଭାବ ବିନା ସମାଜର ଯେ ଭୟଙ୍କର ଅଧଃପତନ ହୋଇ ଥାଆନ୍ତା ତାହା ଅନୁମାନ କରି ହୁଏନା ।

ଆମ ଦେଶ ଭାରତବର୍ଷ ଯୁଗେ ଯୁଗେ ଆଧ୍ୟାତ୍ମିକ ଚିନ୍ତା ଚେତନାର ପୀଠସ୍ଥାନରୂପେ ସମଗ୍ର ପୃଥିବୀରେ ସମ୍ମାନ ଲାଭ କରି ଆସୁଅଛି । ରାମକୃଷ୍ଣ, ବିବେକାନନ୍ଦ, ନିଗମାନନ୍ଦ, ଠାକୁର ଅନୁକୂଳଚନ୍ଦ୍ର କେବଳ ଭାରତରେ ନୁହନ୍ତି, ଭାରତ ବାହାରେ ମଧ୍ୟ ଜନସମାଜର ପୂଜ୍ୟ ଗୁରୁ ସ୍ଥାନ ଅଧିକାର କରିଛନ୍ତି- ଏଥିରେ ଦ୍ୱିମତ ନାହିଁ ।

ସେମାନେ ସର୍ବଦା ଜନସମାଜକୁ ଆଦର୍ଶ ଗୃହସ୍ଥ ଜୀବନ ଯାପନ କରିବା ସଂଗେ ସଂଗେ ସତ୍ୟ-ଶିବ-ସୁନ୍ଦରର ସନ୍ଧାନ ପାଇବା ପାଇଁ ଦିଗ୍ ଦର୍ଶନ ଦେଇଛନ୍ତି । ସେମାନେ ଜଗତର ଗୁରୁ ସ୍ଥାନୀୟ ଏବଂ ଏହି ଅବସରରେ ମୁଁ ସେମାନଙ୍କ ଉଦ୍ଦେଶ୍ୟରେ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି ।

ଏହି ଗୁରୁବାଦ ସଂପର୍କରେ ମୁଁ ଆପଣମାନଙ୍କର ଦୃଷ୍ଟି ଆକର୍ଷଣ କରିବି । ପୂର୍ବାଚାର୍ଯ୍ୟମାନେ କହିଛନ୍ତି ଯେ ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁ ମହେଶ୍ବର ଓ ଗୁରୁ ପରମବ୍ରହ୍ମ ଅଟନ୍ତି ! ଅତଏବ ସେ ସର୍ବ ବ୍ୟାପ୍ତ, ସର୍ବ ଦର୍ଶୀ ଓ ସର୍ବ ଶକ୍ତିମାନ ! ମାନବ ସମାଜର ଦୃଢ଼ ବିଶ୍ବାସ ଯେ ଗୁରୁପାଦ ଶରଣ ପଶିଲେ ନରଜନ୍ମ ଧନ୍ୟହୁଏ । ମହାକାଳ ଭୟ ପଳାୟନ କରେ । ଗୁରୁ ଭକ୍ତକୁ ମୁକ୍ତିପଥଗାମୀ କରାନ୍ତି । ସନ୍ଥ ପଣ୍ଡିତମାନଙ୍କ ମତରେ ଯେତେବେଳେ ବ୍ରହ୍ମଙ୍କର ସୃଷ୍ଟି କଳ୍ପନା ଜାଗ୍ରତ ହେଲା, ନିଜକୁ ବହୁ ରୂପରେ ପରିପ୍ରକାଶ କରିବାର ଇଚ୍ଛା ହେଲା, ସେତେବେଳେ ସେ ନିଜକୁ ଗୁରୁ ରୂପରେ, ଦ୍ରଷ୍ଟା ରୂପରେ, ସକଳ ଗୁଣାତୀତ ରୂପରେ ପ୍ରତିଭାତ କରାଇଲେ । ଏଣୁ ଗୁରୁ ହେଉଛନ୍ତି ବ୍ରହ୍ମଙ୍କର ପ୍ରଥମ ବିକାଶ । ସଦ୍‌ଗୁରୁଙ୍କର ଶକ୍ତି ଅପରିମିତ । ନିଜ ଶିଷ୍ୟଙ୍କଠାରେ ମଧ୍ୟ ସେ ଶକ୍ତି ସଞ୍ଚାର କରାଇ-ପାରନ୍ତି । ତାଙ୍କ ନିକଟରେ ଯେ କେହି ଶରଣାପନ୍ନ ହେଲେ ଅଳ୍ପ ହେଉ ବା ବେଶୀ ହେଉ ନିଶ୍ଚିତ ଭାବରେ ଉପକୃତ ହୁଅନ୍ତି । ଯାହାର ଯାହା ପ୍ରାପ୍ୟ ଗୁରୁ ତାଙ୍କୁ ସେଥିରୁ କେବେହେଲେ ବଞ୍ଚିତ କରନ୍ତି ନାହିଁ । ହୋଇପାରେ, ନିର୍ମଳ ଜଳରେ ସୂର୍ଯ୍ୟବିମ୍ବ ଯେତେ ସ୍ପଷ୍ଟ ଭାବରେ ପ୍ରତିଭାତ ହୁଏ ନର୍ଦ୍ଦମାର ଦୂଷିତ ଜଳରେ ସେହିପରି ହୋଇ ପାରେନା । କିନ୍ତୁ ସୂର୍ଯ୍ୟବିମ୍ବ ସର୍ବତ୍ର ପ୍ରତିଭାତ ହେବା ପରି ଗୁରୁଙ୍କର ପ୍ରଭାବ ସବୁ ହୃଦୟକୁ ପ୍ରଭାବିତ କରେ, ଏଥିରେ ସନ୍ଦେହର ଅବକାଶ ନାହିଁ । ଏଇଥିରୁ ବୁଝିବାକୁ ହେବ ଯେ ଗୁରୁଶିଷ୍ୟ ସମ୍ବନ୍ଧ ଅତି ନିବିଡ଼ । ଏତେ ନିବିଡ଼ ସମ୍ବନ୍ଧ ଅନ୍ୟ କେଉଁଠାରେ ଥିବାର ଲକ୍ଷ୍ୟ ହୁଏନା । ଜ୍ଞାନୀମାନଙ୍କ ମତରେ ଗୁରୁ କୃପା ବିଭୁକୃପାଠାରୁ ଅଧିକା କାରଣ ଈଶ୍ବରଙ୍କୁ ଦେଖି ହୁଏ ନାହିଁ ମାତ୍ର ଗୁରୁ ସାକାର, ଅତି ନିକଟରେ ବିଦ୍ୟମାନ ଥାଆନ୍ତି । ସେତିକି ନୁହେଁ, ଭଗବତ୍-ଜ୍ଞାନ ପ୍ରଦାନକରି ଶିଷ୍ୟମାନଙ୍କ ଅନ୍ତରରେ ଭଗବାନଙ୍କ ବିଷୟରେ ବ୍ୟାକୁଳତା ଜନ୍ମାଇ ପାରନ୍ତି । ଗୁରୁକୃପା ଭିନ୍ନ ଭଗବତପ୍ରାପ୍ତି ସଂଭବ ନୁହେଁ ।

ଏଥିପୂର୍ବରୁ କହିଛି ଯେ ଗୁରୁଙ୍କର ଆବିର୍ଭାବ ହୁଏ ସମାଜର ଏକ ସନ୍ଧିକ୍ଷଣରେ । ଆବର୍ଜନାପୂର୍ଣ୍ଣ ମାନବ ସମାଜ କୁପଥଗାମୀ ହେବାବେଳେ ଗୁରୁଙ୍କର ଆବିର୍ଭାବ ହେଉଥିବାରୁ ସଦ୍‌ଗୁରୁ କେବଳ ସତ୍‌ଶିକ୍ଷାପ୍ରଦାନଦ୍ବାରା ନିଜର ଗୁରୁଦାୟିତ୍ୱ ତୁଲାଇଥାଆନ୍ତି । ଶିକ୍ଷା ସମୟୋପଯୋଗୀ ହେବା ଯୋଗୁଁ ଦେଶକାଳପାତ୍ର ଭେଦରେ ଭିନ୍ନ ଭିନ୍ନ ଗୁରୁଙ୍କର ଶିକ୍ଷା ପ୍ରଣାଳୀ ବାହ୍ୟତଃ ଭିନ୍ନ ଭିନ୍ନ । କିନ୍ତୁ ସୂକ୍ଷ୍ମ ଦୃଷ୍ଟିରେ ସବୁ ଶିକ୍ଷାର ଉଦ୍ଦେଶ୍ୟ ଏକ-ସତ୍ୟ-ଶିବ-ସୁନ୍ଦରର ସଂଧାନ—ସାଂସାରିକ ବନ୍ଧନରୁ ମୁକ୍ତି । ଚକର ପରିଧିରୁ ସମସ୍ତ ଅର ଯେପରି ଚକର କେନ୍ଦ୍ରରେ ଏକତ୍ରି-ଭୂତ ହୋଇଥାନ୍ତି ସେହିପରି ସବୁ ଗୁରୁଙ୍କର ଶିକ୍ଷା ପଦ୍ଧତିର ଉଦ୍ଦେଶ୍ୟ ମାନସିକ ଚରିତ୍ରର ଶୁଦ୍ଧି, ସିଦ୍ଧିଲାଭ ଓ ଭଗବତ୍ ପ୍ରାପ୍ତି । ମାନସିକ ଚରିତ୍ରଶୁଦ୍ଧି ଦ୍ୱାରା ଏହି ସିଦ୍ଧିଲାଭ ସଂଭବ ହୋଇଥାଏ । ସବୁ ଗୁରୁ ଗୋଟିଏ କଥା କହନ୍ତି, 'ସାଧନ—ଭଜନ ଦ୍ୱାରା ଚିତ୍ତଶୁଦ୍ଧି ଲାଭକର' । ସାଧନ ଭଜନଦ୍ୱାରା ଇନ୍ଦ୍ରିୟ ଦମନ ସଂଭବ ହୁଏ । ଇନ୍ଦ୍ରିୟ ଦମନ ନକରି ଇନ୍ଦ୍ରିୟମାନଙ୍କ ଇଙ୍ଗିତରେ ଚଳିବାହିଁ ପରାଧୀନତା । ଏହି ପରାଧୀନତାରୁ ମୁକ୍ତି ପାଇବାର ପ୍ରକୃଷ୍ଟ ପନ୍ଥା ଗୁରୁ-ଶିକ୍ଷାଲବ୍ଧ ଦ୍ୱାରା ସଂଭବ ହୁଏ । ଗୁରୁଶିକ୍ଷା ଚିତ୍ତକୁ ଶୁଦ୍ଧ କରାଏ । ଚିତ୍ତ ଶୁଦ୍ଧ ହେଲେ ସବୁ ଦୁଃଖ ଦୂର ହୋଇଯାଏ । କାରଣ ଶୁଦ୍ଧ ଚିତ୍ତ ବ୍ୟକ୍ତିଙ୍କର ବୁଦ୍ଧି ଆତ୍ମ ସ୍ୱରୂପରେ ପ୍ରତିଷ୍ଠିତ । ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି—

ନାସ୍ତିବୁଦ୍ଧିଃ ଅଯୁକ୍ତସ୍ୟ ନଚାଯୁକ୍ତସ୍ୟ ଭାବନା
ନଚାଭାବୟତଃ ଶାନ୍ତିଃ ଅଶାନ୍ତସ୍ୟ କୁତଃ ସୁଖଂ ।

ଅର୍ଥାତ୍ ଅଜିତେନ୍ଦ୍ରିୟ ଲୋକର ବିବେକ ବୁଦ୍ଧି ନଥାଏ । ତେଣୁ ତାହାଙ୍କର ପରାମାର୍ଥ ବିଷୟରେ ଭାବାବେଶ ହୁଏ ନାହିଁ । ପରମାର୍ଥ ଚିନ୍ତାଶୂନ୍ୟ ଲୋକର ଶାନ୍ତି ନଥାଏ । ଅଶାନ୍ତ ଲୋକର ସୁଖ କେଉଁଠାରେ ? ତେଣୁ ଶାନ୍ତି ପାଇବା ନିମିତ୍ତ ଗୁରୁଙ୍କର ସେବା ଦରକାର—ଉପଦେଶ ଆକାରରେ ଗୁରୁକୃପାର ଭୂମିକା ଅତି ଗୁରୁ, ମୂଲ୍ୟବାନ ମଧ୍ୟ ।

ସତ୍‌ସଙ୍ଗୀ ବନ୍ଧୁଗଣ । ଆପଣମାନେ ଆଜି ସଂଘ-ବଦ୍ଧ ହୋଇ ଭଜନସାଧନାରେ ବ୍ୟାପୃତ ହୋଇଛନ୍ତି । ଏ ସଂଘବଦ୍ଧତାର ଆବଶ୍ୟକତା କେଉଁଠି ? ବ୍ୟକ୍ତିଗତ ଭାବରେ ଗୁରୁସେବା କଲେ କ'ଣ ପରମବ୍ରହ୍ମପ୍ରାପ୍ତି ହୋଇ ପାରିବ ନାହିଁ ? ନିର୍ବାଣତ୍ୱ ଲଭ ହେବନାହିଁ ? ଭଗବତ୍ ଦର୍ଶନ ହୋଇ ପାରିବ ନାହିଁ ? ଏଗୁଡ଼ିକ ଅତି କଠିଣ ପ୍ରଶ୍ନ ।, ଯାହାର ଉତ୍ତର ପାଇବା ସହଜ ନୁହେଁ । ତେବେ ପୂର୍ବସୂରୀମାନଙ୍କ ଭାଷାରେ ଏତିକି କୁହାଯାଇପାରେ ଯେ :—

ତ୍ରେତାୟାଂ ମନ୍ତ୍ରଶକ୍ତିଶ୍ଚ, ଜ୍ଞାନଶକ୍ତି କୃତେଯୁଗେ,
ଦ୍ୱାପରେ ଯୁଦ୍ଧଶକ୍ତିଶ୍ଚ ସଂଘଶକ୍ତି କଳୌଯୁଗେ ।

ଭଗବାନ ବ୍ୟାସ ଦେବ କହିଛନ୍ତି ଯେ କଳି ଯୁଗରେ ସଂଘଶକ୍ତି ହିଁ ଶ୍ରେଷ୍ଠ କାର୍ଯ୍ୟକାରିଣୀ ଶକ୍ତି । ଆମ୍ଭେମାନେ ନିଜ ନିଜର ଅନୁଭୂତିରୁ ଏହି ଉକ୍ତିର ସତ୍ୟତା ନିଶ୍ଚୟ ଅନୁଭବ କରି ପାରୁଥାଇଁ । ଯେଉଁ ଜାତି ଯେତେ ସଂଘ ବଦ୍ଧ ସେମାନେ ସେହି ପରିମାଣରେ ଐଶ୍ୱର୍ଯ୍ୟଶାଳୀ । ବର୍ତ୍ତମାନ ଭାରତବାସୀଙ୍କ ମଧ୍ୟରେ ଏହି ଶିଥିଳତା ଆସିଥିବାରୁ ସେମାନେ ପରପଦାନତ । ଅବଶ୍ୟ ଭାରତ ବର୍ଷରେ ବହୁ ପୂର୍ବରୁ ଜ୍ଞାନୀ ଓ ଭକ୍ତଙ୍କ ମଧ୍ୟରେ ବିବାଦ ଲାଗି ଆସୁଛି । ଜ୍ଞାନ ଓ ପ୍ରେମର ମିଳନରେ ଏ ଭେଦଭାବ ବିଦୂରିତ ହେବ । ଅସାମ୍ପ୍ରଦାୟିକ ଭାବରେ ଧର୍ମର ପ୍ରଚାର

ହୋଇ ପାରିବ । ସଦ୍‌ଗୁରୁମାନଙ୍କର ଏହା ଥିଲା ମୁଖ୍ୟ ଉଦ୍ଦେଶ୍ୟ । ଠାକୁର ନିଗମାନନ୍ଦ ଏହି ସମନ୍ୱୟ ରକ୍ଷା କରିବାର ଚେଷ୍ଟା କରିଥିଲେ । ଠାକୁର ଅନୁକୂଳ ଚନ୍ଦ୍ରଙ୍କର କାର୍ଯ୍ୟାବଳୀର ଉଦ୍ଦେଶ୍ୟ ମଧ୍ୟ ସର୍ବ ଧର୍ମର ସମନ୍ୱୟ ପ୍ରତିଷ୍ଠା ।

ପ୍ରତ୍ୟେକ ମନୁଷ୍ୟର କିଛି ନା କିଛି ବିଶେଷତ୍ୱ ଅଛି । ଭଗବାନ ମନୁଷ୍ୟକୁ ସୃଷ୍ଟି କଲା ବେଳେ ପ୍ରତ୍ୟେକ ମନୁଷ୍ୟକୁ କେତେକ ବିଶେଷ ଗୁଣ ଦେଇଛନ୍ତି । ତେଣୁ ସମଗ୍ର ମାନବ ସମାଜ ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ସଂଘବଦ୍ଧ ହେଲେ ଜଣକର ଗୁଣ ଅପରର ପରିପୂରକରୂପେ କାର୍ଯ୍ୟ କରିବ । ଏହା ସମଗ୍ର ମାନବ ସମାଜକୁ ଏକୀଭୂତ କରାଇ ଏକ ଉଦ୍ଦେଶ୍ୟରେ ଅନୁପ୍ରାଣିତ କରାଇବ; ଏକ ଶ୍ରେଣୀହୀନ ସୁସ୍ଥ ସମାଜ ଗଠନ କରି ପାରିବ, ଅନ୍ୟଥା ଏହା ସମ୍ଭବ ନୁହେଁ । ସଂଘର ଆବଶ୍ୟକତା ଏଇଥିପାଇଁ । ଯାହାଙ୍କର ଯେଉଁ ବିଷୟରେ ଅଭାବ ଅଛି ସେ ଏକାକୀ ହୋଇ ରହିଲେ ତାହା ଉପଲବ୍ଧି କରି ପାରିବେ ନାହିଁ ତେଣୁ ନିଜର ଅଭାବ ପୂରଣ ପାଇଁ ସେ ଚେଷ୍ଟା କରିବେନାହିଁ । କିନ୍ତୁ ସେହି ଗୁଣ ଯେଉଁ ଲୋକଠାରେ ଅଛି ଯଦି ସେ ସେହି ବ୍ୟକ୍ତିର ସାହଚର୍ଯ୍ୟ ଲାଭ କରନ୍ତି ତେବେ ତାଙ୍କର ସେହି ଅପୂର୍ଣ୍ଣ ଗୁଣ ସଂପୂର୍ଣ୍ଣ ହେବ । ଏହିପରି ପରସ୍ପର ପରସ୍ପର ଅଭାବ ବୁଝିପାରି ତାହା ପୂରଣ କରିବାକୁ ଚେଷ୍ଟା କରିବେ । ଏହାହିଁ ହେଲା ସଂଘର ବିଶେଷତ୍ୱ ।


ଜଣେ ସିଦ୍ଧ ଯୋଗୀ ଅଠରଜଣ ଗୁରୁଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ସେହି ଗୁରୁମାନଙ୍କ ମଧ୍ୟରେ ପିମ୍ପୁଡ଼ିକା ମଧ୍ୟ ଅନ୍ତର୍ଭୁକ୍ତ । ଅବଧୂତଙ୍କର ଚବିଶି ଗୁରୁ ଥିବା କଥା ଆପଣମାନେ ଜାଣନ୍ତି ।

ସଂଘବଦ୍ଧ ପ୍ରଚେଷ୍ଟା କେବଳ କଳିଯୁଗରେ କାର୍ଯ୍ୟକାରୀ ହେବବୋଲି କୁହା ଯାଇଥିଲେ ମଧ୍ୟ ସତ୍ୟଯୁଗାବଧି ଏହି ପ୍ରଚେଷ୍ଟା ଚାଲି ଆସୁଅଛି । ପୌରାଣିକ ଯୁଗରେ ଏହି କଥା ବାରମ୍ବାର ପ୍ରମାଣିତ ହୋଇଅଛି ଯେ ଅସୁର-ମାନଙ୍କ ଦ୍ୱାରା ସ୍ୱର୍ଗରାଜ୍ୟବିଚ୍ୟୁତ ଦେବତା ଗଣ ସଂଘବଦ୍ଧ ହୋଇ ଅସୁର ବିନାଶ ଉପାୟ ଚିନ୍ତା କରିଥିଲେ । ମହିଷାସୁରକୁ ନାଶ କରିଥିବା ଦୁର୍ଗତିନାଶିନୀ ଦୁର୍ଗାଙ୍କର ସବୁ ଦେବତାଙ୍କର ତେଜରାଶିର ସଂଘବଦ୍ଧ ରୂପ । ତାଙ୍କର ଶକ୍ତି-ସର୍ବ ଦେବ ଶକ୍ତିର ସମଷ୍ଟି ଏବଂ ତାଙ୍କର ଆୟୁଧ-ସର୍ବ ଦେବା ଦେବୀଙ୍କର ବ୍ୟବହୃତ ଆୟୁଧ । ତ୍ରେତା-ଯୁଗରେ ରାମଚନ୍ଦ୍ର ବାନର ଓ ଭଲ୍ଲୁକ ସେନା ନେଇ ପ୍ରବଳ ପରାକ୍ରମୀ ରାବଣକୁ ସଂହାର କରିପାରିଥିଲେ । ଋଷିମାନେ ସଂଘବଦ୍ଧ ହୋଇ ମାନବ ଜଗତକୁ ଶିକ୍ଷା ଦେଇଥିଲେ ଓ ଅନୀତି ମାର୍ଗରୁ ଉଦ୍ଧାର କରିଥିଲେ, କରୁଛନ୍ତି ମଧ୍ୟ ।

ବୁଦ୍ଧଦେବଙ୍କ ଅନୁଶାସନରେ ଅଛି, "ସଂଘଂ ଶରଣ ଗଚ୍ଛାମି" । ଚୈତନ୍ୟ ଦେବ ସଂଘବଦ୍ଧ ଭାବରେ ହରି ନାମ କୀର୍ତ୍ତନ ଓ ନାମ ପ୍ରଚାର କରିବାକୁ ଉପଦେଶ ଦେଇଥିଲେ ଅତଏବ ମାନବ ସମାଜ ସଂଘବଦ୍ଧ ହେବା ଏକାନ୍ତ ଆବଶ୍ୟକ । ସଂଘବଦ୍ଧ ସମାଜ ସବୁ କିଛି ଜୟ କରି ପାରିବ । ସମାଜକୁ ଠାକୁର ଅନୁକୂଳଚନ୍ଦ୍ରଙ୍କର ଏହା ହେଉଛି ଅଭୟବାଣୀ ।

ଏହି ସଂଘତ୍ୱର ଉପାଦେୟତା ଉପଲବ୍ଧି ନିମିତ୍ତ ଏହି ଭକ୍ତ ସମ୍ମିଳନୀ । ଭକ୍ତ ସମ୍ମିଳନୀ ହେଉଛି ଭାବ ବିନିମୟର ପ୍ରଶସ୍ତ କ୍ଷେତ୍ର । ଏଠାରେ ଉପସ୍ଥିତ ଭାଇ-ଭଉଣୀମାନେ ନିଜ ଅନ୍ତରର ସମସ୍ତ ବ୍ୟଥା, ସମସ୍ତ ବେଦନା ନିର୍ବିକାର ଚିତ୍ତରେ ପ୍ରକାଶ କରନ୍ତୁ । ଆଶା ଓ ହତାଶା ଭାବର ବିନିମୟ ହେଉ । ଆଶାର କାହାଣୀ ଶୁଣି ନିରାଶ ହୃଦୟରେ ଆଶାର ବର୍ତ୍ତିକା ଜଳି ଉଠୁ । ସବୁ ପ୍ରାଣରେ ସମାନ ଭାବ ଜାଗି ଉଠୁ । ପରସ୍ପର ଭେଦଭାବ ବିସ୍ମୃତ ହୋଇ ଏକାତ୍ମ ମିଳନ ପ୍ରତିଷ୍ଠା ହୋଇ ସଂଘ ଶକ୍ତି ଆହୁରି ଅଧିକ ଶକ୍ତିଶାଳୀ ହେଉ । ଏହି ସଂଘ ଶକ୍ତିର ମହିମା, ମାହାତ୍ମ୍ୟ ଦେଶ ବିଦେଶରେ ପ୍ରଚାରିତ ହୋଇ ମାନବ ହୃଦୟରେ ଆନନ୍ଦର ଉତ୍ସ ସୃଷ୍ଟି କରୁ, ଆପଣ-ମାନଙ୍କର ମିଳନ ଫଳପ୍ରଦ ହେଉ, ଉଦ୍ଦେଶ୍ୟ ସିଦ୍ଧିଲାଭ କରୁ ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ



ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଗତ ଅକ୍ଟୋବର ୫ ତାରିଖ ଦିନ ଭୁବନେଶ୍ୱରଠାରେ ଅନୁଷ୍ଠିତ ପଥୁରିଆ ଅଞ୍ଚଳରେ ଭୂତଳ ଜଳ ଉନ୍ନୟନ ସମ୍ପର୍କିତ ଅଖିଳ ଭାରତ ଆଲୋଚନା ଚକ୍ରରେ ଉଦ୍‌ବୋଧନ ଦେଉଛନ୍ତି



ଯୋଜନା କମିଶନ ସଦସ୍ୟ ଶ୍ରୀ ବି. ଶିବରମଣ ୧୯୭୮ ନଭେମ୍ବର ୭ ତାରିଖ ଦିନ ସଚିବାଳୟଠାରେ ବିଭିନ୍ନ ବିଭାଗର ଶାସନ ସଚିବ, ବିଭାଗୀୟ ମୁଖ୍ୟ, ରେଭିନ୍ୟୁ ଡିଭିଜନାଲ କମିଶନର, ଜିଲ୍ଲାପାଳ ଓ ଅନ୍ୟାନ୍ୟଙ୍କୁ ପୂର୍ଣାଙ୍ଗ ଗ୍ରାମ ଉନ୍ନୟନ ଓ ବ୍ଲକ ସ୍ତରୀୟ ଯୋଜନା ସମ୍ପର୍କରେ ଉଦବୋଧନ ଦେଉଛନ୍ତି

ଶକୁନି ପ୍ରୋତ୍ସାହିତ କପଟପାଶା ଖେଳରେ ରାଜ୍ୟ ଓ ଧନ ସଂପତ୍ତି ହରାଇ ଧର୍ମରାଜ ଯୁଧିଷ୍ଠିର ଭାଇ ଓ ଦ୍ରୌପଦୀଙ୍କ ସଙ୍ଗେ ଅନେକ ବନ ବୁଲି ବୁଲି ଆସି ଦ୍ୱୈତ ବନରେ ଅବସ୍ଥାନ କରୁ ଥାଆନ୍ତି । ଚତୁଃପାର୍ଶ୍ୱରେ ମୁନିଋଷି ପରିବେଷ୍ଟିତ ହୋଇ ସେ ବନବାସକୁ ଦୁଃଖ ବୋଲି ଭାବୁ ନ ଥାନ୍ତି । କଥାରେ ଅଛି—ସ୍ଥିତପ୍ରଜ୍ଞମାନେ ସୁଖରେ ଆତ୍ମହରା ବା ଦୁଃଖରେ ବିଚଳିତ ହୁଅନ୍ତି ନାହିଁ ।

ଏଣେ ଦୁର୍ଯ୍ୟୋଧନର ଗୁପ୍ତଚରମାନେ ଏ ସବୁ ଖବର ପାଇ ଜଣା କଲେ ମାନଚକ୍ରବର୍ତ୍ତୀଙ୍କ ପାଖରେ । ଶୁଣି ଆଶ୍ଚର୍ଯ୍ୟ ହେଲେ ମାନଚକ୍ରବର୍ତ୍ତୀ—ବିଶ୍ୱାସ ହେଲା ନାହିଁ ଦୂତର ଉକ୍ତି ।

ତଦାରଖ ନିଜେ କରିବା କର୍ତ୍ତବ୍ୟ । ସେତେବେଳେ ନିଜେ ଯୁବରାଜ ବିଜେ କରୁଛନ୍ତି ପାତ୍ରମନ୍ତ୍ରୀ ସୈନ୍ୟ ସେନାପତି ଆନୁଷଙ୍ଗିକ ମାତ୍ର । ରାଜମର୍ଯ୍ୟାଦା ରକ୍ଷା କରିବା ସେମାନଙ୍କର କର୍ତ୍ତବ୍ୟ । କିନ୍ତୁ ପ୍ରକୃତ ଉଦ୍ଦେଶ୍ୟ-ନିଜର ପରାକ୍ରମ ଦେଖାଇ ପାଣ୍ଡବମାନଙ୍କୁ ଲଜ୍ଜିତ କରିବା ।

ଶୁଭ ଦିନରେ ଶୁଭ ଅନୁଷ୍ଠାନ ହେଲା । ସାଙ୍ଗରେ ପୂର୍ବ କଳ୍ପିତ ଯୋଜନା ଅନୁସାରେ ଦୁଃଶାସନ ସହ ଅନ୍ୟ ଭାଇମାନେ ମହାରଥୀ କର୍ଣ୍ଣ ଓ ଅସଂଖ୍ୟ ସେନାବାହିନୀ ତାଙ୍କର ଅନୁଗମନ କଲେ । ଅନ୍ତଃପୁରର ମହିଳା ଦାସ ପରିଚାରୀ ନର୍ତ୍ତକୀମାନେ ମଧ୍ୟ ଯାଇଥିଲେ ।

କୌରବମାନେ ସେ ପୁଣି ପାଣ୍ଡବମାନଙ୍କର ହାନି ଘଟାଇବେ ଏହି ଆଶଙ୍କାରେ ଚିତ୍ରସେନକୁ ଯଥେଷ୍ଟ ଗନ୍ଧର୍ବ ଦଳ ସହ ଧର୍ମରାଜଙ୍କ ପରିବାରକୁ ସେମାନଙ୍କର ଅଳକ୍ଷ୍ୟରେ ରକ୍ଷା କରିବାର ନିର୍ଦ୍ଦେଶ ଦେଇ ଦ୍ୱୈତବନକୁ ପ୍ରେରଣ କରିଥିଲେ ।

ଚିତ୍ରସେନଙ୍କ ଦଳ କୌରବମାନଙ୍କର ଏତାଦୃଶ ବ୍ୟବହାର ଦେଖି ପ୍ରତିବାଦ କଲେ । ସେହି ସ୍ଥାନ ଛାଡ଼ି ସେଠାରୁ ସରି ଯିବାକୁ ନିର୍ଦ୍ଦେଶ ଦେଲେ ।

"ନଚେତ୍ ?
ପଳାୟନ ହେବ ଉତ୍ତର
ଯାହା ପାଇଁ କେହି କେବେଁ
ହେବେ ନାହିଁ ଦାୟୀ ।"

# ପରାକ୍ରମ—ନା—ପରାଭବ

ଶ୍ରୀ କୈଳାଶ ଚନ୍ଦ୍ର ମିଶ୍ର
ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ

"ବନବାସେ ରହି ମଧ୍ୟ ଅଛନ୍ତି ନିଶ୍ଚିନ୍ତେ ।" ଏହା କିପରି ସମ୍ଭବ ? ଭାବିଲେ, "ନିଜେ ଦେଖି ଆସିଲେ ଭଲ ହୁଅନ୍ତା ।" କହିବାକୁ ଗଲେ ନିଜର ପାତ୍ରମନ୍ତ୍ରୀ ଅମାତ୍ୟ ସୈନ୍ୟ ସାମନ୍ତଙ୍କ ସହ ଥରେ ଯାଇ ନିଜର ପ୍ରୀତି ଦେଖାଇବା ହିଁ ଥିଲା ତାଙ୍କର ପ୍ରଚ୍ଛନ୍ନ ଅଭିପ୍ରାୟ କିନ୍ତୁ ଏହା ସମ୍ଭବ ହେବ କିପରି ? ଅନ୍ଧରାଜ ଧୃତରାଷ୍ଟ୍ର କଅଣ ଏଥିରେ ସମ୍ମତ ହେବେ ? ଏତିକି ବେଳକୁ ପାଳି ପଡ଼ିଲା ଶକୁନିଙ୍କର । ଦୁର୍ଯ୍ୟୋଧନଙ୍କୁ ସେ ଯେ କେବଳ ମତାଇ ଦେଲେ ତାହା ନୁହେଁ, ବରଂ ଅନ୍ଧ ରାଜାଙ୍କୁ ବୁଝାଇ ତାଙ୍କଠାରୁ କୌଣସି ଏକ ଆଳରେ ଅନୁମତି ଆଣିବା ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଲେ । ମତଲବ ହେଲା ଶତ୍ରୁର ଦୁର୍ଦ୍ଦିନ ସମୟରେ ନିଜର ପ୍ରୀତି ପ୍ରକାଶ୍ୟ ଭାବରେ ଦେଖାଇ ଶତ୍ରୁକୁ ଲଜ୍ଜିତ କରିବେ, ଆହୁରି ଅଧିକ ଅପମାନିତ କରିବେ । କୂଟଜ୍ଞଙ୍କର ଅଭିପ୍ରାୟ ବୁଝିବା କଷ୍ଟସାଧ୍ୟ । ଚକ୍ରୀ ଶିରୋମଣି ଶକୁନିଙ୍କର କଥାତ ନ କହିବା ଭଲ !

ବଡ଼ କଷ୍ଟରେ ଅନ୍ଧରାଜାଙ୍କଠାରୁ ଅନୁମତି ମିଳିଲା । ସେ ମନେ ମନେ ସନ୍ଦେହ କରୁଥିଲେ ମଧ୍ୟ ପ୍ରକାଶ୍ୟରେ ବୁଝିଲେ ଯେ ଦୁର୍ଯ୍ୟୋଧନ ଘୋଷ ଯାତ୍ରା କରିବାକୁ ଯିବେ । ଅରଣ୍ୟରେ ଥିବା ଗାଈ ଓ ବାଛୁରୀମାନଙ୍କର ହିସାବ ନେବେ । ଘୋଷମାନଙ୍କଠାରୁ ଲେଖାପଢ଼ା କରାଇବେ । ନିଜର ବାହ୍ୟ ସଂପତ୍ତିର ଘୋଷମାନଙ୍କ ପାଖରେ ପହଞ୍ଚି ଗାଈ ବାଛୁରୀ ଛଡ଼ା, ବଳଦ ମାନଙ୍କର ତଦାରଖ ଓ ହିସାବ ହେଲା । ଏ କାର୍ଯ୍ୟ ସୁରୁଖୁରୁରେ ସରିଗଲା । ଆସଲ ଉଦ୍ଦେଶ୍ୟ ତ ଦ୍ୱୈତବନ । ଏଣୁ ଶୀଘ୍ର ସେହି ସ୍ଥାନରେ ପହଞ୍ଚିବା ଦରକାର ।

ସମସ୍ତେ ଯାଇ ପହଞ୍ଚିଲେ ଦ୍ୱୈତ ବନରେ । ଏତେଗୁଡ଼ିଏ ଲୋକ ରହିବେ କେଉଁଠି ଖାଇବେ କଅଣ ? ଏଣୁ ଦଳେ ଶିକାର କରି ବନ୍ୟ ଜନ୍ତୁଙ୍କୁ ମାରି ମାଂସ ସଂଗ୍ରହ କରିବାରେ ଲାଗିଲେ । ଆଉ ଦଳେ ଜଙ୍ଗଲ ସଫାକରି ବସବାସ କରିବା ନିମିତ୍ତ ବସାବାସ ସ୍ଥାପନ କରିବାର ବ୍ୟବସ୍ଥାରେ ରହିଲେ ଏବଂ ଆଉ କେତେଜଣ ତାଳପତ୍ର ଗୃହ ତିଆରି କରିବାରେ ଲାଗି ପଡ଼ିଲେ ।

କିନ୍ତୁ ଏଠି ପାଇଲେ ପ୍ରଥମ ପ୍ରତିବାଦ-ପ୍ରତିରୋଧ । ପ୍ରତିରୋଧର କାରଣ ? କଥାରେ ଅଛି—ଧର୍ମୋ ରକ୍ଷତି ରକ୍ଷିତଃ । ଧାର୍ମିକ ଧର୍ମକୁ ରକ୍ଷା କରେ । ଧର୍ମଦେବ ମଧ୍ୟ ଧାର୍ମିକକୁ ରକ୍ଷା କରନ୍ତି । ପାଣ୍ଡବମାନଙ୍କ ଉପରେ ଦୁର୍ଯ୍ୟୋଧନାଦି କୌରବ ଗଣ ଯେଉଁ ଉତ୍ପୀଡ଼ନ ଆରମ୍ଭ କରିଥିଲେ ତାହା ମର୍ତ୍ତ୍ୟରେ ସେପରି କାହାରି ସହ୍ୟ ହେଉ ନ ଥିଲା, ସ୍ୱର୍ଗରେ ମଧ୍ୟ ଇନ୍ଦ୍ରାଦି ଦେବଗଣଙ୍କର ସହ୍ୟ ହେଲା ନାହିଁ । ସେ ପ୍ରକାଶ୍ୟ ପ୍ରତିବାଦ ନ କରି ସମୟର ଗତିକୁ ଅପେକ୍ଷା କଲେ ସତ, କିନ୍ତୁ

ଏତେ ଆସ୍ପର୍ଦ୍ଧା ଏ ଗନ୍ଧର୍ବଗୁଡ଼ାଙ୍କର । ତାହା ପୁଣି ମାନଚକ୍ରବର୍ତ୍ତୀଙ୍କର ସେନା ପ୍ରତି ?

ନା-ନା-ନା-ଅସମ୍ଭବ, ଅସହ୍ୟ ଆସ୍ପର୍ଦ୍ଧା
ପ୍ରତିବାଦ ଅତି ଦରକାର "

ଯାହା ହେଲେ ହେଉ ପରିଣାମ
ମାନରକ୍ଷା ପ୍ରଥମ କର୍ତ୍ତବ୍ୟ "

ପରିଣାମରେ ଯୁଦ୍ଧ ହେଲା ଭୟଙ୍କର । ଏହି ଯୁଦ୍ଧ ଯଜ୍ଞରେ ଆହୁତି ହେଲେ କୌରବ ସେନା । "ଅନେକ ହେଲେ ବନ୍ଦୀ । ମହାରଥୀ ଆଖ୍ୟାଧାରୀ କର୍ଣ୍ଣ ଆକର୍ଣ୍ଣ ଧନୁଷ୍ଟଙ୍କାର କରି ମଧ୍ୟ ବିଜିତ ହେଲେ" ଦୁର୍ଯ୍ୟୋଧନଙ୍କୁ ରକ୍ଷା କରି ପାରିଲେ ନାହିଁ । ମାନଚକ୍ରବର୍ତ୍ତୀ ନିଜର ମାନ ମଧ୍ୟ ରକ୍ଷା କରି ପାରିଲେ ନାହିଁ । ଚିତ୍ରସେନ କର୍ତ୍ତୃକ ବନ୍ଦୀ ହେଲେ । ଚିତ୍ରସେନ ମଧ୍ୟ ପାଣ୍ଡବଙ୍କର ଉପକାର କରିବା ଏବଂ ପ୍ରତିଜ୍ଞା ପାଳନରେ ସମର୍ଥ ହୋଇଥିବା ଯୋଗୁଁ ଅତୀବ ଖୁସି ମନରେ ପ୍ରତ୍ୟାଗମନ କଲେ ଦେବରାଜଙ୍କୁ ଶୁଭ ଖବର ଜଣାଇବା ପାଇଁ । ତାଙ୍କ ମତରେ 'ପାପୀ ଲଭିଲା ପାପଫଳ' ।

ଅବସ୍ଥା ଗୁରୁତର ହେଲା । "ଦୁର୍ଯ୍ୟୋଧନଙ୍କ ସେନାମାନଙ୍କ ମଧ୍ୟରୁ କେତେ ଜଣ ଯାଇ ଏହି ଦୁଃଖ ଦୁର୍ଦ୍ଦଶା କଥା ଧର୍ମରାଜଙ୍କୁ ଜଣାଇଲେ । "ଧର୍ମରାଜଙ୍କ ହୃଦୟରେ ଦୁଃଖ

ବିଗଳିତ ହେଲା । ଭାଇମାନଙ୍କର ଏ ଦୁର୍ଦ୍ଦଶା ତାଙ୍କପକ୍ଷେ ଅସହ୍ୟ । ସେ ତତ୍‌କ୍ଷଣାତ୍ ଭୀମ ଓ ଅର୍ଜ୍ଜୁନଙ୍କୁ ଡ଼କାଇ ସବୁ କଥା କହିଲେ ଏବଂ ଶୀଘ୍ର ପ୍ରତିକାର କରିବାକୁ ଉପଦେଶ ଦେଲେ:—

ତାଙ୍କ ବର୍ତ୍ତମାନେ,
ଭାଇ ଦୁର୍ଯ୍ୟୋଧନ ହେବେ ଶତ୍ରୁ ନିର୍ଯ୍ୟାତିତ
ତାଙ୍କ. ପକ୍ଷେ ଅସହ୍ୟ ଏକଥା ॥

ତାଙ୍କରି ଜୀବିତେ,
ହସ୍ତିନାର ଶିରୀ ହେବ ଭୂପୃଷ୍ଠେ ଲୁଣ୍ଠିତ
ଧର୍ମରାଜ କେଭେଁ ଏହା ନ ପାରିବେ ସହି ॥

ତାଙ୍କରି ସମ୍ମୁଖେ
ହସ୍ତିନା ରମଣୀ ହେବେ ଗନ୍ଧର୍ବ ଧର୍ଷିତ
ମରଣତ ବହୁଗୁଣେ ଏଥୁ ଶ୍ରେୟସ୍କର !

ଏଣୁ ଦେଲେ ସେ ଆଦେଶ !

ଯାଅ ଶୀଘ୍ର ଭୀମସେନ ଯାଅ ଅର୍ଜ୍ଜୁନ
ମୁକ୍ତ କରି ଆଣ ଶୀଘ୍ର ଭାଇ ଦୁର୍ଯ୍ୟୋଧନ

ମୁକ୍ତ କରି ଆଣ ଯାଇ ହସ୍ତିନା ରମଣୀ
ବିଳମ୍ବରେ ଉପୁଜିବ ବିଷମ ସମସ୍ୟା ॥

ଧର୍ମରାଜଙ୍କ ଉପଦେଶ ସ୍ଥିର ଚିତ୍ତରେ ଶୁଣୁଥିଲେ ବୀର ଅର୍ଜ୍ଜୁନ କିନ୍ତୁ ଭୀମସେନ କରିଲେ ଅଗ୍ରାହ୍ୟ ॥ ଦେଲେ ସେ ଉତ୍ତର କିଏ କାର ଭାଇ ଧର୍ମରାଜ ।

ତାର କେବେ କରିପାରେ ଇଚ୍ଛା
ଭାଇଙ୍କୁ ମାରିବା ପାଇଁ ଦେଇ ବିଷଲଡ଼ୁ ?
କେଉଁ ଭାଇ କେଉଁ ଯୁଗେ କରିଅଛି ଇଚ୍ଛା
ଜତୁଗୃହେ ପୋଡ଼ିବାକୁ ନେଇ ସୋଦରଙ୍କୁ ?
ଭାଇ କେବେ କରିପାରେ ଭ୍ରାତୃବଧୂ ସଭାରେ
ଉଲଗ୍ନ ?

ଆଉ ଭାଇ କେବେ କରଣକେ
କରେ ବିତାଡ଼ିତ ଖେଳାଇ କପଟପଶା ?

ଏଣୁ ଧର୍ମରାଜ ମୋର ଅନୁରୋଧ ॥

ନ ଦେଖାଇ ମହାନୁଭବତା
ରହନ୍ତୁ ନୀରବେ,
ଘଟଣାର ଗତି ପ୍ରତି ରଖିଥାନ୍ତୁ ଲକ୍ଷ୍ୟ ॥

ଧର୍ମରାଜ ବିକଳ ହୋଇ ପଡ଼ିଲେ—ଭୀମ ଅନିଚ୍ଛୁକ—ଅର୍ଜ୍ଜୁନ ନିରୁତ୍ତର । ତେଣୁ ସେ ଅର୍ଜ୍ଜୁନଙ୍କୁ ମଧ୍ୟ ଉପରୋକ୍ତମତେ ଉପଦେଶ ଦେଲେ । ଶେଷ କଥା କହିଲେ ସେ ସେ ଯଜ୍ଞରେ ପ୍ରବିଷ୍ଟ ଥିବାରୁ ଯାଇପାରୁ ନାହାନ୍ତି ।

କିନ୍ତୁ ଯଦ୍ୟପି ଏ ଦୁଇ ଭାଇ
ତାଙ୍କ କଥା କରିବେ ଅମାନ୍ୟ
ତେବେ ନିଜେ ଯାଇ ସେହୁ
କରି ଯୁଦ୍ଧ ଗନ୍ଧର୍ବ ସଙ୍ଗତେ
ନିଶ୍ଚେ ଫେରାଇ ଆଣିବେ
ଧୃତରାଷ୍ଟ୍ର ପୁତ୍ରେ :
ଆପଣାର ସୋଦର ସକଳେ ।

ହେଲେ ହେଉ ଯଜ୍ଞ ଭଙ୍ଗ ପାପ
ନିଜ ପୁଣ୍ୟ ପାଇଁ,
ଭ୍ରାତୃ ଗଣଙ୍କୁ ଆହୂତି ନପାରିବେ ଦେଇ ॥

ବଂଶ ମର୍ଯ୍ୟାଦା, ଭ୍ରାତୃ ଅପମାନ
ଜୀବ ଥିବା ଯାଏଁ କେଭେଁ ନପାରିବେ ସହି !

ଆଉ ପାରେ ଭାଇ ଭାଇ ମଧ୍ୟେ ଭେଦଭାବ
କିନ୍ତୁ ଅପର ନେବ ସୁଯୋଗ ଏହି ଶିକ୍ଷତାର ?

ଯଦି ହୋଇ କୁଳ ଦୁକୁ ଦେଖୁଥିବା ତାହା
ଅବିବେକୀ ପଣ କି ହେବ ସଂସାରେ ?

ଯୁଧିଷ୍ଠିରଙ୍କ ନିରାଟ କଥା ଶୁଣି ପ୍ରଶ୍ନ କଲେ ବୀର ଅର୍ଜ୍ଜୁନ !

ପ୍ରଶ୍ନ—
ବୁଝୁଛି ମୁଁ ଆପଣଙ୍କ ଭକ୍ତିର ତାତ୍ପର୍ଯ୍ୟ,
କିନ୍ତୁ ଚିତ୍ରସେନ ପ୍ରିୟବନ୍ଧୁ ମୋର ।
ସହୋଦରଠାରୁ ବି ଅଧିକ ।

ଧାର୍ତ୍ତରାଷ୍ଟ୍ରଙ୍କ ସକାଶେ,
ତାଙ୍କ ସଙ୍ଗରେ ବୈରତା ହେବ କି ସୁନ୍ଦର ?

କି ଭାବିବେ ଶୁଣି ଦେବରାଜ ?
କି କହିବେ ଅମର ମଣ୍ଡଳୀ ?

ଏହି ଉକ୍ତିରୁ ଧର୍ମରାଜ ଭାବିଲେ ସେ ଅର୍ଜ୍ଜୁନ ଏକାନ୍ତ ଅମଙ୍ଗ ନୁହନ୍ତି । ଏଣୁ କହିଲେ ବୁଝାଇ—

ବନ୍ଧୁ ପରି ବ୍ୟବହାର ଦେଖାଇ ଗନ୍ଧର୍ବେ
ଫେରାଇ ଆଣ ଅଚିରେ ସୁଯୋଧନେ ଏଥେ ॥

—ନହେଲେ ସଙ୍ଗତ ?

—କରିପାର ମୃଦୁ ଯୁଦ୍ଧ ଗନ୍ଧର୍ବ ସଙ୍ଗତେ । ।

—ମୃଦୁ ଯୁଦ୍ଧେ ନହେଲେ ସମ୍ଭବ

—ଯାହା ଉପଯୁକ୍ତ ତାହା କରିବ ବ୍ୟବସ୍ଥା ।

—ବୀର ତୁମେ ଜ୍ଞାନୀ ସୁପଣ୍ଡିତ,

—ଅବସ୍ଥାକୁ ଦେଖି ତୁମେ କରିବ ବ୍ୟବସ୍ଥା ।

ଅର୍ଜ୍ଜୁନ ଅଗ୍ରସର ହେଲେ । ଭୀମ ମଧ୍ୟ ଭାଇଙ୍କର ସହାୟ ହୋଇ ଅନୁଗମନ କଲେ । ନିଜର ଇଚ୍ଛା ଯାହା ଥାଉ ପଛେ ଧର୍ମରାଜଙ୍କ ଆଦେଶ ପାଳନ, ଦୁର୍ଯ୍ୟୋଧନର ମୁକ୍ତି, କୌରବ ରମଣୀଗଣଙ୍କର ଗନ୍ଧର୍ବ କବଳରୁ ମୁକ୍ତି ଏକାବେଳେକେ ଅନେକଗୁଡ଼ିଏ ଉଦ୍ଦେଶ୍ୟ ସାଧନ ।

ଦୁର୍ଯ୍ୟୋଧନଙ୍କୁ ବନ୍ଧନ କରି କୌରବ ରମଣୀମାନଙ୍କୁ ସଙ୍ଗରେ ନେଇ ଫେରି ଯାଉଥିବା ଚିତ୍ରସେନ ପଛରୁ ଡ଼ାକ ଶୁଣି ଫେରି ଚାହିଁଲେ । ଦେଖିଲେ ଅର୍ଜ୍ଜୁନ ଓ ଭୀମଙ୍କୁ । ଅର୍ଜ୍ଜୁନ ଅନୁରୋଧ କଲେ ଦୁର୍ଯ୍ୟୋଧନାଦିଙ୍କୁ ଫେରାଇ ଦେବା ପାଇଁ । ଚିତ୍ରସେନ ଅମଙ୍ଗ ହେବାରୁ ଯୁଧିଷ୍ଠିରଙ୍କ ଉଦ୍ଦେଶ୍ୟ ମଧ୍ୟ ଜଣାଇଲେ । କିଛି ଫଳ ହେଲାନାହିଁ । ଶେଷରେ ହେଲା ଯୁଦ୍ଧ । ମାୟା ଯୁଦ୍ଧ ପ୍ରବୀଣ ଚିତ୍ରସେନ ମାୟାଯୁଦ୍ଧର ଆଶ୍ରୟ ନେଇ ଶୂନ୍ୟ ମାର୍ଗରେ ଅଦୃଶ୍ୟ ହୁଅନ୍ତି । କିନ୍ତୁ ଶବ୍ଦ ଭେଦୀ ଅର୍ଜ୍ଜୁନ ଚିତ୍ରସେନଙ୍କଠାରୁ ବହୁ ଅଧିକ ପରାକ୍ରମୀ । ଅତଏବ ଯୁଦ୍ଧରେ ହାରିଲେ ଚିତ୍ରସେନ । ଦୁର୍ଯ୍ୟୋଧନଙ୍କୁ ମୁକ୍ତ କରିବାକୁ ବାଧ୍ୟ ହେଲେ ।

ଅର୍ଜ୍ଜୁନଙ୍କ ମନରେ ଆଶଙ୍କା ହେଲା ଯଦି ଦୁର୍ଯ୍ୟୋଧନଙ୍କୁ ଶୂନ୍ୟରୁ ଛାଡ଼ି ଦିଅନ୍ତି । ତେବେ ସେ ଭୂପତିତ ହେଲେ ମୃତ୍ୟୁ ବରଣ କରିବେ । ଏତେ ପରିଶ୍ରମ ବୃଥା ହେବ । ଏଣୁ ତତକ୍ଷଣାତ୍ ଗୋଟିଏ ଶରପଥ ତିଆରି କରିଦେଲେ । ପଥର ଶେଷ—ଧର୍ମରାଜଙ୍କ ପାଦତଳେ । ଏହି ପଥରେ ଗଡ଼ି ଗଡ଼ି ଆସି ଦୁର୍ଯ୍ୟୋଧନ ଧର୍ମରାଜଙ୍କ ପାଦତଳେ ପଡ଼ିଲେ ମୁମୂର୍ଷୁ ଅବସ୍ଥାରେ । । ଧର୍ମରାଜ ମୁକ୍ତ ଦୁର୍ଯ୍ୟୋଧନଙ୍କୁ ଦେଖି ପ୍ରଥମେ ଆନନ୍ଦିତ ହେଲେ ସତ କିନ୍ତୁ ତାଙ୍କର ଶାରୀରିକ ଅବସ୍ଥା ଦେଖି ବିକଳ ହେଲେ । ସେବା ଶୁଶ୍ରୂଷା କରାଇବାରୁ ମାନଚକ୍ରବର୍ତ୍ତୀଙ୍କର ଜ୍ଞାନ ଫେରି ଆସିଲା । ସେ ଯୁଧିଷ୍ଠିରଙ୍କୁ ପ୍ରଣାମ କଲେ । ଯୁଧିଷ୍ଠିର ଉପଦେଶ ଦେଲେ ଯେ ଗନ୍ଧର୍ବମାନଙ୍କ ସଙ୍ଗରେ ଶତ୍ରୁତା କରିବା ଉଚିତ ହେଲା ନାହିଁ । ପ୍ରକୃତ ହିତାକାଂକ୍ଷୀର ଉପଦେଶ ଗ୍ରହଣ କଲେ ବିପତ୍ତି ଆସେ ନାହିଁ । ଯାହା ହେଉ ଯୁଧିଷ୍ଠିର ଥିବା ଯୋଗୁଁ ତାଙ୍କର କିଛି କ୍ଷତି ହେଲା ନାହିଁ । ନଚେତ ଗନ୍ଧର୍ବମାନେ ଯାହା କରିବାକୁ ଯାଉଥିଲେ ତାହା କୁରୁକୁଳଙ୍କୁ ଲଜ୍ଜାରେ ବୁଡ଼ାଇ ଦେଇଥାଆନ୍ତା । ସବୁ କଥା ଭୁଲି ନିଜ ରାଜ୍ୟକୁ ଫେରିଯାଆନ୍ତୁ ଓ ଭବିଷ୍ୟତରେ ଏପରି କର୍ମରେ ବ୍ୟାପୃତ ନହୁଅନ୍ତୁ ବୋଲି ସେ ଉପଦେଶ ଦେଲେ ।

ପ୍ରକାଶ୍ୟରେ ଦୁର୍ଯ୍ୟୋଧନ ଧର୍ମରାଜଙ୍କୁ ସମ୍ମତି ପ୍ରଦାନ କଲେ । କିନ୍ତୁ ଏ ଉପଦେଶ ଗୁଡ଼ିକ କଟା ଘାରେ ଚୂନ ବୋଳିବା ପରି ଯନ୍ତ୍ରଣାଦାୟକ ମନେ ହେଉଥିଲା । ସେ ବିଗିଡ଼ିଥିଲେ କଥଣ, ହେଲେ କଥଣ ? କାନମୁଣ୍ଡ ଆଉଁସି ଫେରିଲେ । ଭାବୁଥିଲେ "ଆସିଥିଲି ଦେଖାଇବାକୁ ପରାକ୍ରମ କିନ୍ତୁ ପରିଣାମରେ ପାଇଲି ପରାଭବ" ॥

# ଯୁଗ ପୁରୁଷ ଲାଲା ଲଜପତ୍‌ରାୟ୍

ଶ୍ରୀ ଲଳିତ ପଟ୍ଟଯୋଷୀ

ଆଫ୍ରିକାରୁ ପ୍ରତ୍ୟାବର୍ତ୍ତନ କରି ଗାନ୍ଧିଜୀ ଭାରତର ସ୍ୱାଧୀନତା ସଂଗ୍ରାମକୁ ନେତୃତ୍ୱ ଦେବା ପୂର୍ବରୁ ଯେଉଁ ମହାନ୍ ଦେଶପ୍ରେମୀ ମହାପୁରୁଷଗଣ ଭାରତୀୟ ଜନମାନସକୁ ଜାତୀୟ ଚେତନାର ସ୍ରୋତରେ ଅବଗାହନ କରାଇଥିଲେ ସେମାନଙ୍କ ମଧ୍ୟରେ ଲଲ୍ ଲଜପତ୍ ରାୟ ଥିଲେ ଅନ୍ୟତମ । ଦେଶ-ପ୍ରେମର ବହ୍ନିଶିଖା ଯାହାର ଜେଲରୀବନ୍ଦ ପୁରୁଷକାରକୁ ଆଜୀବନ ଦୀପ୍ତିମନ୍ତ କରି ରଖିଥିଲା ସେହି ଲାଲଜୀ ଥିଲେ ବାସ୍ତବରେ ଜଣେ ଯୁଗପୁରୁଷ ।

ଲଜପତ ରାୟ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ନ ଥିଲେ, ସେ ଦୃଢ଼ ପ୍ରତିଜ୍ଞାଭାବ ଓ ସାଧୁତାର ଅନ୍ୟାନ୍ୟ ସମନ୍ୱୟର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ । ଆମ ଦେଶର ରାଜନୀତି, ସମାଜନୀତ, ଶିକ୍ଷାନୀତି, ଧର୍ମନୀତି ତଥା ଅର୍ଥନୀତି ଉପରେ ତାଙ୍କର ଆଦର୍ଶ ଓ ଆଦର୍ଶରେ ପ୍ରଭାବିତ ହୋଇ ଲେଖିଥିଲେ "ମୁଁ ତାଙ୍କ ଅପେକ୍ଷା ଜଣେ ଭଲ ଶିକ୍ଷକ କେବେ ଦେଖିନାହିଁ .......... ....... ସେ ତାଙ୍କର ଛାତ୍ରମାନଙ୍କ ନିକଟରେ ଦେବତା ପରି ପୂଜ୍ୟ ଥିଲେ । "ଲଜପତ୍ ରାୟଙ୍କର ମା' ଜଣେ ଧର୍ମପ୍ରାଣା ମହିଳା ଥିଲେ । ଏଣୁ ସେ ତାଙ୍କ ଆଦ୍ୟ ଜୀବନରେ ପିତା ମାତା ଉଭୟଙ୍କଠାରୁ ଏକ ଆଦର୍ଶ ଚରିତ୍ରିକ ସଙ୍ଗଠନର ପ୍ରେରଣା ପାଇଥିଲେ ଏବଂ ତାହା ତାଙ୍କର ସମଗ୍ର ଜୀବନକୁ ଭାରତୀୟ ସଂସ୍କୃତିର ଏକ ଜୀବନ୍ତ ପ୍ରତୀକ ରୂପେ ଗଢିଥିଲା । ତାଙ୍କର ନିଜର ସ୍ୱୀକାରୋକ୍ତିରେ ଏହା ସ୍ପଷ୍ଟ । "ମୋର ଯାହା କିଛି ମୁଁ ମୋର ପିତା ମାତାଙ୍କଠାରୁ ହିଁ ପାଇଛି ।"

ଛାତ୍ର ଜୀବନରେ ଲଜପତ୍ ରାୟ ଜଣେ ମେଧାବୀ ଛାତ୍ର ଥିଲେ ଏବଂ ଧର୍ମ ଓ ରାଜନୀତି ସମ୍ପର୍କୀୟ ଆଲୋଚନାରେ ଭାଗ ନେଉଥିଲେ । ପ୍ରସାରିତ କାର୍ଯ୍ୟକ୍ରମରେ ମନୋନିବେଶ କଲେ, ହିନ୍ଦୁ ଧର୍ମ ଓ ସମାଜ ସଂସ୍କାର ଓ ଶିକ୍ଷା ପ୍ରସାର ପ୍ରଭୃତି ଲୋକ ହିତକର କାର୍ଯ୍ୟ ପାଇଁ ଆର୍ଯ୍ୟ ସମାଜ କରିଆରେ ସିଦ୍ଧି କରି ନ ପାରିବାରୁ ସେ ଭାରତୀୟ ଜାତୀୟ କଂଗ୍ରେସରେ ୧୮୮୮ରେ ଯୋଗ ଦେଲେ । ଅଳ୍ପକାଳ ମଧ୍ୟରେ ସେ କଂଗ୍ରେସର ଜଣେ ତରୁଣ ନେତା ଭାବରେ ଖ୍ୟାତିଲାଭ କଲେ ।

୧୯୦୩ରେ ସେ ତତ୍‌କାଳୀନ ଦୁର୍ଭିକ୍ଷ କମିଶନ ସମ୍ମୁଖରେ ସରକାରୀ କଳର ଅପାରଗତ ସମ୍ବନ୍ଧରେ ବିଶଦ ପ୍ରମାଣ ଉପସ୍ଥାପନା କରିଥିଲେ । ଦୁର୍ଭିକ୍ଷ ରିଲିଫ୍ କମିଟିର ସମ୍ପାଦକ ଭାବରେ ୧୯୦୫ରେ କାଙ୍ଗ୍ରାର ଭୂମିକମ୍ପ ପ୍ରପୀଡ଼ିତ ଲୋକମାନଙ୍କୁ ତାଙ୍କର ସାହାଯ୍ୟ ଅବିସ୍ମରଣୀୟ । ୧୯୦୭ରେ କଂଗ୍ରେସ ପକ୍ଷରୁ ଲଜପତ ରାୟ ଓ ଗୋପାଳକୃଷ୍ଣ ଗୋଖେଲଙ୍କୁ ବ୍ରିଟେନର କାର୍ଯ୍ୟାବଳୀର ଏକ ସ୍ୱକୀୟ ପ୍ରଭାବ ସେ ରଖିଯାଇଛନ୍ତି । ବାସ୍ତବିକ ସେ ସମୟର ଭାରତୀୟ ଜନଜୀବନର ପ୍ରତ୍ୟେକ ଦିଗକୁ ଲାଲଜୀ ତାଙ୍କର ଚିନ୍ତାଧାରା ଓ କାର୍ଯ୍ୟରେ ଉନ୍ନତ ମୋଡ଼ ଦେବାକୁ ସକ୍ରିୟ ଚେଷ୍ଟା କରିଥିଲେ । ଗାନ୍ଧୀଜୀ ତାଙ୍କ ସମ୍ପର୍କରେ କହିଥିଲେ, "କୌଣସି ଗୋଟିଏ ଜନଜାଗରଣ ଉପେକ୍ଷା କରିବା ଅସମ୍ଭବ ଯେଉଁଥିରେ ଲାଲଜୀ ଭାଗ ନେଇ ନ ଥିଲେ ।"

ପଞ୍ଜାବର ଲୁଧିଆନା ଜିଲ୍ଲାରେ ଲଜପତ୍ ରାୟ ୧୮୬୫ ଜାନୁଆରୀ ୨୮ ରେ ଜାଗରାଁ-ଠାରେ ଜନ୍ମଲାଭ କରିଥିଲେ । ତାଙ୍କର ପିତା ଲାଲ ରାଧାକ୍ରିଷନ ଯଦିଓ ବା ଧନୀ ନଥିଲେ, ତଥାପି ଜଣେ ଜ୍ଞାନୀ ଓ ଧର୍ମପ୍ରାଣ ବ୍ୟକ୍ତି ଭାବରେ ତାଙ୍କର ସୁନାମ ଥିଲା । ସେ ଗୋଟିଏ ସରକାରୀ ବିଦ୍ୟାଳୟରେ ଉର୍ଦ୍ଦୁଭାଷାରେ ଶିକ୍ଷକ ଥିଲେ ଓ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କର ଜଣେ ଭକ୍ତ ଥିଲେ । ସେ ଅଧ୍ୟାପନା କାର୍ଯ୍ୟକୁ ଖୁବ୍ ଭଲ ପାଉଥିଲେ ଏବଂ ଶିକ୍ଷା ଦାନ ତାଙ୍କ ଜୀବନର ଏକ ମୁଖ୍ୟ ଲକ୍ଷ୍ୟ ଥିଲା । ଲଜପତ ରାୟ ପିତାଙ୍କର ଏହି ଏହି ସମୟରେ ସେ ପୁସ୍ତକ ପଠନର ଅଭ୍ୟାସ ଆରମ୍ଭ କରିଥିଲେ, ଯାହା ତାଙ୍କର ଜୀବନ-ବ୍ୟାପୀ ଏକ ମୁଖ୍ୟ ଦୈନନ୍ଦିନ କାର୍ଯ୍ୟ ଥିଲା ।

ଏହା ପରେ ସେ ଉଚ୍ଚଶିକ୍ଷା ସକାଶେ ଲାହୋର ଆସିଲେ ଓ ସେଠାରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଯ୍ୟ ସମାଜର ଜଣେ ସଭ୍ୟ ହୋଇଥିଲେ । ଏହି ବୟସରେ ସେ ଜଣେ ସୁବକ୍ତା ଭାବରେ ଲୋକ ପ୍ରିୟତା ଅର୍ଜନ କରିଥିଲେ । ପୃଥିବୀର ବିଭିନ୍ନ ଦେଶର ଜାତୀୟତାବାଦୀ ନେତା-ମାନଙ୍କର ଆଦର୍ଶରେ ପ୍ରଭାବିତ ହୋଇ ସେ ଇଟାଲୀୟ ଜାତୀୟ ସଂଗ୍ରାମର ମହାରଥୀ ମାଜିନୀ ଓ ଗାରିବାଲଡ଼ିଙ୍କର ଜୀବନୀ ରଚନା କରିଥିଲେ ।

୧୮୮୫ରେ ଲାଲଜୀ ଆଇନ୍ ପାଶ୍ କରି ହିସାରଠାରେ ଓକିଲତି ଆରମ୍ଭ କଲେ । ୧୮୯୨ ରେ ସେ ପୁଣି ଲାହୋର ଫେରି ଆସି ଆଇନ ବ୍ୟବସାୟରେ ପ୍ରତିଷ୍ଠା ଅର୍ଜନ କଲେ । ପଣ୍ଡିତ ହଂସରାଜ ଓ ପଣ୍ଡିତ ଗୁରୁଦତ୍ତଙ୍କ ଘନିଷ୍ଠ ସହଯୋଗରେ ସେ ଆର୍ଯ୍ୟ ସମାଜର ଜନସାଧାରଣଙ୍କୁ ଭାରତୀୟମାନଙ୍କର ଦାବୀ ସମ୍ପର୍କରେ ଅବହିତ କରାଇବା ପାଇଁ ଇଂଲଣ୍ଡ ପଠାଗଲା । ତାଙ୍କର ପ୍ରଭାବଶାଳୀ ବକ୍ତୃତା ଓ ଲେଖା ମାଧ୍ୟମରେ ସେ ବ୍ରିଟିଶ ଶାସନର ସ୍ୱେଚ୍ଛାଚାରିତା ବିରୁଦ୍ଧରେ ପ୍ରଖର କରିଥିଲେ । ତାଙ୍କର ଏହି ଇଂଲଣ୍ଡ ଗସ୍ତ ଫଳରେ ରାଜ-ନୀତିର ବିଭିନ୍ନ ଦିଗ ଉପରେ ତାଙ୍କର ଚିନ୍ତା-ଧାରା ସମ୍ପ୍ରସାରଣ ଲାଭ କରିଥିଲା ।

ଐତିହାସିକ ସୁରାଟ ଅଧିବେଶନରେ କଂଗ୍ରେସର ଜଣେ ଉଗ୍ରବାଦୀ ନେତା ଭାବରେ ଲାଲଜୀଙ୍କୁ ସମସ୍ତେ ଜାଣିଲେ । ସେହିବର୍ଷ ରୈାଲପୁରଠାରେ ଏକ ଜନସମାବେଶକୁ ଉଦ୍‌ବୋଧନ ଦେଉଥିବା ସମୟରେ ତାଙ୍କୁ ଗିରଫ କରାଗଲା ଓ ମାଣ୍ଡାଲକୁ ସ୍ଥାନାନ୍ତରିତ କରାଗଲା । ଏଠାରେ ସେ ତାଙ୍କର ପ୍ରସିଦ୍ଧ ପୁସ୍ତକ "ଦି ଷ୍ଟୋରି ଅଫ୍ ମାଇଁ ଡିପୋର୍ଟେସନ୍" ରଚନା କରିଥିଲେ ।

ଜେଲରୁ ଖଲାସ ହେବା ପରେ ଲଜପତ୍ ରାୟ ଲାହୋର ମ୍ୟୁନିସିପାଲିଟିକୁ ନିର୍ବାଚିତ ହୋଇଥିଲେ ଏବଂ ଏହି ସମୟରେ ତାଙ୍କୁ

କାର୍ଯ୍ୟ ଦକ୍ଷତା ଜନସାଧାରଣଙ୍କ ମଧ୍ୟରେ ତାଙ୍କୁ ଯଥେଷ୍ଟ ସମ୍ମାନ ଆଣି ଦେଇଥିଲା ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ତାଙ୍କୁ ସଫଳତା ଯେପରି ଅନୁସରଣ କରୁଥିଲା ବୋଧହୁଏ ସେଇଥିପାଇଁ ସେ କହିଥିଲେ, "ଆମର ସଫଳତା ନିର୍ଭର କରୁଛି ଆମର ନିଷ୍ଠା, ସ୍ୱାର୍ଥତ୍ୟାଗ, ଆତ୍ମନିବୃତ୍ତି ଓ ସତ୍‌ପଥରେ ଅଗ୍ରସର ହେବାର ଦୃଢ଼ତା ଉପରେ ।"

୧୯୧୪ରେ ଯେତେବେଳେ ଯୁଦ୍ଧ ଆରମ୍ଭ ହୋଇଗଲା ଲଜପତ ରାୟ ପୁଣି ଥରେ ଇଂଲଣ୍ଡ ଗଲେ । କିନ୍ତୁ ଭାରତକୁ ଫେରିବା ପାଇଁ ସେ ପାସପୋର୍ଟ ପାଇ ପାରିଲେ ନାହିଁ । ଅବଶ୍ୟ ସେ ସମୟରେ କେତେକ ଜନରବ ସୃଷ୍ଟି ହୋଇଥିଲା ଯେ ଭାରତକୁ ଫେରିଲେ ତାଙ୍କୁ ଗିରଫ କରାଯିବ । ତେଣୁ ସେ ନିଜ ଇଚ୍ଛାରେ ସେଠାରୁ ଯୁକ୍ତରାଷ୍ଟ୍ର ଆମେରିକାକୁ ଚାଲିଗଲେ ଏବଂ ସେଠାରେ ଦୀର୍ଘ ୬ବର୍ଷ ରହଣି ମଧ୍ୟରେ ସ୍ୱାଧୀନଚେତା ଆମେରିକାବାସୀଙ୍କ ମନରେ ଭାରତର ପରିସ୍ଥିତି ଓ ଦାବୀ ସମ୍ପର୍କରେ ପ୍ରଚାର ଚଳାଇଥିଲେ । ' Nation ' ପତ୍ରିକାର ଖ୍ୟାତନାମା ସମ୍ପାଦକ ଓଲ୍‌ଓ୍ୱାଲ୍‌ଡ୍ ଭିଲାର୍ଡ ଲାଲଜୀଙ୍କୁ "ଜଣେ ବୁଦ୍ଧିମାନ, ସାହସୀ, ବିଶ୍ୱରବନ୍ତ ରାଷ୍ଟ୍ରଦୂତ , ଏକ ପ୍ରସିଦ୍ଧ ଜାତିର ମହାନୁଭବ ଓ ଉଦାରଚେତା ବ୍ୟାଖ୍ୟାକାର, ମାନବିକ ଅଧିକାରର ଜଣେ ବିଜ୍ଞ ଛାତ୍ର" ରୂପେ ଅଭିହିତ କରିଥିଲେ ।

ଲଜପତ୍ ରାୟ ତାଙ୍କର ଆମେରିକା ଅବସ୍ଥାନ କାଳରେ 'ଆର୍ଯ୍ୟ ସମାଜ', 'ୟଙ୍ଗ ଇଣ୍ଡିଆ ଓ 'ଇଂଲଣ୍ଡସ ଡେଟ୍ ଟୁ ଇଣ୍ଡିଆ' ପ୍ରଭୃତି କେତେକ ପୁସ୍ତକ ରଚନା କରିଥିଲେ । ୧୯୧୯ରେ ଜାଲିଓ୍ୱାନାଓ୍ୱାଲାବାଗ ଗୁଳିକାଣ୍ଡ ଶୁଣି ସେ ଆଉ ବିଦେଶରେ ରହି ପାରିଲେ ନାହିଁ । ତାଙ୍କର ବିଦାୟ ଉପଲକ୍ଷେ ଆୟୋଜିତ ଏକ ସଭାରେ ଯୁକ୍ତରାଷ୍ଟ୍ର ଆମେରିକାର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ତତ୍‌କାଳୀନ ସହକାରୀ ସେକ୍ରେଟାରୀ ଡଡଲି ମାଲୋନ୍ ଲାଲଜୀଙ୍କର ଦାର୍ଶିକ, ସ୍ୱାଧୀନତା ମନୋଭାବର ଉଚ୍ଚ ପ୍ରଶଂସା କରିଥିଲେ ।

ଲାଲ ଲଜପତ ରାୟଙ୍କର ସ୍ୱଦେଶ ପ୍ରତ୍ୟାବର୍ତ୍ତନ ସମ୍ବାଦ ଭାରତ ସାରା ପ୍ରଚାରିତ ହୋଇ ଯାଇଥିଲା । ସମଗ୍ର ଜାତି ଏହି ପୁରୁଷ ଶ୍ରେଷ୍ଠଙ୍କର ପ୍ରତ୍ୟାଗମନକୁ ଅପେକ୍ଷା କରି ରହିଥିଲା । ଭାରତରେ ପହଞ୍ଚିବା ପରେ ପରେ ଲାଲଜୀ କଂଗ୍ରେସର ସ୍ୱତନ୍ତ୍ର କଲିକତା ଅଧିବେଶନରେ ସଭାପତି ରୂପେ ନିର୍ବାଚିତ ହୋଇଥିଲେ । ତାଙ୍କର ସଭାପତି ଅଭିଭାଷଣରେ ସେ ଜାଲିଓ୍ୱାନାଓ୍ୱାଲାବାଗ ହତ୍ୟା କାଣ୍ଡର ମୁଖ୍ୟ ନିର୍ଦ୍ଦେଶକ ଜେନେରାଲ ଡାୟାରଙ୍କ ବିରୁଦ୍ଧରେ ୧୬ଟି ଅଭିଯୋଗ ଉଲ୍ଲେଖ କରି ତାଙ୍କର ଭୀଷଣ ନିନ୍ଦାବାଦ କରିଥିଲେ ।

ବାସ୍ତବ ଦୃଷ୍ଟିକୋଣରୁ ବିଚାର କଲେ ଲାଲଜୀ ଜଣେ ପ୍ରକୃତ ଜନନେତା ଥିଲେ । ସେ ଥରେ ଲେଖିଥିଲେ ଯେ "ଯାହାର ନେତୃତ୍ୱ ସନ୍ତୋଷ ଦାୟକ, କାର୍ଯ୍ୟକ୍ଷମ, ଯେ' ସମସ୍ତଙ୍କ ମଧ୍ୟରେ ଅଗ୍ରଣୀ, ଯେ' ନିର୍ଭୀକ ଓ ସାହସୀ ଏବଂ ସର୍ବୋପରି ଯାହାର ନିଃସ୍ୱାର୍ଥପରତା ସନ୍ଦେହର ଊର୍ଦ୍ଧ୍ୱରେ ସେଇ ହିଁ ନେତା ପଦବାଚ୍ୟ ।" ସାମାଜିକ, ଆର୍ଥନୀତିକ, ଧର୍ମ ଓ ଶିକ୍ଷା ସମ୍ପର୍କୀୟ ସମସ୍ତ ସମସ୍ୟା ପ୍ରତି ସେ ସଚେତନ ଥିଲେ । ଏହି ପରିପ୍ରେକ୍ଷୀରେ ଲୋକସେବକମଣ୍ଡଳ ଜରିଆରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଲାଲଜୀଙ୍କର ବହୁମୁଖୀ କାର୍ଯ୍ୟ ଦକ୍ଷତାର ପ୍ରତ୍ୟକ୍ଷ ପ୍ରମାଣ ।

ଜଣେ ନିଷ୍ଠାପର ହିନ୍ଦୁ ଭାବରେ ସେ ନିଜକୁ ଗୌରବାନ୍ୱିତ ମନେ କରୁଥିଲେ ଏବଂ ଆର୍ଯ୍ୟ ସମାଜର ସଙ୍ଗଠନରେ ତାଙ୍କର ଉଲ୍ଲେଖନୀୟ ଭୂମିକା ଏଇ ଧର୍ମାନୁଗତ ଭାବରୁ ହିଁ ଗଢି ଉଠିଥିଲା । ଭାରତର ସଂସ୍କୃତି ଓ ଐତିହ୍ୟ ଉପରେ ଭରା ଦେଇ ଜାତିର ନୈତିକ ଉତ୍‌ଥାନ ହେବ ବୋଲି ସେ ବିଶ୍ୱାସ କରୁଥିଲେ । ହିନ୍ଦୁମାନଙ୍କର ଉତ୍‌ଥାନ ପ୍ରତି ସେ କିପରି ବିଶେଷ ଗୁରୁତ୍ୱ ଦେଉଥିଲେ ତାଙ୍କର ଥାମ ଓଡ଼ିଶା ଆଗମନ ବେଳେ ପୁରୀ ସିଂହଦ୍ୱାର ସମ୍ମୁଖରେ ୧୯୨୫ ମସିହା ଅପ୍ରେଲ ୨୫ ତାରିଖ ଶନିବାର ଅପରାହ୍ଣରେ ପଣ୍ଡିତ ଗୋପବନ୍ଧୁଙ୍କ ଦ୍ୱାରା ଆହୂତ ସଭାରେ ପ୍ରଦତ୍ତ ଭାଷଣରେ ତା'ର ସ୍ପଷ୍ଟ ସୂଚନା ଦେଇଥିଲେ । ଆଧ୍ୟାତ୍ମିକ ଚେତନାର ଜାଗରଣ ଉପରେ ଗୁରୁତ୍ୱ ଆରୋପ କରି ସେ କହିଥିଲେ, "ବ୍ୟକ୍ତିର ଆତ୍ମିକ ବିକାଶ ଓ ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟର ସବୁ ଧର୍ମର ମୂଳ ଲକ୍ଷ୍ୟ ହେବା ଉଚିତ ।"

ଲଜପତ୍ ରାୟ ବହୁମୁଖୀ କର୍ମକ୍ଷମତାର ଏକ ବିରଳ ଦୃଷ୍ଟାନ୍ତ । ପଞ୍ଜାବରେ ଜଣେ ବିଶିଷ୍ଟ ସମାଜସେବୀ ରୂପେ ଦୁର୍ଭିକ୍ଷ ପ୍ରପୀଡ଼ିତ ଅଞ୍ଚଳରେ ରିଲିଫ୍ କାର୍ଯ୍ୟ, ଅନାଥାଶ୍ରମ ପରିଚାଳନା ପ୍ରଭୃତି ଜନହିତକର କାର୍ଯ୍ୟରେ ସେ ଥିଲେ ଅଗ୍ରଣୀ । ଶିକ୍ଷା କ୍ଷେତ୍ରରେ ଲଜପତ୍ ରାୟଙ୍କର ଭୂମିକା ଉଲ୍ଲେଖଯୋଗ୍ୟ । ତାଙ୍କ ନିଜ ଭାଷାରେ "ସ୍କୁଲ ଛାଡ଼ିବା ଦିନଠାରୁ ମୁଁ ଆଜି ପର୍ଯ୍ୟନ୍ତ ଶିକ୍ଷା ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଆସିଛି । ଶିକ୍ଷା ପଦ୍ଧତିର ଅନୁଶୀଳନ ମୋ ଜୀବନରେ ଏକ ଅନ୍ୟତମ ଆଗ୍ରହ ହୋଇ ରହିଯାଇଛି ।" ଲାହୋରର ଦୟାନନ୍ଦ କଲେଜ, ଜଳନ୍ଧରର ଆଙ୍ଗ୍ଲୋ—ସାଂସ୍କୃତ କଲେଜ ଏବଂ ଆର୍ଯ୍ୟ ସମାଜ ପ୍ରତିଷ୍ଠିତ ସ୍କୁଲମାନଙ୍କସହ ସେ ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ ଥିଲେ । ନ୍ୟାସନାଲ କଲେଜ ଅଫ ଲାହୋର ଓ ତିଲକ ସ୍କୁଲ ଅଫ୍ ପଲିଟିକ୍ସ ଅନୁଷ୍ଠାନଦ୍ୱୟର ସେ ପ୍ରତିଷ୍ଠାତା ଥିଲେ । ପିତାଙ୍କ ପରି ଲଜପତ୍ ରାୟ ଯୁବ ସମ୍ପ୍ରଦାୟକୁ ଯେପରି ଗଭୀର ଶ୍ରଦ୍ଧା କରୁଥିଲେ, ସେହିପରି ସେମାନଙ୍କର ଶିକ୍ଷାଗତ ସମସ୍ତ ସମସ୍ୟାର ସମାଧାନ ଓ ଶିକ୍ଷାର ମାନରେ ଉନ୍ନତ ଆଣିବା ପାଇଁ ସଦା ଚେଷ୍ଟିତ ଥିଲେ । ବାସ୍ତବିକ, ଶିକ୍ଷା ସମ୍ପର୍କୀୟ ତାଙ୍କର ମୌଳିକ ମତସବୁ ଆଜି ମଧ୍ୟ ଗ୍ରହଣୀୟ ।

ଜଣେ ଉଚ୍ଚକୋଟୀର ସାମ୍ବାଦିକ ଭାବରେ ବ୍ରିଟିଶରାଜ୍ କାଳରେ ସେ ଜାତୀୟ ଚେତନାର ସ୍ୱର ଅକୁଣ୍ଠ ଚିତ୍ତରେ ଉତ୍ତୋଳନ କରିଥିଲେ । ଉର୍ଦ୍ଦୁ ଦୈନିକ 'ବନ୍ଦେ ମାତରମ୍' ଓ ଇଂରାଜୀ ଦୈନିକ 'ପିପୁଲ' ପତ୍ରିକା ଦ୍ୱୟର ସେ ପ୍ରତିଷ୍ଠାତା ଥିଲେ । ପଞ୍ଜାବ ନ୍ୟାସ୍‌ନାଲ ବ୍ୟାଙ୍କର ଜଣେ ଡାଇରେକ୍ଟର ହେବା ଛଡ଼ା, ସେ ଲକ୍ଷ୍ମୀ ଇନସୁରାନ୍‌ସ କମ୍ପାନୀ ଓ ପଞ୍ଜାବର କେତେକ ଲୁଗାକଳ ଓ ଛାପାକଳ ସହ ମଧ୍ୟ ସମ୍ପୃକ୍ତ ଥିଲେ । ବୈଜ୍ଞାନିକ ପଦ୍ଧତିରେ ଶିଳ୍ପର ଉନ୍ନତି କରାଯିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଉଥିଲେ ।

୧୯୨୧ ରେ ଲଜପତ୍ ରାୟ ସମଗ୍ର ପଞ୍ଜାବ ଗସ୍ତକରି ମାତ୍ର ୧୦ ଦିନ ମଧ୍ୟରେ ତିଳକ ସ୍ୱରାଜ୍ୟ ପାଣ୍ଠି ସକାଶେ ୯ଲକ୍ଷ ଟଙ୍କା ସଂଗ୍ରହ କରି ପାରିଥିଲେ । ସେହି ବର୍ଷ ଡିସେମ୍ବର ମାସରେ ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟିର ଏକ ବୈଠକରେ ସଭାପତିତ୍ୱ କରୁଥିବା ସମୟରେ ତାଙ୍କୁ ଗିରଫ କରାଗଲା ଓ ସେ ଏକବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେଲେ । କିନ୍ତୁ ସ୍ୱାସ୍ଥ୍ୟଜନିତ କାରଣରୁ ତାଙ୍କୁ ମୁକ୍ତି ଦିଆଗଲା । ପରେ ପରେ, ସେ କେନ୍ଦ୍ରୀୟ ବ୍ୟବସ୍ଥା ସଭାକୁ ନିର୍ବାଚିତ ହୋଇଥିଲେ ।

ଲାଲଜୀ ହିନ୍ଦୁ-ମୁସଲମାନ ଏକତାରେ ଜଣେ ଦୃଢ଼ ବିଶ୍ୱାସୀ ଥିଲେ । ତେଣୁ ସେ କହିଥିଲେ, ହିନ୍ଦୁ-ମୁସଲମାନ ଏକତା ଆମର ରାଜନୈତିକ ଭବିଷ୍ୟତ ପାଇଁ ଏକ ଶ୍ରେଷ୍ଠ ଐଶ୍ୱର୍ଯ୍ୟ । ଆମେ ଏହାକୁ ଆମ ବିଶ୍ୱାସର ଏକ ମୂଳସୂତ୍ର ବୋଲି ଗ୍ରହଣ କରିନେବା.... ଆମେ ଦେଶରେ ଭାଇଭାଇ ପରି ବାସ ..... କରିବା ଆମେ ଏହାକୁ ଆମ ରାଜନୈତିକ ବିଶ୍ୱାସର ପ୍ରଥମ ଅନୁଚ୍ଛେଦ ରୂପେ ଗ୍ରହଣ କରିନେବା ଆବଶ୍ୟକ ।


୧୯୨୮ରେ ସାଇମନ୍ କମିଶନ୍ ଭାରତ ଆସିଲେ ଏବଂ ସମଗ୍ର ଦେଶରେ ଏହା ବିରୁଦ୍ଧରେ ବିକ୍ଷୋଭ ଦେଖା ଦେଇଥିଲା । ପଞ୍ଜାବରେ ଏହି ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ ଲଜପତ୍ ରାୟ । ଲାହୋରଠାରେ ଏକ ଶୋଭାଯାତ୍ରାର ନେତୃତ୍ୱ ନେଉଥିବା ବେଳେ. ପୁଲିସର ଲଠି ମାଡ଼ରେ ସେ ଗୁରୁତର ଆହତ ହେଲେ । ଏହାର କିଛି ସପ୍ତାହ ପର୍ଯ୍ୟନ୍ତ ଭାରତ ସ୍ୱାଧୀନତା ସଂଗ୍ରାମର ଏହି ଅପରାଜେୟ ଯୋଦ୍ଧା ମୃତ୍ୟୁ ସହ ସଂଘର୍ଷ କରି ୧୯୨୮ ନଭେମ୍ବର ୧୭ ତାରିଖରେ ଇହଲୀଳା ସମ୍ବରଣ କଲେ । ଏକ କର୍ତ୍ତବ୍ୟନିଷ୍ଠ ସୈନିକ ପରି ସେ ଦେଶର ସ୍ୱାର୍ଥ ପାଇଁ ସଂଗ୍ରାମ କରୁ କରୁ ଯୁଦ୍ଧ ଭୂମିରେ ହିଁ ସବୁଦିନ

ସହାଣେ ଶୋଇଗଲେ । ଲଲଜୀ ଯେ ଆଉ ନାହାନ୍ତି ଗାନ୍ଧୀଜୀ ତାହା ସ୍ୱୀକାର କରିନଥିଲେ । ସେ କହିଥିଲେ "ଲଲଜୀଙ୍କ ପରି ବ୍ୟକ୍ତି ଆକାଶରେ ସୂର୍ଯ୍ୟର ଅବସ୍ଥାନ ପର୍ଯ୍ୟନ୍ତ ମରି ନପାରନ୍ତି । ପ୍ରକୃତରେ ଭୂମାନିଅର କବି ହିରୋଟ଼ ବୋଲେଇଙ୍କ ଭାଷାରେ," He doesn't die who falls in battle, fighting for freedom.

## ଚଳିତ ବର୍ଷ ରାଜ୍ୟରେ ଅନ୍ତ୍ୟୋଦୟ ଯୋଜନା କାର୍ଯ୍ୟକାରୀ ହେବ

ଚଳିତ ବର୍ଷଠାରୁ ସମଗ୍ର ରାଜ୍ୟରେ ଅନ୍ତ୍ୟୋଦୟ ଯୋଜନା କାର୍ଯ୍ୟକାରୀ ହେବାପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହି ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ଚଳିତ ବର୍ଷ ୮ ହଜାର ଗ୍ରାମର ଅନ୍ତତଃ ୪୦ ହଜାର ଦରିଦ୍ର ପରିବାର ଉପକୃତ ହେବେ ଏବଂ ଷଷ୍ଠ ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା ଅନ୍ତତଃ ୨ ଲକ୍ଷ ପରିବାର ଏହି ଯୋଜନାର ସୁଫଳ ପାଇ ପାରିବେ । ଗ୍ରାମାଞ୍ଚଳରେ ଥିବା ଦରିଦ୍ରତମ ଲୋକଙ୍କୁ କର୍ମସଂସ୍ଥାନ ଯୋଗାଇବା ସଂଗେ ସଂଗେ ସେମାନଙ୍କର ସର୍ବବିଧ ଆର୍ଥିକ ବିକାଶ କରି, ଦାରିଦ୍ର୍ୟ ସୀମା ରେଖାର ଊର୍ଦ୍ଧ୍ୱରେ ଅବସ୍ଥାପିତ କରିବା ପାଇଁ ଏହି ଯୋଜନାରେ ବ୍ୟବସ୍ଥା କରାଯାଇଛି । ୨୭୯ଟି ବ୍ଲକ୍‌ର ଶତକଡ଼ା ୨୦ ଭାଗ ଗ୍ରାମକୁ ନେଇ ପ୍ରତି ଗ୍ରାମରୁ ଅନ୍ତତଃ ୫ ଜଣ ଲେଖାଏଁ ଦରିଦ୍ରତମ ବ୍ୟକ୍ତିଙ୍କୁ ଏହି ଯୋଜନା ପରିସରଭୁକ୍ତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥା, କମାଣ୍ଡ ଏରିଆ ଉନ୍ନୟନ ଅଥରିଟି, ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳ ଯୋଜନା, ଆଦିବାସୀ ଉନ୍ନୟନ ଏଜେନ୍‌ସି, ସମନ୍ୱିତ ଗ୍ରାମ ଉନ୍ନୟନ ଯୋଜନା ଓ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରୋଜେକ୍ଟ୍ ପ୍ରଭୃତି ଜରିଆରେ ମୁଖ୍ୟତଃ ଏହି ଯୋଜନା କାର୍ଯ୍ୟକାରୀ ହେବ ଏବଂ ବିଭିନ୍ନ ଅର୍ଥଲଗାଣକାରୀ ସଂସ୍ଥାମାନ ମଧ୍ୟ ଏଥି ସହିତ ସମ୍ପୃକ୍ତ ହେବେ ।

ଗାଁ ଗହଳରେ ଥିବା ଦରିଦ୍ରରୁ ଦରିଦ୍ରତମବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କର ବିଭିନ୍ନ ସମସ୍ୟା ଅନୁଧ୍ୟାନ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଆର୍ଥିକ ମାନଦଣ୍ଡର ବିକାଶ ଘଟାଇବା ପାଇଁ ଏହି ଯୋଜନାରେ ଲକ୍ଷ୍ୟ ରଖାଯାଇଛି ଓ ଗ୍ରାମ-ପଞ୍ଚାୟତ ଭଳି ଅନୁଷ୍ଠାନ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ଜଣାଯାଇଛି ।


ସୁପର ୭୭୭
ମଇଳାର ଶତ୍ରୁ, ଶୁଭ୍ରତାର ଶକ୍ତି
SWASTIK
SUPER 777
detergent washing bar
ଭାରତର ଲକ୍ଷ ଲକ୍ଷ ଗୃହିଣୀଙ୍କର
ପସନ୍ଦ ସୁପର ୭୭୭
ଡିଟରଜେଣ୍ଟ ଧୁଲେଇ ବାର
ପଇସାବଞ୍ଚାନ୍ତୁ, ଶୁଭ୍ରତାବଢ଼ାନ୍ତୁ
Shilpi dm. 15A/78 Ori

# ସଞ୍ଚୟ ଲୋଡ଼ା

ଅଧ୍ୟାପିକା ମନୋରମା ମହାପାତ୍ର

ଓଡ଼ିଆରେ ଗୋଟିଏ ଢ଼ଗ ଅଛି, 'କଉଡ଼ାକେ ମରି କଉଡ଼ାକେ ଚରି, କଉଡ଼ାକେ ଘର ଦୁଆର କରି" । କଥାଟିର ଅର୍ଥ ବଡ଼ ଗହନ । ଏହା ପଛରେ ଗୋଟିଏ ସୁନ୍ଦର କାହାଣୀ ଅଛି । ଗୋଟିଏ ଗୋଟିଏ କରି ପଇସା ସଂଚୟ କରି ଶେଷରେ ତାକୁ ମୂଳଧନ କରି, ମଣିଷ ନିଜ ପେଟ ପୋଷି ପାରିବା ସଙ୍ଗେ ସଙ୍ଗେ ଦେଶର ଉତ୍ପାଦନ ମଧ୍ୟ ବଢ଼ାଇ ଦେଶର ମଙ୍ଗଳ କରି ପାରେ ।

ଅଗଣା ଅଗଣି ବନସ୍ତ ମଧ୍ୟରେ କୁଡ଼ିଆଟିଏ । ତା ପାଖରେ ଅଛି ମାତ୍ର କଉଡ଼ି କଉଡ଼ାଟିଏ । ସେହି କଉଡ଼ି କଉଡ଼ାକରେ ସେ ମୟୂର ପର ଗୋଟେଇ ସୂତା କିଣିଆଣି ଗୋଟିଏ ପଙ୍ଖା କରି ବିକ୍ରି କଲା । ତାକୁ ମୂଳଧନ କରି ଆପଣାର ନିଜ ବୁଦ୍ଧି ଓ ଶିଳ୍ପ ପ୍ରତିଭା ବଳରେ ନିଜେ ଧନୀ ହେଲା ଓ ପାଖ ପଡ଼ୋଶୀଙ୍କୁ ପ୍ରଭାବିତ କରି ସେମାନଙ୍କୁ ମଧ୍ୟ ଅର୍ଥ ଉପାର୍ଜନକାରୀ କାମରେ ଲଗାଇ ପାରିଲା । ଏଥିପାଇଁ ଗୋଟିଏ ମତ ଲୋଡ଼ା । ବୁଦ୍ଧି, ପରିଶ୍ରମ ଆଉ ସଞ୍ଚୟ । ପେଟକୁ ଖେଦି ସଂଚୟ କରି ମନୁଷ୍ୟ ବୁଦ୍ଧି ବଳରେ ଅଧିକ ଆୟ କରି ପାରିବ । ଏହାରି ଉପରେ ଏହି ପ୍ରଚଳିତ ଢ଼ଗଟି ଗଢ଼ି ଉଠିଛି । ଆମ ପୂର୍ବ ପୁରୁଷମାନେ କହିଛନ୍ତି ଆୟ ଦେଖି ବ୍ୟୟ କର, ଶରୀର ଦେଖି ଧର୍ମ କର । ଯେତିକି ରୋଜଗାର କରିବ ତାକୁ ବୁଝି ଖର୍ଚ୍ଚ କରିବ । ପୁଣି ବିପଦ ଆପଦକୁ ଦି' ପଇସା ସଂଚୟ କରି ରଖିବ । କଥାରେ ଅଛି ପେଟ ପୁଖଣକୁ ବୋଇତ ବଣିକ ସରି ନୁହେଁ । ଅର୍ଥାତ୍ ମଣିଷ ଯଦି ଆପଣା ପେଟରୁ କାଟି ରଖି ଜାଣିବ ତେବେ ତାର ସମ୍ବଳ ବଢ଼ି ପାରିବ । ବୋଇତ ବାଣିଜ୍ୟ କଲେ ଧନ ମିଳେ ଯେତିକି ସେଥିରୁ ଅଧିକ ଧନ ମଧ୍ୟ ପେଟରୁ କାଟି ରଖି ହେବ । ଅର୍ଥାତ୍ ସଞ୍ଚୟ ହିଁ ମୂଳଧନ ପାଇଁ ଲୋଡ଼ା । ମୂଳଧନରୁ ବ୍ୟବସାୟ । ବ୍ୟବସାୟରୁ ଉତ୍ପାଦନ ବୃଦ୍ଧି, ଲାଭ ଓ ଅଧିକ ସଞ୍ଚୟ ସମ୍ଭବ । ଅର୍ଥନୀତି ଭାଷାରେ କହିଲେ, ଆମେ ଯଦି ଉପଭୋଗର ମାତ୍ରା କମେଇ ପାରିବା ଅର୍ଥାତ୍ ଆମର ଆବଶ୍ୟକୀୟ ଜିନିଷର ମାତ୍ରା କମେଇ ବଳକା ପଇସାକୁ ପୁଞ୍ଜି କରି ପୁଣି ଅନ୍ୟ ଧନ୍ଦାରେ ଲଗାଇ ଦେଶର ଉତ୍ପାଦନ ବୃଦ୍ଧିରେ ସାହାଯ୍ୟ କରିବା ତେବେ ଆମେ ଅଧିକରୁ ଅଧିକ ଦେଶର ଉନ୍ନତି କରି ପାରିବା । ଯେଉଁ କଥା ଗାଉଁଲି ଭାଷାରେ ଆମ ବଡ଼ବଡ଼ିଆ ଜାଣିବା ଶୁଣିବା ଲୋକମାନେ କହୁଥିଲେ ଏବେ ବିଦେଶ କଥା ଜାଣିଥିବା ଅର୍ଥନୀତି ପଣ୍ଡିତମାନେ ମଧ୍ୟ ସେହି କଥା ବିକାଶଶୀଳ ରାଜ୍ୟକୁ ବାରମ୍ବାର ବତାଉଛନ୍ତି ଓ ଶିଖାଉଛନ୍ତି । ହେଲେ ଆମେ ଶୁଣିଲେ ହେଲା । ଆମର ଯଦି ସବୁ କଥା ଏ କାନରେ ପଶି ସେ କାନରେ ବାହାରିଗଲା ତେବେ, "ଯେତେ ମାଠିକୁ ମାଠ, ମୁଁ ସେହି ଦରପୋଡ଼ା କାଠ" । "ଯେତେ ବୋଲିବୁ ବୋଲ, ମୋ ଦେହଟା ଯାକ ପୋଲ" । ସରକାର ବ୍ୟାଙ୍କ୍ ଜରିଆରେ ଅଧିକ ମୂଳଧନ ଯୋଗାଇଲେ ମଧ୍ୟ "ମତେ ନ ଅଣ୍ଟର ସାତ ଛୁଲି, ପଡ଼ିଶା ଘରକୁ କାହିଁ ଗଲ" ନୀତିରେ ଅଧିକାଂଶ ଲୋକେ ସେ ସବୁ ମୂଳଧନକୁ ଉତ୍ପାଦନ ବୃଦ୍ଧିରେ ନ ଲଗାଇ ସବୁ ପେଟରେ ପକାଇ ଦେଉଛନ୍ତି । ପରିଣାମରେ "ଆରେ ଢ଼ାମଣା, ବୁଲି ବୁଲି କରି ସେଇ ଅଗଣା" । ଫଳରେ ଅର୍ଥନୈତିକ ଅଗ୍ରଗତି ଆଖିଦୃଶିଆ ହେଉ ନାହିଁ । ସେ କାଳର ପୁରୁଣା ଲୋକେ କଥା ଛଳରେ ଯେଉଁ ଢ଼ଗ ପଦକ ବୋଲୁଥିଲେ, ଏବେ ବିଶିଷ୍ଟ ଅର୍ଥନୀତିଜ୍ଞ ଗୁନାର ମିର୍ଡ଼ଲ (Gunar Mrydal) ମଧ୍ୟ ତାଙ୍କର ବିଶ୍ୱବିଖ୍ୟାତ ପୁସ୍ତକ ଏସିଆନ୍ ଡ୍ରାମାରେ (Asian Drama) ନରମ ଦେଶ (Soft Country) ସଂପର୍କରେ ମଧ୍ୟ ସେହି କଥା ପଦକ ଲେଖିଛନ୍ତି । ଆମ ପୃଥିବୀରେ ଯେଉଁ ରାଜ୍ୟଗୁଡ଼ିକ ଗରିବ ବା ଅନୁନ୍ନତ ଅବସ୍ଥାରେ ଅଛନ୍ତି, ସେମାନଙ୍କର କେମିତି ଉନ୍ନତି ହେବ ସେଥିପାଇଁ ଯୋଜନା ସବୁ ରଖିଛି । ଆମ ଦେଶ କଥା ଆଉ ବିଚାରିବା କଥା । ଆମ ଭାରତ ବର୍ଷରେ ବହୁତ ଅବ୍ୟବହୃତ ସମ୍ବଳ ଅଛି । ନଦୀ, ନାଳ, ଖଣିଜ ପଦାର୍ଥ ପୁଣି ପଡ଼ିଆ ଜମି ସବୁ ମଧ୍ୟ ଅଛି । ଏହା ବ୍ୟତୀତ ମଣିଷ ମଧ୍ୟ ଗଣା ନାହାନ୍ତି । ଜନବଳ ଥିଲେ ସମ୍ବଳ ବଳ ଅଛି । ଖାଲି ଏହି ମଣିଷ ବଳ ଖଟେଇ ସମ୍ବଳକୁ କାମରେ ଲଗାଇ ଦେଶର ଉନ୍ନତି କରିବା କଥା । ଏଥିପାଇଁ ଟଙ୍କା ଲୋଡ଼ା । "ଜୟ ଟଙ୍କା, ମୁହଁ କରିଦିଏ ବଙ୍କା" । ଟଙ୍କା ଖର୍ଚ୍ଚ କଲେ ଏହି ମଣିଷମାନେ କାମ କରି ମଜୁରୀ ପାଇବେ

କଳ, ବନ୍ଧ, କାରଖାନା ସବୁ ତିଆରି ହୋଇ ପାରିବ ଓ ଦେଶର ଉତ୍ପାଦନ ବଢ଼ିବାରେ ସାହାଯ୍ୟ କରି ପାରିବ । ତେଣୁ ପ୍ରଥମତଃ ଟଙ୍କା ଖର୍ଚ୍ଚ କରିବାକୁ ହେବ । ବନ୍ଧବାନ୍ଧ ସବୁ ତିଆରି ହେବ ଓ କାମରେ ଲାଗି ଉତ୍ପାଦନ ବଢ଼ାଇବାକୁ ସମୟ ଲାଗିବ । ଆଉତ 'ଓଁ' ବୋଇଲେ ପୂଅ ହେବ ନାହିଁ । ଦଶ ମାସ ମାଆ ଖାଇ ପିଇ ରହିଲେ ବେଳ ଅନୁସାରେ ପ୍ରଅସିନା ହେବ ! ସେମିତି ଆମର ସବୁ ବଡ଼ ବଡ଼ ଯୋଜନା (ଉଦାହରଣ ସ୍ୱରୂପ ହୀରାକୁଦ) ବର୍ଷ ବର୍ଷ ପରିଶ୍ରମର ଫଳ । ଏବେ ଆମେ ସବୁଫଳ ପାଇପାରୁଛୁ । ଅଥଚ ସେତିକି ଦିନ ମଧ୍ୟରେ ଉତ୍ପାଦନ ବଢ଼ିବ ନାହିଁ । ଏଣେ ଟଙ୍କା ଲୋକଙ୍କ ହାତକୁ ଆସିବା ଫଳରେ ଯଦି ସବୁ ଟଙ୍କା ହାଉ ଜାଉ ହୋଇ ଲୋକେ ଖର୍ଚ୍ଚ କରିବାକୁ ବସନ୍ତି ତେବେ ଅବସ୍ଥା କ'ଣ ହେବ ? ବହୁତ ଟଙ୍କା ଅଳ୍ପ ଜିନିଷ ପଛରେ ଗୋଡ଼େଇବ । ସବୁରି ହାତରେ ପଇସା । ସମସ୍ତେ କିଣିବାକୁ ଯିବେ । ହେଲେ ଖାଉଟି ଜିନିଷ ଅଳପ ଅଛି । ଫଳରେ ଯାହାର ବେଶି ପଇସା ସେ ନେବ ଜିନିଷ । ଅର୍ଥାତ୍ ଜିନିଷ ପତ୍ରର ଦର ବଢ଼ିବା ଛଡ଼ା ଅଧିକ ଲାଭ କରି ହେବ ନାହିଁ । ସେତିକି ବେଳେ ଅବସ୍ଥା ହେବ ଏପରି ଯେ, "ଯିଏ ପଖାଳ ଖାଇଛି ସିଏ ତବତ ଖାଉ, ଯେ କିଛି ନ ଖାଇଛି ସେ ଗାଧୋଇ ଯାଉ" ! କାରଣ ଦର ବଢ଼ିଲେ କିଣିବେ କେଉଁମାନେ ? ଯାହାଙ୍କ ହାତରେ ପଇସା ଅଛି ସେମାନେ ନିଶ୍ଚୟ କିଣିବେ । ପଇସା ଥିଲାବାଲା ଖାଲି ଆପଣା ପାଇଁ ଜିନିଷ ପାଇ ପାରିବେ, ନ ଥିଲା ବାଲାଙ୍କ ଦୁଃଖ କାହାଣୀ ଗାଇଲେ ସରିବନି । ସେଥିପାଇଁ କୁହା ହୋଇଛି—ଏ ଅବସ୍ଥାରେ ଦେଶ ପାଇଁ ବେଶି ଲୋଡ଼ା ସଂଚୟ । ଲୋକେ ଅଯଥା ଖର୍ଚ୍ଚ ନ କରି, ଅଦରକାରୀ ଉପଭୋଗ ନ ବଢ଼େଇ ଯଦି ନିଜର ଚାହିଦା କମେଇ ସବୁ ସ୍ତରରେ କିଛି କିଛି ସଂଚୟ କରିବେ, ତେବେ ସେହି ସଞ୍ଚୟ ଦ୍ୱାରା ଦେଶର ବ୍ୟବହୃତ ହୋଇ ନଥିବା ଧନକୁ ଉତ୍ତମ ଭାବରେ ଉପଯୋଗ କରଯାଇ ପାରିବ ଏବଂ ତାହା ସମ୍ପଳ ବଢ଼ାଇବାରେ ସାହାଯ୍ୟ କରିବ । ଏହା ଫଳରେ ଉତ୍ପାଦନ ବଢ଼ିବ । ଖାଦ୍ୟ ପଦାର୍ଥ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ପରିମାଣ ବଢ଼ିବ । ଶିଳ୍ପ ବଢ଼ିବ । ଦେଶରେ ଜିନିଷ ସବୁ ଅଧିକ ପରିମାଣରେ ମିଳିଲେ ଆଉ ଖାଉଟି ଜିନିଷର ଦର ବେଶି ବଢ଼ିବ ନାହିଁ ବରଂ କମିବ । ଗରିବ ଯେବେ ସୁବିଧାରେ ପେଟକୁ ଦାନା ଓ ପିଠିକୁ କନା ପାଇ ପାରିବେ ।

ଏହି ପରିପ୍ରେକ୍ଷୀରେ ଦେଶର ଧନ ବଢ଼ିବା ପାଇଁ ମୂଳଧନ ଲୋଡ଼ା । ମୂଳଧନ ଆସିବ ସେତିକି ବେଳେ ଯେତେବେଳେ ଖର୍ଚ୍ଚ ହେବ ଊଣା ଓ ରୋଜଗାର ହେବ ଅଧିକ । ଊଣା ଖର୍ଚ୍ଚ କରିବେ କେଉଁମାନେ ? ଯାହାର ପେଟ ଜଳୁଛି, ମୁଣ୍ଡ ଗୁଞ୍ଜିବାକୁ ବାସ ନାହିଁ, ଦେହ ଢାଙ୍କିବାକୁ କନା ନାହିଁ, ବାସି ଓଳିକି ଦାନା ନାହିଁ ? କଥାରେ ଅଛି "ଚୁଲିକୁ ପତର ଦାନା, ଚୁଲି ମୁଣ୍ଡକୁ ଫନା"। ପେଟକୁତ ନିଅଣ୍ଟ, ସଞ୍ଚିବେ କାହୁଁ ?

**ବ୍ୟାଙ୍କରେ ଟଙ୍କା ସଂଚିବେ ତେବେ କିଏ ?**

ତେବେ ସଞ୍ଚିବେ ଧନୀ ଓ ମଧ୍ୟବିତ୍ତ ଲୋକେ । ଅଧିକ ଖର୍ଚ୍ଚ କରି ଯଥା ଆରାମ ନ କରି ତାଙ୍କ ପେଟରୁ କାଟି ସେ ସଞ୍ଚୟ କରିବେ । କେବଳ ଦେଶର ଆରାମ ପାଇଁ ନୁହେଁ ? ତଳେଇ କରି ଦେଖିଲେ ସେମାନେ ବାସ୍ତବରେ ନିଜର ଆରାମ ପାଇଁ ସଞ୍ଚୟ କରିବେ । ଏହି ସଂଚୟ ପରବର୍ତ୍ତୀ ଯୁଗରେ ଅଧିକ ଉତ୍ପାଦନ ତଥା ଅଧିକ ଉପଭୋଗ୍ୟ ବସ୍ତୁ ତିଆରି କରିବାରେ ସାହାଯ୍ୟ କରିବ । ମଝି ମୁଣ୍ଡିଆ ଲୋକେ ମଧ୍ୟ ଆପଣା ଭଲ ପାଇଁ ଓ ଦେଶର ଭଲ ପାଇଁ ପେଟରୁ କାଟି କିଛି କିଛି ସଂଚୟ କରି ନିଜର ଆର୍ଥିକ ଅବସ୍ଥା ପରବର୍ତ୍ତୀ କାଳରେ ବଦଳାଇ ପାରିବେ ।

ତେଣୁ କଥା ହେଉଛି, ଆମେ ସମସ୍ତେ ମିଶିଲେ ଏ କାମ ହୋଇ ପାରିବ । କେବଳ କାଁ ଭାଁ କରି ଜଣେ ଅଧେ ସଞ୍ଚୟ କଲେ ଦୁଃଖ ଘୁଞ୍ଚିବ ନାହିଁ । "ଚଲୁକିଆ ପଣ୍ଡା ଗାଁଏ ଗଲେ ମାଣେ, ଦୁଇଗାଁ ଗଲେ ମାଣେ, ତିନି ଗାଁ ଗଲେ ମାଣେ" ପରି ଆମରି ଅବସ୍ଥା ହେବ । ଯେତେ ଯୋଜନା ହେଉ ପଛକେ, ଆମ ଦେଶ ଯେଉଁ ଗରିବକୁ ସେଇ ଗରିବ ହୋଇ ରହିବ । "ଯାହା ଅରଜିବ ପେଟକୁ" ନୀତିରେ ବିଷାକ୍ତ ଦାରିଦ୍ର୍ୟ ଚକ ଗଡ଼ି ଚାଲିଥିବ । ଅର୍ଥନୀତିଜ୍ଞ-ମାନେ ଯେତେ ବାଟ ଦେଖାଇଲେ ମଧ୍ୟ ଆମେ ସେଥିରୁ ମୁକ୍ତି ପାଇ ପାରିବା ନାହିଁ । ସେଥିପାଇଁ ଅର୍ଥନୀତିଜ୍ଞମାନେ ବାରମ୍ବାର କହିଛନ୍ତି, ବିକାଶଶୀଳ ଦେଶର ଅଗ୍ରଗତି ପାଇଁ ପ୍ରଥମ ସର୍ତ୍ତ ହେଲା ସଞ୍ଚୟ ବଢ଼ାଇବା । ତା' ନ ହେଲେ ନିଅଣ୍ଟିଆ ବଜେଟ ଖାଲି ମୁଦ୍ରାସ୍ଫୀତି ଘଟାଇବା ଛଡ଼ା ବେଶି କିଛି କରି ପାରିବ ନାହିଁ । ହେଲେ, ଏ ସଞ୍ଚୟ ଆମେ କରିବା କେମିତି ?

ଆଗ ଆମ ଦିନିକିଆ ସାଧାରଣ ଜୀବନର କଥା ବିଚାର କରାଯାଉ । ଏଥିରେ ଘରଣୀମାନଙ୍କର ଦାୟିତ୍ୱ କିଛି କମ୍ ନୁହେଁ । ଆମ ଆଗରେ ସବୁଠାରୁ ସୁବିଧା ବାଟ ହେଲା, ଆମେ ଆଉ ଅଯଥା ନଷ୍ଟ କରିବା ନାହିଁ । ଯେତିକି ଆମର ନିହାତି ଦରକାର ସେତିକି ଜିନିଷରେ ନିଜ ପରିବାରକୁ ଚଳାଇବାକୁ ଶିଖାଇବା । ତେବେ ଯାଇ ଆମେ ଘର ଭିତରେ ଥାଇ ମଧ୍ୟ ଦି ପଇସା ସଞ୍ଚୟ କରି ପାରିବା । ତା' ହେଲେ ଆପଣା ଦୁଃଖତ ଯିବ, ପୁଣି ଗୁଣ୍ଡୁଚି ମୂଷା ପରି ଆମର ଅଳ୍ପ ସଞ୍ଚୟ ବଳରୁ ଦେଶ ଯୋଜନା ରୂପକ ସେତୁ ବନ୍ଧ ତିଆରି ହୋଇ ପାରିବ । ରାମାୟଣ ଆମକୁ ଏ କଥା ଶିକ୍ଷା ଦେଇଛି । ଆମେ ମୂଳଧନ ଯୋଗାଇଲେ ଆମ ଦେଶର ଅର୍ଥନୀତିରେ ଉନ୍ନତି ଘଟିବ । ଟିକି, ଟିକି ବାଲି ମିଶି ତ ଏଡ଼େ ବଡ଼ ବାଲି ସ୍ତୁପ ହେଉଛି । ମେଳର ବଳ କିଏ ନ ଜାଣେ ?

ଆମ ଘରଣୀମାନଙ୍କ କଥା ବିଚାରକୁ ନିଆଯାଉ....

ଆମକୁ ସଞ୍ଚୟ କରିବାକୁ କହିଲେ ଆମେ କହୁ, "ମଲମୋର, ବାର ମାସରେ ତେର ପରବ, ବିଧିବିଧାନ କାଳ କାଳରୁ ଏ ଘରେ ଚଳି ଆସୁଛି ଆଉ ଏବେ ଏ କାଳକୁ ଚାହିଁ ଆମେ ପରବ ଖଣ୍ଡିଆ କରିବା ? ପୂର୍ବ ପୁରୁଷମାନେ ସବୁ ଆଡ଼କୁ ବିଚାରି ବାର ମାସରେ ତେର ପର୍ବ ରଖିଛନ୍ତି" ନା ସେ କଥା କିଏ କହୁଛି ? କଥାଟା

ଏକଦମ୍ ସତ । ହେଲେ, ଆମ ଧର୍ମରେ ଏ ପୂଜିଅ ପରବର ଅନ୍ୟ ଅର୍ଥ ରହୁଛି । ସାଧାରଣ ଅର୍ଥରେ ବୁଝିଲେ ଦେହ ମନ ଭଲ ରଖିବା । ସେଥିପାଇଁ ଯେଉଁ ଋତୁରେ ଯାହା ମିଳେ, ଯାହା ଅଧିକ ଉତ୍ପାଦନ ହୁଏ ଏବଂ ଯେଉଁ ଋତୁରେ ଯାହା ଖାଇଲେ ଦେହ ମନ ଖୁସି ରହେ, ଅଧିକ କାମ କରିବାକୁ ମନ ହୁଏ, ସେ ସବୁପ୍ରତି ନଜର ଦେଇ ଓଷା ବ୍ରତ ପୂଜିଅପର୍ବ ଆମ ପୂର୍ବ ପୁରୁଷରୁ ହୋଇ ଆସୁଛି । ମନୁଷ୍ୟର ରକ୍ତ ମାଂସ ଶରୀର, ସେତ ଯନ୍ତ୍ର ନୁହେଁ । ପୂଜା ପର୍ବ ଆମର ସଂସ୍କୃତି । ଏହା ଏକାଧାରରେ ଶରୀର, ମନ ଓ ଆତ୍ମାକୁ ଆନନ୍ଦ ଦିଏ । ଉଦାହରଣ ସ୍ୱରୂପ, ଦୁର୍ଗାପୂଜା ଆସିଗଲା । ପୁଣି ମାର୍ଗଶିର ମାସ ଲକ୍ଷ୍ମୀପୂଜା ଆସିଯିବ । ଭକ୍ତି ସହକାରେ ଆମେ ଦେବୀଙ୍କୁ ଆରାଧନା କରିବା । ଆହୁରି ମଧ୍ୟ ପୂର୍ବପୁରୁଷଙ୍କ ଚଳି ଆସିଛି ଦୁଇ କିଲୋ ଘିଅ ସାରି ପୁରି କାକରା ନିହାତି ତିଆରି ହେବ । ନ ହେଲେ ଦେବୀ କୁଆଡ଼େ ସନ୍ତୁଷ୍ଟ ହେବେନାହିଁ । ଏଇ କୁଆଡ଼େ ବିଧି ? ହେଉପଛେ ସେ ଭେଜାଲ ଘିଅ ଯାହାକୁ ଖାଇ ବଂଶ ଯାକ ରୋଗ ଭୋଗିବେ ! ଆମର ଏଇ ଧାରଣା ଯୋଗୁଁ ଲାଭଖୋର କଳାବଜାରୀ ମାନେ ଅଧିକ ଅପମିଶ୍ରଣ କରିବାକୁ ସୁଯୋଗ ପାଉଛନ୍ତି ଓ ଆମେ କିଣିବାକୁ ସାଜ ସଜ ହେଉରୁ ବଜାର ଦର ହୁହୁ ହୋଇ ବଢୁଛି । ଆମେ ଯଦି ଭେଜାଲ ଜିନିଷ କିଣିବୁ ନାହିଁ ବୋଲି ମନସ୍ଥ କରୁ ସେମାନେ ଅବା ବିକିବେ କାହାକୁ? ବିକ୍ରୀ ନ ହେଲେ କ୍ଷତି ସହିବାକୁ ପଡ଼ିବ । ତେଣୁ ବଳେ ବଳେ ସେମାନେ ଏ କାମରୁ ଓହରି ଯିବେ । ଆମେ ବିଚାରିଲେ ଆମ ପିଲାଙ୍କୁ ରୋଗ ଦାଉରୁ ରକ୍ଷା କରି ପାରିବା । ଦେଶ ଧନ ନଷ୍ଟ କରିବାକୁ ଦେବା ନାହିଁ । ମାତ୍ର ଆମେ ସେ କଥା ବୁଝୁନାହିଁ । ଓଲଟି କରି କହୁ, ମାଲୋ ! ଏ ଘରକୁ ବୋହୂ ହୋଇ ଆସିଲା ବେଳଠୁ ଦେଖି ଆସୁଛୁ ଆମର ଶାଶୂ ଏମିତି କରି ଭୋଗ ବାଢୁଥିଲେ । ସେତେବେଳେ ଯୁଗ ଅଲଗା ଥିଲା । ଘରେ ଥିଲା ଗାଈଟା ଦୁହାଁଳିଆ ଗାଈ । ସେମାନେ ନିଜେ ପରିଶ୍ରମ କରି ଖାଣ୍ଟି ଗୁଆ ଘିଅ କରୁଥିଲେ । ଧାନରେ ଜମି ଫାଟି ପଡୁଥିଲା । ଗୁଡ଼ ଅମଳ ଦିନ ଯାହାକୁ ଯେତେ । ସବୁ ଜିନିଷ ଘରେ ଅଛି ! ସବୁ ମଧ୍ୟ ସୁବିଧାରେ ମିଳୁଛି । ଦିଅଁଙ୍କୁ କ'ଣ ପୂଜା କରିବେ ? ସବୁଠୁଁ ସହଜ ସୁବିଧା ହେଲା ଖିରି କାକରା । ଘର ଦରବ କିଣିବାକୁ ପଡୁନାହିଁ । ନୂଆ ଗୁଡ଼, ଦୁଧ, ନବାତ ସବୁତ ଘରେ ଅଛି । ଖିରି ଭୋଗ ଲାଗିବ । ବାଡ଼ିରେ ନଡ଼ିଆ ଗଛ । ନଡ଼ିଆ ପୁର ଦିଆ ହୋଇ କାକରା ପିଠା ହେବ । ଯାହା ସୁବିଧାରେ ମିଳୁଛି ସେହି ଜିନିଷରୁ ସୁଆଦ କରି ରାନ୍ଧି ଶ୍ରଦ୍ଧାରେ ଭୋଗ ଲଗାଇବା କଥା । ଭକ୍ତି ଶ୍ରଦ୍ଧାରେ ଯାହା ଦେଲେ ଦିଅଁ ଗ୍ରହଣ କରନ୍ତି । ତେବେ ଏହାର ଅର୍ଥ ନୁହେଁ ଯେ ଏ ଗୁଡ଼ିକ ବିଧି । କଂସା ଗିନା ବନ୍ଧା ପକାଇ ଓ ଧାର ଉଧାର କରି ଏ ଗୁଡ଼ିକ କରିବାକୁ ପଡ଼ିବ ।

ଦେଶ, କାଳ, ପାତ୍ରକୁ ବୁଝି ସବୁ କାମ କରିବା ମଣିଷ ପଣିଆ । ତା 'ନ ହେଲେ ଆମେ ଯେଉଁଠି ସେଇଠି ରହିଯିବା । ପାଦେ ମାତ୍ର ଆଗେଇବା ନାହିଁ । ଆମ ଘରଣୀମାନେ ସମୟ ସମୟରେ ସଂସ୍କୃତି, ପରମ୍ପରା ଓ ବିଧି ବିଧାନର ପ୍ରକୃତ ଅର୍ଥ ବୁଝି ନ ପାରି ହୁଏତ ସେହି ଗଳି ଧାର ଉଧାର କରି ଏ ସବୁକୁ ପୂଜା ପଦ୍ଧତିର ଅଂଗ ବୋଲି ବିଚାରି ଅଧିକ ଖର୍ଚ୍ଚ କରି ବସିଥାଉ । ନ ହେଲେ ଏ ଗୁଡ଼ିକ ସବୁ ପୁରୁଣା କାଳିଆ ପ୍ରଥା ବୋଲି ଏଡ଼ି ଦେଇ, ଅବସ୍ଥା ହୋଇ ବସି ରହି ଆମ ସଂସ୍କାର ଓ ପରମ୍ପରାକୁ ଭୁଲି ଯାଉ । ଶରୀରକୁ ସୁସ୍ଥ ରଖିବା ପାଇଁ ପାହାନ୍ତିଆ ଗାଧୁଆ, ପରିଚ୍ଛନ୍ନତା, ମାର୍ଗଶିର ମାସ ଓଷା ବ୍ରତ, ଭିନ୍ନ ଋତୁରେ ଓଷା ଅନୁସାରେ ବିଭିନ୍ନ ପ୍ରକାରର ଫଳ ଆଦି ପୂଜା ସଂସ୍କାର ଓ ପରମ୍ପରାକୁ ପାସୋରି ପକାଇ ପାଶ୍ଚାତ୍ୟ ସଭ୍ୟତା ପ୍ରତି ଅଧିକ ଆକୃଷ୍ଟ ହେଉ । ଆମେ କୁସଂସ୍କାର ଓ ସଂସ୍କାରର ତଫାତ୍ ଜାଣି ନ ପାରି ଏଭଳି ଭୁଲ କରି ବସିଥାଉ । ମାତ୍ର ଅସଲ କଥାଟି ବୁଝିଲେ ଆମେ ଏକାଧାରରେ ସଂସ୍କୃତି ଓ ପରମ୍ପରା ରକ୍ଷା କରିବା ସଙ୍ଗେ ସଙ୍ଗେ କୁସଂସ୍କାର କବଳରୁ ମୁକ୍ତି ପାଇ ପାରନ୍ତୁ ଓ ପେଟରୁ କାଟି ସଞ୍ଚୟ କରି ଦେଶର ଧନ ବଢ଼ାଇବାରେ ସାହାଯ୍ୟ କରି ପାରନ୍ତୁ । ଶରୀରକୁ ସୁସ୍ଥ, ସୁନ୍ଦର ଓ କାର୍ଯ୍ୟକ୍ଷମ କରିବା ପାଇଁ ଆମ ରୀତି ନୀତିର ଭଲ ଦିଗଗୁଡ଼ିକୁ ମାନି ଚଳିବା ସଙ୍ଗେ ସଙ୍ଗେ ଅପକାରୀ କ୍ଷତିକାରକ ଦିଗ-ଗୁଡ଼ିକୁ ବାଦ ଦେଇ ପାରନ୍ତୁ । ଅନେକ ସମୟରେ ଆମେ ବିଧି ବିଧାନ ପରମ୍ପରା ପୂର୍ବରୁ ଚଳି ଆସିଛି ବୋଲି କହି ଏଭଳି କାମ କରୁ ଯାହାରକି ଅର୍ଥ ନ ଥାଏ । ଖାଲି ସମୟ ନଷ୍ଟ, ଅର୍ଥନାଶ, ମନସ୍ତାପହିଁ ସାର ହୋଇଥାଏ ।

ଗୋଟିଏ ମଜା କଥା ଶୁଣନ୍ତୁ । ନୂଆ ବୋହୂଟିଏ ଶାଶୂ ଘରକୁ ଆସିଲା । ଶାଶୂଘରେ ବହୁ ବିଧି ବିଧାନ ଦେଖି ଶିଖିବା କଥା । ଘରେ ପିତୃ ଶ୍ରାଦ୍ଧ ପଡ଼ିଲା । ଶ୍ରାଦ୍ଧ ଅର୍ଥ ଶ୍ରଦ୍ଧାରେ ଅର୍ପଣ । ଶାଶୂ ପ୍ରଚଳିତ ପଦ୍ଧତି ଅନୁସାରେ ସବୁ ବିଧି ବିଧାନ କଲେ । ନୂଆ ବୋହୂ ମନ ଦେଇ ସବୁ ଦେଖୁଥାଏ । ଶ୍ୱଶୁର ଶ୍ରାଦ୍ଧରେ ବସିଛନ୍ତି ପିଣ୍ଡ ବଢ଼ା ହେବା ପାଇଁ ଡାକରା ଦେଲେଣି । ଶାଶୂ ତରବର ହୋଇ ଶଂଖି ବିଲେଇଟିଏ ଆଣି ଟୋକେଇ ଟିଏ ତା' ଉପରେ ଘୋଡ଼େଇ ଦେଇ ଶିଳପୁଆଟିଏ ଥୋଇ ଦେଲେ । ତା'ପରେ ଯଥା ରୀତି ପିଣ୍ଡ ବାଢ଼ି ବସିଲେ । ବୋହୂଟି ବଡ଼ ଚତୁରୀ । ମନଦେଇ ସବୁ ବିଧି ବିଧାନ ଶିଖି ନେଇଛି । ଘଟଣା ଚକ୍ରରେ ଘରର ମୁରବି ଶାଶୂ ମରିଗଲେ । ଏହା ବୋଲି ଶ୍ରାଦ୍ଧତ ହେବ ! ବୋହୂ ଶାଶୂଙ୍କଠାରୁ ଯାହାଶିଖିଥିଲେ ସବୁ କଲେ । ଯେତିକି ପିଠା ସେ କରୁଥିଲେ, ଯେତିକି ପରିମାଣର ରାନ୍ଧୁଥିଲେ, କେଉଁଥିରେ ଭଣା ହେଲା ନାହିଁ । ହେଲେ ବିପଦ ହେଲା ବିଲେଇ ଠେଇଁ । ଶାଶୂ ମରି ଯାଇ ଯେତିକି ଦୁଃଖ ନ ଦେଲା, ଶଂଖି ବିରାଡ଼ିଟି ମରିଯାଇ ଅଧିକ ଦୁଃଖ ଦେଲା । ବୋହୂଟି ଛଇକି ବିଲେଇ ପରି ହେଉଛି । ପାଖ ଆଖରେ ବି ବିଲେଇ ନାହାନ୍ତି । ଲୋକ ପଠେଇଛି ବିଲେଇ ଖୋଜିବା ପାଇଁ । ସେହି ଶାଶୂଙ୍କ ଅମଳର ପାଚିଆ ଶିଳପୁଆ ସବୁ ସଜଡ଼ା ହୋଇ ଥୁଆ ହେଲା । ହେଲେ ବିଲେଇ କାହିଁ ?

ବେଳ ଗଡ଼ି ଯାଉଛି । ଶଂଖି ବିଲେଇଟିଏ ମିଳିଗଲେ ଟୋକେଇ ଘୋଡ଼େଇ ଦେଲେ ସିନା ପିଣ୍ଡ

ବାଟିବ ! ବିଧି ବିଧାନ ଖଣ୍ଡିଆ ହେଉଛି ବେଶି ବୋହୂ ଆଖିରୁ ଧାର ଧାର ଲୁହ ବୋହି ଗଲାଣି । ଶ୍ୱଶୁର ତେଣେ ଡ଼ାକ ଛାଡ଼ିଲେଣି ବେଗେ ବେଗେ ପିଣ୍ଡ ବାଢ଼ । ଦଇବ ଯୋଗକୁ ଏତିକି ବେଳକୁ ପଡ଼ିଶା ଘରର ମାଉସୀ ଶାଶୂ ଆସି ପହଞ୍ଚିଲେ । ବୋହୂଟି କାନ୍ଦ କାନ୍ଦ ହୋଇ ସବୁ କହି ପ୍ରାୟଶ୍ଚିତ ପାଇଁ ବାଟ ପଚାରିଲା ! ସେ କହିଲେ, ବିଲେଇ କଣ ହେବ କିଲୋ ବାଇଆଣୀ ? ତୁମର ଶଂଖି ବିଲେଇଟା ସବୁବେଳେ ତୋ ଶାଶୂ ସଂଗରେ ଲାଗିଥାଏ । ବଡ଼ କଲବଲ କରେ । ସେଇଥିପାଇଁ ତାକୁ ଗୋଡ଼େଇ ଦେଇ ତୋ ଶାଶୂ ଶ୍ରାଦ୍ଧ ବାଢ଼େ । ବିଧି କାହିଁକି ହେବ ?

ଏଇ ହେଲା ଘଟଣା । କାହାର କ'ଣ ସୁବିଧା ଅସୁବିଧା ଥିଲା ତାକୁ ଲକ୍ଷ୍ୟ ନ କରି ଆମେ ଅର୍ଥ ନ ବୁଝି ମିଛରେ ଅଯଥା ପରିଶ୍ରମ, ଦେହ ପୀଡ଼ା ଓ ସମୟ ନଷ୍ଟ କରି ମନକୁ ମନ ବାହାନା ନେଇ ଯେ ଆମେ ପରଂପରା ରକ୍ଷା କରୁଛୁ । ଏହାଠାରୁ ବଳି ପ୍ରହସନ କଥା ଆଉ କ'ଣ ଅଛି ? ଏହିଭଳି କାର୍ଯ୍ୟ କରି ଆମେ ଆମ ଧନ, ଜୀବନ, ଶ୍ରମ ସବୁ ନଷ୍ଟ କରି ଚାଲିଛୁ ଭଲ ମନ୍ଦ ଆଗ ପଛକୁ ବିଚାରିବା, ଖେଳକୁ ଚାହିଁ କାର୍ଯ୍ୟ କରିବା କଥା ଆମ ସମାଜରେ ଅଛି ଯଥା ବସ୍ତ୍ର ଅଭାବେ ସୂତ୍ର ଦେଲେ ଚଳିବ । ଏହାର ଅର୍ଥ ହେଲା ଯାହା ମିଳୁଛି ସେଥିରେ ବେଳ କାଳ ଦେଖି ଚଳାଇ ଦେବ । ଭିତିରି କଥାଟି ହେଲା ଶ୍ରଦ୍ଧା ଓ ଆନ୍ତରିକତା ଥାଇ ଫୁଲ ଫଳ ଯାହା ଦେଲେ ମଧ୍ୟ ତାହା ଗ୍ରହଣଯୋଗ୍ୟ ।

ତେବେ କଥା ହେଉଛି ଆମେ ଆଜିର ଏହି ବିଜ୍ଞାନ ଯୁଗରେ ପ୍ରକୃତ କାରଣ ନ ବୁଝି, ଅନ୍ଧ ଭଳି ଯାହା ହୋଇ-ଆସୁଥିଲା ତାହା ଯଦି କରିବାରେ ଲାଗିଥିବୁ ତାହାହେଲେ ଦିଅଁ ଖାଇ ଖଟୁଲି ଖାଇବୁ ସିନା । ଯେଉଁ ଅନ୍ଧାରକୁ ସେଇ ଅନ୍ଧାରରେ ପଡ଼ିଥିବୁ । ଆମର ଆଉ ଉନ୍ନତି ହୋଇ ପାରିବ ନାହିଁ । ଆମେ କ'ଣ ଉତ୍ପାଦନ କରି ପାରୁଛୁ ? କେତେ ଅରଜୁଛୁ ? କେତେ ସମୟ ବରବାଦରେ ଖର୍ଚ୍ଚ କରି ପାରିବୁ ? କଣ କଲେ ଆମ ସମସ୍ତଙ୍କର ଉପକାର ହେବ ? ଆଗକୁ ପଛକୁ ଚାହିଁ ଖର୍ଚ୍ଚ କରିବାର ବେଳ ଆସିଗଲାଣି । ତା' ନ ହେଲେ ଯୋଜନା ମତେ ଯୋଜନା ଚାଲି ଆବର୍ତ୍ତିତ ଯୋଜନାର ଚକ ବୁଲୁଥିବ ସିନା ! ହେଲେ ଦେଶର ଧନ ଯେଉଁ ରୀତିରେ ବଢ଼ିବା କଥା ସେଭଳି ବଢ଼ି ପାରିବ ନାହିଁ । କଥାରେ ଅଛି, "ବାପ ପୁଅ ଦୁହେଁ ରାତି ଅନିଦ୍ରା ମୁଗୁରା ତଳ ମେଲ ।"

ଏ ମୁଗୁରା ତଳ ବନ୍ଦ କରିବ କିଏ ?

ଆମେ ସମସ୍ତେ ନ ବିଚାରିଲେ ଏ କାମ ସୁରୁଖୁରୁରେ ହୋଇ ପାରିବ ନାହିଁ । ଆମେ ଯାହା ଅରଜିବା ସବୁ ଯଦି ଖାଲି ବଦ ଖର୍ଚ୍ଚରେ ଯିବ ତେବେ ଦରମା ବଢ଼ିବା ସଂଗେ ସଂଗେ ଜିନିଷର ଦର ମଧ୍ୟ ବଢ଼ି ଚାଲି ଥିବ । "ଆରେ ଡ଼ମଣା ବୁଲି ବୁଲି କରି ସେଇ ଅଗଣା" ; ଖାଲି ସମୟ ନଷ୍ଟ, ପଇସା ନଷ୍ଟ, ଓ ସମ୍ମାନ ମଧ୍ୟ ନଷ୍ଟ । ଏଥି ଅଧିକ ଫଳ ଅପବାଦ କେବଳ । ବିକାଶଶୀଳ ଦେଶ ଅଧା-ବାଟରେ ରହିଯିବ । ଏ କଥା ସବୁ ବୁଝି ବିଚାରି ଅର୍ଥନୀତି ପଣ୍ଡିତମାନେ କହିଛନ୍ତି, ବିକାଶଶୀଳ ଦେଶ ପ୍ରଥମସ୍ତରରେ ତାର ଉପଭୋଗର ମାତ୍ରା କମାଇବା ଉଚିତ । ଯଦି ବାର ବାର ଶୁଣି ମଧ୍ୟ ଆମେ ବୁଝି ବିଚାରି ସେ ଅନୁସାରେ ନ ଚଳୁ ତେବେ ଲେଢ଼ି ଗୁଡ଼ କହୁଣୀକି ବୋହିଯିବ । ଜାପାନ- ଦେଶ ଓ ଅନ୍ୟାନ୍ୟ ଉନ୍ନତ ଦେଶ ଆମକୁ କ'ଣ କହିବେ ? ତେଣୁ..............

ନୂଆ ଦୁନିଆକୁ ନିରେଖି ଦେଖ
ପେଟ ଖେଣ୍ଡି କରି ସାଇତି ରଖ ।

ମିଛ ଫୋପଡ଼ା ଯେ କରିବ ନାହିଁ
ଦେଶ ଧନ ତେବେ ରହିବ ଭାଇ ।

ବଢ଼ାଇବ ଯେବେ ଦେଶର ଧନ
ସଞ୍ଚୟରେ ତେବେ ବଳାଅ ମନ !

ଯୋଜନାର ଭଲ ଫଳ ପାଇବାକୁ ହେଲେ ଗୁଣ୍ଡୁଚି ମୂଷା ପରି ଆମ ସମସ୍ତଙ୍କୁ ଏ କାମରେ ହାତ ଲଗାଇବାକୁ ପଡ଼ିବ । ତେଣୁ,

କଡ଼ାକେ ମରି କଡ଼ାକେ ତରି
କଡ଼ାକେ ଦେଶ ଉଦ୍ଧାର କରି ।"

ରେଭେନ୍ସା ମହାବିଦ୍ୟାଳୟ
ଅର୍ଥନୀତି ବିଭାଗ, କଟକ

# ଭୁବନେଶ୍ୱରରେ

# ସ୍ୱାମୀ ଚିଦାନନ୍ଦ ସରସ୍ୱତୀ

ବିଶ୍ୱ ଦିବ୍ୟ ଜୀବନ ସଂଘର ସଭାପତି ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଗତ ଅକ୍ଟୋବର ୧୮ ତାରିଖ ସନ୍ଧ୍ୟାରେ ରାଜ୍ୟ ସୂଚନା ଭବନରେ ପ୍ରବଚନ ଦେଇ କହିଥିଲେ ଯେ ମନୁଷ୍ୟ ସମାଜରେ ପ୍ରତ୍ୟେକ ବ୍ୟକ୍ତି ସରଳ, ନିରାଡ଼ମ୍ବର ଜୀବନ ଓ ଉଚ୍ଚ ଚିନ୍ତାଧାରା ଓ ମହତ୍ ଆଦର୍ଶରେ ପରିଚାଳିତ ହୋଇ ତ୍ୟାଗ ଓ ସେବା ମନୋଭାବ ନେଇ କାର୍ଯ୍ୟ କଲେ ଈଶ୍ୱରଙ୍କ ନିକଟତର ହୋଇ ପାରିବ । ବ୍ୟକ୍ତି ତାର କାର୍ଯ୍ୟକ୍ଷେତ୍ରରେ ସଦାଚାର ଓ କର୍ତ୍ତବ୍ୟ-ପରାୟଣତା ପ୍ରଦର୍ଶନ କଲେ ବ୍ୟକ୍ତିତ୍ୱ ରୂପକ ସୁଗନ୍ଧ ପୁଷ୍ପ ପ୍ରସ୍ଫୁଟିତ ହୁଏ । ସେବା, କରୁଣା, ପରୋପକାର ପ୍ରଭୃତି ମହନୀୟ ଗୁଣାବଳିରେ ପରିପୁଷ୍ଟ ହୋଇ ଆଧ୍ୟାତ୍ମିକ ସରାକୁ ଚିହ୍ନିବା ଦିଗରେ ସମସ୍ତ ଉଦ୍ୟମ ହେବା ଉଚିତ ।

ଭାରତର ଐତିହ୍ୟ, ସଂସ୍କୃତି, ସଭ୍ୟତା ଓ ଦର୍ଶନ ବିଷୟରେ ବୁଝାଇ ସ୍ୱାମୀଜୀ କହିଥିଲେ ଯେ ପୃଥିବୀର ଅନ୍ୟ ଦେଶମାନଙ୍କରେ ଭାରତର ଆଧ୍ୟାତ୍ମିକ ଚିନ୍ତାଧାରାର ପରି-ପ୍ରକାଶ ବିଷୟରେ ସୁଖ୍ୟାତି ରହିଛି । ଏହି ଦେବ ଭୂମିର ବହୁ ମହାପୁରୁଷ, ସାଧକ ଜନ୍ମ ଗ୍ରହଣ କରି ମାନବ ଧର୍ମର ବାର୍ତ୍ତା ପ୍ରଚାର ମାଧ୍ୟମରେ ସାମୂହିକ ଉନ୍ନତି ପାଇଁ ସର୍ବୋଚ୍ଚ ତ୍ୟାଗ ସ୍ୱୀକାର କରିଛନ୍ତି । ଭାରତୀୟ ସଂସ୍କୃତିର ବାର୍ତ୍ତାବହ ରୂପେ ସ୍ୱାମୀ ବିବେକା-ନନ୍ଦ ସୁଦୂର ଆମେରିକାରେ ଏହି ପବିତ୍ର ଦେଶର ଦର୍ଶନର ଉଚ୍ଚାଦର୍ଶ ଓ ବେଦ-ବେଦାନ୍ତର "ବସୁଧୈବ କୁଟୁମ୍ବକଂ" ଅମରବାଣୀ ପ୍ରଚାର କରି ବିଶ୍ୱବାସୀଙ୍କୁ ଉଦବୁଦ୍ଧ କରି ପାରିଥିଲେ ।

ବର୍ତ୍ତମାନର ମାନବ ସଭ୍ୟତାର ବିକାଶ ସମ୍ପର୍କରେ ସ୍ୱାମୀଜୀ କହିଥିଲେ ଯେ ବିଜ୍ଞାନର ଅଗ୍ରଗତି ସହିତ ଆଧ୍ୟାତ୍ମିକ ଚିନ୍ତାଧାରା ଓ ମାନବତାର ବିକାଶ ସାଧନ ହେବା ପରିବର୍ତ୍ତେ ଭ୍ରାନ୍ତ ଚିନ୍ତାଧାରାରେ ବଶବର୍ତ୍ତୀ ହୋଇ ଯନ୍ତ୍ର-ବିଗ୍ରହ ମାଧ୍ୟମରେ ଭଗବାନଙ୍କର ସର୍ବଶ୍ରେଷ୍ଠ ଅମୂଲ୍ୟ ସୃଷ୍ଟି ମାନବ ସମାଜର ଧ୍ୱଂସ ସାଧନ ପାଇଁ ଉଦ୍ୟମ ହେଉଛି । ଫଳରେ ଭୟ, ଆତଙ୍କ ଓ ଅନିଶ୍ଚିତ ବାତାବରଣ ମଧ୍ୟରେ ରହି ମଣିଷ ମଣିଷରହିଁ ପ୍ରଧାନ ଶତ୍ରୁ ବୋଲି ନିଜକୁ ପରିଚୟ ଦେଉଛି । ପ୍ରକୃତ ସତ୍ୟ ଓ ଧର୍ମର ଜୟ ଯଗେ ଯୁଗେ ବଜାୟ ରହିଥିବାରୁ ଧର୍ମ ପଥରେ ପରିଚାଳିତ ମନୁଷ୍ୟ ସତ୍ୟ ଶିବ ସୁନ୍ଦରର ଉପାସନା କରି ମାନବ ସମାଜର କଲ୍ୟାଣ କରିପାରିବ ବୋଲି ସ୍ୱାମୀ ଚିଦାନନ୍ଦ ମହାରାଜ ଉପଦେଶ ଦେଇଥିଲେ ।

ସୂଚନା ଭବନରେ ଏହି ଉତ୍ସବଟି ବେଶ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଦିବ୍ୟ ଜୀବନ ସଂଘର ପ୍ରତିଷ୍ଠାତା ସ୍ୱର୍ଗତ ସ୍ୱାମୀ ଶିବାନନ୍ଦଙ୍କର ପ୍ରତି-କୃତିରେ ସ୍ୱାମୀ ଚିଦାନନ୍ଦ ମହାରାଜ, ରାଜ୍ୟ-ପାଳ ଶ୍ରୀ ଭଗବତ୍ ଦୟାଲ ଶର୍ମା, ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ, ରାଜସ୍ୱ ମନ୍ତ୍ରୀ



ଆନ୍ତର୍ଜାତିକ ଦିବ୍ୟ ଜୀବନ ସଂଘର ସଭାପତି ଶ୍ରୀ ଶ୍ରୀ ସ୍ୱାମୀ ଚିଦାନନ୍ଦଜୀ ସରସ୍ୱତୀ ମହାରାଜ ୧୯୭୮ ଅକ୍ଟୋବର ୧୮ ତାରିଖ ଦିନ ଭୁବନେଶ୍ୱରଠାରେ ବିଧାନ ସଭା ସଦସ୍ୟ, ପାର୍ଲାମେଣ୍ଟ ସଦସ୍ୟ, ମନ୍ତ୍ରୀବୃନ୍ଦ ଓ ସରକାରୀ ଅଫିସରମାନଙ୍କୁ ଉଦବୋଧନ ଦେଉଛନ୍ତି


ଶ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଅର୍ଥମନ୍ତ୍ରୀ ଶ୍ରୀ ରାମ ପ୍ରସାଦ ମିଶ୍ର, ସମାଜ ସମ୍ପାଦକ ଶ୍ରୀ ରାଧାନାଥ ରଥ, କଟକ ଦିବ୍ୟ ଜୀବନ ସଙ୍ଘ ଶାଖାର କାର୍ଯ୍ୟକାରୀ ସଭାପତି ଶ୍ରୀ ଚିନ୍ତାମଣି ପତି ପ୍ରମୁଖ ମାଲ୍ୟାର୍ପଣ କରି ଶ୍ରଦ୍ଧା-ଭକ୍ତି ନିବେଦନ କରିଥିଲେ ।

ରାଜ୍ୟପାଳ ଶ୍ରୀ ଭଗବତ୍ ଦୟାଳ ଶର୍ମା ଉତ୍ସବରେ ପୌରୋହିତ୍ୟ କରି କହିଥିଲେ ଯେ ପ୍ରାଚୀନ ସଂସ୍କୃତି ଓ ମୂଲ୍ୟବୋଧର ବିକାଶ ପାଇଁ ଦିବ୍ୟ ଜୀବନ ସଂଘର ଉଦ୍ୟମ ପ୍ରଶଂସନୀୟ । ସବୁ ଧର୍ମର ମୂଳତତ୍ତ୍ୱ ଏକ ହୋଇଥିବାରୁ ମାନବ ଧର୍ମର ପ୍ରସାର ପାଇଁ ଗରିବ, ରୋଗୀ, ଶୋଷିତ-ଶୋଷିତ ସେବା ସମସ୍ତଙ୍କର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ ।

ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କୁ ଓଡ଼ିଶାବାସୀଙ୍କ ପକ୍ଷରୁ ସ୍ୱାଗତ ଜଣାଇ ଥିଲେ । ସ୍ୱାମୀଜୀ ମାନବ ଜାତିର କଲ୍ୟାଣ ପାଇଁ ଆଧ୍ୟାତ୍ମିକ ବାର୍ତ୍ତା ପ୍ରଚାର ପାଇଁ ନିଜର ଜୀବନକୁ ଉତ୍ସର୍ଗ କରିଥିବାରୁ ଦିବ୍ୟ ଜୀବନ ସଂଘର ସାରତତ୍ତ୍ୱ ଓ ମାନବ ସମାଜ ପ୍ରତି ନିର୍ଦ୍ଦେଶ ଭାରତର ପ୍ରତ୍ୟେକ ଅଞ୍ଚଳରେ ବିସ୍ତାର ଲାଭ କରିବ ବୋଲି ଶ୍ରୀ ରାଉତରାୟ ଆଶା ପ୍ରକାଶ କରିଥିଲେ ।

ରାଜସ୍ୱମନ୍ତ୍ରୀ ଶ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ମାହାତ୍ମ୍ୟ ବିଷୟରେ ବର୍ଣ୍ଣନା କରି କହିଥିଲେ ଯେ ସ୍ୱାମୀଜୀ ଭାରତରେ ପୂର୍ବରୁ ଜନ୍ମିଥିବା ବହୁ [illegible] ମାନବ ଧର୍ମୀଙ୍କୁ ନୂତନ ପଥ ପ୍ରଦର୍ଶନ କରୁଛନ୍ତି । ଓଡ଼ିଶା ଏକ ପବିତ୍ର ଭୂମି ହୋଇଥିବାରୁ ଏହି ରାଜ୍ୟରେ ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ, ରାୟ ରାମାନନ୍ଦ ଓ ଜୟ ଦେବଙ୍କ ପରି ଜ୍ଞାନୀ ମହାପୁରୁଷମାନେ ଜନ୍ମ ଗ୍ରହଣ କରିଥିଲେ ଏବଂ ଆଦି ଶଙ୍କରାଚାର୍ଯ୍ୟ, ଶ୍ରୀ ଚୈତନ୍ୟ ଓ ଗୁରୁ ନାନକ ପ୍ରଭୃତି ଧର୍ମଗୁରୁ ତଥା ମହାନ୍ ସାଧକମାନେ ଜଗନ୍ନାଥ ପୀଠରେ ପଦାର୍ପଣ କରିଥିଲେ ।

ଉତ୍କଳବାସୀ ସ୍ୱାମୀଜୀଙ୍କର ଦର୍ଶନ ଲାଭ କରିବା ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକ ଆଦର୍ଶ ଓ ନୀତିରେ ପରିଚାଳିତ ହୋଇ ନିଜର ତଥା ସମାଜର କଲ୍ୟାଣ ସାଧନରେ ବ୍ରତୀ ହେବେ ବୋଲି ଶ୍ରୀ ମହାନ୍ତି ଆଶା ପ୍ରକାଶ କରିଥିଲେ ।



ଓଡ଼ିଶାର ରାଜ୍ୟପାଳ ଶ୍ରୀ ଭଗବତ ଦୟାଲ ଶର୍ମା ଭୁବନେଶ୍ୱରଠାରେ ଅକଟୋବର ୧୩ ତାରିଖ ଦିନ ଅଖିଳ ଭାରତ ସତ୍‌ସଂଗ ଋତ୍ୱିକ ସମ୍ମିଳନୀ ଉଦଘାଟନ କରି ଭାଷଣ ଦେଉଛନ୍ତି

# ଶିଳ୍ପୀମାନଙ୍କ ଗାଁ

ଶ୍ରୀ ଗଣେଶ୍ୱର ମିଶ୍ର

ସେ ଗାଁରେ ପ୍ରାୟ ସମସ୍ତେ ଶିଳ୍ପୀ, ଅଧିକାଂଶ ପଟଚିତ୍ର କରନ୍ତି, ଅନ୍ୟମାନେ କାଠରେ ତିଆରି କରନ୍ତି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି, ଘୋଡ଼ା, ହାତୀ, ସିଂହ ; କିମ୍ବା ମୋଟା କାଗଜରେ ତିଆରି କରନ୍ତି ବିଭିନ୍ନ ଆକାରର ମୁଖା—ଦେବତା ଏବଂ ପଶୁପକ୍ଷୀମାନଙ୍କର ।

ପୁରୀଜିଲ୍ଲାର ସାକ୍ଷୀଗୋପାଳ ନିକଟସ୍ଥ ଚନ୍ଦନପୁରଠାରୁ ଅଳ୍ପ ଦୂରରେ ସେ ଗାଁ—ରଘୁରାଜପୁର । ଚାଲିଗଲେ ପାଞ୍ଚମିନିଟ୍‌ର ବାଟ । କିନ୍ତୁ ଜିପ୍‌ରେ ଗାଁ ମୁଣ୍ଡ ଯାଏଁ ଯାଇହେବ । କିନ୍ତୁ ରାସ୍ତାର ଅବସ୍ଥା ଦୃଷ୍ଟିରୁ ଜିପ୍‌ରେ ଯିବା ନିରାପଦ ନୁହେଁ । ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ଜଣେ ଅଫିସର ବନ୍ଧୁଙ୍କ ସଙ୍ଗେ ଜିପ୍‌ରେ ସେ ଗାଁକୁ ଗଲାବେଳେ ମୋର ମନେ ହେଉଥିଲା, ଜିପ୍‌ଟି ସେ କୌଣସି ମୁହୂର୍ତ୍ତରେ ଓଲଟି ପଡ଼ିବ । କିନ୍ତୁ ଅଭିଜ୍ଞ ସରକାରୀ ଡ୍ରାଇଭର କହିଲା—ସେ ଅନେକ ଥର ଜିପ୍‌ରେ ଗାଁ ଆଡ଼କୁ ଯାଇଛି, ଭୟର କାରଣ ନାହିଁ ।

ସେ ଗାଁ ଆରେ ପହଞ୍ଚିଲା ବେଳକୁ ଦିନ ପ୍ରାୟ ଗୋଟାଏ । ଆମେ ସିଧା ଗଲୁ କଳାକିର୍ତ୍ତି ଭବନକୁ—ରଘୁରାଜପୁରର ଶିଳ୍ପୀମାନଙ୍କ ସମବାୟ ସମିତି ଗୃହକୁ । କୌଣସି ଶିଳ୍ପୀଙ୍କ ବାସଘର ପରି ମନେ ହେଉଥିବା ସେ କୋଠାବାଡ଼ି ବେଶ୍ ପ୍ରଶସ୍ତ । ସିମେଣ୍ଟ ଚଟାଣ ଓ ଚୂନ କାମ । କାନ୍ଥରେ ଝୁଲୁଥିବା କେନ୍ଦ୍ର ବା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପ୍ରଶଂସାପତ୍ର; ରାଷ୍ଟ୍ରପତିଙ୍କ ନିକଟରେ କୌଣସି ଶିଳ୍ପୀଙ୍କ ଉପସ୍ଥିତିର ଫଟୋଗ୍ରାଫରୁ ଆପାତତଃ ରଘୁରାଜପୁରର ଶିଳ୍ପୀମାନଙ୍କ ଗୌରବ ଓ ସ୍ୱୀକୃତିର ସୂଚନା ମିଳୁଥିଲା । ଦେହରେ ଚନ୍ଦନ ବୋଳି ହୋଇ ମୋ ନିକଟରେ ବସିଥିବା କ୍ଷୀଣକାୟ ବୁଢ଼ା ଜଣେ କହିଲେ, 'ଅନେକ ଲୋକ ଆମ ଗାଁକୁ ଆସନ୍ତି। କେତେବେଳେ ଦଳ ଦଳ ହୋଇ ଗୋରାଲୋକ ପହଞ୍ଚିଯାଆନ୍ତି' । (ଚନ୍ଦନପୁରରୁ ରଘୁରାଜପୁର ରାସ୍ତାଟି ସମ୍ପର୍କରେ ସେମାନେ କ'ଣ ଭାବୁଥିବେ ?)

ଅଳ୍ପ ସମୟ ପରେ ଆମକୁ ଘେରି ଜମିଗଲେ ଅନେକ ଶିଳ୍ପୀ ଓ ବିଭିନ୍ନ ବୟସର ଦେଖଣାହାରୀ । ଗାଢ଼ ସମ୍ବଲପୁରୀ ଲୁଙ୍ଗୀ, ନାଲି ଗାମୁଛା ଓ ପ୍ରଫୁଲ୍ଲ ଚେହେରା ଗୋଟିଏ ବ୍ୟୂହ ଭିତରେ ଆମେ ବସିରହିଲୁ । କଳାକିର୍ତ୍ତି ଭବନର ଏଠି ସେଠି ପଡ଼ିଥିଲା ସମାପ୍ତ, ଅସମାପ୍ତ ଅନେକ ପଟଚିତ୍ର । ଖଡ଼ୋଇରେ ବିଭିନ୍ନ ରଙ୍ଗ ଓ ବାଉଁଶ ନଳୀରେ ଅସଂଖ୍ୟ ତୂଳୀ, କେତୋଟି ବଡ଼ ବଡ଼ ଚିତ୍ରପଟ ଗୁଡ଼ିଆ ହୋଇ ଛାତରୁ ଝୁଲୁଥିଲା । କାନ୍ଥରେ ଦୁଇଟା କ୍ୟାଲେଣ୍ଡର—Indian Metals and Ferro Alloys Ltd. ରଘୁରାଜପୁରର ଶିଳ୍ପୀମାନଙ୍କ ଦ୍ୱାରା ଅଙ୍କିତ ଦଶାବତାର ଓ ଜଗନ୍ନାଥଙ୍କ ବିଭିନ୍ନ ବେଶର ଛବିକୁ ଏଥିରେ ସ୍ଥାନ ଦେଇଛି । ଚଟାଣରେ ପଡ଼ିରହିଥିବା ଖଣ୍ଡିଏ 'ମଧୁବନୀ' ଛବି—ବିହାରର ଏଇ ଚିତ୍ରଶିଳ୍ପ କଲିକତାର କାଳୀଘାଟ ପଟଚିତ୍ର ପରି ଭାରତରେ ବିଖ୍ୟାତ ହୋଇ ସାରିଛି ।

ଶିଳ୍ପୀମାନଙ୍କ ସହିତ କଥାବାର୍ତ୍ତାରୁ ମନେ ହେଉଥିଲା, ସରକାରୀ ଅଫିସର ଓ ସହରର ଭଦ୍ରଲୋକମାନଙ୍କ ସହିତ ମିଳାମିଶାରେ ସେମାନେ ଅଭ୍ୟସ୍ତ । ସେମାନଙ୍କ ଆର୍ଥିକ ଅବସ୍ଥା ଅସ୍ୱଚ୍ଛଳ ନୁହେଁ । କେବଳ ପାରମ୍ପରିକ ରୀତିରେ ଚିତ୍ର ନଆଙ୍କି ନୂତନ ବିଷୟବସ୍ତୁ, ନୂତନ ଆଙ୍ଗିକରେ ଚିତ୍ର ଅଙ୍କନ କରିବା ପାଇଁ ସେମାନେ ମୋଟାମୋଟି ପ୍ରସ୍ତୁତ ।

ଆମ ପ୍ରଶ୍ନର ଉତ୍ତରରେ ସେମାନେ କହିଲେ, ମୋଟା କନା ଉପରେ ଏକ ନିର୍ଦ୍ଦିଷ୍ଟ ଅନୁପାତରେ କଇଁଆ ଗୁଣ୍ଡ ଓ ଖଡ଼ି ବୋଳି ସେମାନେ ପଟ ପ୍ରସ୍ତୁତ କରନ୍ତି । କଇଁଆ ଗୁଣ୍ଡକୁ ଖିରି ପରି ଅଉଟା ଯାଇ ଏକ ମଣ୍ଡ ପ୍ରସ୍ତୁତ କରାଯାଏ । ସେଥିରେ ଖଡ଼ି ମିଶାଯାଇ କନା ଉପରେ ବୋଳାହୁଏ । କନାକୁ ସାବଧାନତାର ସହିତ ମସୃଣ କଲାପରେ ତା ଉପରେ ଚିତ୍ର ଅଙ୍କାଯାଏ । ଚିତ୍ର ଅଙ୍କିତ ହେଲା ପରେ 'ଲାକରିଂ' ହୁଏ, ଅର୍ଥାତ୍ ଗରମ ତରଳା ଲାଖରେ ଚିତ୍ରକୁ ପୋଛି ଦିଆଯାଏ । ଏହା ଫଳରେ ଚିତ୍ରଟି ଚିକ୍ ଚିକ୍ ଦିଶେ ଏବଂ ତାହାର ରଙ୍ଗ ସହଜରେ ଛାଡ଼ି ଯାଏ ନାହିଁ ।

କଳାକିର୍ତ୍ତି ଭବନରେ ଓ ଅନ୍ୟ ଶିଳ୍ପୀ ମାନଙ୍କ ନିକଟରେ ଥିବା ପଟଚିତ୍ର ଗୁଡ଼ିକ ଦେଖି ସ୍ପଷ୍ଟ ହେଲା, ଶିଳ୍ପୀମାନଙ୍କ ପ୍ରେରଣାର ପ୍ରଧାନ ଉତ୍ସ ଜଗନ୍ନାଥ ଓ ଜଗନ୍ନାଥ ମନ୍ଦିର, ଜଗନ୍ନାଥଙ୍କ ବିଭିନ୍ନ ବେଶ ଓ ଶ୍ରୀ ମନ୍ଦିରର ବିଭିନ୍ନ ଦେବଦେବୀଙ୍କ ଛବି ହିଁ ସେମାନଙ୍କ ମୁଖ୍ୟ ବିଷୟ ବସ୍ତୁ । କୃଷ୍ଣଲୀଳା ଓ ରାମ ଲୀଳା ସେମାନଙ୍କ ଚିତ୍ରକଳାର ଅନ୍ୟ ଦୁଇଟି ଦିଗ । ଗଣେଶ, ଦୁର୍ଗା, ଓ ଶିବଙ୍କ ଛବି ଅଙ୍କନରେ ସେମାନେ ଅଭ୍ୟସ୍ତ ।

କେତେ ଜଣ ଶିଳ୍ପୀଙ୍କ ଘରକୁ ଯାଇ ସେମାନଙ୍କ ଚିତ୍ରସବୁ ଦେଖିଲାପରେ ଜଣାଗଲା, ସମବାୟ ସମିତି ବାହାରେ ମଧ୍ୟ ପ୍ରତିଭାବାନ୍ ଶିଳ୍ପୀଙ୍କର ଅଭାବ ନାହିଁ । ସମବାୟ ସମିତି ସମସ୍ତ ଶିଳ୍ପୀଙ୍କର ପ୍ରତିନିଧିତ୍ୱ କରୁଛି ବୋଲି ମନେ କରିବା ଠିକ୍ ନୁହେଁ । 'ସମିତିଟି ରାଜନୀତିରେ ଶିଳ୍ପୀମାନଙ୍କର ଅଧିକ ମଙ୍ଗଳ ହୁଅନ୍ତା ବୋଲି ମତ ଦେଉଥିବା ତରୁଣ ଶିଳ୍ପୀ ଭିକାରୀ' ମହାରଣାଙ୍କ ବିଷୟ-ବସ୍ତୁ ପାରମ୍ପରିକ ହେଲେ ହେଁ ତାଙ୍କ ରଙ୍ଗ ବିନ୍ୟାସରେ କିଛି ମୌଳିକତା ମୁଁ ଲକ୍ଷ୍ୟ କଲି । ରଘୁରାଜପୁରର ପ୍ରତିଷ୍ଠିତ ଶିଳ୍ପୀ, ଓଡ଼ିଶା ଓ ଭାରତ ସରକାରଙ୍କ ଦ୍ୱାରା ପୁରସ୍କୃତ ଶ୍ରୀ ଜଗଦ ମହାରଣା, ଶ୍ରୀ ଅନନ୍ତ ମହାରଣା ପ୍ରଭୃତିଙ୍କ ପରେ ଶ୍ରୀ ଭିକାରୀ ମହାରଣା ପ୍ରଭୃତି ସେମାନଙ୍କ ଗ୍ରାମର ଅମୂଲ୍ୟ ପରମ୍ପରା ବଞ୍ଚାଇ ରଖିବେ ବୋଲି ଆଶା କରିବା ସ୍ୱାଭାବିକ ।

ରଘୁରାଜପୁର ଏକ ଶାନ୍ତ, କ୍ଷୁଦ୍ର ଗ୍ରାମ । ମଧ୍ୟାହ୍ନରେ ଆମେ ଶିଳ୍ପୀମାନଙ୍କ ଘର ଘର ବୁଲୁଥିବା ବେଳେ ହଠାତ୍ ଗାଆଁରେ କିଛି ଉତ୍ତେଜନା ଦେଖାଗଲା । କେହି ଜଣେ ହାତରେ କେଉଁ ରଙ୍ଗର ମାଟିପାତ୍ର ଧରି ଅସ୍ପଷ୍ଟ ସ୍ୱରରେ କ'ଣ ସବୁ କହି କହି ଦ୍ରୁତ ଗତିରେ ଗ୍ରାମର ରାସ୍ତାରେ ଘୁରୁଥିବା ଆମେ ଦେଖିଲୁ । ସେ ଘୁରୁଥିଲା ବେଳେ ତା ଆଣ୍ଠୁରେ ବନ୍ଧା ହୋଇଥିବା ଘଣ୍ଟିଟା ବାଜୁଥାଏ । ସେ ଲୋକଟି ନିଜେ କାହାକୁ କିଛି ମାଗୁନଥାଏ, କିନ୍ତୁ ଘର ଭିତରୁ ବାହାରି ଆସି ସ୍ତ୍ରୀ ଲୋକମାନେ ତାକୁ ଭିକ୍ଷା ଦେଉଥାନ୍ତି । ମୁଁ ଆଗରୁ କେବେ ଏପରି ଚରିତ୍ର ଦେଖି ନଥିଲି । ଗାଁଆର ଲୋକେ ଆମକୁ ବୁଝାଇ ଦେଲେ, 'ଏ ହେଉଛି ଜାନୁଘଣ୍ଟ ପର୍ଶୁରାମ' ।

ସମବାୟ ସମିତିର ସଭ୍ୟ ଶିଳ୍ପୀମାନେ ସମିତି ଗୃହରେ ପାରିବାରିକ କଳହଠାରୁ

ଦୂରରେ ରହି କାମ କରନ୍ତି । କିନ୍ତୁ ଅନେକେ ସେମାନଙ୍କ ସଂକୀର୍ଣ୍ଣ ଅନ୍ଧାରୁଆ ଘର ଭିତରେ ହିଁ କାମ କରୁଥିବା ଆମେ ଦେଖିଲୁ । କେହି କେହି ସେମାନଙ୍କ ବାଣ୍ଡ ପିଣ୍ଡା ଉପରେ ବସି ଲାବରିଂ କରୁଥିଲେ । ଜଣେ ଶିଳ୍ପୀ ଗୋଟିଏ ବେଡାରେ ଜଗନ୍ନାଥଙ୍କ ମୂର୍ତ୍ତିସବୁ ରଖିଥିଲେ । ସେ ବେଡାଟି ଯେଉଁ ଅନ୍ଧାରୁଆ କୋଣରେ ରଖା ଯାଇଥିଲା, ସେଠାରେ ଶେଯ ଉପରେ ଦୁଇ ତିନି ବର୍ଷର ଶିଶୁଟିଏ ଶୋଇଥିଲା । ଅନେକଙ୍କ ବାଣ୍ଡଘରେ ମେଞ୍ଚା ମେଞ୍ଚା ପଟଚିତ୍ର ଆପାତତଃ ଅନାବଶ୍ୟକ ଉପକରଣ ଭଳି ରଖା ଯାଇଥିଲା । ସେଥିରୁ କୌଣସି କୌଣସିଟିର ଠାଏ ଠାଏ ରଙ୍ଗଛାଡ଼ି ଯାଇଥିଲା ବା କୋଣରୁ ଛିଣ୍ଡିଯାଇଥିଲା ।

ଯେଉଁମାନେ କାଠକାମ କରନ୍ତି, ସେମାନେ ମଧ୍ୟ କେତୋଟି ନିର୍ଦ୍ଦିଷ୍ଟ ମୂର୍ତ୍ତି ଛଡ଼ା ଅନ୍ୟ କିଛି କରିଛନ୍ତି ବୋଲି ମନେ ହେଲାନାହିଁ । ସମସ୍ତେ ସେଇ ଜଗନ୍ନାଥ, ହାତୀ, ଘୋଡ଼ା ବା ସିଂହର ମୂର୍ତ୍ତି ଗଠନରେ ବ୍ୟସ୍ତ । କିନ୍ତୁ ଜଣେ ଶିଳ୍ପୀଙ୍କ ଘରେ ଅନେକ ଗୁଡ଼ିଏ ପେଚାର ମୂର୍ତ୍ତି ଦେଖି ଆଶ୍ଚର୍ଯ୍ୟ ହେଲି । ପେଚା ୟୁରୋପରେ ଶିଳ୍ପୀମାନଙ୍କର ମୁଖ୍ୟ ବିଷୟ ବସ୍ତୁ ମଧ୍ୟରେ ଅନ୍ୟତମ । କିନ୍ତୁ କୌଣସି କାରଣରୁ ଭାରତୀୟ ଶିଳ୍ପୀମାନେ ସେମାନଙ୍କ ଶିଳ୍ପରେ ପେଚାକୁ ସ୍ଥାନ ଦିଅନ୍ତି ନାହିଁ । ପେଚା ମୂର୍ତ୍ତି ପ୍ରସ୍ତୁତ କରୁଥିବା ଶିଳ୍ପୀ ଅନୁପସ୍ଥିତ ଥିବାରୁ କାହା କରାଦରେ ସେ ଏ ମୂର୍ତ୍ତି ଗୁଡ଼ିକ ପ୍ରସ୍ତୁତ କରୁଛନ୍ତି, ଜାଣି ପାରିଲି ନାହିଁ ।

ରଘୁରାଜପୁରର ଶିଳ୍ପୀମାନେ ଏକ ପ୍ରାଚୀନ ସମ୍ପ୍ରଦାୟ; ସେମାନଙ୍କ ଶିଳ୍ପ ଏବଂ ଜୀବିକା ବହୁ ଅତୀତ କାଳରୁ ଜଗନ୍ନାଥ ମନ୍ଦିର ସହିତ ସମ୍ପୃକ୍ତ । ସେମାନଙ୍କ ଜାତି କ'ଣ ପଚାରିବାରେ ଜଣେ କହିଲେ, ସେମାନେ 'ଜଗନ୍ନାଥଙ୍କ ରୂପକାର' । ଆଉ ଜଣେ କହିଲେ 'ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ହେଲା ଦିନଠାରୁ ଆମେମାନେ ଅଛୁ । କାରଣ ଆମର ଚିତ୍ରପଟ ପୁରାତନ ଯୁଗରୁ କରିଆସୁଛୁ, ଯାହାକି ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ଠାରୁ ଭରା ଅମାବାସ୍ୟା ପର୍ଯ୍ୟନ୍ତ ଅଣସର ଘରେ ପନ୍ଦର ଦିନ ପାଇଁ ପୂଜା ହୁଅନ୍ତି ।'

ମୋଟ ଉପରେ ଏହି ଶିଳ୍ପୀମାନଙ୍କ ଦୃଷ୍ଟିଭଙ୍ଗୀ ଠାରୁ ଆରମ୍ଭକରି ଶିଳ୍ପକଳାର ଉପକରଣ ପର୍ଯ୍ୟନ୍ତ ସବୁକିଛି ଧର୍ମ ଓ ପରମ୍ପରା ଉପରେ ପ୍ରତିଷ୍ଠିତ । ଅଳ୍ପ କେତେବର୍ଷ ହେଲା ସେମାନଙ୍କ ଶିଳ୍ପକୁ ଅଧିକ ବ୍ୟବସାୟିକ କରିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ମୋର ଅଫିସର ବନ୍ଧୁ ଏହି ଶିଳ୍ପୀମାନଙ୍କୁ କେତେକ ନୂତନ ମୂର୍ତ୍ତି ଅଙ୍କନ କରିବା ପାଇଁ ତଥା କେବଳ ପଟ ଉପରେ ଚିତ୍ର ନଆଙ୍କି ବାଉଁଶ ନଡ଼ା ପ୍ରଭୃତି ଅନ୍ୟାନ୍ୟ ଉପକରଣ ଉପରେ ଚିତ୍ର ଆଙ୍କିବା ପାଇଁ ପରାମର୍ଶ ଦେଇଥିଲେ । ଶିଳ୍ପୀମାନେ ଏଯାବତ୍ ବ୍ୟବହାର କରୁଥିବା ରଙ୍ଗ ସବୁ ମୁଖ୍ୟତଃ ବୃକ୍ଷଲତାରୁ ସଂଗୃହୀତ (Vegetable dyes) । ଏ ସବୁ ପରିବର୍ତ୍ତେ ଆକ୍ରାଲିକ୍ (Acrallyc) ରଙ୍ଗ ବ୍ୟବହାର କଲେ ସେମାନଙ୍କ ଚିତ୍ରସବୁ ଅଧିକ କାଳ ସ୍ଥାୟୀ ହୁଅନ୍ତା ଏବଂ ଚିତ୍ରକୁ ସଫାକଲେ ମଧ୍ୟ ରଙ୍ଗ ଛାଡ଼ି ଯାଆନ୍ତା ନାହିଁ । ଏଭଳି ନୂଆ ରଙ୍ଗ ବ୍ୟବହାର କଲେ ହୁଏତ ନୂଆ ଧରଣର ତୂଳୀ ବ୍ୟବହାର କରିବାକୁ ପଡ଼ିବ ଏବଂ ଏହି ନୂଆ ରୀତିରେ ଅଭ୍ୟସ୍ତ ହେବାକୁ କିଛି ସମୟ ଲାଗିବ ।

ପରମ୍ପରା ଓ ଆଧୁନିକତାର ସଂଘର୍ଷ ସବୁ ସମ୍ପ୍ରଦାୟରେ ଲାଗି ରହିଛି । ରଘୁରାଜପୁରର ଶିଳ୍ପୀମାନେ ସେଥିରୁ ବାଦ୍ ଯିବାର କାରଣ ନାହିଁ । ଶ୍ରୀ କୁଞ୍ଜ ବିହାରୀ ମହାରଣା ଆପାତତଃ ଜଣେ ଅବହେଳିତ ଚିତ୍ରକର । ଉଭୟ ସମିତି ଓ ସରକାର ଶିଳ୍ପୀମାନଙ୍କ ଧର୍ମ ଓ ପରମ୍ପରାର କ୍ଷତି କରୁଛନ୍ତି ବୋଲି ସେ ଅଭିଯୋଗ କରେ । ଏହି ଅଭିଯୋଗ ମୂଳରେ କିଛି ବ୍ୟକ୍ତିଗତ କାରଣ ଥିବାଭଳି ମନେ ହେଲା; କିନ୍ତୁ ତାଙ୍କ ଅଭିଯୋଗର କିଛି ଗୁରୁତ୍ୱ ଅଛି । ସେ ଖଣ୍ଡିଏ କାଗଜରେ ତାଙ୍କର ଅଭିଯୋଗ ସବୁ ସରକାରଙ୍କ ଉଦ୍ଦେଶ୍ୟରେ ଲେଖି ରଖିଛନ୍ତି, ସେଥିରୁ କେତେକ ଅଂଶ ଏଠାରେ ଉଦ୍ଧାର କରଯାଇ ପାରେ—

"...ମହାଶୟ ଆପ୍ମାନଙ୍କର ଯେଉଁ ଚିତ୍ର ପଟି ତିଆରି ହୁଏ, ସେ ସବୁ ଦେଶୀ ରଙ୍ଗ । ଆପଣଙ୍କ ଅନୁଗ୍ରହରୁ ପଟଚିତ୍ରର ଶିକ୍ଷା ବହୁ ସ୍ଥାନରେ ବହୁ ଲୋକଙ୍କୁ ଉନ୍ନତି ପଥରେ ଆଗେଇ ନେଇଛି । ତଥାପି କେହି ହେଲେ ଚିତ୍ରକାରର ଧର୍ମ, କର୍ମ, ରଙ୍ଗ, ମୂଳଦୁଆ କ'ଣ ତାହା ଅନୁକରଣ କରୁ ନାହାନ୍ତି । ଦେଶୀ ରଙ୍ଗ, ଦେଶୀ ପଟି, ଦେଶୀ କାଠ, ଦେଶୀ ରଙ୍ଗ, ଷଢ଼େଇ ଏସବୁକୁ ଛାଡ଼ି ବିଲୁଡ଼ି ରଙ୍ଗ ବା ବିଦେଶୀ ଜିନିଷ ବ୍ୟବହାର କରି ଆପଣମାନଙ୍କ ସମ୍ମୁଖରେ ଚିତ୍ରକାର ବୋଲି ପ୍ରମାଣ ଦେଇ କଳାବିଦ୍ୟାର ବେଶ ମଣ୍ଡେଇ ଶିଳ୍ପକାର ବୋଲି ନାଁ ଦେଇ ଆପଣଙ୍କୁ ମୁଗ୍ଧ କରି ନିଜକୁ ନିଜେ ଧନ୍ୟବାଦ ଦେଇ ସୁଖରେ କାଳ ଯାପନ କରୁଛନ୍ତି । ××× ଯଦି ଗୋଟିଏ କାରିଗର ପ୍ରକୃତରେ ଦେଶୀରଙ୍ଗ, ହିଙ୍ଗୁଳ, ହରିତାଳ, ଶଙ୍ଖ, କଳା, ଗେରୁ, ଖଡ଼ି—ଏ ସବୁକୁ ନିଜର ବୁଦ୍ଧିବିଦ୍ୟା ସହ ଶାରୀରିକ ପରିଶ୍ରମ କରି ବ୍ୟବହାର କରି ପାରନ୍ତେ, ତାହାହେଲେ ଅସାଧ୍ୟକୁ ସାଧ୍ୟ କରି ପାରନ୍ତେ । ତେବେ ଏ ଜାତି "ତାର ହୃତ ଗୌରବକୁ ଫେରି ପାଆନ୍ତା" ।

## ଭୁବନେଶ୍ୱରରେ ଷ୍ଟେଡିୟମ ନିର୍ମାଣ ପାଇଁ ୪ଲକ୍ଷ ଟଙ୍କା ମଞ୍ଜୁର

ସରକାର ସାଂସ୍କୃତିକ ବ୍ୟାପାର ବିଭାଗ ଅଧୀନରେ ଥିବା ସ୍ପୋର୍ଟସ କାଉନ୍‌ସିଲଙ୍କ ଜରିଆରେ ଭୁବନେଶ୍ୱରଠାରେ ଗୋଟିଏ ଷ୍ଟେଡ଼ିୟମ୍ ନିର୍ମାଣ କରିବା ନିମନ୍ତେ ୪ ଲକ୍ଷ ଟଙ୍କା ମଂଜୁର କରିଛନ୍ତି ।

ଜାତୀୟ ରାଜପଥ ନିକଟବର୍ତ୍ତୀ ନୂଆପଲ୍ଲୀ ଅଞ୍ଚଳରେ ୪୦ ଏକର ପରିମିତ ଜମିରେ ଏହି ଷ୍ଟେଡ଼ିୟମ୍ ନିର୍ମାଣ କରାଯିବ । ଭୁବନେଶ୍ୱର ଆଞ୍ଚଳିକ ଉନ୍ନୟନ ସଂସ୍ଥା ଏହାର ନିର୍ମାଣ ଦାୟିତ୍ୱ ବହନ କରିଛନ୍ତି ।

# ଓଡ଼ିଶା

ଶ୍ରୀ ଫନୀ ମହାଂତ

(୧)

ମୁଁ ତମକୁ ଦୁଃଖରେ ଡାକିଲାବେଳେ
ତମେ ମତେ ପ୍ରତ୍ୟାଖ୍ୟାନ କରିଲ କେମିତି ?

କୋଣାର୍କର ଭଗ୍ନ ପ୍ରସ୍ତର ଗାତ୍ରରୁ
ଭାସିଆସେ ତମ ସ୍ୱର । ତ୍ରିବେଣୀର କାଚକେଂଦ୍ର
ଜଳରେ ତମରି ଆଖିର ଲୁହ । ତମରି ସ୍ପର୍ଶରେ
ଦୋହଲିଯାଏ ବାରବାଟୀର ଜୀର୍ଣ୍ଣ ଦୁର୍ଗ । ଧଉଳିର
ସଫେଦ ବୁଦ୍ଧ ମୂର୍ତ୍ତି ।

ତମେ ଆସ । ତଥାଗତର ସମସ୍ତ ଦୁଃଖ ନେଇ
ଗାଢ଼ ଉଦାସ ମନରେ ॥

(୨)

ଦଂଡକାରଣ୍ୟର ରିଫ୍ୟୁଜି ଶିବିରରେ
ତମରି ଆଗମନର ସ୍ୱାଗତିକା । ମର୍ମର
ଧ୍ୱନିରେ ଗୁଂଜରିତ ସୁଂଦରଗଡ଼ର ଆଦିବାସୀ
ରମଣୀର ଲିଲା ।

ସୋଲରୀର ମନଲୋଭା ବର୍ଣ୍ଣମାଳା
ଓ ଚିଲିକାର ନୀଳ କାର୍ପେଟରେ ମୈଥୁନରତ
ହଂସ ଓ ସାରସର ଛବି ।

ସମସ୍ତଂକ ସବିନୟ ଅନୁରୋଧ । ତମେ ଆଜ,
ଚୁପ୍‌ଚାପ୍ ତମେ ଫେରିଆସ ॥

(୩)

କଳିଂଗ ଶିଳ୍ପୀର ଖୋଦିତ ଭାସ୍କର୍ଯ୍ୟର
ଉଆସକୁ । ବିଖଂଡିତ ସ୍ମୃତିର ନିହାଣ ମୁନକୁ !

ତମ ପିତା ଓ ପ୍ରପିତାମହଂକ ଶେଷ ଆଲେଖ୍ୟରୁ
ତମେ ଆସ । ଶିଶୁପାଳ ଗଡ଼ର କବର ଭିତରୁ
ଅଯତ୍ନ ବର୍ଦ୍ଧିତ ଦେବ ଦେଉଳରୁ । ପ୍ରତାପରୁଦ୍ରର
ଅଭିଶପ୍ତ ବିକଳାଂଗ ସାମ୍ରାଜ୍ୟକୁ । ଖର୍ବିତ କଲ୍ୟାଣମଲ୍ଲର
ଇସ୍ପାତ ବାହୁ ବଂଧନକୁ । ନୃତାଇତ ମାହାରୀର ହଜିଲ ଛଂଦକୁ ।
ପୁନର୍ବାର ତମେ ଫେରିଆସ ।।

(୪)

'ନରାଜର' ଅପୂର୍ବ ନିଃସଂଗତାର
ଉପତ୍ୟକା । ସାଲୁର ଘାଟିର ଅଜ୍ଞାତ ଖଳ ନାୟକ ।
ରକ୍ତମୁଖା ତୀର୍ଯ୍ୟକ ଦୃଷ୍ଟିର ବୁଢ଼ୀ ଠାକୁରାଣୀ ।
ଓ ସାତକୋଶିଆର ଦୁର୍ଦ୍ଦାଂତ ଗଂଡ଼ ।

ସବୁଠି ପ୍ରତିଧ୍ୱନିତ ତମରିବାଣୀ । ସମସ୍ତଂକ
ସବିନୟ ଅନୁରୋଧ । ତମେ ଫେରିଆସ । ଅକପଟ
ସ୍ନେହ ଓ କରୁଣାର ମୂର୍ତ୍ତିମଂତ ମା' ପରି
ବାଲିର ରଥରେ । ଧର୍ମାଶୋକର ପୁଣ୍ୟପୀଠ
ଗୁପ୍ତ ଶ୍ରୀକ୍ଷେତ୍ରକୁ । ଭାର୍ଗବୀର ଘଂଚ
ଆଂବ ଓ ପୋଲଂଗ ବଣକୁ ।।

(୫)

ତମ ଜନ୍ମମାଟି : ଓଡ଼ିଶା ।
ତମକୁ ଡାକୁଛି ଆଜି ଆକୁଳ ଆବେଗେ ।
ସିଂହଦ୍ୱାରେ ତମରି ବପୁଷ୍ମାନ୍ ପ୍ରତିମୂର୍ତ୍ତି । ତମେ କ'ଣ
ଫେରିବନି ଓଡ଼ିଶୀର ଖାପଛଡ଼ା ନୂପୁର ଶବ୍ଦରେ !

ତମେ କଣ ଫେରିବନି
ମଂଗଳା ଆଳତୀ ବେଳେ, ସଂଧ୍ୟା ଦର୍ଶନରେ ।
ଗରୁଡ଼ ଖଂବ ପାଖରେ ତମ ପାଇଁ ଭୟାନକ
ଭିଡ଼ । ତମେ ଆମ ବିଶ୍ୱାସର ଆଶାବାଡ଼ି ।
ଅଂଧର ଲହୁଡ଼ି । କଳିଂଗ, କୋଶଳ ତମ ଦୁଇ ବାହୁ ।

ତମକୁ ମୁଁ ଦୁଃଖରେ ଡାକିଲବେଳେ
ତମେ ମତେ ପ୍ରତ୍ୟାଖ୍ୟାନ କରିଲ କେମିତି ।।

(ଏକ ବିଦେଶୀ କବିତାର ଛାୟାରେ)

ଦର୍ଶନ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ

# ପ୍ରାଚୁର୍ଯ୍ୟରେ ଦାରିଦ୍ର୍ୟ ଏକ ବିଡ଼ମ୍ବନା

ଶ୍ରୀ ଶଚୀନ୍ଦ୍ର ନନ୍ଦନ ଦାସମହାପାତ୍ର

ଆମ ରାଜ୍ୟର ପ୍ରାକୃତିକ ସଂପଦ ଯଥେଷ୍ଟ ପରିମାଣରେ ରହିଛି । ଏଗୁଡ଼ିକର ସଦୁପଯୋଗ ହୋଇ ପାରିଲେ ଆମ ରାଜ୍ୟ ଯେ ଅର୍ଥନୈତିକ କ୍ଷେତ୍ରରେ ଏକ ସମୃଦ୍ଧ ରାଜ୍ୟ ହୋଇ ପାରନ୍ତା, ଏଥିରେ ସଂଦେହ ନାହିଁ । କିନ୍ତୁ ଦୁଃଖର ବିଷୟ, ଜାତୀୟ ମୁଣ୍ଡପିଛା ଆୟ ତୁଳନାରେ ଆମ ରାଜ୍ୟର ମୁଣ୍ଡପିଛା ଆୟ ଯଥେଷ୍ଟ କମ୍ ଥିବାରୁ ବର୍ତ୍ତମାନ ମଧ୍ୟ ଆମେ ଏକ ଦରିଦ୍ର ରାଜ୍ୟ ରୂପେ ବିବେଚିତ ହେଉଛୁ । ଏଇ ଅବସ୍ଥାର ପ୍ରତିକାର ଦୃଷ୍ଟିରୁ ତଥା ରାଜ୍ୟର ଆୟ ବୃଦ୍ଧି ପାଇଁ ୧୯୬୨ ମସିହା ମାର୍ଚ୍ଚ ମାସରେ ରାଜ୍ୟ ସରକାର ସରକାରୀ କ୍ଷେତ୍ରରେ ଏକ ଶିଳ୍ପ ଉନ୍ନୟନ କର୍ପୋରେସନ ପ୍ରତିଷ୍ଠା କରିଥିଲେ । ପ୍ରାଥମିକ ଅବସ୍ଥାରେ ଏହାର ଦୁଇଟି ଶିଳ୍ପ ସଂସ୍ଥା ଥିଲେ ମଧ୍ୟ ବର୍ତ୍ତମାନ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ୭ଟି ଶିଳ୍ପ ସଂସ୍ଥା ଏହାର ଦାୟିତ୍ୱରେ ପରିଚାଳିତ । ସେଗୁଡ଼ିକ ହେଲା, (୧) କଳିଙ୍ଗ ଲୁହା କାରଖାନା, ବଡ଼ବିଲ, (୨) ହୀରା ସିମେଣ୍ଟ କାରଖାନା, ବରଗଡ଼, (୩) ହୀରା କେବୁଲ୍ କାରଖାନା, ହୀରାକୁଦ (୪) ହୀରାକୁଦ ଇଣ୍ଡଷ୍ଟ୍ରିଆଲ ଓ୍ୱାର୍କସ୍, ହୀରାକୁଦ, (୫) ରି-ରୋଲିଂ ମିଲ୍, ହୀରାକୁଦ (୬) ଫେରୋକ୍ରୋମ କାରଖାନା, ଯାଜପୁର ରୋଡ଼ ଏବଂ (୭) ଟାଇଲ କାରଖାନା, ଚୌଦ୍ୱାର ।

ନିକଟରେ ଭୁବନେଶ୍ୱରଠାରେ ପ୍ରୋଜେକ୍ଟ କନ୍‌ଷ୍ଟ୍ରକ୍‌ସନ୍ ଅର୍ଗାନାଇଜେସନ୍ ନାମରେ ଏହି କର୍ପୋରେସନ୍‌ର ଏକ ଶିଳ୍ପ ସଂସ୍ଥା ଖୋଲା ଯାଇଛି । ହୀରାକୁଦଠାରେ ଥିବା ହୀରାକୁଦ ଇଣ୍ଡଷ୍ଟ୍ରିଆଲ୍ ଓ୍ୱାର୍କସ ଏବଂ ହୀରା କେବୁଲ ଓ୍ୱାର୍କସ୍‌ର କାର୍ଯ୍ୟରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ଏହି ଶିଳ୍ପ ସଂସ୍ଥାଟି ଇ. ଏଚ୍. ଟି ଟ୍ରାନ୍ସମିସନ ଲାଇନ୍ ଏବଂ ଅନ୍ୟାନ୍ୟ ଶିଳ୍ପ ଓ ବିଦ୍ୟୁତ୍ ଯୋଜନା ନିର୍ମାଣ କାର୍ଯ୍ୟ ହାତକୁ ନେବ ।

ଗଞ୍ଜାମ ଜିଲ୍ଲାର ଗଞ୍ଜାମ ଜିଲ୍ଲାର ଛତ୍ରପୁର ନିକଟ ଘାଟ ସ୍ଥାନ [illegible]

ଏକ କଂପାନୀ ରୂପେ କର୍ପୋରେସନର ସହକାରୀ ଶିଳ୍ପ ସଂସ୍ଥା ରୂପେ ରହିଛି ।

ଗତ ଆର୍ଥିକ ବର୍ଷରେ ଏହି କର୍ପୋରେସନ ମୋଟ ୩୦ କୋଟି ୪୨ ଲକ୍ଷ ଟଙ୍କାର ମାଲ ଉତ୍ପାଦନ କରିଛି ଏବଂ ୩୧ କୋଟି ୨୨ ଲକ୍ଷ ଟଙ୍କାର ମାଲ ବିକ୍ରୟ କରି ପାରିଛି । ତତ୍ ପୂର୍ବ ବର୍ଷ ଏହି ରାଶି ଯଥାକ୍ରମେ ୨୩ କୋଟି ୫୪ ଲକ୍ଷ ଏବଂ ୨୬ କୋଟି ୬୨ ଲକ୍ଷ ଥିଲା ।

୧୯୭୭-୭୮ ମସିହାରେ ଏହାର ଅଂଶଧନ ୨୧ କୋଟି ୭୨ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ସରକାରୀ ଋଣ ୭ କୋଟି ୮୭ ଲକ୍ଷ ଟଙ୍କାରୁ ହ୍ରାସ ପାଇ ୬ କୋଟି ୯୯ ଲକ୍ଷ ଟଙ୍କା ହୋଇ ପାରିଛି । ୧୯୬୯-୭୦ ମସିହା-ଠାରୁ ଏହି କର୍ପୋରେସନର ଆର୍ଥିକ ଅବସ୍ଥାରେ କ୍ରମାଗତ ଉନ୍ନତି ପରିଲକ୍ଷିତ ହେଉଛି । ବର୍ତ୍ତମାନ ଏହାର ସମସ୍ତ କ୍ଷତି ମଜୁରା ହୋଇ ୧୯୭୭-୭୮ ବର୍ଷ ଏହି କର୍ପୋରେସନ ଡିପ୍ରିସିଏସନ୍ ଇତ୍ୟାଦି ବାଦ ଦେଇ ୮୦ ଲକ୍ଷ ୪୬ ହଜାର ଟଙ୍କା ଲାଭ କରିବ ବୋଲି ଅନୁମାନ କରାଯାଉଛି ।

୧୯୬୮-୬୯ ମସିହାଠାରୁ ଏହାର ସମସ୍ତ ଶିଳ୍ପ ସଂସ୍ଥା ଉତ୍ପାଦନ ଆରମ୍ଭ କରିଛନ୍ତି । ଏହାର ଉତ୍ପାଦନ ଏବଂ ବିକ୍ରୟ ତାଲିକା ଦେଖିଲେ ଶିଳ୍ପ ସଂସ୍ଥାଗୁଡ଼ିକ ଉନ୍ନତି କରୁଥିବା ପରିଲକ୍ଷିତ ହୁଏ ।

ଗତବର୍ଷ ବରଗଡ଼ ହୀରା ସିମେଣ୍ଟ କାରଖାନା ୪ ଲକ୍ଷ ୨୬ ହଜାର ଟନ୍ ସିମେଣ୍ଟ ଉତ୍ପାଦନ କରି ରେକର୍ଡ ସୃଷ୍ଟି କରିଛନ୍ତି । ଏହା କାରଖାନାର ଉତ୍ପାଦନ କ୍ଷମତାର ଶତକଡ଼ା ୧୧୧ଭାଗ । ସେହିପରି ବିକ୍ରୟ କ୍ଷେତ୍ରରେ ମଧ୍ୟ ମୋଟ ୪ ଲକ୍ଷ ୨୫ ହଜାର ଟନ୍ ସିମେଣ୍ଟ ବିକ୍ରୟ କରାଯାଇ ପାରିଛି ।

ଯାଜପୁର ରୋଡ଼ସ୍ଥିତ ଫେରୋକ୍ରୋମ କାରଖାନାରୁ ଏହି ବର୍ଷ ୧ କୋଟି ୭୨ ଲକ୍ଷ ଟଙ୍କାର ହାଇକାର୍ବୋନ ଫେରୋକ୍ରୋମ ଇଟାଲି, ଫିଲିପାଇନସ୍, ଜାପାନ ଏବଂ

ନେଦରଲଣ୍ଡ ପ୍ରଭୃତି ଦେଶକୁ ରପ୍ତାନୀ କରାଯାଉଛି । ଏହି କାରଖାନାରେ ଉତ୍ପାଦନ ଆରମ୍ଭଠାରୁ ଆଜି ପର୍ଯ୍ୟନ୍ତ ମୋଟ ୭ କୋଟି ଟଙ୍କା ମୂଲ୍ୟର ଊର୍ଦ୍ଧ୍ୱ ମାଲ ବିଦେଶକୁ ରପ୍ତାନୀ କରି ବୈଦେଶିକ ବିନିମୟ ମୁଦ୍ରା ଅର୍ଜନ କରାଯାଇଛି ।

ଗତ ଆର୍ଥିକ ବର୍ଷ ସୁଦ୍ଧା ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଏହି କର୍ପୋରେସନ ଅବକାରୀ ଶୁଳ୍କ ବିକ୍ରୀ ଟିକସ, ବିଜୁଳି ଟିକସ ଏବଂ ଖଣି ରୟାଲଟି ଓ ସେସ୍ ଇତ୍ୟାଦି ବାବଦରେ ମୋଟ ୨୮ କୋଟି ୩୭ ଲକ୍ଷ ଟଙ୍କା ଦେଇଛି । ଏହା ଛଡ଼ା ପରିବହନ ଖର୍ଚ୍ଚ ବାବଦକୁ ରେଳବାଇ ୧୪ କୋଟି ୯୩ ଲକ୍ଷ ଟଙ୍କା ଏବଂ ରାଜ୍ୟ ବିଦ୍ୟୁତ୍ ବୋର୍ଡ ସରଞ୍ଜାମ ଏବଂ ଶକ୍ତି ବାବଦକୁ ୧୦ କୋଟି ୫୩ ଲକ୍ଷ ଟଙ୍କା ପାଇଛନ୍ତି ।

ଉପର୍ଯ୍ୟୁକ୍ତ ଶିଳ୍ପ କାରଖାନାଗୁଡ଼ିକ ଛଡ଼ା ଏହି କର୍ପୋରେସନ ଦ୍ୱାରା ମିଳିତ ଉଦ୍ୟମରେ କେତୋଟି ଶିଳ୍ପ କାରଖାନା ଗଢ଼ା ଯାଇଛି । ସେଥିମଧ୍ୟରୁ ଗୋଟିଏ ହେଲା କୋଣାର୍କ ଝୋଟକଳ । ଜାତୀୟ କୃଷି ବାଣିଜ୍ୟ ସମବାୟ ଫେଡ଼େରେସନର ସହଯୋଗରେ ଏହି କାରଖାନା ଚଳିତ ବର୍ଷ ଶେଷ ଆଡ଼କୁ ଉତ୍ପାଦନ ଆରମ୍ଭ କରିବ ।

ଭୁବନେଶ୍ୱରସ୍ଥିତ ଡ଼ି. କେ. ଝୁନ୍‌ଝୁନ୍‌ୱାଲା ଏଣ୍ଡ କଂପାନୀଙ୍କ ସହଯୋଗରେ ପ୍ରତିଷ୍ଠିତ ଓରିକ୍ରେମ୍ ଲିମିଟେଡ୍ ୧୯୮୦ ମସିହା ଜାନୁଆରୀ ମାସ ବେଳକୁ ଉତ୍ପାଦନ ଆରମ୍ଭ କରିବ । ସେହିପରି କଲିକତାର ମେସର୍ସ ଗୋପୀରାମ ଓମ୍‌ପ୍ରକାଶଙ୍କ ସହଯୋଗରେ ହୀରା ଷ୍ଟିଲ ଏଣ୍ଡ ଏଲୟ ଲିମିଟେଡ଼ ଗଢ଼ାଯାଇଛି । ଏହାଛଡ଼ା ଏକ ସାହାଯ୍ୟପ୍ରାପ୍ତ କଂପାନୀ ରୂପେ ପାରାଦୀପଠାରେ ଇଷ୍ଟ କୋଷ୍ଟ ବ୍ରିଓ୍ୱେରୀଜ ଏଣ୍ଡ ଡ଼ିଷ୍ଟିଲେରୀଜ୍ ଲିମିଟେଡ୍ ଗଢ଼ାଯାଇଛି ।

ଓଡ଼ିଶାର କେତେକ ସରକାରୀ ଓ ବେସରକାରୀ ଶିଳ୍ପ କାରଖାନାକୁ ଏହି କର୍ପୋରେସନ ଆର୍ଥିକ ସହାୟତା ମଧ୍ୟ ଦେଇଛି । ସେଗୁଡ଼ିକ ହେଲା —

(୧) ଆସ୍କା କୋ-ଅପରେଟିଭ୍ ସୁଗାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, (୨)ଜୟଶ୍ରୀ କେମିକ୍ୟାଲ ଲିମିଟେଡ୍ (୩) କଳିଙ୍ଗ ଏକ୍ସ୍‌ପୋର୍ଟର୍ସ ଲିମିଟେଡ୍, (୪) ଇଣ୍ଡିୟାନ୍ ମେଟାଲ୍ସ ଏଣ୍ଡ ଫେରୋଆଲୟେଜ୍ ଲିମିଟେଡ୍, (୫) ଓଡ଼ିଶା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ।

ସଂପ୍ରତି ଓଡ଼ିଶା ସରକାର ତାପଙ୍କ ଲାଇଟ୍ ଫାଉଣ୍ଡ୍ରି ପରିଚାଳନା ଦାୟିତ୍ୱ ମଧ୍ୟ ଏହି କର୍ପୋରେସନ ହାତରେ ଦେଇଛନ୍ତି ।

ଓଡ଼ିଶାର ପ୍ରାଚୁର୍ଯ୍ୟ ମଧ୍ୟରେବି ଦାରିଦ୍ର୍ୟ ଏକ ବିଡ଼ମ୍ବନା ମାତ୍ର । ଯାହାହେଉ ଏହି କୃଷିପ୍ରଧାନ ପ୍ରଦେଶର ଅଧିବାସୀଙ୍କୁ ଶିଳ୍ପ-ସଭ୍ୟତା ସହିତ ପରିଚିତ କରାଇ ପ୍ରଦେଶକୁ ଶିଳ୍ପ-ସମୃଦ୍ଧ କରିବା ପାଇଁ ରାଜ୍ୟ ଶିଳ୍ପ ଉନ୍ନୟନ କର୍ପୋରେସନ ଦୃଢ଼ସଂକଳ୍ପ ସହିତ ଆଗେଇ ଚାଲିଛି ।

## ଷଷ୍ଠ ଯୋଜନା କାଳରେ ୨୯ଟି ନୂତନ ଜଳସେଚନ ଯୋଜନା କାର୍ଯ୍ୟକାରୀ ହେବ

ଷଷ୍ଠ ଯୋଜନା କାଳରେ ରାଜ୍ୟରେ ୧୩ଟି ବୃହତ୍ ଜଳସେଚନ ଯୋଜନା ଓ ୧୬ଟି ମଧ୍ୟମ ଜଳସେଚନ ଯୋଜନା କାର୍ଯ୍ୟକାରୀ ହେବାର ପ୍ରସ୍ତାବ ରହିଛି । ଏଗୁଡ଼ିକ ସଂପୂର୍ଣ୍ଣ ହେଲେ ଅଧିକ ୧ ଲକ୍ଷ ୧୬ ହଜାର ହେକ୍ଟର ଜମିକୁ ଜଳ ଯୋଗାଯାଇପାରିବ ।

ଏହି ଯୋଜନା ଗୁଡ଼ିକ ବ୍ୟତୀତ ବର୍ତ୍ତମାନ ରାଜ୍ୟରେ ୨୩ଟି ମଧ୍ୟମ ଜଳସେଚନ ଯୋଜନା ଓ ମହାନଦୀ ଡ଼େଲ୍‌ଟା, ସାଲନ୍ଦୀ, ଆନନ୍ଦପୁର, ଉପର କୋଲାବ ଏବଂ ରେଙ୍ଗାଲି ଆଦି ୫ଟି ବୃହତ୍ ଜଳସେଚନ ଯୋଜନା କାର୍ଯ୍ୟକାରୀ ହେଉଛି । ଷଷ୍ଠ ଯୋଜନା କାଳରେ ଏଗୁଡ଼ିକ ସଂପୂର୍ଣ୍ଣ ହେବ ଏବଂ ଏଥିରୁ ବାର୍ଷିକ ୩ ଲକ୍ଷ ୭୭ ହଜାର ହେକ୍ଟର ଜମି ପାଇଁ ଜଳସେଚନ ବ୍ୟବସ୍ଥା କରାଯାଇ ପାରିବ । ଉଭୟ ନୂତନ ଓ ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ବୃହତ୍ ତଥା ମଧ୍ୟମ ଜଳସେଚନ ଯୋଜନାଗୁଡ଼ିକ ପାଇଁ ୪୫୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଷଷ୍ଠ ଯୋଜନା କାଳ ଶେଷରେ ବୃହତ୍ ଓ ମଧ୍ୟମ ଜଳସେଚନ ଯୋଜନାଗୁଡ଼ିକ ଜରିଆରେ ରାଜ୍ୟର ମୋଟ ୧୦ ଲକ୍ଷ ୫୫ ହଜାର ହେକଟର ଅର୍ଥାତ୍ ଶତକଡ଼ା ୧୭·୨୫ ଭାଗ ସ୍ୱଷ ଜମି ଜଳସେଚିତ ହୋଇପାରିବ ।

# ଓଡ଼ିଶାର ଶିଳ୍ପ ଶ୍ରମିକ

ଶ୍ରୀ ମୁରଲୀ ମୋହନ ଜେନା

କଞ୍ଚାମାଲ, ମୂଳଧନ ବା ଜନଶକ୍ତିର ଅଭାବ ରହିଛି ବୋଲି ଯେ ଓଡ଼ିଶା ଶିଳ୍ପ ପ୍ରସାର ଦିଗରେ ଅନୁନ୍ନତ ତାହା ନୁହେଁ । ମୁଖ୍ୟତଃ ଶିଳ୍ପର ଉନ୍ନତି ଦିଗରେ ଉଦ୍ୟମର ଅଭାବ ଯୋଗୁଁହିଁ ଏପରି ହୋଇଛି । ଆମ ରାଜ୍ୟରେ ଶିଳ୍ପର ଉନ୍ନତି ନିମନ୍ତେ ବର୍ତ୍ତମାନ ସରକାରୀ ଓ ବେସରକାରୀ ଉଭୟ କ୍ଷେତ୍ରରେ ସୁବିଧା ଦିଆ ଯାଉଛି । ଜନସାଧାରଣ ଯେପରି ସୁବିଧାର ଉପଯୋଗ କରି ପାରିବେ ସେଥିପାଇଁ ସରକାର ଗୋଟିଏ ଅଗ୍ରଗାମୀ ଯୋଜନା କାର୍ଯ୍ୟକାରୀ କରାଉଛନ୍ତି । ଏହି ଯୋଜନାର ପ୍ରସାର ଘଟାଇ ଉଦ୍ୟୋଗକାରୀମାନଙ୍କୁ ରାଜ୍ୟରେ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠାନମାନ ସ୍ଥାପନ କରିବା ପାଇଁ ଉତ୍ସାହ ଦେବାର ବନ୍ଦୋବସ୍ତ କରାଯାଉଛି । ଏହି ଉଦ୍ଦେଶ୍ୟରେ ବେସରକାରୀ ଲିମିଟେଡ୍ କଂପାନୀମାନଙ୍କରେ ବେସରକାରୀ ଶିଳ୍ପପତିମାନେ ଅଂଶୀଦାର ରହିବା ସଙ୍ଗେ ସଙ୍ଗେ ସରକାର ସେଥିରୁ ଅଂଶ କିଣି ଏସବୁ ଶିଳ୍ପରେ ସକ୍ରିୟ ଅଂଶ ଗ୍ରହଣ କରୁଛନ୍ତି । ପୁନଶ୍ଚ ରାଜ୍ୟର ବିଭିନ୍ନ ଅଞ୍ଚଳରେ କି କି ଶିଳ୍ପ ପ୍ରତିଷ୍ଠା କରିବାର ସମ୍ଭାବନା ରହିଛି, ତାହା ନିରୂପଣ କରିବା ଓ ନିକଟ ଭବିଷ୍ୟତରେ ଯେଉଁସବୁ ନିର୍ଦ୍ଦିଷ୍ଟ ଶିଳ୍ପ ସ୍ଥାପନ କରାଯାଇ ପାରିବ, ସେଗୁଡ଼ିକ ସଂପର୍କରେ ଯୋଜନାମୂଳକ ରିପୋର୍ଟ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଆମ ରାଜ୍ୟରେ ଗୋଟିଏ ଅର୍ଥନୈତିକ ଓ ବୈଷୟିକ ସର୍ଭେ କରାଯାଇଛି ।

ବିଭିନ୍ନ ଶିଳ୍ପ ପାଇଁ ପ୍ରୟୋଜନୀୟ ଖଣିଜ ସଂପଦ ଓ କଞ୍ଚାମାଲ ଓଡ଼ିଶାରେ ପ୍ରଚୁର ପରିମାଣରେ ମିଳୁଥିଲେ ମଧ୍ୟ ଆମ ରାଜ୍ୟରେ କ୍ଷୁଦ୍ର ଶିଳ୍ପ ତୁଳନାରେ ବୃହତ୍ ଶିଳ୍ପ ଅପେକ୍ଷାକୃତ କମ୍ । ଯାହାହେଉ ବର୍ତ୍ତମାନ ହୀରାକୁଦ ଓ ମାଛକୁଣ୍ଡ ଯୋଜନାରୁ ସୁଲଭ ମୂଲ୍ୟରେ ବିଦ୍ୟୁତ୍ ଶକ୍ତି ମିଳୁଥିବାରୁ ରାଜ୍ୟରେ ନୂଆ ନୂଆ ବୃହତ୍ ଶିଳ୍ପମାନ ମୁଣ୍ଡଟେକି ଉଠିଛି । ଏହା ବ୍ୟତୀତ ଛୋଟ ଓ ମଧ୍ୟମ ଧରଣର ଶିଳ୍ପ ସ୍ଥାପନ ପାଇଁ ଆନୁଷ୍ଠାନିକ ମୂଳଧନ ଯୋଗାଇବା ଉଦ୍ଦେଶ୍ୟରେ ରାଜ୍ୟ ଅର୍ଥ କର୍ପୋରେସନ ନାମକ ଏକ ସଂସ୍ଥା ଗଠିତ ହୋଇଛି । ବୃହତ୍ ଶିଳ୍ପ କ୍ଷେତ୍ରରେ ରାଉରକେଲା ଇସ୍ପାତ କାରଖାନା, ହିନ୍ଦୁସ୍ଥାନ ଏରୋନଟିକସ୍ ସୁନାବେଡ଼ା, ଓଡ଼ିଶା ଟେକ୍ସଟାଇଲସ୍, କଳିଙ୍ଗ ଟିଉବସ୍ ଓରିଏଣ୍ଟ ପେପର ମିଲସ୍, ଓଡ଼ିଶା ସିମେଣ୍ଟ, ରାୟଗଡ଼ା ଟେକ୍ସଟାଇଲସ୍, ଇଣ୍ଡିଆନ୍ ଆଲୁମିନିୟମ, ଇଣ୍ଡିଆନ୍ ମେଟାଲସ୍ ଏଣ୍ଡ୍ ଫେରୋ ଆଲଏଜ୍, ଉତ୍କଳ ମେସିନେରୀଜ କାଂସବାହାଲ, ଯାଜପୁରରୋଡ଼ସ୍ଥିତ ଫେରୋକ୍ରମ କାରଖାନା, ବାରଙ୍ଗ ଓଡ଼ିଶା ଇଣ୍ଡଷ୍ଟ୍ରିଜ୍ ଓ ଦୁର୍ଗା ଗ୍ଲାସ୍ ୱାର୍କସ, ଅସ୍କା ସୁଗାର, ଓଡ଼ିଶା ଇଣ୍ଡଷ୍ଟ୍ରିଜ୍ ଲଠିକଟା ପ୍ରଭୃତି ଓଡ଼ିଶାରେ ରହିଛି ଓ ଶିଳ୍ପ ଶ୍ରମିକମାନଙ୍କୁ ନିଯୁକ୍ତି ଯୋଗାଇ ତାଙ୍କ ଭରଣପୋଷଣରେ ବହୁଳଭାବେ ସାହାଯ୍ୟ କରି ଆସିଛି ।

### ଶିଳ୍ପ ବିକାଶରେ ଶ୍ରମିକର ଭୂମିକା

ପଞ୍ଚବାର୍ଷିକ ଯୋଜନାର ଅଗ୍ରଗତି ସଙ୍ଗେ ସଙ୍ଗେ ଓଡ଼ିଶାର ଶିଳ୍ପ ବିକାଶ ଘଟେଇ ଚାଲିଛି । ଶିଳ୍ପ ବିକାଶ ଯେତେ ସହଜ ବୋଲି ସାଧାରଣତଃ ଆମେମାନେ ଅନୁମାନ କରିଥାଉ, ତାହା ଠିକ୍ ନୁହେଁ । ଗୋଟିଏ ପୂର୍ଣ୍ଣାଙ୍ଗ ଶିଳ୍ପ ବିକାଶ ପାଇଁ ନାନା ପ୍ରକାର ଦିଗ ମଧ୍ୟରୁ ଶିଳ୍ପ ବିକାଶରେ ଶ୍ରମିକ ବା ଲୋକ ଶକ୍ତିର ଦିଗଟି ସେଥିମଧ୍ୟରୁ ମୁଖ୍ୟ ଅଂଶ ଗ୍ରହଣ କରିଥାଏ । କାରଣ "କଳ ଉପରେ ମଣିଷ, ତାହାର ଉପର ନେଇଁ"— ପୁଣି କେହି କେହି ଯୁକ୍ତି ବାଢ଼ି କହିଥାନ୍ତି ଯେ ସବୁ ଶିଳ୍ପ ସ୍ୱୟଂ ଚାଳିତ ( Autcmatic ) କରାଗଲେ ଲୋକ ଶକ୍ତିର ଆବଶ୍ୟକତା ପଡ଼ିବ ନାହିଁ କିନ୍ତୁ ଏ କ୍ଷେତ୍ରରେ ମନେ ରଖିବାକୁ ହେବ ଯେ ସ୍ୱୟଂ ଚାଳିତ ଶିଳ୍ପର ରକ୍ଷଣାବେକ୍ଷଣ ଓ କାର୍ଯ୍ୟକାରିତା ପାଇଁ କୁଶଳୀ କାରିଗରମାନଙ୍କର ଯଥେଷ୍ଟ ଦରକାର ପଡ଼ିଥାଏ । ଏହାଛଡ଼ା ଓଡ଼ିଶାରେ ଶ୍ରମିକମାନଙ୍କର ମଜୁରୀହାର ଅନ୍ୟାନ୍ୟ ଶିଳ୍ପୋନ୍ନତ ଦେଶର ଶ୍ରମିକମାନଙ୍କ ମଜୁରୀହାର ତୁଳନାରେ

ଏତେ କମ୍ ଯେ ବହୁ ଶିଳ୍ପ କ୍ଷେତ୍ରରେ ଶିଳ୍ପପତିମାନେ ସ୍ୱୟଂଚାଳିତ ଶିଳ୍ପରେ ଏକାବେଳକେ ଏତେ ମୂଳଧନ ନ ଖଟାଇ ଅଳ୍ପ ଖର୍ଚ୍ଚରେ ପୁରୁଣା ପଦ୍ଧତି ଗୁଡ଼ିକର ପ୍ରଚଳନ କରାଇ ଶ୍ରମିକମାନଙ୍କ ଜରିଆରେ କାମ କରାଇ ନେବାକୁ ପ୍ରାୟ ପସନ୍ଦ କରିଥାନ୍ତି । ଏହାଛଡ଼ା ସାମାଜିକ ଓ ନୈତିକ ଦୃଷ୍ଟିକୋଣରୁ ବେକାର ସମସ୍ୟା ଦୂର କରିବାରେ ସ୍ୱୟଂଚାଳିତ ଶିଳ୍ପର ପ୍ରସାର କରାଯିବା ବର୍ତ୍ତମାନ ଓଡ଼ିଶାରେ ବିକାଶୋନ୍ମୁଖୀ ଶିଳ୍ପ ପରିଚାଳନାରେ ବୋଧହୁଏ ପସନ୍ଦଯୋଗ୍ୟ ନୁହେଁ । ଆମର ଗୋଟିଏ ବଦ୍ଧମୂଳ ସଂଦେହ ରହିଯାଇଛି ଯେ ଓଡ଼ିଶାର ଶ୍ରମିକ ଅପେକ୍ଷାକୃତ କମ୍ ପରିଶ୍ରମ କରିଥାନ୍ତି ଓ ସେମାନଙ୍କର ଉତ୍ପାଦିକା ଶକ୍ତି କୁଆଡ଼େ ଯଥେଷ୍ଟ କମ୍ । କିନ୍ତୁ ଏ ସମସ୍ୟାଗୁଡ଼ିକୁ ଟିକିଏ ଗୁରୁତ୍ୱ ଦେଇ ଚିନ୍ତାକଲେ, ଏ ଘଟଣାର ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ।

## ଶ୍ରମିକକୁ ମନୁଷ୍ୟୋଚିତ ସମ୍ମାନ ଦେବାକୁ ହେବ

ଶିଳ୍ପ ଶ୍ରମିକମାନଙ୍କ ମଧ୍ୟରେ ନିଜସ୍ୱଧାରଣା (Sense of belongingness) ଜନ୍ମିଲେ ହିଁ ସେମାନେ ମନଯୋଗ ଦେଇ କାମ କରିଥାନ୍ତି । ବହୁ ଶିଳ୍ପ କ୍ଷେତ୍ରରେ ଉଦାହରଣ ସହିତ ଲକ୍ଷ୍ୟକରାଯାଏ ଯେ, ପୁରୁଣା ଅଭିଜ୍ଞ ଶ୍ରମିକମାନେ—"ମୋ ମେସିନ୍, ମୋ ଯନ୍ତ୍ର ଓ ମୋ କ୍ରେନ" ପ୍ରଭୃତି କହି ଗର୍ବ ଅନୁଭବ କରିଥାନ୍ତି ଓ ତଦ୍ଦ୍ୱାରା କାମ କରିବାର ବେଶି ସ୍ପୃହା ତାଙ୍କର ଜନ୍ମିଥାଏ ଓ ସେମାନେ ଯନ୍ତ୍ରପାତି ପ୍ରତି ଅଧିକ ଦୃଷ୍ଟି ଦେଇଥାନ୍ତି । ଏହି ସବୁ ଆଲୋଚନାରୁ କୁହାଯାଇ ପାରେ ଯେ ପରିଚାଳନାର ଦାୟିତ୍ୱ ହେଉଛି ଶ୍ରମିକମାନଙ୍କ ସ୍ପୃହାକୁ ଉତ୍ପାଦନ କ୍ଷେତ୍ରରେ ବିଶେଷ ଭାବେ ନିୟୋଜିତ କରିବା । ପୁଣି ଏ କ୍ଷେତ୍ରରେ ଶିଳ୍ପ ପରିଚାଳକବର୍ଗଙ୍କୁ ମନେ ରଖିବାକୁ ପଡ଼ିବ ଯେ ଶ୍ରମିକ ଜଣେ ସାଧାରଣ ମଣିଷ । ଶ୍ରମିକର ସୁଖ ଦୁଃଖ, ହର୍ଷ କାନ୍ଦ, ଅଭାବ ଅଭିଯୋଗ ରହିଛି । ସେ ମେସିନ୍ ସହିତ ମେସିନ୍ ହୋଇ ଯାଇଛିନା ମଣିଷର ଉପଯୁକ୍ତ ସମ୍ମାନ ପାଉଛି, ତାହା ମଧ୍ୟ ବିଚାରିବାର କଥା । ସର୍ବୋପରି ଏ ସମାଜରେ ତାର ମଣିଷଭଳି ବଞ୍ଚି ରହିବାର ଅଧିକାର ରହିଛି ।

ତେଣୁ ଯଦି କୌଣସି ପରିଚାଳକ ଏ ଧାରଣାକୁ ଭୁଲି ଓ ଶ୍ରମିକମାନଙ୍କୁ ଅଳ୍ପ ମଜୁରି ଦେଇ ବେଶି କାମ ଆଦାୟ କରିବାକୁ ସଦା ସର୍ବଦା ଚେଷ୍ଟା କରେ, ତା'ହେଲେ ଆମ ଦେଶରେ କୌଣସି ଶିଳ୍ପ ବିକାଶ ହୋଇ ପାରିବ ନାହିଁ । ଏହାହିଁ ଇତିହାସ ବାରମ୍ବାର ପ୍ରମାଣ କରିଛି ।

## ଶ୍ରମିକ କଲ୍ୟାଣ ପାଇଁ ବୈଧାନିକ ବ୍ୟବସ୍ଥା

ଶିଳ୍ପ ପ୍ରତିଷ୍ଠାନ ସ୍ଥାପନର ପ୍ରାରମ୍ଭରେ ଶ୍ରମ ପରିସ୍ଥିତିର କୌଣସି ଉନ୍ନତି ବିଧାନ ନ ହୋଇ ଥିବାରୁ ଶିଳ୍ପପତିମାନେ ଶ୍ରମିକମାନଙ୍କର ଅଜ୍ଞତାର ସୁଯୋଗ ନେଇ ତାଙ୍କୁ ବେଶୀ ସମୟ ଖଟାଉଥିଲେ ଓ ଶ୍ରମିକ ଯେ ଜଣେ ମଣିଷ ଏକଥା ଚିନ୍ତା ନକରି ତାଙ୍କୁ କିନ୍ତୁ ଡକିମାକାର ଦୃଷ୍ଟିରେ ଦେଖୁଥିଲେ । ସମୟଚକ୍ର ଗଡ଼ିଲା—ପରିସ୍ଥିତିର ପରିବର୍ତ୍ତନ ହେଲା—ଧର୍ମ ପରାୟଣ, ସମାଜସେବୀ, ରାଜନୈତିକ ଓ ଶ୍ରମିକ ସଂଘର ନେତୃବୃନ୍ଦ ଶ୍ରମିକ ଶ୍ରେଣୀର ସ୍ୱାର୍ଥ ପ୍ରତି ଦୃଷ୍ଟିପାତ କରି ସରକାରଙ୍କୁ ବାରମ୍ବାର ପ୍ରଭାବିତ କରିବାକୁ ଲାଗିଲେ । ତାଙ୍କରି ବଳିଷ୍ଠ ଚାପ ଓ ପ୍ରଭାବ ଫଳରେ ଶ୍ରମିକମାନଙ୍କ ସମୂହ ସ୍ୱାର୍ଥର ସୁରକ୍ଷା ଓ ଅଧିକାର ସାବ୍ୟସ୍ତ ପାଇଁ ସରକାର ୧୯୨୩ର ଶ୍ରମିକ କ୍ଷତିପୂରଣ ଆଇନ୍, ୧୯୨୬ର ଶ୍ରମିକ ସଂଘ ଆଇନ୍, ୧୯୩୬ର ମଜୁରୀ ପ୍ରଦାନ ଆଇନ, ୧୯୪୭ର ଶିଳ୍ପ ବିବାଦ ଆଇନ, ୧୯୪୮ର କାରଖାନା ଆଇନ୍, ୧୯୪୮ର ଶ୍ରମିକ ରାଜ୍ୟ ବୀମା ଆଇନ୍, ୧୯୪୮ର ସର୍ବନିମ୍ନ ମଜୁରୀ ଆଇନ୍, ୧୯୫୨ର ଶ୍ରମିକ ଭବିଷ୍ୟନିଧି ଆଇନ୍, ୧୯୬୫ର ବୋନସ୍ ପ୍ରଦାନ ଆଇନ, ୧୯୭୦ର ଠିକା ଶ୍ରମିକ (ନିୟନ୍ତ୍ରଣ ଉଚ୍ଛେଦ) ଆଇନ, ୧୯୭୨ର ପାରିତୋଷିକ ପ୍ରଦାନ ଆଇନ, ୧୯୭୫ର ଦାଦନ ଶ୍ରମିକ (ବିନିୟମ ଏବଂ ନିୟନ୍ତ୍ରଣ) ଆଇନ୍ ଓ ୧୯୭୫ ମସିହାର ସମାନ ମଜୁରୀ ଆଇନ୍ ପ୍ରଭୃତି ବିଶିଷ୍ଟ ଆଇନ୍‌ମାନ ପ୍ରଚଳନ କରିବା ସଙ୍ଗେ ସଙ୍ଗେ ରାଜ୍ୟ ଶ୍ରମ ନିୟମାବଳି ତଥା ଶ୍ରମ ସଂପର୍କରେ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ସମୂହ ପ୍ରବର୍ତ୍ତନ କଲେ । ବିଶେଷ କରି ୨୫-୧୧-୧୯୭୫ରେ ଓଡ଼ିଶା ସରକାରଙ୍କର ଶିଳ୍ପ ପରିଚାଳନାରେ ଶ୍ରମିକମାନଙ୍କର ଅଂଶ ଗ୍ରହଣ ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ପ୍ରକାଶ କରାଯାଇ ଶ୍ରମିକଙ୍କର ସର୍ବାଙ୍ଗୀନ ସ୍ୱାର୍ଥକୁ ଅବ୍ୟାହତ ରଖିବା ପାଇଁ ବ୍ୟବସ୍ଥା କରାଗଲା । ଓଡ଼ିଶା ଶିଳ୍ପ ବିଭାଗ ନିର୍ଦ୍ଦେଶକଙ୍କ ୧୯୬୫ ମସିହା ହିସାବରୁ ଜଣାଯାଏ ଯେ ଓଡ଼ିଶାର ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପରେ ସର୍ବମୋଟ ୪୬ଟି ବିଭିନ୍ନ କାରଖାନାରେ ଟ ୪,୩୪,୧୩,୩୭,୮୪୩୦ ମୂଳଧନ ଲଗାଣ କରାଯାଇ ଥିଲା

୧୯୬୫ ମସିହା ଅପ୍ରେଲ ମାସ ପର୍ଯ୍ୟନ୍ତ ଏ ତଥ୍ୟ ଦିଆଯାଇଛି । କିନ୍ତୁ ବର୍ତ୍ତମାନର ହିସାବରୁ ଦେଖିଲେ ଜଣାଯାଏ ଯେ କେତେକ କ୍ଷେତ୍ରରେ ଏହାର ମୂଳଧନ ଲଗାଣ ଦେଢ଼ଗୁଣ ଦୁଇଗୁଣ ଏପରିକି ଅଢ଼େଇଗୁଣରେ ପହଞ୍ଚିଲାଣି ।

ସେହି ୧୯୬୫ ମସିହାର ହିସାବରୁ ଜଣାଯାଏ ଯେ ଓଡ଼ିଶାର ନିମ୍ନୋକ୍ତ ନିର୍ଦ୍ଦିଷ୍ଟ ବୃହତ୍ ଶିଳ୍ପମାନଙ୍କରେ ତାଙ୍କର ଅଂଶ ବାବଦ କେତେ ମୂଳଧନ ଲଗାଣ କରାଯାଇଥିଲା ।

| | ଟଙ୍କା |
|---|---|
| ୧ । ଓଡ଼ିଶା ଟେକ୍ସଟାଇଲ୍ ମିଲ୍ .. | ୩,୨୧,୬୪,୧୦୯ |
| ୨ । ପଟ୍ଟନାୟକ ଇଣ୍ଡଷ୍ଟ୍ରିଜ୍, ଭୁବନେଶ୍ୱର | ୫,୦୦,୦୦୦ |
| ୩ । ଆଇ. ଡ଼ି. ସି. ରିରୋଲିଂ ମିଲ୍, ହୀରାକୁଦ । | ୮,୦୦,୦୦୦ |
| ୪ । ଆଇ. ଡ଼ି. ସି. କେବଲ ପ୍ରୋଜେକ୍ଟ୍ ହୀରାକୁଦ । | ୧,୫୪,୭୧,୦୦୦ |
| ୫ । ଆଲୁମିନିୟମ ଇଣ୍ଡଷ୍ଟ୍ରିଜ୍ ହୀରାକୁଦ | ୭୫,୦୦,୦୦୦ |

| | |
|---|---|
| ହୀରାକୁଦ । | ...,୦୦,୦୦୦ |
| ୭ । ହୀରାକୁଦ ଇଣ୍ଡଷ୍ଟ୍ରିଆଲ ଓ୍ୱାର୍କସ୍ । | ୫୫,୦୦,୦୦୦ |
| ୮ । ଉତ୍କଳ ମେସିନାରିଜ୍ କଂାସ ବାହାଲ । | ୪୦,୦୦,୦୦୦ |
| ୯ । ହିନ୍ଦୁସ୍ଥାନ ଷ୍ଟିଲ, ରାଉରକେଲା । | ୩,୫୭,୦୦,୦୦,୦୦୦ |
| ୧୦ । କଳିଙ୍ଗ ଟିଉବ୍ସ, ଚୌଦ୍ୱାର | ୨,୩୧,୦୦,୦୦୦ |
| ୧୧ । ବେଲପାହାଡ଼ ରିଫ୍ରାକ୍ଟରିଜ୍ । | ୪,୨୫,୪୩,୮୫୦ |
| ୧୨ । ଓଡ଼ିଶା ସିମେଣ୍ଟ, ରାଜଗାଙ୍ଗପୁର । | ୩,୬୯,୮୩,୦୧୫ |
| ୧୩ । ଓଡ଼ିଶା ଇଣ୍ଡଷ୍ଟ୍ରିଜ୍, ବାରଙ୍ଗ । | ୧,୧୫,୨୬,୫୮୦ |
| ୧୪ । ଶ୍ରୀ ଦୁର୍ଗା ଗ୍ଲାସ ଓ୍ୱାର୍କସ, ବାରଙ୍ଗ । | ୭୦,୫୫,୪୯୩ |
| ୧୫ । ବିଶ୍ରା ଷ୍ଟୋନ ଲାଇମ୍ କୋ | ୮୦,୦୩,୧୫୦ |
| ୧୬ । ଜୟପୁର ସୁଗାର କୋ | ୧,୨୨,୫୯,୯୧୬ |
| ୧୭ । ଆସ୍କା କୋ: ଅ: ସୁଗାର ଇଣ୍ଡଷ୍ଟ୍ରିଜ୍ । | ୧,୬୫,୦୦,୦୦୦ |
| ୧୮ । କଳିଙ୍ଗ ଆଇରନ ଓ୍ୱାର୍କସ, ବଡ଼ବିଲ୍ । | ୬,୩୧,୫୮,୦୦,୦୦୦ |
| ୧୯ । ଫେରୋକ୍ରୋମ ପ୍ଲାଣ୍ଟ, ଯାଜପୁରରୋଡ଼ । | ୨,୦୦,୦୦,୦୦୦ |
| ୨୦ । ଜୋଡ଼ା ଫେରୋ - ମାଙ୍ଗାନିଜ, ଟାଟା । | ୧,୭୪,୦୦,୦୦,୦୦୦ |
| ୨୧ । ଇଣ୍ଡିଆନ ମେଟାଲ୍ସ ଏଣ୍ଡ୍ ଫେରୋ ଆଲୟସ୍ । | ୧,୫୮,୦୦,୦୦୦ |
| ୨୨ । ଷ୍ଟ୍ରୁ ପ୍ରଡ଼କାଟ୍ସ, ରାୟଗଡ଼ା | ୭,୩୪,୮୩,୦୧୦ |
| ୨୩ । ଟିଟାଗଡ଼ ପେପର ମିଲ, ଚୌଦ୍ୱାର । | ୫,୦୭,୦୦,୦୦୦ |
| ୨୪ । ଓରିଏଣ୍ଟ ପେପର ମିଲ | ୩,୭୦,୮୮,୫୦୦ |
| ୨୫ । ହୀରା ସିମେଣ୍ଟ, ବରଗଡ଼ | ୬,୩୯,୦୦,୦୦୦ |
| ୨୬ । ଜୟଶ୍ରୀ କେମିକାଲ୍ସ, ଗଞ୍ଜାମ । | ୩,୨୫,୦୦,୦୦୦ |

ତେଣୁ ବର୍ତ୍ତମାନର ୧୩ ବର୍ଷର ବ୍ୟବଧାନ ପରେ ଓଡ଼ିଶାର ଉପରୋକ୍ତ ବୃହତ ଶିଳ୍ପ ଅନୁଷ୍ଠାନମାନଙ୍କରେ ତାଙ୍କର ଅଂଶ ବାବଦ ମୂଳଧନ ଲଗାଣ କେତେ ବୃଦ୍ଧି ପାଇଥିବ, ତାହା ସହଜରେ ଅନୁମେୟ ।

ଓଡ଼ିଶାର ବଡ଼ଧରଣର ବୃହତ ଶିଳ୍ପ କାରଖାନା ମଧ୍ୟରୁ ଯେଉଁମାନେ ୧୯୪୮ ମସିହା କାରଖାନା ଆଇନାନୁଯାୟୀ ବାର୍ଷିକ ବିବରଣୀ ପ୍ରଦାନ କରୁଛନ୍ତି, ସେମାନଙ୍କର ସଂଖ୍ୟା ଓ ସେହି ସବୁ କାରଖାନା ମାନଙ୍କରେ କାମ କରୁଥିବା ଶିଳ୍ପ ଶ୍ରମିକଙ୍କ ସଂଖ୍ୟା ନିମ୍ନରେ ପ୍ରଦତ୍ତ ହେଲା ।

| ମସିହା | | ବାର୍ଷିକ ବିବରଣୀ ପ୍ରଦାନ କରୁଥିବା ରେଜେଷ୍ଟ୍ରି ଭୁକ୍ତ କାରଖାନା ସଂଖ୍ୟା | ଶିଳ୍ପ ଶ୍ରମିକଙ୍କ ସଂଖ୍ୟା |
|---|---|---|---|
| ୧୯୬୧ | .. | ୪୯୨ | ୨୨,୫୫୭ |
| ୧୯୬୨ | .. | ୫୨୫ | ୪୨,୩୨୭ |
| ୧୯୬୪ | .. | ୬୮୮ | ୫୫,୮୫୩ |
| ୧୯୬୫ | .. | ୭୪୩ | ୩୨,୩୧୫ |
| ୧୯୬୬ | .. | ୮୮୮ | ୬୭,୯୯୯ |
| ୧୯୬୭ | .. | ୯୧୫ | ୬୬,୭୫୨ |
| ୧୯୬୮ | .. | ୧,୧୨୭ | ୭୪,୨୮୦ |
| ୧୯୬୯ | .. | ୧,୦୪୯ | ୭୧,୦୭୨ |
| ୧୯୭୦ | .. | ୧,୦୬୨ | ୭୪,୭୯୮ |
| ୧୯୭୧ | .. | ୯୩୬ | ୭୦,୧୬୧ |
| ୧୯୭୨ | .. | ୯୨୨ | ୭୦,୯୭୭ |
| ୧୯୭୩ | .. | ୯୫୮ | ୭୦,୯୬୧ |
| ୧୯୭୪ | .. | ୧,୦୭୧ | ୭୪,୨୧୫ |
| ୧୯୭୫ | .. | ୧,୦୦୮ | ୭୩,୬୯୬ |
| ୧୯୭୫ | .. | ୧,୦୯୬ | ୮୦,୯୭୪ |

ଓଡ଼ିଶାର କେତେକ ବୃହତ୍ ଶିଳ୍ପ ସର୍ବଭାରତୀୟ ମଜୁରୀ ବୋର୍ଡ ମାନଙ୍କ ସୁପାରିଶର ପରିସର ଭିତରକୁ ଆସି ଥିବାରୁ ଭାରତର ବିଭିନ୍ନ ରାଜ୍ୟରେ ସେଇ ଶିଳ୍ପ ଅନୁପାତରେ ଓଡ଼ିଶାର ଶିଳ୍ପ ଶ୍ରମିକମାନେ ଏକ ରକମ ମଜୁରି ପାଉଛନ୍ତି । ସେ ଗୁଡ଼ିକ ହେଲା, ଲୁହା ଓ ଇସ୍ପାତ, ସିମେଣ୍ଟ, ଦୈନିକ କାଗଜ ଶିଳ୍ପ, ଚିନି ଓ ଇଞ୍ଜିନିୟରିଂ ସଂସ୍ଥା । ଏହି ସଂସ୍ଥା ଗୁଡ଼ିକ ସର୍ବ ଭାରତୀୟ ମଜୁରି ବୋର୍ଡର ଅନ୍ତର୍ଗତ ହେଲେ ମଧ୍ୟ ସେଇ ମଜୁରି ବୋର୍ଡ ସୁପାରିଶ ଅନୁଯାୟୀ ଓଡ଼ିଶାରେ ସେହି ଶିଳ୍ପର କେତେକ ବୃହତ ଅନୁଷ୍ଠାନ ମାନ ଶିଳ୍ପ ଶ୍ରମିକ ମାନଙ୍କୁ ମଜୁରି ଦେବାରେ ବ୍ୟତିକ୍ରମ କରୁଥିବାର ଦେଖା ଯାଉଛି । ଅବଶ୍ୟ ଇତି-ମଧ୍ୟରେ ସରକାର ମଜୁରି ବୋର୍ଡ ବ୍ୟବସ୍ଥା ଆଉ ଗ୍ରହଣ କରୁ ନାହାନ୍ତି । କେବଳ ସାମ୍ବାଦିକ ଓ ଅଣ-ସାମ୍ବାଦିକ ମଜୁରି ବୋର୍ଡ ନିର୍ଦ୍ଦିଷ୍ଟ ଆଇନ ଅନୁସାରେ ଗଢ଼ିଛି । ଉପରଲିଖିତ ଅନ୍ୟ ଶିଳ୍ପମାନଙ୍କରେ ଦ୍ୱିପାକ୍ଷିକ ଚୁକ୍ତି ଅନୁଯାୟୀ ମଜୁରି ଧାର୍ଯ୍ୟ କରା ଯାଉଛି ।

## ଶ୍ରମିକ ସ୍ୱାର୍ଥ ରକ୍ଷା ପାଇଁ ସର୍ବ ଭାରତୀୟ ସଂସ୍ଥା ସମୂହ

ଓଡ଼ିଶାରେ ଏହି ଶ୍ରମିକ ଶ୍ରେଣୀର ସ୍ୱାର୍ଥକୁ ସଂରକ୍ଷିତ କରିବାପାଇଁ ସର୍ବଭାରତୀୟ ସ୍ତରର ଶ୍ରମିକ ସଂସ୍ଥା ଯଥା—ଏ. ଆଇ. ଟି. ୟୁ. ସି., ଆଇ. ଏନ. ଟି. ୟୁ. ସି., ଏଚ.-ଏମ୍. ଏସ୍., ସି. ଆଇ. ଟି. ଡ଼ବ୍ଲ୍ୟୁ., ବି. ଏମ୍. ଏସ୍., ଇଉ,. ଟି. ଇଉ. ସି., ଏଚ୍. ଏମ୍. ପି., ମାନଙ୍କର ଶ୍ରମିକ ସଂସ୍ଥା ମାନ କାର୍ଯ୍ୟ କରି ଆସୁଛନ୍ତି । ଏହି ସଂସ୍ଥାମାନଙ୍କ ଜରିଆରେ ଶିଳ୍ପ ତଥା ଅନ୍ୟାନ୍ୟ ଶ୍ରମିକମାନେ ସଂଗଠିତ ହେଉଛନ୍ତି ଓ ନିଜର ଅଭାବ ଅଭିଯୋଗ ତଥା ଦାବି ମାନ ଉପସ୍ଥାପିତ କରି ତାର ନିରାକରଣ ଓ ହାସଲରେ ସମର୍ଥ ହେବାର ପଦକ୍ଷେପମାନ ଗ୍ରହଣ କରି ଚାଲିଛନ୍ତି । ଓଡ଼ିଶାରେ କେତୋଟି ଶ୍ରମିକ ସଂସ୍ଥା ଭାରତୀୟ ଶ୍ରମିକ ସଂଘ ଆଇନ ଅନୁଯାୟୀ ୧୯୭୭ ଡିସେମ୍ବର ୩୧ ସୁଦ୍ଧା ରେଜେଷ୍ଟ୍ରି ଭୁକ୍ତ ହୋଇଛନ୍ତି ଓ ସେମାନଙ୍କର ସଭ୍ୟ ସଂଖ୍ୟା କେତେ ତାହା ନିମ୍ନରେ ପ୍ରଦତ୍ତ ହେଲା—

| ଜିଲ୍ଲା | | ଶ୍ରମିକ ସଂଗଠନର ସଂଖ୍ୟା | ସଭ୍ୟ ସଂଖ୍ୟା |
|---|---|---|---|
| କଟକ | .. | ୧୪୪ | ୩୯,୨୭୨ |
| ପୁରୀ | .. | ୯୯ | ୨୫,୮୨୨ |
| ସମ୍ବଲପୁର | .. | ୪୯ | ୨୩,୭୪୩ |
| ସୁନ୍ଦରଗଡ଼ | .. | ୪୯ | ୭୧,୭୫୬ |
| କେନ୍ଦୁଝର | .. | ୧୯ | ୨୩,୨୫୧ |
| କୋରାପୁଟ | .. | ୨୬ | ୮,୪୮୯ |
| ଗଞ୍ଜାମ | .. | ୧୪ | ୭,୦୫୮ |
| ଢେଙ୍କାନାଳ | .. | ୩୭ | ୧୩,୨୧୦ |
| ବାଲେଶ୍ୱର | .. | ୩୫ | ୩,୬୧୫ |
| ମୟୂରଭଞ୍ଜ | .. | ୮ | ୧,୭୨୮ |
| ବଲାଙ୍ଗୀର | .. | ୩ | ୪୪୨ |
| କଳାହାଣ୍ଡି | .. | ୧ | ୨୧୫ |
| ବୌଦ୍ଧ-ଫୁଲବାଣୀ | | .. | .. |
| | | ୫୧୦ | ୨,୧୮,୬୦୧ |

ତଥାପି ଏ ସବୁ ସତ୍ତ୍ୱେ ଓଡ଼ିଶାରେ ବହୁ ଶ୍ରମିକ ଅଛନ୍ତି, ଯେଉଁମାନେକି ଏ ପର୍ଯ୍ୟନ୍ତ ଅସଂଗଠିତ ଓ ସଂଘରେ ସାମିଲ ହୋଇ ନାହାନ୍ତି । ସେମାନଙ୍କୁ ସଂଗଠିତ କରିବା ସଂଗେ ସଂଗେ ସଂଘରେ ସାମିଲ କରାଯାଇ ତାଙ୍କର ନାଯ୍ୟ ଦାବୀକୁ ହାସଲ କରିବାରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଶ୍ରମିକସଂଘର କର୍ମକର୍ତ୍ତାଗଣଙ୍କର ଏକାନ୍ତ କର୍ତ୍ତବ୍ୟ ବୋଲି କେତେକ ବିଶେଷଜ୍ଞ ମତ ପ୍ରଦାନ କରିଥାଆନ୍ତି ।

ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଗତ ଦଶ ବର୍ଷ ମଧ୍ୟରେ କେତୋଟି ଶିଳ୍ପ ବିବାଦ ଉପୁଜିଛି ଓ ତହିଁରୁ କେତୋଟି ସମାଧାନ ଓ ବିଫଳ ହୋଇଛି ତାହା ନିମ୍ନରେ ପ୍ରଦତ୍ତ କରାଗଲା—

| ବର୍ଷ | ବର୍ଷର ପ୍ରାରମ୍ଭରେ କେତେବିବାଦ ବାକିଥିଲା | ଏ ବର୍ଷରେ କେତେବିବାଦ ହସ୍ତଗତ ହେଲା | ବିଫଳ ସଂଖ୍ୟା | ସମାଧାନ ସଂଖ୍ୟା |
|---|---|---|---|---|
| ୧୯୬୭ | ୭୦ | ୨୧୯ | ୧୨୪ | ୧୦୪ |
| ୧୯୬୮ | ୬୧ | ୩୧୮ | ୧୯୦ | ୧୨୪ |
| ୧୯୬୯ | ୭୫ | ୨୯୬ | ୧୫୪ | ୧୨୧ |
| ୧୯୭୦ | ୯୬ | ୩୦୬ | ୧୪୪ | ୧୮୦ |
| ୧୯୭୧ | ୭୧ | ୨୨୪ | ୧୨୭ | ୧୦୯ |
| ୧୯୭୨ | ୫୭ | ୨୯୮ | ୧୩୮ | ୧୮୩ |
| ୧୯୭୩ | ୩୪ | ୪୩୬ | ୧୬୭ | ୨୩୯ |
| ୧୯୭୪ | ୬୦ | ୪୨୨ | ୧୬୯ | ୨୦୭ |
| ୧୯୭୫ | ୧୦୬ | ୩୬୭ | ୨୧୩ | ୧୭୨ |
| ୧୯୭୬ | ୮୮ | ୩୦୬ | ୧୭୪ | ୧୪୩ |
| ୧୯୭୭ | ୭୭ | ୪୪୨ | ୨୨୩ | ୧୬୨ |

## ମାଲିକ ଶ୍ରମିକ ସହଯୋଗହିଁ ଶିଳ୍ପୋନ୍ନତିର ମୂଳମନ୍ତ୍ର

ତେଣୁ ଆମକୁ ଆଜି ମନେ ରଖିବାକୁ ହେବଯେ ଶ୍ରମିକ ମଣିଷ ଏକ ଗତିଶୀଳ ପ୍ରାଣୀ । ଶିଳ୍ପ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବେଳେ ସେ ଶିଳ୍ପର ଅଗ୍ରଗତି ସହିତ ନିଜେ ପରିବୃଦ୍ଧି ତଥା କର୍ମଦକ୍ଷ ହୁଏ ଅର୍ଥାତ୍ ତାହାର କାର୍ଯ୍ୟ ଦକ୍ଷତା ଉତ୍ତରୋତ୍ତର ବୃଦ୍ଧି ଲାଭ କରେ । ସେ ଯେତେ ପୁରୁଣା ହେବ ସେ ସେତେ କାର୍ଯ୍ୟଦକ୍ଷ ହେବ ଓ କର୍ମରେ ପରିପକ୍ୱତା ଲାଭ କରିବ । ତେଣୁ ଆଜିର

ଚିନ୍ତାଧାରାରେ ପ୍ରତ୍ୟେକ ଶିଳ୍ପ କାରଖାନାର ପରିଗ୍ଳକବର୍ଗ ଶିଳ୍ପ ଶ୍ରମିକର କାର୍ଯ୍ୟକ୍ଷମତାର ଉନ୍ନତି ନିମନ୍ତେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା ଏକାନ୍ତ ବାଞ୍ଛନୀୟ । ବିଶେଷ କରି ଶିଳ୍ପ ଶ୍ରମିକମାନଙ୍କର ଶିଳ୍ପ କ୍ଷେତ୍ରରେ ତାଲିମ ଦେବା, ଶ୍ରମିକ ଶିକ୍ଷା ବ୍ୟବସ୍ଥା ଓ ଶିଳ୍ପ ପରିଗ୍ଳନାରେ ଅଂଶ ଗ୍ରହଣ ସେମାନଙ୍କର ସୁପ୍ତ ପ୍ରତିଭାକୁହିଁ ଜାଗରିତ କରିଥାଏ । ପୁନଶ୍ଚ ଶିଳ୍ପ ପ୍ରତିଭାର ବିକାଶରେ ହିଁ ଶିଳ୍ପ କ୍ଷେତ୍ରରେ ମାନବିକ ସଂପର୍କ ଆଣିଥାଏ । ପୁଣି ପରସ୍ପର ବିଶ୍ୱାସ ସ୍ଥାପନ ଦ୍ୱାରାହିଁ ପରସ୍ପର ସହିତ ବନ୍ଧୁତ୍ୱ ଭାବ ଉପୁଜିଥାଏ । ଏହି ବନ୍ଧୁତ୍ୱହିଁ ଶିଳ୍ପ କ୍ଷେତ୍ରରେ ମାନବିକ ସଂପର୍କ ସ୍ଥାପନ କରି ଶିଳ୍ପ ଶାନ୍ତି ଆନୟନ କରିଥାଏ । ଆମକୁ ଆଜି ଅତି ବିଶ୍ୱସ୍ତ ଭାବେ ସ୍ମରଣ ରଖିବାକୁ ପଡ଼ିବ ଯେ ଶିଳ୍ପପତି ଓ ଶ୍ରମିକ ଶିଳ୍ପୋନ୍ନତିର ଦୁଇଟି ଅବିଚ୍ଛେଦ୍ୟ ଅଂଗ ପରସ୍ପର ସହଯୋଗ ଓ ସହାନୁଭୂତିରେହିଁ ଶିଳ୍ପର ବିକାଶ ହୋଇପାରେ । ତେଣୁ ଶ୍ରମିକ ଓ ମାଲିକଙ୍କର ସ୍ୱଚ୍ଛ ସହଯୋଗହିଁ ଶିଳ୍ପୋନ୍ନତିର ମୂଳମନ୍ତ୍ର । ଏହି ମୂଳମନ୍ତ୍ରକୁ ସଫଳ ରୂପେ କାର୍ଯ୍ୟକାରୀ କରିବା ଆମ୍ଭମାନଙ୍କର ଏକାନ୍ତ କର୍ତ୍ତବ୍ୟ । ଏ କର୍ତ୍ତବ୍ୟ ସୁଷ୍ଠୁ ରୂପେ ସଂପାଦନ କରି ପାରିଲେ ଶିଳ୍ପ କ୍ଷେତ୍ରରେ ରାମ୍ ରାଜ୍ୟ ଯେ ପ୍ରତିଷ୍ଠିତ ହୋଇ ପାରିବ ଏଥିରେ ଦ୍ୱିରୁକ୍ତି ନାହିଁ । ସେଥିପାଇଁ ଜାତିର ପିତା ଗାନ୍ଧୀଜୀ ଦୃଢ଼ ଭାବେ ମତ ବ୍ୟକ୍ତ କରି କହିଛନ୍ତି—

"The relation between Mill Agents and Mill hands to be—One of father and children or as between blood brothers and a code of conduct should be evolved to create relations of mutual love. No distinction should be made between the master and the servant and (or) labour, as our ancient civilisation teaches us that there is not such status as master and servant but it is that of father and son and if this relation is adopted there can be no dispute between capital and labour. If the employers regarded themselves as guardians and labourers regarded the factories as their own, then both could give an ideal lesson to the world. The factory owners should be very faithful and trustworthy to the labour and on the other hand, labour should demonstrate their honosty, discipline and will for hard work. Mutual confidence and self sacred heartedness are the pillars of relations between Capital and Labour''.

ତେଣୁ ଦେଶର ମାଲିକ, ଶ୍ରମିକ ଓ ଶ୍ରମିକ ସଂସ୍ଥାର ବନ୍ଧୁବର୍ଗ ଆଜିର ଶିଳ୍ପାୟତନ ଯୁଗରେ ପରସ୍ପରର ସହଯୋଗ, ସଦିଚ୍ଛା ଓ ସହୃଦୟତା କାମନା କରି ଶିଳ୍ପ ରଥର ଚକକୁ ଆଗକୁ ଆଗେଇ ନେବା, ଦେଶ ଓ ଦଶର ପ୍ରକୃତ କଲ୍ୟାଣ ସାଧନ କରିବା ଏକାନ୍ତ କର୍ତ୍ତବ୍ୟ ବୋଲି ବିବେଚନା କରିବା ସର୍ବାଦୌ ବାଞ୍ଛନୀୟ ।

ଶ୍ରମ ଅଧିକାରୀ (ସଦର ମହକୁମା)
ଭୁବନେଶ୍ୱର


ଶୁଭ୍ରତା ଏତେ ଝଲମଲ
ଯେ
ଦେଖିଲା ମାତ୍ରେ ସମସ୍ତେ କହିବେ...
ଏହା ହେଉଛି
ଡେଟ୍
ଡ଼ିଟରଜେଣ୍ଟ
କେକରେ ଧୁଲେଇ
Supreme
det
detergent washing cake
Shilpi DM 35A/78 Ori

# ଜିଲ୍ଲା ପରିକ୍ରମା

## ସମ୍ବଲପୁର

ଶ୍ରୀ ଗୁରୁପ୍ରସାଦ ମହାପାତ୍ର

ଓଡ଼ିଶାର ପଶ୍ଚିମାଞ୍ଚଳ ଜିଲ୍ଲାମାନଙ୍କ ମଧ୍ୟରେ ସମ୍ବଲପୁର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ସମଗ୍ର ପଶ୍ଚିମାଞ୍ଚଳର ଏହା ହୃତପିଣ୍ଡ କହିଲେ ଅତ୍ୟୁକ୍ତି ହେବ ନାହିଁ । ୧୯୭୧ ଜନଗଣନା ଅନୁଯାୟୀ ଏହି ଜିଲ୍ଲାର ଲୋକ ସଂଖ୍ୟା ୧୮ ଲକ୍ଷ ୪୪ ହଜାର ୮୯୮ । ମୋଟ ଲୋକ ସଂଖ୍ୟାର ଶତକଡ଼ା ୮୮ ଭାଗ ଲୋକ ଗାଁ ଗହଳରେ ବାସ କରନ୍ତି । ସେଥିମଧ୍ୟରୁ ଅଧିକାଂଶ ଗରିବ ଶ୍ରେଣୀର ଓ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ଯାପନ କରନ୍ତି । ସେମାନଙ୍କର ଜୀବନଧାରଣର ମାନ ଉନ୍ନତ କରିବା ଦିଗରେ ବିଭିନ୍ନ ସମୟରେ ସେମାନଙ୍କ ପାଇଁ କରାଯାଇଥିବା ଯୋଜନାଗୁଡ଼ିକରେ କୌଣସି ଉଲ୍ଲେଖଯୋଗ୍ୟ ସାଫଲ୍ୟ ଏ ପର୍ଯ୍ୟନ୍ତ ହାସଲ କରାଯାଇ ପାରି ନାହିଁ । ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ଗାଁ ଗହଳିର ଗରିବ ଶ୍ରେଣୀର ଲୋକମାନଙ୍କ ଅର୍ଥନୀତିକ ଉନ୍ନତି ପାଇଁ କେନ୍ଦ୍ର ସରକାର ଏକ ବ୍ୟାପକ ଗ୍ରାମ୍ୟ ଉନ୍ନୟନ ଯୋଜନା ପ୍ରଣୟନ କରିଛନ୍ତି । ତଦନୁସାରେ ସମ୍ବଲପୁର ଜିଲ୍ଲାର ମୋଟ ୨୯ଟି ବ୍ଲକ୍ ମଧ୍ୟରୁ ୧୭ଟି ବ୍ଲକ୍‌ରେ କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥା ଓ "କାଡ଼ା" (C. A. D.A.) ମାଧ୍ୟମରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି । ଜିଲ୍ଲାର ଯେଉଁ ଯେଉଁ ବ୍ଲକରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି ସେଗୁଡ଼ିକ ହେଲା, ମାନେଶ୍ୱର, ଅତାବିରା, ସମ୍ବଲପୁର, ବରଗଡ଼, ଢେଙ୍କେନ୍, ବରପାଲି, ପଦ୍ମପୁର, ସୋହେଲା, ଅମ୍ବାଭୋନା, ଲଖନପୁର, ଝାରସୁଗୁଡ଼ା, କିରିମିରା, କୋଲାବିରା, ନଇକୁଲ, ରେଢ଼ାଖୋଲ ଓ ନାକଟି ଦେଉଳ ।

ଉକ୍ତ ବ୍ଲକ ଅଞ୍ଚଳର ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ଲୋକମାନଙ୍କର ଅର୍ଥନୀତିକ ବିକାଶ ପାଇଁ ସେମାନଙ୍କୁ ବିଭିନ୍ନ ପ୍ରକାର ସାହାଯ୍ୟ ଦିଆଯିବାର ବ୍ୟବସ୍ଥା ହୋଇଛି । ପ୍ରତ୍ୟେକ ଲୋକ ବ୍ୟକ୍ତିଗତ ଭାବରେ ଯେପରି ଏହି ଯୋଜନା ଫଳରେ ଉପକୃତ ହୋଇ ପାରିବେ ସେଥିପାଇଁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ତା' ସାଙ୍ଗକୁ କୃଷି ଓ ପଶୁପାଳନର ବିକାଶ ଲାଗି ଏବଂ ସେହି ଅଞ୍ଚଳରେ ମିଳୁଥିବା ବିଭିନ୍ନ କଞ୍ଚାମାଲର ସଦ୍‌ବ୍ୟବହାର ଓ ସ୍ଥାନୀୟ ଲୋକଙ୍କ ଚାହିଦା ଅନୁଯାୟୀ ବିଭିନ୍ନ ଉନ୍ନୟନ ଯୋଜନାମାନ କାର୍ଯ୍ୟକାରୀ କରିବା ପାଇଁ ଚଳିତ ବର୍ଷ ଉକ୍ତ ୧୭ଟି ବ୍ଲକରେ ଅଧିକ ୫ ଲକ୍ଷ ଟଙ୍କା ଲେଖାଏଁ ଖର୍ଚ୍ଚ କରାଯିବାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

ସରକାରୀ କର୍ମଚାରୀ ତଥା ବେସରକାରୀ ସଂସ୍ଥାମାନେ ମିଳିତଭାବେ ଗ୍ରାମ୍ୟ ଜନତାକୁ ଏହି ଉନ୍ନୟନ କାର୍ଯ୍ୟରେ ସାମିଲ୍ କରାଇ ନିଷ୍ଠାର ସହିତ କାର୍ଯ୍ୟକଲେ ଏହାଦ୍ୱାରା ଗ୍ରାମାଞ୍ଚଳର ଉନ୍ନତି ବିଧାନ ହୋଇ ପାରିବ ବୋଲି ଗତ ଜିଲ୍ଲା ଉନ୍ନୟନ କମିଟି ବୈଠକରେ ସମ୍ବଲପୁର ଜିଲ୍ଲାପାଳ ମତ ବ୍ୟକ୍ତ କରିଥିଲେ ।

ଗତ ଜନଗଣନା ଅନୁଯାୟୀ ସମ୍ବଲପୁର ଜିଲ୍ଲାର ସାକ୍ଷରତା ହାର ଶତକଡ଼ା ୨୭ ଭାଗ । ଏପରିକି ଏହି ଜିଲ୍ଲାରେ ପ୍ରତି ୧୦୦ ଜଣଙ୍କ ମଧ୍ୟରୁ ୭୩ ଜଣ ଲୋକ ଲେଖାପଢ଼ା ଜାଣି ନାହାନ୍ତି । ଅତୀତରେ ନିରକ୍ଷର ଲୋକଙ୍କୁ ଶିକ୍ଷା ଦାନ କରିବା ଲାଗି ଆମର ଉଦ୍ୟମ ବିଶେଷ ଅଗ୍ରଗତି କରିପାରି ନାହିଁ । ତେଣୁ ଆଗାମୀ ୫ ବର୍ଷ ମଧ୍ୟରେ ସମାଜର ଅର୍ଥନୀତିକ ତଥା ସାମାଜିକ ସୁଖ-ସୁବିଧାରୁ ବଞ୍ଚିତ ରହିଥିବା ୧୫ରୁ ୩୫ ବର୍ଷ ସୀମା ମଧ୍ୟରେ ଥିବା ନିରକ୍ଷର ଜନତା ପାଇଁ ଏହି ଜିଲ୍ଲାରେ ପ୍ରୌଢ଼ ଶିକ୍ଷା ଓ ସାକ୍ଷରତା କାର୍ଯ୍ୟକ୍ରମ ଉପରେ ଅଧିକ ଗୁରୁତ୍ୱ ଦିଆଯାଇ ଗତ ଗାନ୍ଧୀ ଜୟନ୍ତୀ ଦିବସଠାରୁ କାର୍ଯ୍ୟ

ଆରମ୍ଭ କରାଯାଇଛି । ବିଭିନ୍ନ ସଭା ସମିତି ମାଧ୍ୟମରେ ଜାତୀୟ ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମ ସଂପର୍କରେ ଲୋକମାନଙ୍କୁ ବୁଝାଇ ଦିଆ ଯାଉଛି । ଏହି କ୍ଷେତ୍ରରେ ସମ୍ବଲପୁର ନେହରୁ ଯୁବ କେନ୍ଦ୍ରର ଭୂମିକା ବିଶେଷ ଉଲ୍ଲେଖଯୋଗ୍ୟ । ଏହା ବ୍ୟତୀତ ଜିଲ୍ଲାର ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଲାଗି ପଡ଼ିଛନ୍ତି ।

ଇତି ମଧ୍ୟରେ ପରିବାର କଲ୍ୟାଣ କ୍ଷେତ୍ରରେ ସମ୍ବଲପୁର ଜିଲ୍ଲାର ଅଗ୍ରଗତି ଉଲ୍ଲେଖନୀୟ । ଗତ ସେପ୍ଟେମ୍ବର ମାସରେ ଏହି ଜିଲ୍ଲାରେ ମୋଟ ୧୮୨୪ଟି ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଯାଇଥିଲା । ଏଥିମଧ୍ୟରେ ୧୬୫୯ ଜଣ ମହିଳା ବନ୍ଧ୍ୟାକରଣ ଅସ୍ତ୍ରୋପଚାରର ଅନ୍ତର୍ଭୁକ୍ତ । ଏହି ମାସରେ ଏହି ଜିଲ୍ଲାର ବିବାହିତ ମହିଳାଙ୍କୁ ୮ଟି ଲୁପ୍ ଓ ୧୩୪ଟି ଗର୍ଭ ନିରୋଧକ ବଟିକା ବଣ୍ଟନ କରାଯାଇଥିଲା । ଏହା ବ୍ୟତୀତ ବିବାହିତ ଦଂପତିମାନଙ୍କୁ ୪୬,୦୨୯ ଟି ନିରୋଧ ଯୋଗାଇ ଦିଆ ଯାଇଥିଲା ।

ମାତ ଓ ଶିଶୁ କଲ୍ୟାଣ କାର୍ଯ୍ୟକ୍ରମରେ ୭୧୭ ଗର୍ଭବତୀ ମହିଳାଙ୍କୁ ଟିଟାନସ୍ ଟକ୍ସାଇଡ୍, ୯୨୩ ଶିଶୁଙ୍କୁ ଡି. ପି. ଟି. ଏବଂ ୨୮୨୭ ସ୍କୁଲ ପିଲାଙ୍କୁ ଡି. ଟି. ଇଞ୍ଜେକ୍ସନ୍ ଦିଆଯାଇଥିଲା । ଏହା ସାଙ୍ଗକୁ ୪୩୩୧ ମା ଏବଂ ୫୮୮୪ ଶିଶୁଙ୍କୁ ପୁଷ୍ଟିସାର ଅଭାବ ଦୂର କରିବା ପାଇଁ ବିଭିନ୍ନ ପଦକ୍ଷେପମାନ ନିଆଯାଇଥିଲା । ଶିଶୁମାନଙ୍କର ଦୃଷ୍ଟି ହୀନତା ଦୂରୀକରଣ ପାଇଁ ୧୨,୦୮୧ ଜଣ ଶିଶୁଙ୍କୁ ଭିଟାମିନ୍-ଏ ସଲ୍ୟୁସନ ଦିଆଯାଇଥିଲା ।

ଜିଲ୍ଲାରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ପ୍ରତି ଲୋକମାନଙ୍କୁ ଅଧିକରୁ ଅଧିକ ଆକୃଷ୍ଟ କରିବା ପାଇଁ କଥିତ ମାସରେ ୪ଟି ଚଳଚ୍ଚିତ୍ର, ୨୯ଟି ଦାସକାଠିଆ ପ୍ରଦର୍ଶନ ୩,୬୯୮ଟି ଶିକ୍ଷାମଣ୍ଡଳୀ ଓ ୭୯ଟି ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହା ବ୍ୟତୀତ ଭାରତ ସରକାରଙ୍କ କ୍ଷେତ୍ର ପ୍ରଚାର ସଂସ୍ଥା, ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ଓ କେନ୍ଦ୍ର ବିଜ୍ଞାପନ ଓ ଦୃଶ୍ୟ ପ୍ରଚାର ସଂସ୍ଥାର ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟକ୍ରମ ଗାଁ ଗହଳରେ ପ୍ରଚାର କରାଯାଇ ଲୋକମାନଙ୍କୁ ପରିବାର କଲ୍ୟାଣର ଉପାଦେୟତା ବୁଝାଇ ଦିଆଯାଇଥିଲା । ଏ ସଂକ୍ରାନ୍ତରେ ଦୃଶ୍ୟ ପ୍ରଚାର ସଂସ୍ଥା ପକ୍ଷରୁ ରେଙ୍ଗାଲିଠାରେ ହୋଇଥିବା ପ୍ରଦର୍ଶନୀ ବହୁ ଲୋକଙ୍କର ଦୃଷ୍ଟି ଆକର୍ଷଣ କରିଥିଲା ।

ଗତ ଅପ୍ରେଲ ମାସଠାରୁ ସମ୍ବଲପୁର ଜିଲ୍ଲାର ସଘନ ଗୋ-ଉନ୍ନୟନ ଯୋଜନା ପରିସରଭୁକ୍ତ ଅଞ୍ଚଳରେ ସଙ୍କର ଜର୍ସୀ ମାଈ ବାଛୁରୀ ପାଳନ ପାଇଁ ଏକ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେଉଅଛି । ଏହି ଯୋଜନା ଅନୁଯାୟୀ ପ୍ରତ୍ୟେକ ସଙ୍କର ମାଈ ବାଛୁରୀକୁ ୨ମାସରୁ ୨୮ ମାସ ପର୍ଯ୍ୟନ୍ତ ସୁଷମ ଗୋ-ଖାଦ୍ୟ ଯୋଗାଇ ଦିଆଯାଉଛି । ସେଥିପାଇଁ ମୋଟ ୧,୬୦୦ ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଅଛି । ସେଥିମଧ୍ୟରୁ କ୍ଷୁଦ୍ର ଚାଷୀ ଓ ନାମମାତ୍ର ଚାଷୀମାନଙ୍କୁ ୮୦୦ଟଙ୍କା ଏବଂ କ୍ଷେତ-ମଜୁରିଆମାନଙ୍କୁ ୧,୦୬୬ ଟଙ୍କା ସରକାରଙ୍କ ତରଫରୁ ରିହାତି ଦିଆଯାଉଛି । ହିସାବ କରି ଦେଖାଯାଉଛି ଯେ ଗାଈ କ୍ଷୀର ଦେବାର ବର୍ଷକ ମଧ୍ୟରେ ସବୁ ଖର୍ଚ୍ଚ ଓ ଋଣ ବାଦ ଯାଇ ଚାଷୀ ଟ୨,୦୦୦ ପର୍ଯ୍ୟନ୍ତ ଲାଭ ପାଇ ପାରିବ । ଏହି ଯୋଜନାର ବିଶେଷତ୍ୱ ଏହି ଯେ ଏହାଦ୍ୱାରା ମୂଲ୍ୟବାନ ଜର୍ସି ଗାଈ ବାଛୁରୀଗୁଡ଼ିକ କ୍ଷୀର ଦେବା ପର୍ଯ୍ୟନ୍ତ ଦାନା ଓ ଠିକ୍ ସମୟରେ ଚିକିତ୍ସା ପାଇ ପାରିବେ । ଏହାଦ୍ୱାରା ଗରିବ ଚାଷୀର ଆର୍ଥିକ ଉନ୍ନତି ଓ ଗୋ-ଉନ୍ନୟନ ଯୋଜନାର ଅଗ୍ରଗତି ମଧ୍ୟ ହୋଇ ପାରିବ ! ଏ ପର୍ଯ୍ୟନ୍ତ ଏହି ଜିଲ୍ଲାରେ ଉକ୍ତ ଯୋଜନାର ପରିସରଭୁକ୍ତ ହେବା ପାଇଁ ୩୪୧ ଜଣ ଚାଷୀ ଓ ମଜୁରିଆ ଆବେଦନ କରିଛନ୍ତି ଏବଂ ସେଥିମଧ୍ୟରୁ ୨୬୫ ଜଣ ଏହି ଯୋଜନାର ଅନ୍ତର୍ଭୁକ୍ତ ହୋଇ ସାରିଲେଣି । ସମ୍ବଲପୁର ଜିଲ୍ଲାର ଲୋକମାନଙ୍କୁ ଉଚିତ୍ ମୂଲ୍ୟରେ ଖାଉଟି ଦ୍ରବ୍ୟ ଯୋଗାଇ ଦେବା ପାଇଁ ଏହି ଜିଲ୍ଲାର ବିଭିନ୍ନ ସ୍ଥାନରେ କେନ୍ଦ୍ର ଖାଉଟି ସମବାୟ ସମିତି ପକ୍ଷରୁ ସମ୍ବଲପୁର ତଥା ଆଖପାଖ ଅଞ୍ଚଳରେ ଉଚିତ ମୂଲ୍ୟ ଦୋକାନମାନ ଖୋଲାଯାଇଛି ।

ଜିଲ୍ଲା ଲୋକ ସଂପର୍କ ଅଧିକାରୀ, ସମ୍ବଲପୁର

ବାଲେଶ୍ୱର ଜିଲ୍ଲାରେ

# ଜନସ୍ୱାସ୍ଥ୍ୟ ବିଭାଗର ସେବା

ଶ୍ରୀ ଦେବେନ୍ଦ୍ରନାଥ ଦତ୍ତ

ଉପକୂଳବର୍ତ୍ତୀ ଜିଲ୍ଲା ବାଲେଶ୍ୱର । ପ୍ରାୟ ଅଧିକାଂଶ ଅଞ୍ଚଳରେ ଲୁଣି ପାଣି ଓ ଖାରିଆ ପାଣି ପାନୀୟ ଆକାରରେ ଜନ ସାଧାରଣ ବ୍ୟବହାର କରିଥାନ୍ତି । ଏହାକୁ ଏକ ଆଦିବାସୀ ବହୁଳ ଅଞ୍ଚଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ଜିଲ୍ଲାର ଅଧିକାଂଶ ଆଦିବାସୀ ଟୋପାଏ ବିଶୁଦ୍ଧ ମଧୁର ପାଣି ପିଇବା ପାଇଁ ପାଉ ନ ଥିଲେ । ଚାରି ଗୋଟି ଯୋଜନା ଶେଷ ହୋଇଥିଲେ ମଧ୍ୟ ଏମାନଙ୍କର ପାନୀୟ ଜଳର ସୁବିଧା ହୋଇ ପାରି ନ ଥିଲା ।

ନୂତନ ସରକାର ଦାୟିତ୍ୱ ନେବା ପରେ ତାଙ୍କର ଗ୍ରାମାଭିମୁଖୀ ଯୋଜନା ଅନୁଯାୟୀ ସର୍ବ ପ୍ରଥମେ ଅତ୍ୟାବଶ୍ୟକୀୟ ଭିତ୍ତିରେ ପାନୀୟ ଜଳ ଯୋଗାଣ ଯୋଜନାକୁ ରୂପ ଦେବା ପାଇଁ ସଂକଳ୍ପ କଲେ । ତଦନୁଯାୟୀ ଜନ ସ୍ୱାସ୍ଥ୍ୟ ସଂସ୍ଥା ତତ୍ପର ହୋଇ ଉଠିଲେ ଏବଂ ଖୋଲିଲ ନଳ କୂପ ଖନନର କାର୍ଯ୍ୟ । ଯେଉଁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପାନୀୟ ଜଳର ବ୍ୟବସ୍ଥା ନ ଥିଲା ସେ ଅଞ୍ଚଳରେ ନଳ କୂପ ବସାଇବାର ବ୍ୟବସ୍ଥା କରଗଲା । ଏହି ସଂସ୍ଥା ତ୍ୱରାନ୍ୱିତ ଭାବରେ କାର୍ଯ୍ୟ କରିଗଲେ । ଗତ ଏକ ବର୍ଷ ମଧ୍ୟରେ ଏହି ସଂସ୍ଥାର ପ୍ରଗତି ସଂପର୍କରେ ପର୍ଯ୍ୟାଲୋଚନା କଲେ ଜଣା ଯାଏ ଯେ ଏକ ବର୍ଷ ମଧ୍ୟରେ ଏହା ଆଶାତୀତ ଭାବରେ ଅଗ୍ରଗତି କରି ପାରିଛି ।

ବାଲେଶ୍ୱର ରାଜସ୍ୱ ଜିଲ୍ଲାକୁ ଦୁଇ ଗୋଟି ଜନ ସ୍ୱାସ୍ଥ୍ୟ ଡିଭିଜନରେ ବିଭକ୍ତ କରାଯାଇଛି । ବାଲେଶ୍ୱର ଓ ଭଦ୍ରକ । ପ୍ରତ୍ୟେକ ଡିଭିଜନରେ ଜଣେ ଲେଖାଏଁ ନିର୍ବାହୀ ଯନ୍ତ୍ରୀ ଓ ତାଙ୍କର ସହକର୍ମୀମାନେ ଅଛନ୍ତି । ସମଗ୍ର ବାଲେଶ୍ୱର ରାଜସ୍ୱ ଜିଲ୍ଲାରେ ୧୯୭୭-୭୮ ମସିହା ସୁଦ୍ଧା ସର୍ବ ମୋଟ ୩୪'୯୭ ଲକ୍ଷ ଟଙ୍କା ନଳ କୂପ ଖନନ ପାଇଁ ବ୍ୟୟ ମଞ୍ଜୁରୀ ମିଳିଥିଲା । ମାତ୍ର ତା ମଧ୍ୟରୁ ୩୪,୯୬,୧୬୯ ଟଙ୍କା ଖର୍ଚ୍ଚରେ ୩୯୭ ଗୋଟି ନଳ କୂପ ଖୋଳା ଯାଇ ୩୯୭ ଗୋଟି ଗ୍ରାମର ଅଧିବାସୀଙ୍କୁ ବିଶୁଦ୍ଧ ନଳ କୂପ ପାଣି ଯୋଗାଇ ଦେବାରେ ଏହି ସଂସ୍ଥା ସଫଳତା ହାସଲ କରି ପାରିଛି । ୩୯୭ ଗୋଟି କୂପ ମଧ୍ୟରୁ ସର୍ବ ନିମ୍ନ ଚାହିଦା ଯୋଜନା ବାବଦ ଟ ୧୭,୪୬,୨୫୦ ଙ୍କା ଖର୍ଚ୍ଚରେ ୧୪୮ ଗୋଟି ଗ୍ରାମକୁ ନଳ କୂପ ସାହାଯ୍ୟରେ ପାନୀୟ ଜଳ ଯୋଗାଣ ହୋଇ ପାରିଛି ।

ଗ୍ରାମ୍ୟ ପାନୀୟ ଜଳ ଯୋଗାଣକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସାହାଯ୍ୟ ବାବଦ ୧୭'୫୦ ଲକ୍ଷ ଟଙ୍କା ମିଳି ଥିଲା । ତନ୍ମଧ୍ୟରୁ ୧୭,୪୯,୮୬୯ ଟଙ୍କା ବ୍ୟୟରେ ୨୪୯ ଗୋଟି ଗ୍ରାମକୁ ନଳ କୂପ କରିଆରେ ପାନୀୟ ଜଳ ଯୋଗାଇ ଦିଆ ଯାଉଅଛି ।

ଏହି ସମସ୍ତ ନଳ କୂପ ଖନନ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ସଂଗେ ସଂଗେ ବାଲେଶ୍ୱର ଜିଲ୍ଲାରେ ଆଗରୁ ବ୍ୟବହୃତ ହେଉଥିବା ନଳ କୂପ ଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ସୁରୁଖୁ ରୂପେ ଏହି ସଂସ୍ଥା ଚଳାଇ ପାରିଛି । ଗ୍ରାମ୍ୟ ପାନୀୟ ଜଳର ସୁବ୍ୟବସ୍ଥା କରିବା ସଂଗେ ସଂଗେ ବାଲେଶ୍ୱର ଓ ଭଦ୍ରକ ପରି ଜନ ବହୁଳ ସହରର ଜଳ ଯୋଗାଣ କାର୍ଯ୍ୟକ୍ରମକୁ ମଧ୍ୟ ନିୟମିତ ଭାବରେ ଚଳାଇବାରେ କୃତିତ୍ୱ ହାସଲ କରଯାଇ ପାରିଛି ।

୧୯୭୮ ଅପ୍ରେଲ ମାସ ଠାରୁ ଜୁନ ମାସ ମଧ୍ୟରେ ଭଦ୍ରକ ଜନ ସ୍ୱାସ୍ଥ୍ୟ ଡିଭିଜନ ଗ୍ରାମାଞ୍ଚଳର ଲୋକ ମାନଙ୍କୁ ପାନୀୟ ଜଳ ଯୋଗାଣ ଯୋଜନାକୁ ସଫଳ କରିବାରେ ବଳିଷ୍ଠ ପଦକ୍ଷେପ ନେଇ ଥିବାର ଜଣା ଯାଏ । ଏହି କାର୍ଯ୍ୟକ୍ରମ "ସର୍ବ ନିମ୍ନ ଚାହିଦା" ଯୋଜନା ଅନୁଯାୟୀ କରାଯାଇଛି ।

ଆଞ୍ଚଳିକ ସଂଗଠକ
ପଲ୍ଲୀଶ୍ରୋତା ମଣ୍ଡଳୀ, ବାଲେଶ୍ୱର

ମୟୂରଭଂଜ ଜିଲ୍ଲାରେ
# ଚିନାମାଟି ଶିଳ୍ପପୁଞ୍ଜ

ଶ୍ରୀ ରବନାରାୟଣ ସାହୁ

ମୟୂରଭଞ୍ଜ ଓଡ଼ିଶାରେ ଏକମାତ୍ର ଜିଲ୍ଲା ଯେଉଁଠାରେ ଚୀନାମାଟି ଉତ୍ପାଦନ କରାଯାଏ । ଏହି ଜିଲ୍ଲାରେ ଉତ୍କୃଷ୍ଟ ଧରଣର ଚୀନାମାଟି ନିକ୍ଷେପମାନ (Deposits) ରହିଅଛି । ପଞ୍ଚପୀଢ଼ ସବ୍‌ଡିଭିଜନର ଯଶିପୁର ଓ କରଞ୍ଜିଆ ଅଞ୍ଚଳରେ ଚୀନାମାଟି ନିକ୍ଷେପମାନ ଦେଖା ଯାଇ ଥାଏ । ଜିଲ୍ଲାରେ ଗତ ୩୦ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଚୀନାମାଟିର ଖନନ ଓ ଉତ୍ତୋଳନ ହୋଇ ଆସୁଥିଲେ ମଧ୍ୟ ବର୍ତ୍ତମାନ ଚୀନାମାଟି ଖାଦାନଗୁଡ଼ିକର ଅବସ୍ଥା ସ୍ୱଚ୍ଛଳ ନୁହେଁ । ବସ୍ତୁତଃ ଚୀନାମାଟି ଖନନ ଶିଳ୍ପ ଏକ ରୁଗ୍ଣ ଶିଳ୍ପରେ ପରିଗଣିତ ହୋଇଛି । ମାତ୍ର ଚୀନାମାଟି ଶିଳ୍ପର ଉନ୍ନୟନ ପାଇଁ ବିପୁଳ ସମ୍ଭାବନା ଓ ସୁଯୋଗ ରହିଛି । ସରକାରୀ ଉଦ୍ୟୋଗରେ କେତେ-ଗୁଡ଼ିଏ ଚୀନାମାଟି ଖାଦାନ, ଗୋଟିଏ ଉନ୍ନତ ଧରଣର ଧୁଆଇ କାରଖାନା ଓ ଚୀନାମାଟି ଭିତ୍ତିକ କେତେକ ଶିଳ୍ପକୁ ନେଇ ଜିଲ୍ଲାରେ ଏକ ଚୀନାମାଟି ଶିଳ୍ପପୁଞ୍ଜର (Chinaclay Complex) ପରିକଳ୍ପନା କରା ଯାଇପାରେ । ଏକ ପରିକଳ୍ପନାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କୁ ଏକ ପ୍ରସ୍ତାବ ଦିଆ ଯାଇଅଛି । ଏହା କାର୍ଯ୍ୟକାରୀ ହୋଇ ପାରିଲେ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ଉନ୍ନୟନ ତ୍ୱରାନ୍ୱିତ ହେବା ସଙ୍ଗେ ସଙ୍ଗେ ଗରିବ ଆଦିବାସୀ ଶ୍ରମିକମାନଙ୍କ କର୍ମ ସଂସ୍ଥାନର କ୍ଷେତ୍ର ସମ୍ପ୍ରସାରିତ ହୋଇ ପାରନ୍ତା ।

ଜିଲ୍ଲାରେ ବର୍ତ୍ତମାନ ଆଠ ଗୋଟି ଚୀନାମାଟି ଖାଦାନ ଚାଲୁଅଛି । ଏ ଗୁଡ଼ିକରୁ ଉତ୍ପନ୍ନ ହେଉଥିବା ଧୂଆ ଚୀନାମାଟି ମୁଖ୍ୟତଃ ରବର, କାଗଜ ଓ ବସ୍ତ୍ର ଶିଳ୍ପରେ ବ୍ୟବହୃତ ହୋଇଥାଏ । ଏହି ଶିଳ୍ପମାନଙ୍କରେ ଖଡି ପଥର ଚୂର୍ଣ୍ଣର (Soap-stone Powder) ବ୍ୟବହାର ବୃଦ୍ଧି ପାଉଥିବାରୁ ଚୀନାମାଟିର ଚାହିଦା କ୍ରମଶଃ ହ୍ରାସ ପାଇ ଆସୁଅଛି । ୧୯୭୪ ମସିହାରେ ଜିଲ୍ଲାରୁ ୧୨,୦୦୦ ଟନ୍ ଚୀନାମାଟି ରପ୍ତାନି ହୋଇଥିବା ସ୍ଥଳେ ୧୯୭୭ ମସିହାରେ ମାତ୍ର ୭,୪୦୦ ଟନ୍ ରପ୍ତାନି ହୋଇଅଛି । ବିଶ୍ଳେଷଣ କଲେ ମନେ ହୁଏ, ଚୀନାମାଟି ଶିଳ୍ପର ବର୍ତ୍ତମାନର ଅସ୍ୱଚ୍ଛଳ ଓ ରୁଗ୍ଣ ଅବସ୍ଥା ପାଇଁ ନିମ୍ନଲିଖିତ କାରଣଗୁଡ଼ିକ ଦାୟୀ ।

୧—ଚୀନାମାଟି ଖାଦାନ ପଟ୍ଟାଦାରମାନେ ଚୀନାମାଟି ଖନନ ଓ ଉତ୍ତୋଳନକୁ ସେମାନଙ୍କର ମୁଖ୍ୟ ବ୍ୟବସାୟ ରୂପେ ଗ୍ରହଣ ନକରି ଆନୁସଙ୍ଗିକ ବ୍ୟବସାୟ ରୂପେ କରି ଆସିଛନ୍ତି ।

୨—ଚୀନାମାଟି ଖାଦାନ ମାଲିକମାନେ ଚୀନାମାଟିର ଧୁଲାଇ ପୁରାତନ ଓ ଗତାନୁଗତିକ ପ୍ରଣାଳୀରେ କରି ଚାଲିଛନ୍ତି । ଉନ୍ନତ ପ୍ରଣାଳୀରେ ଧୁଲାଇ କରିବା ନିମନ୍ତେ ଉନ୍ନତ ଧୁଲାଇ କାରଖାନା ବସାଇବା ପାଇଁ କାହାରି ଆର୍ଥିକ ସାମର୍ଥ୍ୟ ନାହିଁ ।

୩—ଚୀନାମାଟିକୁ ଭିତ୍ତିକରି ଚୀନାମାଟି ଉତ୍ପନ୍ନ ହେଉଥିବା ଇଲାକାରେ କୌଣସି ଶିଳ୍ପ ସ୍ଥାପନ ହୋଇ ନାହିଁ ।

୪—ଚୀନାମାଟିର ବିକ୍ରୟ ସିଧାସଳଖ ବ୍ୟବହାରକାରୀ ଶିଳ୍ପମାନଙ୍କୁ କରା ନଯାଇ ମଧ୍ୟସ୍ଥମାନଙ୍କ ଜରିଆରେ କରାଯାଉଛି ସେମାନେ କି ଚୀନାମାଟି ଖାଦାନ ମାଲିକମାନଙ୍କୁ ଚୀନାମାଟିର ଚୂଡ଼ାନ୍ତ ବିନିଯୋଗ ସଂପର୍କରେ ଅନ୍ଧକାରରେ ରଖି ସେମାନଙ୍କ ଅଜ୍ଞତାର ସୁଯୋଗ ନେଇ ଉଚିତ ମୂଲ୍ୟଠାରୁ ଢେର କମ ମୂଲ୍ୟରେ ସେମାନଙ୍କଠାରୁ ଚୀନାମାଟି ଖରିଦ କରୁ ଅଛନ୍ତି ।

ଜିଲ୍ଲାରେ ବର୍ତ୍ତମାନ ଚାଲୁଥିବା ଚୀନାମାଟି ଖାଦାନଗୁଡ଼ିକରେ ୪.୫ ନିୟୁତ ଟନ୍ ଚୀନାମାଟିର ନିକ୍ଷେପ ରହିଛି । ଏହା ବ୍ୟତୀତ ଦେଓ ଓ ଖଇରି ଭଣ୍ଡନ ନଦୀ ଦ୍ୱୟ ମଧ୍ୟରେ ପରିବ୍ୟାପ୍ତ ଇଲାକାରେ ୩୫ ନିୟୁତ ଟନ୍ ଚୀନାମାଟିର ନିକ୍ଷେପ ରହିଛି ବୋଲି ରାଜ୍ୟ ଖଣି ବିଭାଗ ଦ୍ୱାରା ପ୍ରମାଣିତ ହୋଇଛି ।

ରାଜ୍ୟ ଖଣି କର୍ପୋରେସନ୍ କାମ ନ ହୋଇଥିବା ଚୀନାମାଟି ଇଲାକାରେ କେତେକ ଖଣି ପଟ୍ଟା ନେଇ ଖାଦାନ୍ କରି ପାରନ୍ତି ।

ଖାଦାନରୁ ଉତ୍ତୋଳନ ହେଉଥିବା ଚୀନାମାଟିରେ ରେ ଶତକଡ଼ା ପ୍ରାୟ ୭୫ ଭାଗ ବାଲି ଓ ୨୫ ଭାଗ ଚୀନାମାଟି ଥାଏ । ଧୁଲାଇ ପ୍ରକ୍ରିୟା ଦ୍ୱାରା ଏଥିରେ ଥିବା ବାଲିକୁ ବାଦ୍ ଦିଆ ଯାଇଥାଏ । ବର୍ତ୍ତମାନ ଜିଲ୍ଲାରେ ଚାଲୁଥିବା ଖାଦାନମାନଙ୍କର ନିଜସ୍ୱ ଧୁଲାଇ କାରଖାନା ଅଛି । ମାତ୍ର ଏହି କାରଖାନାଗୁଡ଼ିକରେ ପୁରାତନ, ଗତାନୁଗତିକ ରୀତିରେ ଧୁଲାଇ ହୋଇ ଥାଏ । କେତେକ ସ୍ଥଳରେ ଉତ୍ପନ୍ନ ହେଉଥିବା ଚୀନାମାଟିରେ କେତେକ ଲୌହଜ ମଇଳା ଦେଖା ଯାଇଥାଏ । ବର୍ତ୍ତମାନ ଖାଦାନଗୁଡ଼ିକରେ ଅବଲମ୍ବନ କରାଯାଉଥିବା ଧୁଲାଇ ପ୍ରକ୍ରିୟାରେ ଏପରି ମଇଳାର ଦୂରୀକରଣ ସମ୍ଭବ ହୋଇ ନଥାଏ ।

ରାଜ୍ୟର ଇପିକଲ ସଂସ୍ଥା ଯଶିପୁର ଠାରେ ୧ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟରେ ଏକ ଉନ୍ନତ ଧରଣର ଚୀନାମାଟି ଧୁଲାଇ କାରଖାନା ସ୍ଥାପନ ପାଇଁ ଯୋଜନା ପ୍ରସ୍ତୁତ କରିଅଛନ୍ତି । ଏହି କାରଖାନାରୁ ବାର୍ଷିକ ୨୫,୦୦୦ ଟନ୍ ଧୂଆ ଚୀନାମାଟି ଉତ୍ପନ୍ନ ହେବାର ପ୍ରସ୍ତାବ ରହିଛି । ଏହି ଯୋଜନାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ସରକାର ବିହିତ କାର୍ଯ୍ୟପନ୍ଥା ଗ୍ରହଣ କରିବା ଉଚିତ ।

ଚୀନାମାଟିକୁ ଭିତ୍ତିକରି କେତେକ ନୂତନ ଶିଳ୍ପର ପ୍ରତିଷ୍ଠା ଓ ଧୁଲେଇ ପ୍ରକ୍ରିୟାରେ ପୃଥକ୍ ହେଉଥିବା ବିପୁଳ ପରିମାଣ ବାଲିର ଶିଳ୍ପାତ୍ମକ ଉପଯୋଗ ବ୍ୟବସ୍ଥା ହୋଇ ପାରିଲେ ଚୀନାମାଟି ଶିଳ୍ପର ଦୁରବସ୍ଥା ଅଚିରେ ଦୂର ହୋଇ ଯିବ ।

ବର୍ତ୍ତମାନ ଚୀନାମାଟି ଖାଦାନଗୁଡ଼ିକରେ ପ୍ରାୟ ଏକ ହଜାର ଶ୍ରମିକ କାର୍ଯ୍ୟ କରିଥାନ୍ତି । ଚୀନାମାଟି ଖାଦାନ ଶିଳ୍ପର ସଂପ୍ରସାରଣ ଏବଂ ପରିକଳ୍ପିତ ଶିଳ୍ପ ପୁଞ୍ଜର ସଫଳ ରୂପାୟନ ହୋଇ ପାରିଲେ ଆହୁରି ଚାରିହଜାର ଶ୍ରମିକଙ୍କ ପାଇଁ କର୍ମ ସଂସ୍ଥାନ ସମ୍ଭବ ହୋଇପାରିବ ବୋଲି ଆଶା କରାଯାଏ ।

ଖଣି ଅଫିସର
ବାରିପଦା, ମୟୂରଭଞ୍ଜ

## ଡୁମାପୁର-ଆଦିବାସୀ ଉନ୍ନୟନର

# ଏକ ସଫଳ ଅବଦାନ

**ଶ୍ରୀ ସୁଧାଂଶୁଗୋବିନ୍ଦ ମିଶ୍ର**

ପାରଳାଖେମୁଣ୍ଡିଠାରୁ ରାୟଗଡ଼, ରାମଗିରି-ଉଦୟଗିରି ଓ ଚନ୍ଦ୍ରଗିରି ବାଟ ଦେଇ ଏକ ସର୍ପିଳ ରାସ୍ତା ଯାଇଛି ବ୍ରହ୍ମପୁର ସହରକୁ । ଏହି ରାସ୍ତାରେ ପାରଳାଖେମୁଣ୍ଡିଠାରୁ ୩୦ କିଲୋମିଟର ଦୂରରେ ଏକ ଫଳକ ଆଖିରେ ପଡ଼େ । "ଡୁମାପୁର ଉଠାଜଳସେଚନ ଯୋଜନା" ।

ଡୁମାପୁର ମାତ୍ର ୨୭ ଟି ପରିବାର ବିଶିଷ୍ଟ ଏକ କ୍ଷୁଦ୍ର ଆଦିବାସୀ ଗ୍ରାମ । "ଡୁମାର ଅର୍ଥ ହେଉଛି ପ୍ରେତ ବା ଦେବତା । ଡୁମାପୁର ଅର୍ଥାତ ପ୍ରେତ ପୁରୀ ବା ଦେବତା-ପୁରୀ । କିଛି ବର୍ଷ ତଳେ ଏହି ଗାଁର ଅସ୍ତିତ୍ୱ ନ ଥିଲା । ଏଠାର ଅଧିବାସୀମାନେ ବାସ କରୁଥିଲେ ନିକଟସ୍ଥ ଉସ୍ତପୁର ଗ୍ରାମରେ । ବର୍ତ୍ତମାନର ଡୁମାପର ଥିଲା ଉସ୍ତପୁରର ଶ୍ମଶାନ ଭୂମି । ଉସ୍ତପୁରରେ ଦେଖା ଦେଲା ମହାମାରୀ । ବହୁଲୋକ ପୋକମାଛି ପରି ମଲେ । ଗାଁରେ ଖେଳିଗଲା ଆତଙ୍କର ଛାୟା । ଗାଁ ଛାଡ଼ି ଲୋକେ ଯିବେ ବା କୁଆଡ଼େ? ଶ୍ମଶାନରେ ହେଲା ପୂଜା ପାଠ—ଆଦିବାସୀ ପ୍ରଥାରେ । ଡୁମାକୁ ସନ୍ତୁଷ୍ଟ କରିବାକୁ ହେବ । ଶେଷରେ ଏହି ଶ୍ମଶାନ ଭୂମିରେ ଗଢ଼ି ଉଠିଲା ନୂତନ ଗ୍ରାମ "ଡୁମା ପୁର", ଏକ ଶବର ପଲ୍ଲୀ ।

ଚାରି ପଟେ ପାହାଡ଼ ହିଂସ୍ର ଜନ୍ତୁ ସଂକୁଳ ଘନ ଜଙ୍ଗଲ ; ଅନତି ଦୂରରେ କୁଳୁ କୁଳୁ ନାଦରେ ବହି ଯାଉଛି ପୁଣ୍ୟତୋୟା ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ତନୟା "ମହେନ୍ଦ୍ର ତନୟା" ନଦୀ । କିଛି ବର୍ଷ ତଳେ ଏହି ଅଖ୍ୟାତ ପଲ୍ଲୀ ଥିଲା ଦୁର୍ଗମ, ଅଜ୍ଞାତ । ଆଜି କିନ୍ତୁ ଏହି ଗ୍ରାମର ନିଦ୍ରା ଭଙ୍ଗ ହୋଇଛି । ଅର୍ଥନୈତିକ ଉନ୍ନତିର ଚରମ ସୋପାନରେ ପହଞ୍ଚି ପାରିଛି ଶବର ପଲ୍ଲୀ ଡୁମା ପୁର ।

କେବଳ ଡୁମା ପୁର ନୁହେଁ, ପାହାଡ଼ ଜଙ୍ଗଲ ଭିତରେ ରହୁଥିବା ବିଭିନ୍ନ ଆଦିବାସୀ ସଂପ୍ରଦାୟର ଲୋକେ ଚିର ଅବହେଳିତ ହୋଇ ରହି ଆସୁଥିଲେ । ସ୍ୱାଧୀନତାର ଅର୍ଥ ସେମାନଙ୍କ ନିକଟରେ କିଛି ନଥିଲା । ବିଭିନ୍ନ ଯୋଜନାର ସୁଫଳ ଉପଭୋଗ କରିବା ସେମାନଙ୍କ ପାଇଁ ଥିଲା ସୁଦୂର ପରାହତ । ଅଜ୍ଞାନ, ଅଶିକ୍ଷା, ବୁଭୁକ୍ଷା ଥିଲା ସେମାନଙ୍କର ଚୀର ସାଥି । ଏହି ଗୁରୁତର ସମସ୍ୟାର ସମାଧାନ ପାଇଁ ଓ ଗିରିଜନମାନଙ୍କର ଅର୍ଥନୈତିକ ବିକାଶ ପାଇଁ ଆରମ୍ଭ ହେଲା ପାରଳାଖେମୁଣ୍ଡି ଆଦିବାସୀ ଉନ୍ନୟନ ସଂସ୍ଥା । ୧୯୭୧ ମସିହାରେ ପାରଳାଖେମୁଣ୍ଡି ସବ୍-ଡିଭିଜନ୍‌ରେ ମୋହନା ରାମଗିରି-ଉଦୟଗିରି, ରାୟଗଡ଼, ଗମ୍ଭା, କାଶୀନଗର, ଗୋସାଣି ଓ ବ୍ରହ୍ମପୁର ସବ୍‌ଡିଭିଜନର ପାତ୍ରପୁର ବ୍ଲକର ଡୁମା ମାଳ ଅଞ୍ଚଳରେ ୩୭୭୭.୭ ବର୍ଗ କିଲୋମିଟର ଅଞ୍ଚଳକୁ ନେଇ ଏହି ଯୋଜନାର କାର୍ଯ୍ୟ ଆରମ୍ଭ ହେଲା । ଏହି ଅଞ୍ଚଳର ଜନ ସଂଖ୍ୟା ୩ ଲକ୍ଷ ୫୫ ହଜାର ୭ଶହ ୬୪ । ଏମାନଙ୍କ ଭିତରେ ଆଦିବାସୀ ଓ ହରିଜନଙ୍କ ସଂଖ୍ୟା ଯଥାକ୍ରମେ ୧ ଲକ୍ଷ ୭୯ ହଜାର ୬ ଶହ ୮୩ ଓ ୩୬ ହଜାର ୨୩ । ଅନାବାଦୀ ଜମିକୁ ଆବାଦୀକରି ଆଦିବାସୀଙ୍କୁ ଯୋଗାଇ ଦେବା, କୃଷି, କୁକୁଡ଼ା ପାଳନ, ଛେଳି ପାଳନ ଓ ଗୋପାଳନ ପ୍ରଭୃତିରେ ଆଦିବାସୀମାନଙ୍କୁ ଅଭ୍ୟସ୍ତ କରାଇବା, ନୂତନ ରାସ୍ତା ନିର୍ମାଣ, ପୁରାତନ ରାସ୍ତାର ଉନ୍ନତି, ଜଳ ସେଚନ ଯୋଜନା ପ୍ରଭୃତି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଆରମ୍ଭ କରାଗଲା ଏହି ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ।

ଡୁମାପୁର ଗ୍ରାମର ଅଧିବାସୀମାନଙ୍କ ମଧ୍ୟରେ କେତେକଙ୍କର ମୋଟ ୨ ଏକରରୁ ୪ ଏକର ମାତ୍ର ଜମି ଥାଏ । ଅନ୍ୟ ସମସ୍ତେ ଭୂମି ହୀନ । ଗାଁର ଜମି ଉର୍ବର ନୁହେଁ, "ଡିପ ଓ ବାଲିଆ" । ଏହି ଗାଁରେ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ପ୍ରାୟ ୬ ଲକ୍ଷ ଟଙ୍କା ବ୍ୟୟରେ ଓଡ଼ିଶାର ବୃହତ୍ତମ ଉଠା ଜଳ ସେଚନ କାର୍ଯ୍ୟକ୍ରମ ଆରମ୍ଭ କରାଗଲା । ଭୂମିହୀନ ୮ ଟି ପରିବାରକୁ ୨ ଏକର କରି ସରକାରୀ ଜମି ଚାଷୋପଯୋଗୀ କରି ଯୋଗାଇ ଦିଆଗଲା । ୧୯୭୪ ମସିହାରେ ଗ୍ରାମକୁ ବିଦ୍ୟୁତ ଶକ୍ତି ଯୋଗାଇ ଦିଆଯାଇ ଉଠା ଜଳ ସେଚନ କାର୍ଯ୍ୟକ୍ରମକୁ ସକ୍ରିୟ କରାଗଲା । ୫୦ ଅଶ୍ୱ ଶକ୍ତି ବିଶିଷ୍ଟ ୨ଟି ବିଦ୍ୟୁତ-ଚାଳିତ ପମ୍ପ ସାହାଯ୍ୟରେ ଖରିଫ୍ ସମୟରେ ୫ ଶହ ଏକର ଓ ରବି ସମୟରେ ୩୬୦ ଏକର ଜମିକୁ ଜଳ ସେଚିତ କରିବା ବ୍ୟବସ୍ଥା କରାଗଲା ଓ ସେଥିପାଇଁ ୬୫୫୦ ଫୁଟ୍ ଲମ୍ବା ପାଣି କେନାଲ ନିର୍ମିତ ହେଲା । ଆହୁରି ପ୍ରାୟ ଏକ ଲକ୍ଷ ଟଙ୍କା ବ୍ୟୟରେ କେନାଲ ଖୋଳିବା କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି ।

ଏହି ଜଳସେଚନ ଯୋଜନା ସ୍ଥାନୀୟ ଆଦିବାସୀଙ୍କ ମନରେ ସୃଷ୍ଟି କଲା ନୂତନ ଆଶା । ସେମାନେ ସଚେତନ ହେଲେ, ନିଜର ଆର୍ଥିକ ବିକାଶ ପାଇଁ ଅକ୍ଳାନ୍ତ ପରିଶ୍ରମ କରି ଡିପ ଅନାବାଦୀ ଜମିକୁ ସେମାନେ ଚାଷୋପଯୋଗୀ କଲେ । କୃଷି ପାଇଁ ସଂପୃକ୍ତ ବିଭାଗ ପକ୍ଷରୁ ଉପଯୁକ୍ତ ଖସଡ଼ା ପ୍ରସ୍ତୁତ କରାଗଲା ଓ ପ୍ରଥମ ୩ ବର୍ଷ ପାଇଁ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ସାର, ଉନ୍ନତ ବିହନ, ଘୁଷୋପକରଣମାନ ଯୋଗାଇ ଦିଆଗଲା ଯେଉଁ ଜମିରେ ଦିନେ

ଦୂବ କଅଁଳୁ ନ ଥିଲା ତାହା ହେଲା ଚିର ସବୁଜ । ଧାନ, ଗହମ, ମୁଗ, ଚିନାବାଦାମ, ଲଙ୍କାମରିଚ ପ୍ରଭୃତି ଫସଲରେ ଗାଁର ଜମି ହସି ଉଠିଲା । ଏ ଫସଲ ବିକ୍ରି କରି ଗାଁର ଲୋକେ ବେଶ୍ ଦୁଇ ପଇସା ଲାଭ କଲେ । ଗ୍ରାମର ଉନ୍ନତ ଚାଷୀ ସର୍ବଶ୍ରୀ କନ୍ତାରୁ ଶବର, ହାତୀଜାନୀ, ଗୌରୀଶ୍ୟାମ ପ୍ରଭୃତିଙ୍କ ମଧ୍ୟରେ ଆଜି ଆତ୍ମ-ବିଶ୍ୱାସ ପୂରି ରହିଛି । ଗ୍ରାମରୁ ଆଜି ଯେପରି ଆଳସ୍ୟ ଦୂର ହୋଇ ଯାଇଛି । ସମସ୍ତେ ସବୁବେଳେ କର୍ମରତ । ସେମାନେ ଆଜି ଆଧୁନିକ ଉନ୍ନତ କୃଷି ପ୍ରଣାଳୀ ଓ ଫସଲ ଖସଡ଼ା ସଂପର୍କରେ ସଚେତନ । ଗତ ବର୍ଷ ପ୍ରାୟ ୪୦ ଏକର ଜମିରେ ଚିନାବାଦାମ ଚାଷ କରି ଡୁମାପୁର ଓ ନିକଟସ୍ଥ ପଦ୍ମପୁର ଗ୍ରାମର ଚାଷୀମାନେ ୨୦୦ ବସ୍ତାରୁ ଅଧିକ ଚିନାବାଦାମ ଅମଳ କରି ପାରିଛନ୍ତି । ୮ ଏକର ଜମିରେ ମଧ୍ୟ ମୁଗ ଚାଷ କରାଯାଇଥିଲା । ଧାନ, ଗହମ ପ୍ରଭୃତି ଆଶାନୁରୂପ ଅମଳ ନ ହେଉଥିବା ଯୋଗୁଁ ଚାଷୀମାନେ ହଳଦୀ, ଅଦା, ଉନ୍ନତ ମାଣ୍ଡିଆ, କନ୍ଦମୂଳ, କାଠି କନ୍ଦମୂଳ, ଲଙ୍କାମରିଚ, ବାଇଗଣ ଓ ବିଲତି ବାଇଗଣ ପ୍ରଭୃତି ଅଧିକ ପରିମାଣରେ ଆଜି ଚାଷ କରାଯାଉଛି । ଏବେ ଗ୍ରାମବାସୀମାନେ ଆତ୍ମ-ନିର୍ଭରଶୀଳ । ଆଉ ସାହୁକାର-ଠାରୁ ଋଣ କରିବାକୁ ସେମାନଙ୍କୁ ପଡ଼ୁନାହିଁ । ବର୍ତ୍ତମାନ ଆଉ ସରକାରୀ ସାହାଯ୍ୟର କିଛି ଆବଶ୍ୟକତା ନାହିଁ । ସେମାନଙ୍କର ଆତ୍ମ-ବିଶ୍ୱାସ, ଆଗାମୀ ଦୁଇ ଚାରି ବର୍ଷ ଭିତରେ ପ୍ରତ୍ୟେକ ଗ୍ରାମ ବାସୀଙ୍କର ଆର୍ଥିକ ସ୍ୱଚ୍ଛଳତା ଆସିବା ସମ୍ଭବପର ହୋଇ ପାରିବ ।

ଡୁମାପୁରର ଅତୀତ ଆଜି "ଡୁମା" ରେ ପରିଣତ ହୋଇଛି । ଦିନେ ଯେଉଁ ଆଦିବାସୀମାନେ କଳ୍ପନା ମଧ୍ୟ କରି ନ ଥିଲେ ଯେ, ସେମାନେ ଦିନେ ଅନ୍ୟମାନଙ୍କର ସମକକ୍ଷ ହୋଇ ପାରିବେ ଆଜି ସେହି ଗାଁ ଲୋକ-ମାନଙ୍କର ମୁହଁରେ ଚିର ଅମ୍ଳାନ ହସ । ଦିନେ ରୋଗ, ଅକାଳ ମୃତ୍ୟୁ, ଦୁଃଖ, ଶୋକ ଥିଲା ଗ୍ରାମବାସୀଙ୍କର ଚିର ସାଥି । ଆଜି ଗାଁଟିକି ଦେଖିଲେ ସେଇ କାଳିମାମୟ ଅତୀତର କଥା କଳ୍ପନା ମଧ୍ୟ କରି ହୁଏ ନାହିଁ । କେବଳ ଡୁମାପୁର ନୁହେଁ, ସମସ୍ତ ଆଦିବାସୀ ଉନ୍ନୟନ ସଂସ୍ଥାର ଯୋଜନାଞ୍ଚଳ ଭିତରେ ଆଜି ଏକ ନୂତନ ଜୀବନ ସୃଷ୍ଟି ହେବା ସମ୍ଭବପର ହୋଇ ପାରିଛି । ସରକାରୀ ପ୍ରଚେଷ୍ଟା, ବିଭିନ୍ନ ବିଭାଗର ସମନ୍ୱିତ ଉଦ୍ୟମ ଓ ଆଦିବାସୀ ଲୋକ-ମାନଙ୍କର ଅକ୍ଳାନ୍ତ ପରିଶ୍ରମ ଫଳରେ ଏ ଅଞ୍ଚଳରେ ଦେଖା-ଦେଇଛି ଏକ ଅଭୂତପୂର୍ବ ଜାଗରଣ । କ୍ରନ୍ଦନ ରୋଳ ବଦଳରେ ଆଜି ସନ୍ଧ୍ୟାବେଳେ ଆଦିବାସୀ ଯୁବକଯୁବତୀ ଗାଉଛନ୍ତି ମନ ମତାଣିଆ ଗୀତ । ଡୁମାପୁର ଏ ଉନ୍ନୟନର ଏକ ପ୍ରତୀକ ମାତ୍ର ।

ସହକାରୀ ଜିଲ୍ଲା ଲୋକସଂପର୍କ ଅଧିକାରୀ
ବ୍ରହ୍ମପୁର, ଗଞ୍ଜାମ

# ଋଷି ପ୍ରତିମ ମନୀଷୀ ରାଜାଜୀ

ଶ୍ରୀ ରାଧାନାଥ ରଥ

ଆମେ ଗାନ୍ଧୀ, ନେହରୁ, ତିଳକ, ଲଜପତ, ଅରବିନ୍ଦ, ରବୀନ୍ଦ୍ରନାଥ ପ୍ରଭୃତି ବହୁ-ନେତାଙ୍କ ନାମ ଶୁଣୁ । ସାଧାରଣ କ୍ଷେତ୍ରରେ ରାଜନୈତିକ ଇତିହାସରେ ସ୍ୱାଧୀନତା ସଂଗ୍ରାମରେ, ବୈଚିତ୍ର୍ୟପୂର୍ଣ୍ଣ ବିବରଣୀରେ, ଜାତୀୟ ଜୀବନର ବିଭିନ୍ନ ବିଭବର ବିକାଶ କ୍ଷେତ୍ରରେ ଉପରୋକ୍ତ ଭାରତୀୟ ମନୀଷୀ ଓ ଆଉ ଅନେକଙ୍କ ନାମ ଶୁଣାଯାଏ ; ଲିଖିତ ସାହିତ୍ୟରେ ପଢ଼ାଯାଏ । ଗାଁ ଗହଳରେ ଅଣ ପଢ଼ୁଆ ଲୋକେ ସେମାନଙ୍କ ନାମ ନାନା କାରଣରୁ ଶୁଣିଥାନ୍ତି, ଅନେକ ମନେ ରଖିଥାନ୍ତି । କିନ୍ତୁ ଗାନ୍ଧୀଜୀଙ୍କ ପରି ଭାରତବର୍ଷରେ ଜଣେ ଆଧୁନିକ ଋଷିପ୍ରତିମ ମନୀଷୀ "ରାଜାଜୀ"ଙ୍କ ନାମ ଅଳ୍ପ ଲୋକ ଜାଣିଥିବେ । ସେଇଭଳି ଅଳ୍ପ ଲୋକ ଶୁଣିଥିବେ । ସେ ଗାନ୍ଧୀଜୀଙ୍କ ସାଙ୍ଗେ ମୁକ୍ତ ସ୍ୱାଧୀନତା ସଂଗ୍ରାମରେ ସାଥୀ ଓ ଜଣେ ସେନାପତି ରୂପେ କାମ କରି ଆସିଥିଲେ । ୧୯୨୦-୨୧ ଠାରୁ ସେ ଭାରତର ରାଜନୈତିକ ସଂଗ୍ରାମରେ ଜଣେ ବୁଦ୍ଧିଜୀବୀ କଂଗ୍ରେସ ନେତା ରୂପେ ଭଲା ହେଲେ । ୧୯୭୨ ଡିସେମ୍ବର ୨୫ ତାରିଖ ଅପରାହ୍ନ ୫ଟା ୪୦ ମିନିଟ୍ ବେଳେ ସେ ଇହଧାମ ତ୍ୟାଗ କରି ଚାଲିଗଲେ । ସେ ୧୮୭୮ ଡିସେମ୍ବର ୮ ତାରିଖ ରାତ୍ରର ଶେଷ ଭାଗରେ ମାଡ୍ରାଜର ସାଲେମ ଜିଲ୍ଲା ଅନ୍ତର୍ଗତ ତୋରା ପଲ୍ଲୀଠାରେ ଜନ୍ମ ଗ୍ରହଣ କରିଥିଲେ । ୯୩ ବର୍ଷ ବ୍ୟାପୀ ତାଙ୍କର ଜୀବନକାଳ ଭିତରେ ସେ ଏପରି ଉଚ୍ଚ ସ୍ତରରେ ରହି କାର୍ଯ୍ୟ କରୁଥିଲେ ଯେ ସାଧାରଣ ଗାଁ ଗହଳର ନିରକ୍ଷର ଲୋକ ତାଙ୍କ ସଂସର୍ଶରେ ଆସିବା ବା ତାଙ୍କ ନାମ ବିଶେଷ ଭାବରେ ଶୁଣିବାର ସୁଯୋଗ ପାଉନଥିଲେ । ମହାତ୍ମା ଗାନ୍ଧୀ ୧୮୬୯ ଅକ୍ଟୋବର ୨ ତାରିଖରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୪୮ ଜାନୁଆରୀ ୩୦ ତାରିଖରେ ଜଣେ ଭାରତୀୟ ଆତତାୟୀଙ୍କ ଗୁଳିରେ ତାଙ୍କର ପରଲୋକ ହୋଇଥିଲା । ସେତେବେଳକୁ ତାଙ୍କର ବୟସ ୮୦ ବର୍ଷ । ମହାତ୍ମାଗାନ୍ଧୀଙ୍କ ଘନିଷ୍ଠତମ ସହକର୍ମୀ ରାଜାଜୀ, ମହାତ୍ମାଗାନ୍ଧୀଙ୍କ ମୃତ୍ୟୁପରେ ୨୫ ବର୍ଷ କାଳ ଭାରତଭୂମିରେ ବଞ୍ଚିରହି ଯେଉଁସବୁ କାର୍ଯ୍ୟ କରିଗଲେ ଏବଂ ଯେଉଁ ପଦ-ପଦବୀରେ ଅଧିଷ୍ଠିତ ହେଲେ ; ଅନ୍ୟ କୌଣସି ଭାରତୀୟଙ୍କ ଜୀବନରେ ଏପରି ଗୌରବାର୍ହ ଘଟଣାବଳୀ ଘଟିନାହିଁ କି ଏପରି ଉଚ୍ଚ ପଦ ପଦବୀ ଆଉ କେହି ପାଇନାହାନ୍ତି । ଅଥଚ ରାଜାଜୀଙ୍କ ନାଁ ସାଧାରଣ ନିରକ୍ଷର ଲୋକଙ୍କ ଭିତରେ ସେତେ ପରିଚିତ ନୁହେଁ । ଏହାର କାରଣ କ'ଣ ? ସେ ଥିଲେ ଅସାଧାରଣ ବୁଦ୍ଧିଜୀବୀ, ଜ୍ଞାନୀ, ପଣ୍ଡିତ, ଦୂରଦ୍ରଷ୍ଟା ରାଷ୍ଟ୍ରନୀତିଜ୍ଞ, ଭବିଷ୍ୟତ କଳ୍ପନା-ରାଜ୍ୟର ଜଣେ ସାରଥି, ଅତୀତ ଇତିହାସର ଜଣେ ଗବେଷକ, ସଂଗ୍ରାହକ ଓ ପ୍ରତିପାଦକ । ସେ ଏକାଧାରରେ ଭାରତୀୟ ସଭ୍ୟତା, ସଂସ୍କୃତି, ନୈତିକତା ଓ ଧର୍ମଜୀବନର ପ୍ରତୀକ ହୋଇ ରହିବା ସଙ୍ଗେ ସଙ୍ଗେ ଆଧୁନିକ ଶିକ୍ଷା, ଇଂରେଜୀ ଭାଷା, ରାଜନୀତି ଓ ରାଜନୀତି-ବିଜ୍ଞାନ, ଶାସନ ନୀତି ଏବଂ ପ୍ରାଚ୍ୟ-ପାଶ୍ଚାତ୍ୟ ସକଳ ପ୍ରକାର ବିଜ୍ଞାନ, ଦର୍ଶନ, ଧର୍ମଶାସ୍ତ୍ର, ନୀତିଶାସ୍ତ୍ର, ଅର୍ଥଶାସ୍ତ୍ର, କାବ୍ୟ ପୁରାଣ, ଗଳ୍ପ, କବିତା, ଲୋକ ସାହିତ୍ୟ, ଲୋକ ନୃତ୍ୟ,, ଗ୍ରାମ୍ୟ କାହାଣୀ—ସକଳ ଶାସ୍ତ୍ର ଓ ସାହିତ୍ୟରେ ପାରଦର୍ଶୀ ଥିଲେ । ତାଙ୍କ ବୁଦ୍ଧିର ବିଚକ୍ଷଣତା, ଜ୍ଞାନର ଗଭୀରତା, ଭାଷାର ସରଳତା ଯୋଗୁଁ ଉଦାହରଣ ସୂତ୍ରରେ ଅତି ଜଟିଳ, ଦୁରୂହ ଓ ସାଧାରଣଙ୍କ ଅବୋଧ୍ୟ ବିଷୟ-ବସ୍ତୁକୁ ଅତି କୌତୁହଳପୂର୍ଣ୍ଣ ଗ୍ରାମ୍ୟ ଭାଷାରେ ପ୍ରକାଶ କରିବାର ଲାଗିରେ ଥିବା ପଟୁତା ତାଙ୍କୁ ସାଧାରଣ ବୁଦ୍ଧିଜୀବୀ ମନୁଷ୍ୟ ସମାଜର ବହୁ ଉର୍ଦ୍ଧ୍ୱରେ ରଖିଥିଲା । ତାଙ୍କ ଭଳି ତୀକ୍ଷ୍ଣ ବୁଦ୍ଧି ସମ୍ପନ୍ନ ବ୍ୟକ୍ତିକୁ ଆଧୁନିକ ଯୁଗରେ ଗଣନୀୟ ବୋଲି କୁହାଯାଏ । ଏପରି କୌଣସି ବିଷୟ ନାହିଁ ଯାହା ସେ ଜାଣିନଥିଲେ ; ଯହିଁରେ ତାଙ୍କର ଜ୍ଞାନର ଗଭୀରତା ନଥିଲା । ତାଙ୍କଠାରେ ତାଙ୍କ ମାତୃଭାଷା ଇଂରେଜୀ ଭାଷାର ଚରମ ବିକାଶ ଓ ସର୍ବୋତ୍କୃଷ୍ଟ ଶବ୍ଦ ସମ୍ବଳିତ ଅଭିବ୍ୟକ୍ତି ଶୋଭା ପାଉଥିଲା । ଗାଉଁଲି ଲୋକଙ୍କୁ ସେଇ ଜଟିଳ କଥାମାନ ବୁଝାଇଲାବେଳେ ସେ ଅତି ସରଳ, ସରସ ଓ ସରୋଜ ଭାଷା ପ୍ରୟୋଗ କରୁଥିଲେ ଯହିଁରେ ସାଧାରଣ ଲୋକ ତାଙ୍କୁ ନିଜଭଳି ଅଣ ପଢ଼ୁଆ ବୋଲି ଧାରଣା କରୁଥିଲେ । ସେ ସାଧାରଣରେ ରାଜାଜୀ ବୋଲି ପରିଚିତ ଥିଲେ । ପ୍ରକୃତରେ ସେ ରାଜ ଗୌରବର ଅଧିକାରୀ ହୋଇଥିଲେ ଏବଂ ଅନ୍ୟ ପକ୍ଷରେ ଜଣେ ଅସାଧାରଣ ରାଜଯୋଗୀ ରୂପେ ଏକାନ୍ତ ତ୍ୟାଗପୂତ ସରଳ, ନିରାଡ଼ମ୍ବର ସାଧାରଣ ଗରିବ ଲୋକର ଜୀବନଯାପନ କରୁଥିଲେ । ସେ ଚରିତ୍ରବଳ, ନିଷ୍ଠା ଓ ଆଦର୍ଶବାଦରେ ଲୁହା ପରି ଟାଣ, ବଜ୍ର, ଦେଶ ଓ ଦରିଦ୍ରର ସେବା କାର୍ଯ୍ୟରେ ଓ ସାଧାରଣଙ୍କ ପ୍ରତି ସ୍ନେହ ଓ ସଦ୍‌ଭାବ ଦେବାରେ ଏକାନ୍ତ କୋମଳ ଥିଲେ । ତେଣୁ ରାଜାଜୀଙ୍କୁ ଅନେକ "ଲୁହା ଲହୁଣିଆ" ମହାପୁରୁଷ ବୋଲି କହୁଥିଲେ ।

ରାଜାଜୀଙ୍କ ପୁରା ନାମ ଚକ୍ରବର୍ତ୍ତୀ ରାଜ ଗୋପାଳାଚାରୀ, ଘର ମାଡ୍ରାଜ ପ୍ରଦେଶର (ବର୍ତ୍ତମାନର ତାମିଲନାଡ଼ୁ ଅନ୍ତର୍ଭୁକ୍ତ) ତୋରାପାଲ୍ଲୀ ଗ୍ରାମରେ । ପିତାଙ୍କ ନାମ ଚକ୍ରବର୍ତ୍ତୀ ଆୟେଙ୍ଗାର । ସେ ଜଣେ ବୈଷ୍ଣବ ସମ୍ପ୍ରଦାୟ ବ୍ରାହ୍ମଣ । ସେ ଜଣେ ଜମିଦାର ଥିଲେ । ତାଙ୍କର ୨୫ ଏକର ଜମି ଥିଲା । ଭଲ ଟାଇଲ୍ ଛପର ସୁନ୍ଦର ଘର ଥିଲା । ରାଜାଜୀଙ୍କ ମା'ଙ୍କ ନାମ ଥିଲା ସିଂହରାମଲ୍, ସେ ଅତି ଧର୍ମ ପରାୟଣା, ଭକ୍ତିଶୀଳା ଥିଲେ ଓ ଏକାନ୍ତ ବୈଷ୍ଣବୀ ଥିଲେ । ଚକ୍ରବର୍ତ୍ତୀ ଆୟେଙ୍ଗାର ନିଜର ଜମି ଚାଷ କରି ସାଧାରଣ କୃଷକ ଜୀବନ ଯାପନ କରିବା ସଙ୍ଗେ ସଙ୍ଗେ ଗ୍ରାମର ମୁଖିଆ ଥିଲେ, ସରକାରୀ ମୁନ୍‌ସଫ୍ ରୂପେ କାର୍ଯ୍ୟ କରି କିଛି ବେତନ ପାଉଥିଲେ । ଚକ୍ରବର୍ତ୍ତୀ ଆୟେଙ୍ଗାର ସଂସ୍କୃତ ଭାଷା ଓ ସାହିତ୍ୟରେ ଅସାଧାରଣ ପାଣ୍ଡିତ୍ୟ ହାସଲ କରିଥିଲେ । ତାଙ୍କ ବଂଶର ସମସ୍ତେ ଏପରି କି ତାଙ୍କ ପିତୃବ୍ୟ ପ୍ରଭୃତି ମହୀଶୂର ମହାରାଜାଙ୍କ ସଭା ପଣ୍ଡିତ ଥିଲେ । ଚକ୍ରବର୍ତ୍ତୀ ଆୟେଙ୍ଗାରଙ୍କର ସ୍ମୃତିଶକ୍ତି ଏତେ ପ୍ରଖର ଥିଲା ଯେ ୭ କାଣ୍ଡ-ଯାକ ବାଲ୍ମୀକି ରାମାୟଣକୁ ମୁହେଁ ମୁହେଁ ବୋଲି ଦେଉଥିଲେ । ସନ୍ଧ୍ୟାବେଳେ ସେ ଗ୍ରାମ ମଣ୍ଡପରେ ବସି ରାମାୟଣ, ମହାଭାରତ ଓ ଅନ୍ୟାନ୍ୟ ପୁରାଣ ମୁହେଁ ମୁହେଁ ବୋଲି ଲୋକଙ୍କୁ ମୁଗ୍ଧ ଓ ଚମତ୍କୃତ କରାଇ ଦେଉଥିଲେ । ଦକ୍ଷିଣ ଭାରତର ଅନ୍ୟ ଆହୁ ବହୁ ପଣ୍ଡିତ ଓ ଶିକ୍ଷିତ ଲୋକେ ତାଙ୍କଠାରୁ ସଂସ୍କୃତ ଭାଷାର ଅର୍ଥ ବୁଝିବାକୁ ଆସୁଥିଲେ । ମାଡ୍ରାସ ପ୍ରେସିଡେନ୍‌ସି କଲେଜର ଜଣେ ଜର୍ମାନ ଅଧ୍ୟାପକ ସଂସ୍କୃତ ଅଧ୍ୟାପକରୂପେ ସ୍ନାତକୋତ୍ତର ଶ୍ରେଣୀରେ ଶିକ୍ଷା ଦେଉଥିଲେ । ସେ ମଧ୍ୟ ଅନେକ ସମୟରେ ଚକ୍ରବର୍ତ୍ତୀ ଆୟେଙ୍ଗାରଙ୍କ ନିକଟକୁ ଆସି ପାଣିନୀ ବ୍ୟାକରଣ ଓ ଅନ୍ୟାନ୍ୟ ଗୁଢ଼ ଅର୍ଥ ତାଙ୍କଠାରୁ ବୁଝିଯାଉଥିଲେ । ସେତେବେଳେ ଦିନେ ମାଡ୍ରାଜରେ ଲାଟ୍ ଥିବା କୋନେମାରା (Lord Connemara)

ଖୁସବ୍ ଜିଇ ଗସ୍ତରେ ଆସିଥିଲେ । ସେ ଚକ୍ରବର୍ତ୍ତୀ ଆୟେଙ୍ଗାରଙ୍କ ବିଚକ୍ଷଣତା ଓ ଶାସ୍ତ୍ରଜ୍ଞାନ କଥା ଶୁଣି ତାଙ୍କୁ ଡକାଇ ପଠାଇଲେ । ଚକ୍ରବର୍ତ୍ତୀ ଆୟେଙ୍ଗାର ଆସି ତାଙ୍କ ସହ ଦେଖାକଲେ । ଲଟ ସାହେବଙ୍କ ସହ କଥାବାର୍ତ୍ତା ହେଲା । ଆୟେଙ୍ଗାର ସଂସ୍କୃତରେ କହୁଥାନ୍ତି । ଜର୍ମାନ ଅଧ୍ୟାପକ (Prof. Oppoert) ଓପର୍ଟ ତାଙ୍କୁ ଇଂରାଜୀରେ ଲଟ୍ ସାହେବଙ୍କୁ ବୁଝାଇ ଦେଉଥାନ୍ତି । ଲଟସାହେବ ତାଙ୍କର ପାଣ୍ଡିତ୍ୟରେ ଏପରି ମୁଗ୍ଧ ହେଲେ ଯେ ବିଦାୟ ବେଳେ ତାଙ୍କଠାରେ ନତମସ୍ତକ ହୋଇ କହିଲେ—ମୁଁ ଆପଣଙ୍କୁ ଦର୍ଶନ କରି କୃତାର୍ଥ ହେଲି ।

ଚକ୍ରବର୍ତ୍ତୀ ଆୟେଙ୍ଗାରଙ୍କ ୩ଟି ପୁତ୍ର ସନ୍ତାନ ଜନ୍ମହେଲେ । ପ୍ରଥମ ନରସିଂହାଚାର୍ଯ୍ୟ, ୨ୟ ଶ୍ରୀନିବାସ ଆୟେଙ୍ଗାର, ୩ୟ ରାଜ ଗୋପାଳାଚାରୀ । ରାଜଗୋପାଳାଚାରୀଙ୍କ ଜୀବନୀ ପ୍ରଣୟନକାରୀ ଲେଖିଛନ୍ତି ଯେ, ସେ ୧୮୭୯ ଡିସେମ୍ବର ୯ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତିନିଭାଇଙ୍କ ଭିତରେ ସବା ସାନ ରାଜ ଗୋପାଳାଚାରୀ ସବୁଠାରୁ ବଳି ବୁଦ୍ଧିମାନ, ପ୍ରଫୁଲ୍ଲ ଚିତ୍ତ, କ୍ରୀଡ଼ା କୌତୁକ ପ୍ରିୟ, ବନ୍ଧୁଜନ ସ୍ନେହୀ । ବାଳକ ରୂପେ ବିଦ୍ୟାଳୟ ଅଧ୍ୟୟନ କ୍ଷେତ୍ରରେ, ଖେଳ ପଡ଼ିଆର କ୍ରୀଡ଼ା କୌତୁକରେ ତାଙ୍କର ବୁଦ୍ଧି ଓ କଥା କହିବାର ଭଙ୍ଗୀ ଓ କୌଶଳରେ ସେ ସମସ୍ତଙ୍କୁ ଚମତ୍କୃତ କରି ଦେଉଥିଲେ । ଦାଣ୍ଡରେ ଫୁଟବଲ ଖେଳିବାଠାରୁ ଘରେ ଶ୍ଳୋକ ଆବୃତ୍ତି ଓ ସ୍ତବ ବୋଲିବା ପର୍ଯ୍ୟନ୍ତ—ସବୁକାର୍ଯ୍ୟରେ ସେ ତାଙ୍କର ପଟୁତା ଦେଖାଇ ପାରୁଥିଲେ । ପିତା ଚକ୍ରବର୍ତ୍ତୀ ଆୟାଙ୍ଗାର ରାଜଗୋପାଳାଚାରୀଙ୍କୁ ଆୟେଙ୍ଗାର ବୋଲି ଡାକୁଥିଲେ । କୌତୁହଳର କଥା ଯେ ତାଙ୍କ ପରିବାର ଭିତରେ ସେମାନେ କନ୍ନଡ଼ ଓ ତାମିଲ ଉଭୟଭାଷା ବ୍ୟବହାର କରୁଥିଲେ । ପିଲାବେଳେ ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ସେ ପାଠପଢ଼ା ସମୟରେ କାହାସହ କଥାବାର୍ତ୍ତା କରୁନଥିଲେ । ସମ୍ପୂର୍ଣ୍ଣ ମନୋନିବେଶ ସହିତ ପାଠ ପଢ଼ିସାରିବା ପରେ ସେ ଡିଆଁ ମାରି ଖେଳ କୌତୁକରେ ମାତି ଯାଉଥିଲେ । କୌଣସି ବିଷୟ ଯଦି ସେ ବୁଝି ପାରୁନଥିଲେ ପିତା ବା ଶିକ୍ଷକଙ୍କଠାରୁ ତାର ତାତ୍ପର୍ଯ୍ୟ ବୁଝିବା ପାଇଁ ଚମତ୍କାର ଉକ୍ତିଆ ଲଗିଯାଉଥିଲେ । ତାଙ୍କ ପ୍ରଶ୍ନର ଉତ୍ତର ପାଇବା ପର୍ଯ୍ୟନ୍ତ ସେ ଧୈର୍ଯ୍ୟର ସହ ଅପେକ୍ଷା କରିବା ସଙ୍ଗେ ସଙ୍ଗେ ପିତା ବା ଶିକ୍ଷକ ତାଙ୍କ ପ୍ରଶ୍ନ ଯେ କେବେ ଭୁଲିଯିବେ ସେ କଥା କରିବାକୁ ମଧ୍ୟ ସେ ଦେଉନଥିଲେ । ରାଜାଜୀ ପିଲାଦିନେ ବିରାଡ଼ି ପିଲାକୁ ଯେପରି ଭଲ ପାଉଥିଲେ, ଘୋଡ଼ା ଚଢ଼ିବାକୁ ସେପରି ଭଲ ପାଉଥିଲେ । ଗୃହପାଳିତ ପଶୁ ପାଳିବାରେ ସେ ବଡ଼ ପଟୁଥିଲେ । ୧୪ ବର୍ଷ ବୟସରେ ସେ ବାଙ୍ଗାଲୋର ଆସି ହାଇସ୍କୁଲରେ ପାଠ ପଢ଼ିଲେ । ଗୋଟିଏ ହୋଟେଲରେ ରହି ହିନ୍ଦୁ କଲେଜରେ ନାମ ଲେଖାଇଲେ । ପଦାର୍ଥ ବିଜ୍ଞାନ ତାଙ୍କର ଅତିପ୍ରିୟ ବସ୍ତୁଥିଲା । ଅଧ୍ୟାପକ ଟେଟ୍ ( Tait ) ସାହେବ କଲେଜରେ ତାଙ୍କର ଇଂରେଜୀ ଅଧ୍ୟାପକ ଥିଲେ । ରାଜାଜୀ ଇଂରେଜରେ ଅଳ୍ପ ବୟସରେ ଅସାଧାରଣ ବ୍ୟୁତ୍ପତ୍ତି ଲାଭ କରିଥିଲେ । ପବିତ୍ର ବାଇବେଲ୍ ସୁନ୍ଦର ସରଳ ଇଂରେଜୀ ଭାଷାଭଳି ସେ ଭାଷା କହୁଥିଲେ ଓ ଲେଖୁଥିଲେ । ବିଷୟ ବସ୍ତୁର ଜଟିଳତା ତାଙ୍କ ଭାଷାର ସରଳତାରେ ପାଣି ପରି ସରଳ ହୋଇ ଯାଉଥିଲା । ତାଙ୍କ ସରଳ ଇଂରେଜ ଭାଷା ଶୁଣି ଇଂରେଜ ଅଧ୍ୟାପକ ବିସ୍ମିତ ହେଉଥିଲେ । ତାଙ୍କ ପିତାଙ୍କ ଭଳି ତାଙ୍କର ଅସାଧାରଣ ସ୍ମୃତିଶକ୍ତି ଥିଲା । ପିଲଦିନୁ ଲୋକେ ତାଙ୍କୁ 'ଜ୍ଞାନୀ ଗୁରୁ' ବୋଲି କହୁଥିଲେ । ୧୮୯୬ ରେ ସେ ସଂଖ୍ୟା ବିଜ୍ଞାନ, ପଦାର୍ଥ ବିଜ୍ଞାନ ଓ ବିଦ୍ୟୁତ୍ ବିଜ୍ଞାନରେ ଅତି ପାରଙ୍ଗମତାର ସହିତ ଡ଼ିଗ୍ରୀ ହାସଲ କରି ପରବର୍ଷ ୧୮୯୭ ରେ ଆଇନ୍ କଲେଜରେ ନାମ ଲେଖାଇଲେ । ସେତିକିବେଳେ ଆର୍ଯ୍ୟ ଭାରତର ଆଧୁନିକ ଯୁଗ ଶଙ୍କର ସ୍ୱାମୀ ବିବେକାନନ୍ଦଙ୍କୁ ମାନ୍ଦ୍ରାଜରେ ସେ ସାକ୍ଷାତ କରିବାର ସୁଯୋଗ ପାଇଥିଲେ ଏବଂ ତାଙ୍କ ସହ ଆଲୋଚନାବେଳେ ସ୍ୱାମୀଜୀ ତାଙ୍କ ଜ୍ଞାନ ଓ ବିଚକ୍ଷଣତାର ଏପରି ପରିଚୟ ପାଇଲେ ଯେ ରାଜାଜୀଙ୍କର ଭୂୟସୀ ପ୍ରଶଂସା କରି ସେ ଭବିଷ୍ୟତର ଜଣେ ମନୀଷୀ ହେବେବୋଲି ଆଶୀର୍ବାଦସୂଚକ ବିଦାୟବାଣୀ ଶୁଣାଇଥିଲେ । ୧୮୯୯ ଖ୍ରୀଷ୍ଟାବ୍ଦରେ ସେ ବିବାହ କଲେ । ତାଙ୍କ ପତ୍ନୀଙ୍କ ନାମ ଆୟାମିଲୁ ମାଙ୍ଗାମ୍ମାଲ । ୧୯୦୦ ଖ୍ରୀଷ୍ଟାବ୍ଦରେ ଆଇନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସେ ଡ଼ିଗ୍ରୀ ପାଇଲେ । ୧୯୦୧ ରେ ସାଲେମ୍‌ଠାରେ ଆଇନ୍ ବ୍ୟବସାୟ ଆରମ୍ଭ କଲେ ଏବଂ ରାଜନୀତି କ୍ଷେତ୍ରରେ ଜଣେ ଅତି ବିଚକ୍ଷଣ ଓ ପ୍ରଖର ବାଗ୍ମୀ ରୂପେ ଖ୍ୟାତି ଅର୍ଜିଲେ । ୧୯୦୬ ରେ କଲିକତାଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ସେ ଚରମ ପନ୍ଥୀଙ୍କ ସହ ଯୋଗଦେଲେ । ସେଇଦିନ ଠାରୁ ସେ କଂଗ୍ରେସରେ ଜଣେ ଉଗ୍ରପନ୍ଥୀ ନେତାରୂପେ ପରିଚିତ ହେଲେ । ୧୯୧୪ ରେ ତାଙ୍କର ପତ୍ନୀ ବିୟୋଗ ଘଟିଲା । ସେତେବେଳକୁ ତାଙ୍କର ବୟସ ମୋଟେ ୩୬ ବର୍ଷ । ତା' ପରେ ସେ ଆଉ ବିବାହ କରିନଥିଲେ । ସେ ତାଙ୍କ ପରିବାରରେ ରହୁଥିଲେ ସୁଦ୍ଧା ଏକ ପ୍ରକାର ଋଷିଜୀବନ ଯାପନ କରୁଥିଲେ । ୧୯୧୭ରୁ ସାଲେମ ଛାଡ଼ି ମାନ୍ଦ୍ରାଜ ଆସି ସେଠାରେ ହାଇକୋର୍ଟରେ ଓକିଲତି ଆରମ୍ଭ କଲେ । ୧୯୨୧ ରେ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେବାରୁ ସେ ସେଥିରେ ଝାସ ଦେଲେ । ଡିସେମ୍ବର ୨୧ ତାରିଖରେ ଗିରଫ ହୋଇ ସେ ୩ ମାସ ଜେଲ୍ ଭୋଗିଲେ । ୧୯୨୨ ମାର୍ଚ୍ଚ ମାସରେ ଖଲାସ ହେବା ପରେ ମହାତ୍ମା ଗାନ୍ଧୀଙ୍କ 'ୟଙ୍ଗ୍ ଇଣ୍ଡିଆ' କାଗଜର ସମ୍ପାଦକ ରୂପେ କାର୍ଯ୍ୟକଲେ ଏବଂ ପରେ ତିରୁଚିନାଗଡ଼ଠାରେ ଗାନ୍ଧୀ ଆଶ୍ରମ ପ୍ରତିଷ୍ଠା କରି ସେଠାରେ ଗଠନମୂଳକ କାର୍ଯ୍ୟରେ ଲାଗିଲେ । ସେଠାରେ ସେ ଏକ ବିରାଟ ଚିକିତ୍ସାଳୟ ପ୍ରତିଷ୍ଠା କଲେ । ୧୯୩୩ ରେ ତାଙ୍କର କନ୍ୟା ଶ୍ରୀମତୀ ଲକ୍ଷ୍ମୀଙ୍କ ସହିତ ଗାନ୍ଧୀଜୀଙ୍କ ପୁତ୍ର ଦେବଦାସଙ୍କର ବିବାହ ହେଲା । ରାଜଗୋପାଳାଚାରୀ ନୈଷ୍ଠିକ ତାମିଲ ବ୍ରାହ୍ମଣ ଥିଲେ । ଗାନ୍ଧୀଜୀ ଗୁଜୁରାଟି ବଣିଆ ଥିଲେ । ତାଙ୍କ ଦୁଇଜଣଙ୍କ ପୁତ୍ର କନ୍ୟାଙ୍କ ବିବାହ ଏକ ଆଦର୍ଶଗତ ବିବାହ । ୧୯୨୨ ରେ ଗୟା କଂଗ୍ରେସ ଅଧିବେଶନ ବେଳେ ସେ ପଣ୍ଡିତ ମୋତିଲାଲ ନେହେରୁ, ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ମତକୁ ବିରୋଧ କରି ବିଧାନ ସଭା ପ୍ରବେଶ କାର୍ଯ୍ୟକ୍ରମକୁ ଉପେକ୍ଷା କରି ଗାନ୍ଧୀଜୀଙ୍କ ଅପରିବର୍ତ୍ତନୀୟ ନୀତିର ପକ୍ଷପାତୀ ରୂପେ ଗାନ୍ଧୀନୀତି ଓ କାର୍ଯ୍ୟକ୍ରମର ପ୍ରତିପାଦକ ରାଷ୍ଟ୍ରନୀତିଜ୍ଞ ବୋଲି ଖ୍ୟାତି ଅର୍ଜିଥିଲେ । ନେତାଜୀ ସୁବାସ ଚନ୍ଦ୍ର ବୋଷ ଯେତେବେଳେ ଗାନ୍ଧୀଜୀଙ୍କ ଅହିଂସା ନୀତିର ବିରୋଧ କରି ହରିପୁରା କଂଗ୍ରେସରେ କଂଗ୍ରେସ ସଭାପତି ରୂପେ ଦଳ ଗଢ଼ିବାକୁ ବସିଲେ ଓ ଗାନ୍ଧୀଜୀଙ୍କ ଅହିଂସା ନୀତିରେ ସ୍ୱାଧୀନତା ଆସି ପାରିବ ନାହିଁ ବୋଲି ପ୍ରଚାର ଆରମ୍ଭ କଲେ ସେତେବେଳେ ରାଜାଜୀ ଗାନ୍ଧୀଜୀଙ୍କ ଅହିଂସା ନୀତି ସମ୍ପର୍କରେ ଅକାଟ୍ୟ ଯୁକ୍ତି ଉପସ୍ଥାପିତ କରିଥିଲେ । ସେତେବେଳେ ତାଙ୍କ ତୀକ୍ଷ୍ଣ ବୁଦ୍ଧିର ବିଚକ୍ଷଣତାରେ ଲୋକେ ବିସ୍ମିତ ହୋଇଥିଲେ । ସେତେବେଳେ ବିଶ୍ୱକବି ଜନ୍‌ଗୁନ୍ଥର ରାଜାଜୀଙ୍କ ବିଷୟରେ ଉଲ୍ଲେଖ କରିବାକୁ ଯାଇ କହିଥିଲେ—"Rajaji has got razor sharp intellect" ରାଜାଜୀଙ୍କର ତୀକ୍ଷ୍ଣ କ୍ଷୁର ଧାର ପରି ବୁଦ୍ଧି ଦେଖିଲେ ବିସ୍ମିତ ହେବାକୁ ହୁଏ । ନେତାଜୀ ସୁବାସଚନ୍ଦ୍ର ବୋଷଙ୍କ ନୀତି ଓ ପନ୍ଥା ଉପରେ ସେ କହିଥିଲେ—I am not going to his leaky boat ନେତାଜୀ ସୁବାସ ଚନ୍ଦ୍ରଙ୍କ ଏହି ଫୁଟା ଡଙ୍ଗାରେ ମୁଁ କାହିଁକି ବସିବି ? ସେ ସ୍ୱାଧୀନତା ସଂଗ୍ରାମରେ ବହୁବାର କାରାବରଣ କରିଥିଲେ । ସେ ଅତି ନିର୍ଭୀକ ଦୃଢ଼ମନା ବ୍ୟକ୍ତିଥିଲେ । ସେ କେତେକ କଥାରେ ଗାନ୍ଧୀଜୀଙ୍କ ମତକୁ ପକାଶ୍ୟରେ ବିରୋଧ କରୁଥିଲେ । ଲୋକେ କହନ୍ତି, ତାଙ୍କର ଏହି ଆତ୍ମ ବିଶ୍ୱାସ ଓ ଆତ୍ମ ଗରିମା ଏତେ ଉଚ୍ଚ କୋଟୀର ଯେ ବହୁ ଉଚ୍ଚକୋଟୀର ବୁଦ୍ଧିଜୀବୀ ମଧ୍ୟ ତାଙ୍କର ସମକକ୍ଷ ହୋଇ ପାରୁନଥିଲେ । ଯୁକ୍ତିରେ ତାଙ୍କଠାରୁ ପରାସ୍ତ ହେଉଥିଲେ । ଲୋକେ ମନେ କରୁଥିଲେ ଯେ କଂଗ୍ରେସ ନେତାମାନଙ୍କ ମଧ୍ୟରେ ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ କୂଟନୀତି, ରାଜନୀତି, ଶାସନ ନୀତି ତଥା ଧର୍ମନୀତିରେ ଶ୍ରେଷ୍ଠ ଆସନ ଲାଭ କରିଥିବା ବ୍ୟକ୍ତି ଥିଲେ । ସେ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ହେବେ ବୋଲି ଅନେକ ଆଶା କରୁଥିଲେ । ସେ ଅତି ସ୍ପଷ୍ଟ ବକ୍ତା ହୋଇଥିବାରୁ ଓ ନିଜର ମତ ଓ ନିଷ୍ପତ୍ତିରୁ ଟଳିବା

ଭଳି ବ୍ୟକ୍ତି ହୋଇ ନଥିବାରୁ ସେନା ସେନି, ସ୍ତରରେ ସମସ୍ତଙ୍କୁ ସାଙ୍ଗରେ ରଖି ମନାଇ-ବୁଝାଇ କାର୍ଯ୍ୟ କରିବାରେ ସେ ନମ୍ରତା ପ୍ରକାଶ କରି ପାରୁନଥିଲେ । ସେ ଦୃଷ୍ଟିରୁ ପଣ୍ଡିତ ଜବାହରଲାଲ ନେହରୁ ତାଙ୍କୁ ଅତିକ୍ରମ କରି ଗାନ୍ଧୀଜୀଙ୍କ ସହିତ ନୀତିଗତ ସମତା ପୋଷଣ କରୁଥିବା ଦର୍ଶାଇ ତାଙ୍କର ଏକାନ୍ତ ପ୍ରୀତିଭାଜନ ହୋଇ ପାରିଥିଲେ । ରାଜାଜୀ ପଦ ପଦବୀ ବା ନେତୃତ୍ୱ ଲାଭ ପାଇଁ ନିଜର ମତ ଓ ବିଶ୍ୱାସରୁ ତିଳେ ହେଲେ ଟଳିବା ବ୍ୟକ୍ତି ନଥିଲେ ।

୧୯୩୭ରେ ଯେତେବେଳେ ଭାରତରେ ପ୍ରାର୍ଥୀ ନିର୍ବାଚନ ହେଲା ରାଜାଜୀ ସେତେବେଳେ ମାଡ୍ରାଜ ପ୍ରଦେଶର କଂଗ୍ରେସ ପ୍ରଧାନ ମନ୍ତ୍ରୀ ହୋଇଥିଲେ । ସେ ଗାନ୍ଧୀଜୀଙ୍କ ନିଶାନିବାରଣ ନୀତିର ମୁଖ୍ୟ ପୃଷ୍ଠପୋଷକ ଥିଲେ । ସେହିଭଳି ସେ ମୌଳିକ ଶିକ୍ଷାର ପ୍ରଥମ ପ୍ରବର୍ତ୍ତକ ଥିଲେ । ୧୯୪୨ରେ ତାଙ୍କର ଗାନ୍ଧୀଜୀ ଓ କଂଗ୍ରେସ ସହିତ ମତ ଭେଦ ହେଲା । ଗାନ୍ଧୀଜୀ ଓ ପଣ୍ଡିତ ନେହରୁ ପ୍ରମୁଖ ମୁସ୍‌ଲିମ୍ ଲିଗ୍ ନେତା ଜିନ୍ନାଙ୍କ ପାକିସ୍ତାନ ଗଠନ ପ୍ରସ୍ତାବକୁ ସଂପୂର୍ଣ୍ଣ ଅଗ୍ରାହ୍ୟ କରି ଦେଇଥିଲା ବେଳେ ବିଚକ୍ଷଣ ରାଜାଜୀ ସାହସର ସହିତ କହିଲେ କି କଂଗ୍ରେସ ଓ ମୁସଲିମ୍ ଲିଗ୍ ମଧ୍ୟରେ ବିବାଦ ଲାଗିଥିବା ଯାଏ ଇଂରେଜ ସରକାର କ୍ଷମତା ଛାଡ଼ିବେ ନାହିଁ । ଯେହେତୁ ଦ୍ୱୟୋର୍ବିବାଦେ ତୃତୀୟସ୍ୟ ଲାଭଃ, ତେଣୁ ଘରର ଦୁଇ ଭାଇ ଭିନ୍ନ ଭିନ୍ନ ହୋଇ ରହିବା ପରି ଭାରତ ପାକିସ୍ତାନ ପକ୍ଷେ ବିଭକ୍ତ ହେଲେ ତୃତୀୟ ଶକ୍ତି ଇଂରେଜ ସରକାର ଏଠାରୁ ବିଦାୟ ନେବ । ୧୯୪୨ରେ ସେ ଏହି ପ୍ରକାର ମତ ପ୍ରକାଶ କରି ଭାରତ ଛାଡ଼ ଆନ୍ଦୋଳନରୁ ଅଲଗା ରହିଲେ । ଯୁଦ୍ଧ ପରେ ଅସହଯୋଗ ଆନ୍ଦୋଳନର ଅବସାନ ଘଟିବା ପରେ ୧୯୪୬ ରେ ଯେତେବେଳେ କେନ୍ଦ୍ରରେ ପଣ୍ଡିତ ନେହରୁଙ୍କ ଅଧ୍ୟକ୍ଷତାରେ ମନ୍ତ୍ରି ମଣ୍ଡଳ ଗଢ଼ାହେଲା ସେତେବେଳେ ସେ କେନ୍ଦ୍ରରେ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ହୋଇଥିଲେ । ୧୯୪୭ ଅଗଷ୍ଟ ୧୫ ତାରିଖରେ ଦେଶ ପୂର୍ଣ୍ଣ ସ୍ୱାଧୀନତା ଲାଭ କରିବା ପରେ ସେ ପଶ୍ଚିମ ବଙ୍ଗର ରାଜ୍ୟପାଳ ରୂପେ ଶପଥ ଗ୍ରହଣ କଲେ ।

୧୯୪୮ ଜୁନ୍ ୨୦ ତାରିଖରେ ଡକ୍ଟର କୈଳାସ ନାଥ କାଟ୍‌ଜୁ ପଶ୍ଚିମ ବଙ୍ଗର ରାଜ୍ୟପାଳ ହେଲେ । ଚକ୍ରବର୍ତ୍ତୀ ରାଜଗୋପାଳାଚାରି ମାଉଣ୍ଟ ବ୍ୟାଟେନ୍‌ଙ୍କ ବିଦାୟ ପରେ ଭାରତର ପ୍ରଥମ ବଡ଼ ଲାଟ ବା ଗଭର୍ଣ୍ଣର ଜେନେରାଲ ହେଲେ । ସେ ଯେତେବେଳେ ବଡ଼ଲାଟ ରୂପେ କଲିକତା ଆସିଥିଲେ ହୋଟିଏ ସାଧାରଣ ସଭାରେ ସେ କମ୍ୟୁନିଷ୍ଟ ରୁଷିଆ ଓ ପୁଞ୍ଜିବାଦୀ ଆମେରିକା ଭିତରେ ଲାଗିଥିବା ପ୍ରତିଦ୍ୱନ୍ଦ୍ୱିତା ଓ ପରସ୍ପର ମଧ୍ୟରେ ପଡୁଥିବା ସଂଘର୍ଷ କଥା ଉଲ୍ଲେଖ କରି କହିଥିଲେ—ଦେଖ, ଚିକିଟା ପୋଲସନ ତେଲ ହାତରେ ଲଗାଇଲେ ହାତ ଚିକିଟା ହୋଇଯାଏ, ଗନ୍ଧ ହୁଏ । ସେହିଭଳି କଷ୍ଟିକ୍ ସୋଡ଼ା ଶୁଷ୍କ ହାତରେ ଲଗାଇଲେ ହାତ ଗରମ ହୋଇଯାଏ ଓ ଜଳି ଉଠେ । କିନ୍ତୁ ଏହି ଚିକିଟା ପୋଲସନ ତେଲ ଓ କଷ୍ଟିକ୍ ସୋଡ଼ାକୁ ମିଶାଇ ଦେଲେ ତାହା ସାବୁନ୍‌ରେ ପରିଣତ ହୋଇଯାଏ । ସେଇ ସାବୁନ୍ ସବୁ ମଇଳାକୁ ସୁନ୍ଦର ଭାବରେ ଧୋଇଦିଏ । ସେଇଭଳି ଚିକିଟା ତେଲ ଆମେରିକା ଓ କଷ୍ଟିକ୍ ସୋଡ଼ା ଭଳି କମ୍ୟୁନିଷ୍ଟ ପ୍ରୋଲେଟେରିଏଟ୍ ରୁଷିଆ ଯଦି ପରସ୍ପର ସହିତ ମିଳିଯାଆନ୍ତି ତେବେ ପୃଥିବୀରେ ଶାନ୍ତିର ସାବୁନ ତିଆରି ହୋଇ ସବୁ ଅଶାନ୍ତି ମଇଳାକୁ ସଫା କରି ଦିଅନ୍ତା ।

୧୯୪୯ ନଭେମ୍ବର ମାସରେ ସେ ବଡ଼ ଲାଟ ଥିଲାବେଳେ ଓଡ଼ିଶା ଆସିଥିଲେ । କଟକ ବାରବାଟୀ କିଲ୍ଲା ପଡ଼ିଆରେ ତାଙ୍କ ପାଇଁ ବିରାଟ ସମ୍ବର୍ଦ୍ଧନା ସଭା ହୋଇଥିଲା । ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ କରିବାକୁ ଯିବାବେଳେ ମୋତେ ତାଙ୍କ ସହ ଯିବା ପାଇଁ ସରକାରଙ୍କ ପକ୍ଷରୁ ସହଯାତ୍ରାର ସୁଯୋଗ ମିଳିଥିଲା । ରାଜାଜୀ ଯେତେବେଳେ ପୁରୀ ମନ୍ଦିର ବେଢ଼ା ପରିକ୍ରମା କରି ମନ୍ଦିରର ବିଶାଳତାରେ ମୁଗ୍ଧ ହେଉଥିଲେ ସେତେବେଳେ ସେ କହିଲେ—ଭାସ୍କର୍ଯ୍ୟର ପରାକାଷ୍ଠା ଏସବୁ ମନ୍ଦିରରେ ହିଁ ପ୍ରକାଶ ପାଇଛି । ସେତେବେଳର [illegible] ଇଞ୍ଜିନିୟରିଙ୍ଗ ବିଜ୍ଞାନ କୌଶଳ ଏବେ କାହିଁକି ଦେଖାଯାଉ ନାହିଁ ? ଓଡ଼ିଶା ଲୋକଙ୍କର ସେ ଜ୍ଞାନ ଓ ଗୁଣ ଲୁପ୍ତହେଇ ଗଲା ? ମୁଁ କହିଲି ଆପଣ କଣ, ଏହାର କାରଣ ବୋଲି ବିଚାରୁଛନ୍ତି । ରାଜାଜୀ ଉତ୍ତରରେ କହିଲେ—"ଦାରିଦ୍ର୍ୟ ଦୋଷଃ ଗୁଣରାଶିନାଶୀ" । ଦରିଦ୍ରତା ସବୁ ଗୁଣକୁ ନାଶ କରିଦିଏ । ଉତ୍କଳୀୟଙ୍କର ଦାରିଦ୍ର୍ୟ ହିଁ ପରମ ଶତ୍ରୁ । ପୁରୀ ଜଗନ୍ନାଥ ମନ୍ଦିରର କୈବଲ୍ୟ ଭୋଗ ବେଶି ଜଣେ ମଣିଷ ପେଟ ପୂରାଇ ଖାଇଲେ କେତେ ଦାମ୍ ପଡ଼ିବ ବୋଲି ସେ ପଚାରିଲେ । ସେତେବେଳେ ହିସାବ କରି ଦେଖାଗଲା ଯେ ଅନ୍ନ, ଡାଲି, ମହୁର, ବେସର ଜଣେ ଲୋକ ପେଟପୂରା ଖାଇଲେ ୫ ଅଣା ୨ ପଇସା ଖର୍ଚ୍ଚ ପଡୁଥିଲା । ରାଜାଜୀ ଏକଥା ଶୁଣି ହସି ହସି କହିଲେ—" This is the best and the cheapest hotel in the world". ବୈଜ୍ଞାନିକ ପ୍ରଣାଳୀରେ ଏପରି ପ୍ରସାଦ ପୃଥିବୀରେ କୁତ୍ରାପି ମିଳେ ନାହିଁ । ରାଜାଜୀ କିପରି ପରେ କେନ୍ଦ୍ର ଘରୋଇ ମନ୍ତ୍ରୀ ହେଲେ ପୁଣି ମାଡ୍ରାଜର ପ୍ରଧାନ ମନ୍ତ୍ରୀ ହେଲେ, କଂଗ୍ରେସରୁ ଅଲଗା ହୋଇ ସ୍ୱତନ୍ତ୍ର ଦଳ ଗଢ଼ିଲେ, ଶାସନ କ୍ଷେତ୍ରରେ ଦୁର୍ନୀତିର କିପରି ତୀବ୍ର ବିରୋଧ କରୁଥିଲେ ଗଠନମୂଳକ କାର୍ଯ୍ୟକୁ ରୂପାୟିତ କରିବା ଦିଗରେ ସେ କିପରି ନିଜ ଜୀବନକୁ ଉତ୍ସର୍ଗ କରିଥିଲେ, ସେସବୁ ଏବର କଥା । ମୁଁ ସେ କଥା କହିବି ନାହିଁ । ରାଜାଜୀଙ୍କ ଜୀବନର ବିଶେଷତ୍ୱ ହେଉଛି ତାଙ୍କର ଅସାଧାରଣ ବୁଦ୍ଧିମତ୍ତା, ଦୂରଦୃଷ୍ଟି, ପ୍ରତ୍ୟୁତ୍ପନ୍ନମତି, ନିର୍ମଳ ସାଧୁ ଚରିତ୍ରତା, ନିର୍ଭୀକତା, ସର୍ବୋପରି ପ୍ରଗାଢ଼ ଆତ୍ମବିଶ୍ୱାସ ଓ ଆତ୍ମଜ୍ଞାନର ପରାକାଷ୍ଠାରେ ତାଙ୍କର ଶକ୍ତି ମତ୍ତା ସେ ଅନୁଭବ କରୁଥିଲେ । ତେଣୁ ସେ କାହା ପାଖରେ ମୁଣ୍ଡ ନୁଆଁଇ ପାରି ନ ଥିଲେ । ଯାହା ଉଚିତ ବିଚାରୁ ଥିଲେ ସେ ଠିକଠାକ୍ ଭାବରେ ତାହା କରୁଥିଲେ । ତାଙ୍କର ନିଷ୍କଳଙ୍କ ଚରିତ୍ର, ତାଙ୍କର ସ୍ୱଦେଶପ୍ରୀତି, ତାଙ୍କର ଧର୍ମ ବିଶ୍ୱାସ, ସର୍ବୋପରି ତାଙ୍କର ବୌଦ୍ଧିକ ଦାର୍ଶନିକତା ତାଙ୍କୁ ଏକ ଅତି ମାନବରେ ପରିଣତ କରିଥିଲା । ସେ ଆଧୁନିକ ଯୁଗର ଭୀଷ୍ମ ଦେବ ଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସଂପାଦକ, ସମାଜ
ଗୋପବନ୍ଧୁ ଭବନ
କଟକ-୨

# ରାଜାଜୀଙ୍କ ସଂପର୍କରେ କେତୋଟି ଅନୁଭୂତି

ଶ୍ରୀ ବନମାଳୀ ପଟ୍ଟନାୟକ

୧୯୪୨ରେ ଭାରତଛାଡ଼ ଆନ୍ଦୋଳନ । ଶ୍ରୀଯୁକ୍ତ ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ ତା'ର ବିରୋଧ କରୁଥାନ୍ତି । ନିଜ ମତରେ ଦୃଢ଼ ରହି ସେ କଂଗ୍ରେସରୁ ଇସ୍ତଫା ଦେଇ ସାଧାରଣ ସଭାମାନଙ୍କରେ ତାଙ୍କର ମତ ବୁଝାଉ-ଥାନ୍ତି । ୧୯୪୨ର ଶେଷ ଆଡ଼କୁ ରେଭେନ୍‌ସା କଲେଜର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କଂଗ୍ରେସ ସହିତ ତାଙ୍କର ମତଭେଦ କେଉଁଠି ତାହା ସେ ବୁଝାଉଥାନ୍ତି । ସଭା ପୂର୍ବରୁ ତାଙ୍କୁ ଅନେକେ କଳାପତାକା ଦେଖାଇ ଥିଲେ । ତାର ନେତୃତ୍ୱ ନେଇଥିଲେ ଆଜିକାର ଶିକ୍ଷାମନ୍ତ୍ରୀ, ସେତେ-ବେଳର ଛାତ୍ରନେତା ଶ୍ରୀ ପ୍ରଦୀପ୍ତ କିଶୋର ଦାସ ; କିନ୍ତୁ ରାଜାଜୀ କଳାପତାକା ଦେଖାଇବା ଘଟଣାକୁ ହସରେ ଉଡ଼ାଇ ଦେଇ ପ୍ରଦୀପ୍ତ କିଶୋରଙ୍କୁ ଡାକି ମଞ୍ଚ ଉପରେ ବସାଇ ଥିଲେ । ସେତେବେଳେ ମୁଁ ଥାଏ ଅନ୍ୟମାନଙ୍କ ସହିତ ଜେଲରେ ବନ୍ଦୀ । ମୋତେ ଖବର କାଗଜରୁ ଏ କଥା ପଢ଼ିବାର ସୁଯୋଗ ମିଳିଥିଲା ।

୧୯୪୭ରେ ଭାରତ ସ୍ୱାଧୀନ ହେଲା । ଭାରତ ଓ ପାକିସ୍ଥାନ ଦୁଇଟି ସ୍ୱାଧୀନ ଦେଶ ହେଲେ । ରାଜାଜୀ ଚାହୁଁଥିଲେ ଆମ ଭିତରେ ରାଜିନାମାରେ ଭାରତ ପାକିସ୍ଥାନ ହେଉ ; କିନ୍ତୁ ଜିନ୍ନା ଚାହୁଁଥିଲେ ଇଂରେଜ-ମାନେ ଭାରତକୁ ଦୁଇ ଭାଗ କରି ଦିଅନ୍ତୁ । ଇତିହାସ ସେ କଥା ନାନା ଭାବରେ ବିଚାର କରିବ । କିଏ ଠିକ୍ କିଏ ଭୁଲ ରାୟ ଦେବ । ସେହି ସ୍ୱାଧୀନ ଭାରତର କଂଗ୍ରେସହିଁ ତାଙ୍କୁ ଡାକି ପ୍ରଥମେ ଶିଳ୍ପ ମନ୍ତ୍ରୀ, ପରେ ପଶ୍ଚିମବଙ୍ଗର ପ୍ରଥମ ରାଜ୍ୟପାଳ , ତାପରେ ଭାରତର ଶେଷ ବଡ଼ଲାଟ ରୂପେ ନିଯୁକ୍ତ କରିଥିଲା । ବଡ଼ଲାଟ ପଦରୁ ଯିବା ପରେ ମଧ୍ୟ ସେ ପୁଣି ଥରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଓ ପରେ ୧୯୫୩ରେ ଅବିଭକ୍ତ ମାନ୍ଦ୍ରାଜର କଂଗ୍ରେସ ମୁଖ୍ୟମନ୍ତ୍ରୀ ରୂପେ ପ୍ରାୟ ଦୁଇ ବର୍ଷ ପାଇଁ କାର୍ଯ୍ୟ କରିଥିଲେ ।

ମୋତେ ବିଭିନ୍ନ ସମୟରେ ରାଜାଜୀଙ୍କୁ ଅତି ଘନିଷ୍ଠଭାବେ ଭେଟିବାର ସୁଯୋଗ ମିଳିଛି । ତାଙ୍କ ସଙ୍ଗେ ଯେଉଁ କଥାବାର୍ତ୍ତା ହୋଇଛି ସେଥିରୁ ତାଙ୍କର ସୂକ୍ଷ୍ମ ବିଚାର ବୁଦ୍ଧି, ଗଭୀର ଚିନ୍ତାଶକ୍ତି ସଙ୍ଗେ ବ୍ୟଙ୍ଗ କୌତୁକର ଓ ନିଗୂଢ଼ ବନ୍ଧୁପ୍ରେମର ନିଦର୍ଶନ ମିଳେ । ଏହି ଶତବାର୍ଷିକୀ ପ୍ରସଙ୍ଗରେ ଆଜି ଗୋଟିଏ ଦିନର ଅନୁଭୂତି ପ୍ରକାଶ କରୁଛି । ସେ ଗଭର୍ଣ୍ଣର ଜେନେରାଲ ଥିଲାବେଳେ ୧୯୪୯ ଶେଷ ଆଡ଼କୁ ପାଞ୍ଚ, ଛଅ ଦିନ ପାଇଁ ଓଡ଼ିଶା ଗସ୍ତରେ ଆସି ପୁରୀ ରାଜଭବନରେ ଅତିଥି ହୋଇ ଥିଲେ । ସେ ସମୟରେ ସ୍ୱର୍ଗତ ଶ୍ରୀଯୁକ୍ତ ଆସଫ୍ ଅଲି ଓଡ଼ିଶାର ଗଭର୍ଣ୍ଣର ଥାନ୍ତି । ପ୍ରତ୍ୟେକ ଦିନ ଗଭର୍ଣ୍ଣର ରାଜାଜୀଙ୍କ ସମ୍ମାନାର୍ଥେ ବିଭିନ୍ନ ଶ୍ରେଣୀର ଭଦ୍ରବ୍ୟକ୍ତିମାନଙ୍କୁ ଭୋଜି ଆମନ୍ତ୍ରଣ କରୁଥାନ୍ତି । ଦିନେ ମୋତେ ନୈଶ ଭୋଜିକୁ ଆମନ୍ତ୍ରଣ ମିଳିଥିଲା । ସେତେବେଳେ ମୁଁ ଓଡ଼ିଶା ବିଧାନ ସଭାର ସଭ୍ୟ ଥାଏ । ମୋ ସହିତ ସ୍ୱର୍ଗତ ମଦନ ମୋହନ ପଟ୍ଟନାୟକ, ସ୍ୱର୍ଗତ ଡାକ୍ତର ରାଜାସାହେବ, ସ୍ୱର୍ଗତ ଦେବ କିରଣ୍ ଝୁନ୍‌ଝୁନ୍‌ବାଲା ଏବଂ ସେ ସମୟରେ ଓଡ଼ିଶାର ଉନ୍ନୟନ ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ କାନୁନଗୋ ମଧ୍ୟ ନିମନ୍ତ୍ରିତ ହୋଇଥାନ୍ତି । ଶ୍ରୀଯୁକ୍ତ ଆସଫ୍ ଅଲି ଅତି ରସିକ ଥିଲେ । ଭୋଜି ସଂଧ୍ୟା ୭ଟା ବେଳୁ ଆରମ୍ଭ ହେଲା, ରାତି ୧୧ଟାରେ ସରିଲା । ରାଜାଜୀ ତାଙ୍କର ସ୍ୱାଭାବିକ ସମ୍ବର, ରସମ ଓ ପୁଳିହାରା ଏହି ନିରାମିଷ ଆହାର ଭୋଜନ କଲେ । ପ୍ରତ୍ୟେକ Course ଆସିବା ବେଳେ ଶ୍ରୀଯୁକ୍ତ ଆସଫ୍ ଅଲି ନାନା ପ୍ରକାର କୌତୁକ କରି ରାଜାଜୀଙ୍କୁ କହୁଥାନ୍ତି । କେଉଁ ଖାଦ୍ୟରେ କେତେ ହିଂସା ହେଲା କେତେ ନହେଲା ଏହିପରି ଥଟ୍ଟା କରୁଥାନ୍ତି । ସେହି ଅବସରରେ ମୁଁ ହଠାତ୍ ପଚାରିଲି, ରାଜାଜୀ ଆପଣ ତ ଅହିଂସାର ପୂଜାରୀ; ଗାନ୍ଧୀଜୀଙ୍କ ଅହିଂସା-ତତ୍ତ୍ୱକୁ ଠିକ୍‌ନିର୍ଣ୍ଣ ବ୍ୟାଖ୍ୟା କରନ୍ତି । ଆପଣ କେମିତି ଗାନ୍ଧୀଜୀଙ୍କ ହତ୍ୟାକାରୀ ସାବ୍ୟସ୍ତ ହୋଇଥିବା ନାଥୁରାମ ଗଡ୍‌ସେଙ୍କ ମୃତ୍ୟୁ ଦଣ୍ଡ ଆଦେଶ କାଏମ ରଖିଲେ । ଏହା କଣ ଅହିଂସା ବିରୋଧୀ ନୁହେଁ? ଏକଥା ଶୁଣି ସେ ହଠାତ୍ ଚୁପ୍ ରହିଗଲେ । ସମସ୍ତେ ବି ଅବାକ୍ । ମୋଠାରୁ ଏଭଳି ପ୍ରଶ୍ନ କେହି ଆଶା କରି ନଥିଲେ । ମୋ ପ୍ରଶ୍ନ ଶୁଣି ରାଜାଜୀ କହିଲେ, "ମୁଁ ଏହି ପ୍ରଶ୍ନକୁ ବହୁଦିନ ଅପେକ୍ଷା କରିଛି । କିନ୍ତୁ ଆଜି ପର୍ଯ୍ୟନ୍ତ କେହି ପଚାରି ନାହାନ୍ତି । ତେଣୁ ତୁମକୁ ପ୍ରଥମେ ଧନ୍ୟ-ବାଦ । ଦିନେ ନା ଦିନେ ତୁମେ ଏହାକୁ ସାଧାରଣରେ ପ୍ରକାଶ କରିବ । ଗାନ୍ଧୀଜୀଙ୍କ ହତ୍ୟାକାରୀକୁ ମୃତ୍ୟୁଦଣ୍ଡାଦେଶ ଜଜ୍ ଦେଇ ସାରିବା ପରେ ମୋ ନିକଟକୁ ତା' ପାଇଁ Mercy ଦରଖାସ୍ତ ଆସିଲା । ପୃଥିବୀର ସବୁ ଦେଶରେ ଯେଉଁମାନେ ଗାନ୍ଧୀଜୀ ନୀତିରେ ବିଶ୍ୱାସ କରନ୍ତି ସେମାନେ ମୋ ନିକଟକୁ ଟେଲିଗ୍ରାମ କଲେ । ସେମାନଙ୍କ ମଧ୍ୟରୁ ମୁଖ୍ୟ ହେନରୀ ପୋଲକ, ହୋରେସ ଆଲେକଜାଣ୍ଡର, ଆଗାଥା ହରିସନ ପ୍ରମୁଖ, ବିଶିଷ୍ଟ ଗାନ୍ଧିବାଦୀ ନେତା, କାକା କାଲେଲକାର, ଦାଦାଧର୍ମାଧିକାରୀ ଓ ଶେଷକୁ ଗାନ୍ଧୀ ପରିବାରର ସମସ୍ତ ସନ୍ତାନସନ୍ତତି ଦେବଦାସ ଗାନ୍ଧୀଙ୍କ ବ୍ୟତୀତ ମୋ ଉପରେ ଚାପ ପକାଇଲେ ଯେ ମୃତ୍ୟୁ ଦଣ୍ଡକୁ କାଏମ କରିବା ଗାନ୍ଧୀନୀତିର ବିରୋଧ ହେବ ଓ ଅହିଂସାର ବିରୋଧ ହେବ । ଗାନ୍ଧୀଜୀଙ୍କ ମତ ବିରୁଦ୍ଧରେ ମୃତ୍ୟୁଦଣ୍ଡାଦେଶ କାଏମ କରାଯିବ । କିନ୍ତୁ ଶ୍ରୀ ଦେବଦାସ ଗାନ୍ଧୀ ଯେ କି ଗାନ୍ଧୀଜୀଙ୍କ ସାନ ପୁଅ ସେ ମୋ ଉପରେ କିଛି ଚାପ ପକାଇ ନଥାନ୍ତି । କାରଣ ମୋ ଝିଅକୁ ତାଙ୍କ ସହିତ ବିବାହ ଦେଇ ବୋଧହୁଏ ମୁଁ ତାଙ୍କୁ ଅଡୁଆରେ ପକାଇ ଥିଲି । ମୁଁ ବି ଖୁବ୍ ଅଡୁଆରେ ପଡିଲି । କଣ କରିବି, ଚିନ୍ତା କରି ପାରିଲି ନାହିଁ । ମୋ ମନରେ ଦ୍ୱିଧା ଆସିଲା । ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ ଜବାହରଲାଲ ନେହରୁ ଓ ଉପ ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ପଚାରିଲି । ସେମାନେ ବି ଗାନ୍ଧୀଜୀଙ୍କ ଘନିଷ୍ଠ

ସହକର୍ମୀ ଓ ଅନୁଚର । ଉଭୟେ କିଛି ମତାମତ ଦେବାକୁ ନାସ୍ତି କଲେ । ଏହା ବଡ଼ଲାଟଙ୍କର ସ୍ୱତନ୍ତ୍ର ଅଧିକାର କହି ଚୁପ୍ ରହିଲେ । ହଠାତ୍ ମୋର ମନେ ହେଲା ସ୍ୱାଧୀନତା ଆନ୍ଦୋଳନର ବିଶିଷ୍ଟ ସଂଗ୍ରାମୀ ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କୁ ଜଣେ ହିନ୍ଦୁ ହତ୍ୟା କରିଥିଲା । ସେ ହିନ୍ଦୁ ମୁସଲମାନ ସଂପ୍ରଦାୟିକ ଏକତା ପାଇଁ କାମ କରୁଥିଲେ । ତାଙ୍କ ହତ୍ୟାକାରୀକୁ ବି ମୃତ୍ୟୁଦଣ୍ଡ ହୋଇଥିଲା । ସେତେବେଳେ ଗାନ୍ଧୀଜୀ କଣ ମତାମତ ଦେଇଥିଲେ, ସେ କଥା ଗାନ୍ଧୀଜୀଙ୍କ ସଂପାଦିତ young India ବା ନବଜୀବନରୁ ଖୋଜି ବାହାର କରିବା ପାଇଁ ଦେବଦାସ ଗାନ୍ଧୀଙ୍କୁ କହୁ ଥାଏ । ଦେବଦାସ ତ ଦିଲ୍ଲୀରେ ହିନ୍ଦୁସ୍ଥାନ ଟାଇମସ ସଂପାଦକ । ସେ କିଛି ଦିନ ଭିତରେ ଗାନ୍ଧୀଜୀଙ୍କ ସେ ସମୟରେ ସମସ୍ତ ଲେଖା ଓ ପତ୍ରିକା ଆଣି ମୋତେ ଦେଲେ । ମୁଁ ସବୁ ପଢ଼ି ଦେଖିଲି ହତ୍ୟାକାରୀର ମୃତ୍ୟୁଦଣ୍ଡାଦେଶ ଉପରେ ଗାନ୍ଧୀଜୀ କୌଣସି ମତ ବ୍ୟକ୍ତ କରି ନାହାନ୍ତି । ସେଇ ଲେଖା ସବୁ ପଢ଼ିମୋର ମନ ଦୃଢ଼ ହେଲା । ମୁଁ ମୃତ୍ୟୁଦଣ୍ଡକୁ କାଏମ ରଖିଲି । ଏ ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ମୁଁ ସବୁ ଦିନ ଭଗବତ ପ୍ରାର୍ଥନା କରୁଥାଏ । ସିଦ୍ଧାନ୍ତରେ ପହଞ୍ଚିବା ପରେ ମୁଁ କିଛି ଦିନ ପାଇଁ ପ୍ରାୟ ଚୁପଚାପ୍ ରହିଲି । ପରେ ଦେଖିଲି ଦେଶ ତାକୁ ଗ୍ରହଣ କଲା ।

ଏହିଥିରୁ ଜଣେ ସହଜରେ ବୁଝି ପାରିବ ସେ କେତେ ବଡ଼ ଚିନ୍ତାଶୀଳ ବ୍ୟକ୍ତି । ପ୍ରତ୍ୟେକ କଥାକୁ ଟିକିନିଖି କରି ଉତ୍ତର ଦେବା ତାଙ୍କର ଅଭ୍ୟାସ ।

୧୯୫୨ରେ ସ୍ୱାଧୀନ ଭାରତର ପ୍ରଥମ ସାଧାରଣ ନିର୍ବାଚନ । ଏହି ନିର୍ବାଚନରେ କଂଗ୍ରେସ ମାଡ୍ରାଜ ପ୍ରଦେଶରେ ସଂଖ୍ୟା ଗରିଷ୍ଠତା ଲାଭ କରି ପାରି ନଥାଏ । କଂଗ୍ରେସ ଦଳ ଶ୍ରୀଯୁକ୍ତ ସି. ସୁବ୍ରମନ୍ୟମ୍‌ଙ୍କୁ ନେତା ବାଛିଲେ । କଂଗ୍ରେସର ଆପେକ୍ଷିକ ସଂଖ୍ୟା ଗରିଷ୍ଠତା ଥାଏ । ସୁବ୍ରମନ୍ୟମ୍ ନିଜେ ଭାବିଲେ ଯେ ରାଜାଜୀ ଏକମାତ୍ର ବ୍ୟକ୍ତି ଯେ କି ଏକ ଦୃଢ଼ ସରକାର ଗଢ଼ି ପାରିବେ । ସେ କଥା ସେ କାର୍ଯ୍ୟକାରୀ କମିଟିକୁ ସୁପାରିଶ କଲେ । ମୁଁ ସେ ସମୟରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଥିଲି । କିନ୍ତୁ ରାଜାଜୀଙ୍କୁ କିଏ ଏ ଦିଗରେ ରାଜି କରାଇବ ତାହା ଚିନ୍ତାର ବିଷୟ ହୋଇଥାଏ । ଶେଷକୁ ଏ ଦାୟିତ୍ୱ ଶ୍ରୀ ଜବାହରଲାଲଜୀଙ୍କୁ ଦିଆଗଲା । କାରଣ ସେତେବେଳେ ସେ ପ୍ରଧାନମନ୍ତ୍ରୀ ହେବା ସଙ୍ଗେ ସଙ୍ଗେ କଂଗ୍ରେସ ସଭାପତି ଥାଆନ୍ତି । ରାଜାଜୀଙ୍କୁ ରାଜି କରାଇବା ଜବାହରଲାଲଙ୍କ ପକ୍ଷରେ କଷ୍ଟକର ହେଲା ନାହିଁ । ସେହି ସମୟରେ ସ୍ୱର୍ଗତ ଶ୍ରୀ ପ୍ରକାଶ ମାଡ୍ରାଜର ଗଭର୍ଣ୍ଣର ଥାଆନ୍ତି । ସେ ରାଜାଜୀଙ୍କୁ ଉପର ବ୍ୟବସ୍ଥା ସଭାକୁ ମନୋନୀତ କରି ଦେଇଥାନ୍ତି । ତେଣୁ ରାଜାଜୀଙ୍କୁ ଆଉ ନିର୍ବାଚନ ଲଢ଼ିବା ଦରକାର ହେଲା ନାହିଁ । ସେ ରାଜି ହୋଇ ସରକାର ଗଢ଼ିଲେ । ସେହି ସମୟରେ ଓଡ଼ିଶାରେ ଶ୍ରୀ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଓ ଶ୍ରୀ ସଦାଶିବ ତ୍ରିପାଠୀ ରାଜସ୍ୱ ମନ୍ତ୍ରୀ ଥାଆନ୍ତି । ଓଡ଼ିଶାରେ ଜମିଦାରୀ ଉଚ୍ଛେଦ ବିଲ୍ ଅଣାଯାଇ ଥାଏ । ଓଡ଼ିଶାର ଗଞ୍ଜାମ ଓ କୋରାପୁଟ ଜିଲ୍ଲା ଦୁଇଟି ପୂର୍ବରୁ ମାଡ୍ରାଜ ପ୍ରେସିଡେନ୍ସି ଅନ୍ତର୍ଭୁକ୍ତ ଥିବାରୁ ମାଡ୍ରାଜ Land Estates Act ସେଠାରେ ଲାଗୁ ହୋଇ ଥାଏ । ମାଡ୍ରାଜରୁ କିପରି ସେମାନେ ଜମିଦାରୀ ଉଚ୍ଛେଦ କଲେ ସେ କଥା ଅନୁଧ୍ୟାନ କରିବା ପାଇଁ ଶ୍ରୀ ସଦାଶିବ ତ୍ରିପାଠୀ ମାଡ୍ରାଜ ଯାଇଥାନ୍ତି । ମୁଁ ମଧ୍ୟ ତାଙ୍କ ସଙ୍ଗେ ଯାଇଥିଲି । ଶ୍ରୀ ପଟିଆଟି ସେତେବେଳେ ମାଡ୍ରାଜର ରାଜସ୍ୱ ମନ୍ତ୍ରୀ ଥିଲେ । ସେ ସବୁ କଥା ନିଜେ ବୁଝାଇ ଦେଲେ ଓ ତାଙ୍କର ରାଜସ୍ୱ ସଚିବଙ୍କୁ ଅନ୍ୟ ଯାହା କିଛି ଆମର ସନ୍ଦେହ ଅଛି ତାହା ଦୂର କରିବା ପାଇଁ କହିଲେ । ମାଡ୍ରାଜରେ ୪ ଦିନ ରହିଥିଲୁ । ଦିନେ ହଠାତ୍ ଖବର ପାଇଲୁ ମୁଖ୍ୟମନ୍ତ୍ରୀ ରାଜାଜୀ ୪ଟା ବେଳେ ସେକ୍ରେଟରୀଏଟ୍‌ରେ ତାଙ୍କ କୋଠରୀରେ ଚା' ପାନ ନିମନ୍ତେ ଆମକୁ ନିମନ୍ତ୍ରଣ କରିଛନ୍ତି । ମୋତେ ତ ଆଗରୁ ଅଳ୍ପ କିଛି କଥାବାର୍ତ୍ତା ହେବା ସୁଯୋଗ ମିଳିଥିଲା । ଏ ଖବର ପାଇ ଖୁବ୍ ଖୁସି ହେଲି । ସଦାଶିବ ବାବୁ ଓ ମୁଁ ଠିକ୍ ସମୟରେ ଚା' ପାନ ନିମନ୍ତେ ତାଙ୍କ କୋଠରୀରେ ପହଞ୍ଚିଲୁ । ସେଠାରୁ ସେ ତାଙ୍କର ସମସ୍ତ ମନ୍ତ୍ରୀମାନଙ୍କୁ ନିମନ୍ତ୍ରଣ କରିଥାନ୍ତି । ସେମାନଙ୍କ ମଧ୍ୟରେ ଶ୍ରୀ ସୁବ୍ରମନ୍ୟମ୍, ଶ୍ରୀମତୀ ଜ୍ୟୋତି ଭେଙ୍କଟ ଚଲମ (ଯେ ବର୍ତ୍ତମାନ କେରଳର ଗଭର୍ଣ୍ଣର) ଶ୍ରୀ ପଟିଆଟି, ଶ୍ରୀ ମାନିକବେଲୁ ଓ ଶ୍ରୀ ସଞ୍ଜୀବାୟା ଥାନ୍ତି । (ଅନ୍ୟମାନଙ୍କ ନାମ ସ୍ମରଣ ହେଉ ନାହିଁ । ) ନାନା ଭାବରେ ଆମ ସଙ୍ଗେ ରାଜାଜୀ ହସ କୌତୁକ କଲେ । ଶେଷରେ ସଦାଶିବ ବାବୁ ତାଙ୍କୁ କହିଲେ ରାଜାଜୀ ଆପଣଙ୍କୁ ମୁଁ ଗୋଟିଏ ଅତି ଗୁପ୍ତ (Delicate) ପ୍ରଶ୍ନ ପଚାରିବି । ରାଜାଜୀ ହସିହସି ଉତ୍ତର ଦେଲେ ସ୍ୱାମୀ ଓ ସ୍ତ୍ରୀ ସମ୍ପର୍କ ହିଁ ଏକମାତ୍ର (Delicate) ପର୍ଯ୍ୟାୟଭୁକ୍ତ । ଅନ୍ୟ କୌଣସି କଥା ନୁହେଁ । ଏହା ଶୁଣି ସଦାଶିବ ବାବୁ ଟିକିଏ ଦବି ଗଲେ । ମାତ୍ର ରାଜାଜୀ ତାଙ୍କୁ ତାଙ୍କର ପ୍ରଶ୍ନ ପଚାରିବାକୁ ଉତ୍ସାହିତ କଲେ । ସଦାଶିବ ବାବୁ ପଚାରିଲେ "ମାଡ୍ରାଜ ପ୍ରଦେଶ ଏକ ବିରାଟ ପ୍ରଦେଶ । ଏଥିରେ ଚାରି ଭାଷାଭାଷୀ ଅଧିବାସୀ ଅଛନ୍ତି, ତାମିଲ, ତେଲୁଗୁ, କନ୍ନଡ଼ ଓ ମାଲୟଲମ୍ । ସେମାନଙ୍କର ଭିନ୍ନ ଭିନ୍ନ ପ୍ରଦେଶ କଂଗ୍ରେସ କମିଟି । ଆପଣ କେମିତି ମନ୍ତ୍ରୀ ଅଛନ୍ତି? ରାଜାଜୀ ହସିହସି ତତ୍‌କ୍ଷଣାତ୍ ତାଙ୍କର ଅନ୍ୟାନ୍ୟ ସହଯୋଗୀମାନଙ୍କ ସାମନାରେ ଉତ୍ତର ଦେଲେ" "(Choose such people as have no followings in the party so that there is no trouble in the Cabinet)" ଏହାଶୁଣି ଆମେ ସମସ୍ତେ ଚୁପ୍ । କିନ୍ତୁ ଏହା ସତ୍ତ୍ୱେ ତାଙ୍କର ମନ୍ତ୍ରୀମାନଙ୍କ ପ୍ରତି ଯଥେଷ୍ଟ ଶ୍ରଦ୍ଧା ଓ ସ୍ନେହ ଥିଲା । ଶ୍ରୀମାନ ସଞ୍ଜୀବାୟା ସମସ୍ତଙ୍କ ମଧ୍ୟରେ କନିଷ୍ଠ ଥିଲେ । ବୟସ ବି କମ୍ ଥିଲା । ତାଙ୍କୁ ଆମ ସାମନାରେ ପଚାରିଲେ "(Where is Sanjivaya youngest of the lot, I think you are not yet married)". ମନ୍ତ୍ରିମଣ୍ଡଳରେ ସଞ୍ଜୀବାୟା ସମସ୍ତଙ୍କ ମଧ୍ୟରେ ବୟସରେ ସାନ ଥିଲେ, ବୋଧେ ହୁଏ ସେ ବିବାହ କରି ନାହାନ୍ତି! ସଞ୍ଜୀବାୟା ସଙ୍ଗେ ସଙ୍ଗେ ଉତ୍ତର ଦେଲେ "ନା" ଆଜ୍ଞା । ରାଜାଜୀ ତାହା ଶୁଣି କହିଲେ 'ମୋ ମନ୍ତ୍ରିମଣ୍ଡଳରେ ସେମାନେ ସମସ୍ତେ ବିବାହିତ । ତୁମେ ବିବାହ ନ କରି ମଧ୍ୟ ଚଳି ଯାଇ ପାରିବ । ସମସ୍ତେ ହସି ଉଠିଲେ ।

ଏଇ କେତୋଟି କଥାରୁ ତାଙ୍କର ବ୍ୟଙ୍ଗ, ସ୍ନେହ ଓ ଚିନ୍ତାର ଗଭୀରତା ଜଣାପଡ଼େ ।

ଏବର୍ଷ ରାଜାଜୀଙ୍କ ଶତବାର୍ଷିକୀ ଉତ୍ସବ ପାଳିତ ହେଉଛି । ସେ ଜଣେ ଦୀର୍ଘଜୀବୀ ଥିଲେ । ଶେଷ ଯାଏ ତାଙ୍କର ଚିନ୍ତା ଅତି ସ୍ୱଚ୍ଛ ଥିଲା; ସେ ମଧ୍ୟ କର୍ମକ୍ଷମ ଥିଲେ । ଓଡ଼ିଶା ସରକାର ରାଜ୍ୟସ୍ତରୀୟ ଶତବାର୍ଷିକୀ କମିଟି ଗଠନ କରି ରାଜାଜୀଙ୍କୁ ଲୋକଙ୍କ ଭିତରେ ଚିହ୍ନାଇ ଦେବାପାଇଁ ତାଙ୍କର କେତେକ ଲିଖିତ ପ୍ରବନ୍ଧର ଓଡ଼ିଆ ଅନୁବାଦ କରାଇଛନ୍ତି ।

ସର୍ବ ଭାରତୀୟ ସ୍ତରରେ ବିଦ୍ୟାଭବନ ଆନୁକୂଲ୍ୟରେ ଏକ ଶତବାର୍ଷିକୀ କମିଟି ଗଠିତ ହୋଇଛି । ସର୍ବ ପ୍ରଥମେ ଓଡ଼ିଶା ସରକାର ରାଜ୍ୟ ସ୍ତରୀୟ କମିଟି ଗଠନ କରି ଅଛନ୍ତି । ସୁଖର କଥା ରାଜାଜୀଙ୍କ ସଙ୍ଗେ କାମ କରୁଥିବା ନେତୃ ମଣ୍ଡଳୀଙ୍କ ମଧ୍ୟରୁ ଶ୍ରୀଯୁକ୍ତ ବିଶ୍ୱନାଥ ଦାଶ, ଡକ୍ଟର ହରେକୃଷ୍ଣ ମହତାବ, ଶ୍ରୀଯୁକ୍ତ ନିତ୍ୟାନନ୍ଦ କାନୁନଗୋ ଆଦି ଆମ ସଙ୍ଗେ ଅଛନ୍ତି । ସେମାନେ ରାଜାଜୀଙ୍କ ସମ୍ପର୍କୀୟ ଅନ୍ୟାନ୍ୟ କଥା ଦେଶବାସୀଙ୍କୁ ଜଣାଇବେ ବୋଲି ମୋର ବିଶ୍ୱାସ ଏବଂ ସେହି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ରାଜ୍ୟବାସୀଙ୍କୁ ସ୍ୱଦେଶୀ ଚିନ୍ତାର ଖୋରାକ୍ ଯୋଗାଇବେ ।

ସଭାପତି, ଭାରତୀୟ ବିଦ୍ୟାଭବନ
ଓଡ଼ିଶା ଶାଖା, ଭୁବନେଶ୍ୱର

# ଯୁଗ ପୁରୁଷ ରାଜାଜୀ

ଡଃ ରାମପ୍ରସାଦ ମିଶ୍ର
ଅର୍ଥମନ୍ତ୍ରୀ, ଓଡ଼ିଶା

୧୯୭୨ ମସିହା ଡିସେମ୍ବର ୨୫ ତାରିଖ ସମଗ୍ର ପୃଥିବୀ ଯେତେବେଳେ "ବଡ଼ଦିନ"ର ଆଲୋକରେ ଉଦ୍ଭାସିତ ହେବାକୁ ପ୍ରସ୍ତୁତ ହେଉଥିଲା, ସେତିକିବେଳେ ଆଧୁନିକ ଭାରତର ଅନ୍ୟତମ ସ୍ରଷ୍ଟା, ସ୍ୱାଧୀନତା ସଂଗ୍ରାମର ଅନ୍ୟତମ କର୍ଣ୍ଣଧାର, ବିଜ୍ଞ ରାଷ୍ଟ୍ରନୀତିଜ୍ଞ, ବର୍ଷୀୟାନ ତଥା ପ୍ରବୀଣ କୂଟନୀତିଜ୍ଞ, ସମାଜ ସଂସ୍କାରକ, ସାମ୍ବାଦିକ, ସୁଲେଖକ ପଣ୍ଡିତ ତଥା ମହାନ୍ ଦାର୍ଶନିକ, ଆଧୁନିକ ଭାରତର ଭୀଷ୍ମ ଚକ୍ରବର୍ତ୍ତୀ ରାଜ ଗୋପାଳାଚାରୀ ସାଂପ୍ରତିକ ଭାରତ ଇତିହାସରେ ଏକ ଯୁଗର ଅବସାନ ଘଟାଇ ଇହଜଗତରୁ ବିଦାୟ ଗ୍ରହଣ କରିଥିଲେ । "ବଡ଼ଦିନ"ର ଆଲୋକ ହୁଏତ ସେହି ଦିନର କେତୋଟି ମୁହୂର୍ତ୍ତ ପରେ ପୃଥିବୀ ବକ୍ଷରୁ ନିର୍ବାପିତ ହୋଇଥିବ କିନ୍ତୁ ସେହି ମୁହୂର୍ତ୍ତଠାରୁ ଯୁଗପୁରୁଷ ରାଜାଜୀଙ୍କ ମହାନ୍ ବାଣୀ ଓ ଆଦର୍ଶ ଏବେ ସୁଦ୍ଧା ସମଗ୍ର ଜଗତକୁ ଆଲୋକିତ କରୁଛି ।

ରାଜାଜୀ ଥିଲେ ମହାତ୍ମା ଗାନ୍ଧୀଙ୍କର ଅନ୍ୟତମ ବିଶ୍ୱସ୍ତ ଅନୁଗାମୀ ଯଦିଓ ସ୍ୱକୀୟ ନୀତିରେ ସେ ଥିଲେ ଅଟଳ ଓ କଠୋର । ଗାନ୍ଧୀଜୀ ସ୍ୱାଧୀନତା ଆନ୍ଦୋଳନରେ ଜେଲ ଯିବା ଅବକାଶରେ ତାଙ୍କ ଦ୍ୱାରା ସମ୍ପାଦିତ 'ୟଙ୍ଗ ଇଣ୍ଡିଆ' ପତ୍ରିକାର ସମ୍ପାଦକ ଭାବରେ ଦାୟିତ୍ୱ ଗ୍ରହଣ କରି ରାଜାଜୀ ଗାନ୍ଧୀଜୀଙ୍କ ପଟ୍ଟଶିଷ୍ୟ ତଥା ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ଶ୍ରେଷ୍ଠ ସେନାପତିର ଆସନ ଅଳଙ୍କୃତ କରିଥିଲେ । ତାଙ୍କର ଓଜସ୍ୱିନୀ ସମ୍ପାଦକୀୟ ଭାରତୀୟ ଜନଗଣଙ୍କ ହୃଦୟରେ ଦେଶ ପ୍ରେମର ଯେଉଁ ବହ୍ନି ପ୍ରଜ୍ୱଳିତ କରିଥିଲା ତାହାକୁ ନିର୍ବାପିତ କରିବାକୁ ଇଂରେଜ ସରକାରଙ୍କ ସମସ୍ତ ଅପକୌଶଳ ବିଫଳ ହୋଇ ଯାଇଥିଲା । ଭାରତକୁ ଆନୁପାତିକ ଲୋକ ସଂଖ୍ୟା ତଥା ଅନ୍ୟାନ୍ୟ ଦୃଷ୍ଟି କୋଣରୁ ବିଭକ୍ତ କରି ଦୁଇଟି ରାଷ୍ଟ୍ର ଗଠନ ଦ୍ୱାରା ସ୍ୱାଧୀନତା ହାସଲ ପାଇଁ ସେ ଯେଉଁ ଅଭିନବ କୂଟନୀତିକ କୌଶଳ ଏବଂ ନୂତନ ତତ୍ତ୍ୱ ( two Nation theory ) ଉପସ୍ଥାପିତ କଲେ ତାହା ଇଂରେଜ ସରକାରଙ୍କୁ କାବୁ କରି ଦେଇଥିଲା । ରାଜାଜୀଙ୍କ କୂଟନୀତିକ ବିଜ୍ଞତା ଇଂରେଜ ସରକାରଙ୍କୁ ଚକିତ କରି ଦେଇଥିଲା । ସେଥିପାଇଁ ସେମାନେ ତାଙ୍କୁ "ଆଧୁନିକ ଚାଣକ୍ୟ"ର ଆଖ୍ୟା ଦେଇଥିଲେ । ରାଜାଜୀ ଥିଲେ ବାସ୍ତବରେ ଅଦମନୀୟ । ନିଜର ସମସ୍ତ ମନପ୍ରାଣ ଢାଳି ସେ ଝାସ ଦେଇଥିଲେ ମାତୃଭୂମିକୁ ବିଦେଶୀ ଶୃଙ୍ଖଳରୁ ମୁକ୍ତ କରିବାକୁ । ସ୍ୱାଧୀନତା ହାସଲ ପରେ ମଧ୍ୟ ଜୀବନର ସମସ୍ତ ଶକ୍ତି ଓ ସାମର୍ଥ୍ୟ ଦେଇ ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ସେ ଜନ୍ମଭୂମିର ସେବାରେ ନିଜକୁ ଉତ୍ସର୍ଗ କରିଥିଲେ ।

ବ୍ୟକ୍ତିଗତ ଜୀବନରେ ରାଜାଜୀ ଥିଲେ ସାରଲ୍ୟ ଓ ସାତ୍ତ୍ୱିକତାର ମୂର୍ତ୍ତିମନ୍ତ ପ୍ରତୀକ । ସାଧାରଣ ଜୀବନ କ୍ଷେତ୍ରରୁ ଦୁର୍ନୀତି କଳଙ୍କର ବିଲୋପ ସାଧନରେ ସେ ଥିଲେ ଆଜୀବନ ବ୍ରତୀ । ଶାସନର ଉଚ୍ଚସ୍ତର ଯେପରି କଳୁଷିତ ନ ହେବ ସେଥିପାଇଁ ସେ ବହୁ ସଂସ୍କାରାତ୍ମକ ଉପାୟ ଉଦ୍ଭାବନ କରିଥିଲେ । ସ୍ୱାଧୀନୋତ୍ତର କାଳର ପ୍ରଥମ ବଡ଼ଲାଟ ଭାବେ ଦେଶର ସର୍ବୋଚ୍ଚ କର୍ତ୍ତାରୂପେ ଅଧିଷ୍ଠିତ ଥିବା ସମୟରେ (ଯଦିଓ ଏହା ସ୍ୱଳ୍ପକାଳ ଥିଲା) ସେ ପ୍ରଶାସନ କ୍ଷେତ୍ରରେ ମୂଲ୍ୟବାନ ପରମ୍ପରା ସୃଷ୍ଟିକରି ଯାଇଛନ୍ତି । ଜଣେ ସୁଦକ୍ଷ ଶାସକ ଭାବେ ତାଙ୍କର ଖ୍ୟାତି ସୁବିଦିତ । ଅତ୍ୟାବଶ୍ୟକୀୟ ପଦାର୍ଥଗୁଡ଼ିକର ସୁଷମ ବଣ୍ଟନ ତଥା କଳାବଜାରର ମୂଳୋତ୍ପାଟନ ପାଇଁ ସେ ପ୍ରଥମ ଥର ପାଇଁ, ସାଧାରଣ ଯୋଗାଣ ବ୍ୟବସ୍ଥାରେ ସରକାରୀ ଆୟତ୍ତ (control) ଜାରୀ କରିବା ଆଇନ ପ୍ରଚଳନ କରିଥିଲେ । ପ୍ରଶାସନ କ୍ଷେତ୍ରରେ ତାଙ୍କର ଆଉ ଗୋଟିଏ ବିଚକ୍ଷଣତାର ଦୃଷ୍ଟାନ୍ତ ହେଉଛି ଅବକାରୀ କର ବଦଳରେ ବାଣିଜ୍ୟ କର ବସାଇ ନିଶା ନିବାରଣ ଜନିତ ଆୟର କ୍ଷତି ଭରଣା କରିବା । ସଂପ୍ରତି ଦେଶର ପ୍ରାୟ ପ୍ରତ୍ୟେକ ରାଜ୍ୟ ଏହି ବାଣିଜ୍ୟ କର ଦ୍ୱାରା ରାଜକୋଷର ମୁଖ୍ୟ ପୁଷ୍ଟି ସାଧନ କରୁଛନ୍ତି ।

ସର୍ବୋଚ୍ଚ ପଦରେ ଅଧିଷ୍ଠିତ ଥାଇ ମଧ୍ୟ ରାଜାଜୀଙ୍କଠାରେ ଉଚ୍ଚ ଭାବନା ଓ ସରଳ ଜୀବନଯାପନର ତାତ୍ପର୍ଯ୍ୟ ପ୍ରତିଫଳିତ ହୋଇଥିଲା । ସାଧାରଣ ଜୀବନ କ୍ଷେତ୍ରରେ ସୁସ୍ଥ ଓ ନିର୍ମଳ ପରମ୍ପରା ସୃଷ୍ଟିକରି ରାଜାଜୀ ସମସ୍ତଙ୍କର ଆଦର୍ଶ ହୋଇ ରହିଛନ୍ତି । ନୈତିକ ମୂଲ୍ୟବୋଧରେ ରାଜାଜୀଙ୍କର ଅଗାଧ ବିଶ୍ୱାସ ଥିଲା ଏବଂ ବାସ୍ତବରେ ତାଙ୍କର ପ୍ରତିଟି କାର୍ଯ୍ୟରେ ନୈତିକତା ପ୍ରତିଫଳିତ ହୋଇଥିଲା । ଆଧ୍ୟାତ୍ମିକ କ୍ଷେତ୍ରରେ ମଧ୍ୟ ରାଜାଜୀ ଅତି ଉଚ୍ଚ ଆସନର ଅଧିକାରୀ । ପୁରାଣ, ଗୀତା, ଓ ଉପନିଷଦର ନିପୁଣ ବ୍ୟାଖ୍ୟାକାର ଭାବରେ ତାଙ୍କର ଅନନ୍ୟସାଧାରଣ ପ୍ରତିଭା ପ୍ରତିପାଦିତ ହୋଇଛି । ବାସ୍ତବ କ୍ଷେତ୍ରରେ ସେ ଥିଲେ ଧର୍ମ ଓ ଦର୍ଶନ କ୍ଷେତ୍ରରେ ଅସୀମ ପାଣ୍ଡିତ୍ୟର ଅଧିକାରୀ । ଧର୍ମ ଓ ଦର୍ଶନ ଉପରେ ରାଜାଜୀଙ୍କର ଲିଖିତ ବହୁ ତାତ୍ତ୍ୱିକ ଓ ଗବେଷଣାତ୍ମକ ପ୍ରବନ୍ଧ ତାଙ୍କର ଗୁଣ ତଥା ବିଦଗ୍ଧ ଜ୍ଞାନର ପରିଚୟ ଦିଏ । ସେ କେବଳ ବ୍ୟାଖ୍ୟାକାର ନ ଥିଲେ ପରନ୍ତୁ ବାସ୍ତବ ଜୀବନ କ୍ଷେତ୍ରରେ ନିଜେ ଥିଲେ ନିରବଚ୍ଛିନ୍ନ ଧାର୍ମିକ ଓ ଉପାସକ ; ସତ୍ୟ, ଧର୍ମ, ନ୍ୟାୟ ଓ ଅଭୟର ସେ ଥିଲେ ପଥପ୍ରଦର୍ଶକ ।

ପରବର୍ତ୍ତୀ କାଳରେ ରାଜାଜୀ ଥିଲେ କଂଗ୍ରେସ ସରକାରର ଜଣେ ବଳିଷ୍ଠ ବିରୋଧୀ । ବସ୍ତୁତଃ ନେହରୁଙ୍କର ସେ ଥିଲେ ପ୍ରଧାନ ବିରୋଧକାରୀ । ତାଙ୍କର ବିରୋଧାଚରଣରେ ସ୍ୱାର୍ଥାନ୍ୱେଷିତା, ଚକ୍ରାନ୍ତ ବା କ୍ଷମତାସୀନ ହେବାର ଲେଶମାତ୍ର ପ୍ରୟାସ ନ ଥିଲା । ଥିଲା ମାତ୍ର ଏକ ସୁସ୍ଥ ତଥା ବଳିଷ୍ଠ ବିରୋଧୀ ଦଳ ସୃଷ୍ଟି କରିବା । ରାଜାଜୀ ଥିଲେ ଯଥାର୍ଥରେ ଜଣେ ନିଷ୍କାମ ଯୋଗୀ ପୁରୁଷ । ତାଙ୍କର ବିରୋଧୀର ଭୂମିକା ଗ୍ରହଣ କରିବା ମୂଳରେ ଥିଲା ଦେଶର ମଙ୍ଗଳ ଓ ସ୍ୱାର୍ଥ କାମନା — କୌଣସି ଦଳ ବା ବ୍ୟକ୍ତିବିଶେଷର ନୁହେଁ । ସମାଲୋଚନା ତାଙ୍କର ଏତେ କଟୁ ଥିଲା ଯେ ତଦାନିନ୍ତନ ସରକାର ଏହା ଦ୍ୱାରା ମର୍ମରେ ଆହତ ହେଉଥିଲେ । କଂଗ୍ରେସ ସରକାରର ଶାସନକୁ ସେ 'ଲାଇସେନ୍ସ', କୋଟା, ପରମିଟ ରାଜ' ଆଖ୍ୟା ଦେଉଥିଲେ ।

ମଦମତ୍ତ ହସ୍ତୀକୁ ଯେପରି ଅଙ୍କୁଶ ଦ୍ୱାରା ଆୟତ୍ତ କରାଯାଏ ସେପରି — ଏକଛତ୍ରବାଦୀ ଶାସକ ଦଳକୁ ସମସ୍ତ ପ୍ରକାର କୁଶାସନରୁ ନିବୃତ୍ତ କରାଇବାକୁ ଓ ଏକ ବଳିଷ୍ଠ ବିରୋଧୀଦଳ ଗଠନ ଉଦ୍ଦେଶ୍ୟରେ ସେ 'ସ୍ୱତନ୍ତ୍ର ଦଳ' ଗଠନ କରିଥିଲେ । କିନ୍ତୁ ସେ ନିଜେ ଦଳର ସଭ୍ୟ ନ ଥିଲେ । ପରାମର୍ଶଦାତା ରୂପେ କାର୍ଯ୍ୟ କରୁଥିଲେ

ବିରୋଧ ବିନା ଗଣତନ୍ତ୍ର ଶାସନର ଭୂମିକା ଅପୂର୍ଣ୍ଣ ବୋଲି ସେ କହୁଥିଲେ ।

ଓଡ଼ିଶା ରାଜ୍ୟ 'ଗଣତନ୍ତ୍ର ପରିଷଦ'ର ଅନ୍ତିମ ସଭାପତି ରୂପେ, ଗଣତନ୍ତ୍ର ପରିଷଦର ସ୍ୱତନ୍ତ୍ର ଦଳ ସହିତ ମିଶ୍ରଣର ପ୍ରାକ୍ କାଳରେ ଲେଖକ ସେହି ମହାନ୍ ବ୍ୟକ୍ତିତ୍ୱର ସଂସ୍ପର୍ଶରେ ଆସିବାର ସୁଯୋଗ ଲାଭ କରିଥିଲି । ଓଡ଼ିଶା ବିଧାନ ସଭାର ୧୯୬୨ ମସିହାରେ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ରାଜାଜୀ ଓ ଶ୍ରୀଯୁକ୍ତ ମିନୁ ମାସାନୀ ଓଡ଼ିଶାରେ ଦଳୀୟ ପ୍ରଚାର ଉଦ୍ଦେଶ୍ୟରେ ସମ୍ବଲପୁର ଓ ରାଉରକେଲାଠାରେ ଦୁଇଟି ସାଧାରଣ ସଭାରେ ଯୋଗ ଦେଇଥିଲେ । ସଭାରେ ରାଜାଜୀଙ୍କର ଇଂରାଜୀ ଭାଷଣକୁ ଲେଖକ ସମ୍ବଲପୁରଠାରେ ଓଡ଼ିଆରେ ଏବଂ ରାଉରକେଲାରେ ହିନ୍ଦିରେ ଅନୁବାଦ କରି ସଭାରେ ଶୁଣାଇବାର ଗୌରବ ଲାଭ କରିଥିଲି । ତାଙ୍କର ପ୍ରଦତ୍ତ ସେହି ଓଜସ୍ୱିନୀ ଭାଷଣର ଝଲକ ଏବେ ସୁଦ୍ଧା ସ୍ମୃତି ପଟରେ ଅଲିଭା ହୋଇ ରହିଛି ।

ରାଜାଜୀଙ୍କ ଜୀବନୀ ଏକ ବ୍ୟାପୃତ, ଉତ୍ସର୍ଗୀକୃତ ବହୁମୁଖୀ ପ୍ରତିଭାର କାହାଣୀ ଯାହାର ବର୍ଣ୍ଣନା ପାଇଁ ପ୍ରୟାସ କରିବାହିଁ ଧୃଷ୍ଟତା । ସେହି ବିରାଟ ପୁରୁଷଙ୍କ ଜୀବନୀ ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ଏଥିରେ ସନ୍ଦେହର ଅବକାଶ ନାହିଁ । ତାଙ୍କର ବାଣୀ ଓ ଆଦର୍ଶ ଚିରକାଳ ଏ ଜାତିର ପାଥେୟ ହୋଇ ସମଗ୍ର ଜାତିକୁ ଉଦ୍ବୁଦ୍ଧ କରୁ ଏହାହିଁ ସେହି ଯୁଗପୁରୁଷଙ୍କ ଜନ୍ମ ଶତବାର୍ଷିକୀ ଅବସରରେ କାମନା ।

## ଓଡ଼ିଶାରେ ମସଲା ଚାଷ

ଓଡ଼ିଶାର ଆବଶ୍ୟକତା ଅନୁଯାୟୀ ଯଥେଷ୍ଟ ପରିମାଣ ଲବଙ୍ଗ, ଅଳେଇଚ ଓ ଗୋଲମରିଚ ଆଦି ମସଲା ଉତ୍ପାଦିତ ହେଉନଥିବାରୁ ଏଗୁଡ଼ିକର ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟ କୃଷି ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି ।

ଚଳିତ ବର୍ଷ ୬୦ ଏକର ଜମିରେ ଗୋଲମରିଚ, ୧୦ ଏକର ଜମିରେ ଅଳେଇଚ ଏବଂ ୨ ଏକର ଜମିରେ ଲବଙ୍ଗ ଚାଷ କରାଯାଇଛି । ଏଥିପାଇଁ ୧ ଲକ୍ଷ ୫୧ ହଜାର ଟଙ୍କା ବ୍ୟୟ ବରାଦ ହୋଇଛି । ବିଭିନ୍ନ ପ୍ରଦର୍ଶନ କେନ୍ଦ୍ରରେ ଏହିସବୁ ମସଲା ଚାଷ କରାଯାଉଛି । ଏଥିରୁ ଚାଷୀମାନେ ମସଲା କିସମ ଶସ୍ୟର ଚାଷ ପ୍ରଣାଳୀ ଶିକ୍ଷା କରିବାର ସୁଯୋଗ ପାଇପାରିବେ ।

# ଅମର ପୁରୁଷ

# ରାଜାଜୀ

ମୂଳଲେଖା—
**IMMORTAL RAJAJI**
S. RAMAKRISHNAN,
Editor, Bhavan's Journal

ମର୍ମାନୁବାଦ
ଶ୍ରୀ ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ

"ଯେଉଁମାନେ ଶାନ୍ତି ସ୍ଥାପନା ନିମନ୍ତେ ପ୍ରୟାସୀ ସେମାନେ ବାସ୍ତବିକ ଧନ୍ୟ ।" ରାଜାଜୀ ସେ ଦି ଥିଲେ ଜଣେ ଯଥାର୍ଥରେ ସ୍ଥୂଳ ଓ ଆତ୍ମପ୍ରଶାନ୍ତିସମ୍ପନ୍ନ ବ୍ୟକ୍ତି, ବିଶ୍ୱରେ ଶାନ୍ତି ଓ ସକଳ ମାନବ ଜାତି ମଧ୍ୟରେ ସୌହାର୍ଦ୍ଦ୍ୟର ବାର୍ତ୍ତା ପ୍ରଚାର କରିବା ପାଇଁ ଅକ୍ଳାନ୍ତ ଉଦ୍ୟମ କରିଥିଲେ ।

ଜନ୍ମଭୂମି ଛାଡ଼ି ସମୁଦ୍ର ପାରି ହୋଇ ବିଦେଶ ଗସ୍ତରେ ଯିବାକୁ ଅନିଚ୍ଛୁକ ଥିଲେ ହେଁ ସେ ଜୀବନରେ ଥରେ ମାତ୍ର ସମୁଦ୍ର ଯାତ୍ରା କରିଥିଲେ ଏବଂ ତାହାଥିଲା ବିଶ୍ୱଶାନ୍ତି ଅନ୍ୱେଷଣରେ ପାରମାଣବିକ ନିରସ୍ତ୍ରୀକରଣ ରୂପକ ବିବେକର ବାର୍ତ୍ତାବହନ କରି ବିଭିନ୍ନ ରାଷ୍ଟ୍ରର ରାଜଧାନୀ ଅଭିମୁଖରେ ତାଙ୍କର ଯାତ୍ରା ।

ଆନ୍ତର୍ଜାତିକ ଶାନ୍ତି ପ୍ରଚାର କରିବା ସଙ୍ଗେ ସଙ୍ଗେ ସେ ଭାରତୀୟ ଉପମହାଦେଶରେ ଶାନ୍ତି ସ୍ଥାପନ କରିବା ନିମନ୍ତେ ଅତ୍ୟନ୍ତ ବ୍ୟଗ୍ର ଥିଲେ । ସୁପ୍ରତିଷ୍ଠିତ ସାପ୍ତାହିକ "ସ୍ୱରାଜ୍ୟ" ପତ୍ରିକାର 'ପ୍ରିୟ ପାଠକ'ଗଣଙ୍କୁ ତାଙ୍କର ଅନ୍ତିମ ବାର୍ତ୍ତା ଯଦ୍ୟପି ଅତୀବ ସଂକ୍ଷିପ୍ତ ଥିଲା ତଥାପି ଭାରତ-ପାକିସ୍ତାନ ମୈତ୍ରୀର ଏକାନ୍ତ ଆବଶ୍ୟକତା ସେଥିରେ ସ୍ପଷ୍ଟ ଭାବରେ ଅଭି-ବ୍ୟକ୍ତ ହୋଇଥିଲା ।

ତାଙ୍କର ସ୍ୱଭାବସୁଲଭ ପ୍ରଶାନ୍ତ ପ୍ରକୃତି ସହ ସମତା ରକ୍ଷାକରି ଅନ୍ତିମ ମୁହୂର୍ତ୍ତଟି ମଧ୍ୟ ଶାନ୍ତିପୂର୍ଣ୍ଣ ଭାବରେ ଆସିଥିଲା । 'ମୁଁ ଅତ୍ୟନ୍ତ ସୁଖୀ'—ଏହା ହିଁ ଥିଲା ଭାରତର ଏହି ମହାନ୍ ସନ୍ତାନଙ୍କ ଅନ୍ତିମ ଉକ୍ତି । ମୃତ୍ୟୁର ପ୍ରକୃତି ଓ ସ୍ୱରୂପ ସମ୍ପର୍କରେ ପ୍ରଚଳିତ ଇଂରେଜ ଉକ୍ତି 'ପ୍ରେତାତ୍ମା ତ୍ୟାଗ' ହୋଇଥିବା ସ୍ଥଳେ ଭଗବଦ୍‌ଗୀତାରେ ଅଭିବ୍ୟକ୍ତ ଭାରତୀୟ ଦର୍ଶନର ଭାଷାରେ ତାହା 'ବାସାଂସି ଜୀର୍ଣ୍ଣାନି ଯଥା ବିହାୟ' ଅର୍ଥାତ୍ 'ପରିତ୍ୟକ୍ତ ବସ୍ତ୍ର ବର୍ଜନ' ନାମରେ ଅଭିହିତ । ରାଜାଜୀ ନିଜ ଜୀବନକାଳରେ ହିଁ ମୃତ୍ୟୁକୁ ଜୟ କରି ପାରିଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କ ପରମଭକ୍ତ ତଥା ସୁପ୍ରଚାରିତ ନୀତି ଓ ଆଦର୍ଶର ଯଥାର୍ଥ ଅନୁସରଣକାରୀ ରାଜାଜୀଙ୍କ ପକ୍ଷେ ମୃତ୍ୟୁ ହିଁ ଥିଲା ଚରମ ମୁକ୍ତି ।

ବଡ଼ଦିନ ଭଳି ଏକ ଶୁଭ ଓ ପବିତ୍ର ଦିବସରେ ରାଜାଜୀ ଇହଧାମ ତ୍ୟାଗ କରି ଚିରନ୍ତନ ଦିବ୍ୟଧାମ ଅଭିମୁଖେ ଯାତ୍ରା କରିଥିଲେ ।

ଏହି ବୟୋବୃଦ୍ଧ ମହାମନୀଷୀଙ୍କ ଶେଷ ନିଃଶ୍ୱାସ ତ୍ୟାଗରେ ଆମେ ମର ମାନବମାନେ ଶୋକାଭିଭୂତ ହେବା ନିତାନ୍ତ ସ୍ୱାଭାବିକ । କିନ୍ତୁ ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ ଆଦୌ ସମୀଚୀନ ନୁହେଁ । କାରଣ ସେ ଜଣେ ସାଧାରଣ ମାନବ ନ ଥିଲେ । ତାଙ୍କ ଜୀବନ ଥିଲା ଏକ ପୂର୍ଣ୍ଣାଙ୍ଗ ଓ ସାର୍ଥକ ଜୀବନ । ହିନ୍ଦୁ ଚିନ୍ତାଧାରାନୁଯାୟୀ ଏଭଳି ମହାମାନବ-ମାନଙ୍କର ଅନ୍ତ୍ୟେଷ୍ଟିକ୍ରିୟା ଉତ୍ସବରୂପେ ପାଳିତ ହେବା ବାଞ୍ଛନୀୟ ।

ଜଣେ ପ୍ରବୀଣ ରାଜନୀତିଜ୍ଞ, ଦୂରଦୃଷ୍ଟି-ସମ୍ପନ୍ନ ରାଷ୍ଟ୍ରନୀତିଜ୍ଞ, ଜଣେ ଶ୍ରେଷ୍ଠ ସ୍ୱଦେଶ-ପ୍ରେମୀ, ଧୁରୀଣ ଚିନ୍ତାନାୟକ, ପ୍ରତିଭାବାନ୍ ଲେଖକ ତଥା ସନାତନ ଭାରତୀୟ ସଂସ୍କୃତିର ସକଳ ମହନୀୟ ବିଭାବର ମୂର୍ତ୍ତିବିଗ୍ରହ ଭାବେ ଏବଂ ଦୀର୍ଘ ୭୫ ବର୍ଷ ବ୍ୟାପୀ ତାଙ୍କ ମହାନ ଦେଶସେବା ଓ ନିଜର ଅବିସମ୍ବାଦିତ ବୌଦ୍ଧିକ ଓ ବ୍ୟକ୍ତିଗତ ଅଖଣ୍ଡତା ଫଳରେ ରାଜାଜୀ ଏକାଧିକ ମହାମାନବଙ୍କର ସମ୍ମିଳିତ ମହନୀୟ ବ୍ୟକ୍ତିତ୍ୱର ପ୍ରତୀକ ସ୍ୱରୂପ ଥିଲେ । ଯାହା ମାନବଜାତି ନିମନ୍ତେ ଉଦ୍ଦିଷ୍ଟ ତାହା ନିଜ ପାଇଁ, ନିଜ ପରିବାର ତଥା ଦଳ ପାଇଁ ବିନି-ଯୋଗ କରିବାକୁ ପ୍ରତ୍ୟାଖ୍ୟାନ କରିବା ହିଁ ତାଙ୍କ ବ୍ୟକ୍ତିତ୍ୱର ଗୌରବ ଥିଲା ।

ତାଙ୍କର ଅଦମ୍ୟ ନିର୍ଭୀକତା ଓ ସଂକଳ୍ପ ଦେଖିଲେ ମନେ ହୁଏ ସେ ଯେପରି ଥିଲେ ସେହି ଉପନିଷଦ ବର୍ଣ୍ଣିତ ନଚିକେତା । ସ୍ୱୟଂ ମୃତ୍ୟୁରାଜ ଯମଙ୍କ ପ୍ରଦତ୍ତ ଅସୀମ ଧନ ରତ୍ନ ଓ ବିଷୟ ସମ୍ପତ୍ତି ଓ ଶତାଧିକ ବର୍ଷ ସୁଖମୟ ଜୀବନର ପ୍ରଲୋଭନକୁ ପ୍ରତ୍ୟାଖ୍ୟାନ କରି ଶାଶ୍ୱତ ସତ୍ତାର ଅନନ୍ତ ସ୍ରୋତ ଅନ୍ୱେଷଣ କରିବାକୁ ସେ ହୋଇଥିଲେ ସଂକଳ୍ପବଦ୍ଧ । ଅଥବା ଶ୍ରୀ ଶଙ୍କର ଭଗବତପାଦ ଯେ କି ତାଙ୍କର ନିର୍ଭୀକ ଯୁକ୍ତି ଓ ତର୍କବଳରେ ବହୁ ଅଗ୍ରଗଣ୍ୟ ବିଦ୍ୱାନ୍ ଓ ଶାସ୍ତ୍ରବେତ୍ତାଙ୍କୁ ପରାସ୍ତ କରି ମ୍ଳାନ ଓ କ୍ଷୟିଷ୍ଣୁ ହିନ୍ଦୁଧର୍ମକୁ ପୁନରୁଜ୍ଜୀବିତ କରି ତାହାର ହୃତ ମୌଳିକ ଗୌରବ ଓ ମହନୀୟତା ପୁନଃ ପ୍ରତିଷ୍ଠା କରିଥିଲେ, ସେତେ ସେପରି ରାଜାଜୀଙ୍କ ଶରୀର ଧାରଣ କରି ସେ ନୈତିକତା ଓ ଆଧ୍ୟାତ୍ମିକତାର ପ୍ରାଚୀନ ଜନ୍ମଭୂମି ଏବଂ ସତ୍ୟ, ତ୍ୟାଗ ଓ ଅଭୟର ଚିର ଆଶ୍ରୟସ୍ଥଳୀ ଏହି ଭାରତ ଭୂମିରେ ପଦାର୍ପଣ କରିଛନ୍ତି ।

ବାସ୍ତବିକ ଯଦ୍ୟପି ରାଜାଜୀ ଥିଲେ—ବୁଦ୍ଧିମତାମ୍ ବରିଷ୍ଠମ୍—ଅର୍ଥାତ୍ ବିଚକ୍ଷଣ-ମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ, ପ୍ରଖ୍ୟାତ ରାମ-ଭକ୍ତ ଅଞ୍ଜନେୟଙ୍କ ଭଳି ସେ କଦାପି ସତ୍ୟର କେବଳ ବୌଦ୍ଧିକ ଉପଲବ୍ଧିରେ ସନ୍ତୁଷ୍ଟ ନ ଥିଲେ । ପୂର୍ଣ୍ଣାଙ୍ଗ ଉତ୍ତରାବେ ବିକାଶ ଲାଭ କରିବା ନିମନ୍ତେ ଜ୍ଞାନ ଥିଲା ତାଙ୍କ ଦୃଷ୍ଟିରେ ଏକ ପନ୍ଥା ବା ସାଧନ ମାଧ୍ୟମ ମାତ୍ର ।

ଏକାଧାରରେ ଆଧୁନିକ ଯୁଗର ବଶିଷ୍ଠ, ବାଲ୍ମିକୀ ଓ ବ୍ୟାସ ଭାବରେ ପରିଗଣ୍ୟ, ରାଜାଜୀ ଇଂରେଜୀରେ ଅନୂଦିତ 'ମହାଭାରତ' ଓ 'ରାମାୟଣ' ପୁସ୍ତକର ମୁଖବନ୍ଧରେ ଲେଖି-ଥିଲେ—

'ମୋର ପୂର୍ବର ସ୍ୱୀକାରୋକ୍ତିକୁ ମୁଁ ପୁନର୍ବାର ସ୍ମରଣ କରାଇବାକୁ ଚାହେଁ ଯେ—ଭାରତ ଇତିହାସର ଏକ ମହତ୍ତ୍ୱପୂର୍ଣ୍ଣ ଓ ଘଟଣାବହୁଳ ଯୁଗରେ ଅତିବାହିତ ମୋ କର୍ମମୟ ଜୀବନର ସାୟଂ କାଳରେ ମୋର ଜାତି ପ୍ରତି ସର୍ବଶ୍ରେଷ୍ଠ ସେବା ହେଉଛି ମୋ ବିଚାରରେ ମୋର ପ୍ରଣୀତ ରାମାୟଣ ଓ ମହାଭାରତ । ସେଗୁଡ଼ିକରେ ଏପରି ଗୋଟିଏ ହେଲେ ପୃଷ୍ଠା ନାହିଁ ଯାହା ଅଧ୍ୟୟନ କଲେ ପାଠକ ପ୍ରାଣରେ ଅଧିକ ସାହସ, ସଙ୍କଳ୍ପ ଓ ଚିତ୍ତଶୁଦ୍ଧି ଜାତ ନ ହେବ । ସେଗୁଡ଼ିକ କେବଳ କାହାଣୀ ବା ଗଳ୍ପ ପୁସ୍ତକ ନୁହେଁ । ଅବଶ୍ୟ କାହାଣୀ ରୂପେ ସେଗୁଡ଼ିକ ଅତ୍ୟନ୍ତ ଚମତ୍କାର ଓ ମନୋମୁଗ୍ଧକର । ଆମର ପୂର୍ବ ପୁରୁଷଗଣ ଯେଉଁମାନେ ପ୍ରେୟ ଅପେକ୍ଷା ଶ୍ରେୟକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବିବେଚନା କରୁଥିଲେ ଓ ଭୌତିକ କ୍ଷେତ୍ରରେ କ୍ଷୁଦ୍ର ଓ ଅଳୀକ ସାଫଲ୍ୟର ଅବିରତ ଅନ୍ୱେଷଣ କରୁଥିଲେ ସେମାନେ ଆମ ଅପେକ୍ଷା ଜୀବନର ନିଗୂଢ଼ ରହସ୍ୟ ଓ ତାତ୍ପର୍ଯ୍ୟ ଗଭୀର ଭାବରେ ଉପଲବ୍ଧି କରିଥିଲେ । ସେମାନଙ୍କ ଚିନ୍ତା ଓ ଚେତନାର ନିଖୁଣ ଆଲେଖ୍ୟ ମଧ୍ୟ ସେଥିରେ ରୂପାୟିତ ।'

ସତ୍ୟ ଥିଲା ତାଙ୍କ ହସ୍ତରେ ଏକ ଅମୋଘ ଅସ୍ତ୍ର ସ୍ୱରୂପ ଓ ନିର୍ଭୀକତା ଏକ ରକ୍ଷା କବଚ ତୁଲ୍ୟ । ମହାତ୍ମାଗାନ୍ଧୀଙ୍କ 'ବିବେକ ରକ୍ଷକ' ରୂପେ ସକଳ ବିଶ୍ୱର ନୈତିକ ବିବେକବୋଧର ସେ ପ୍ରତିଭୂ ସ୍ୱରୂପ ଥିଲେ । ତାଙ୍କ ଜୀବନର ନବମ ଦଶନ୍ଧିରେ ମଧ୍ୟ ସେ

ନିଜର ବିଶ୍ରାମ ବା ଅବସର ବିଷୟ କଦାପି ଚିନ୍ତା କରିନଥିଲେ । ତାଙ୍କ ସଂଗ୍ରାମ ଥିଲା ଅବ୍ୟାହତ ଥିଲା । ବୟସାଧିକ୍ୟ ତାଙ୍କର ପ୍ରଖର ମାନସିକ ଶକ୍ତିକୁ କ୍ଷୁଣ୍ଣ କରି ପାରିନଥିଲା । ଜନପ୍ରିୟତାର ଲୋଭନୀୟ ବେଦୀରେ ନିଜର ଅଦମ୍ୟ ସତ୍ୟାନୁଶୀଳନକୁ ସେ କଦାପି ବଳି ଦେଇନଥିଲେ । କର୍ତ୍ତବ୍ୟ ଯେତେ କଠୋର, କ୍ଳେଶ ଦାୟକ ବା ଅପ୍ରୀତିକର ହେଉ ପଛକେ ସେ ସେଥିରୁ କଦାପି ବିଚ୍ୟୁତ ହୋଇ ନ ଥିଲେ ।

ଭାରତପୁତ୍ରଙ୍କ ନିମିତ୍ତ ଦେଇଯାଇଥିବା ତାଙ୍କ ସର୍ବଶ୍ରେଷ୍ଠ ଶିକ୍ଷା ହେଉଛି–ଯାହା ଯଥାର୍ଥ ଓ ନ୍ୟାୟସଙ୍ଗତ ତାହା ସବୁଠି ଅବସ୍ଥାରେ ହିଁ ଯଥାର୍ଥ ଓ ନ୍ୟାୟସଙ୍ଗତ ।

ତାଙ୍କ ଜୀବନର ମର୍ମବାଣୀ ଥିଲା—

"ସାରା ସଂସାର ମୋର ବିରୋଧରେ ଛିଡ଼ା ହେଉ, ମୋ ଉପରେ ନିନ୍ଦା, ଅପମାନ ଅବିଶ୍ରାନ୍ତ ଭାବରେ ବର୍ଷଣ କରୁ, ମୋତେ ମୋର ସବୁଠାରୁ ମୂଲ୍ୟବାନ ସମ୍ପଦକୁ ହରାଇବାକୁ ପଡୁ ଓ ଦୈନନ୍ଦିନର ଆହାର ପାଇଁ ମୋତେ ଭିକ୍ଷା ମାଗିବାକୁ ପଡୁ ଏପରିକି ମୋର ବନ୍ଧୁମାନେ ମୋ ବିରୋଧରେ ଯାଆନ୍ତୁ ଏବଂ ମୋର ସାହାଯ୍ୟରେ କିଛି ସଙ୍କୋଚ କରନ୍ତୁ ଲୋକେ ସେନା ବ୍ୟୂହ ରଚନା କରି ଭୟଙ୍କର ମାରଣାସ୍ତ୍ର ଧରି ମୋତେ ଆକ୍ରମଣ କରନ୍ତୁ, ଆକାଶ ବିଦୀର୍ଣ୍ଣ ହୋଇ ମୋ ମସ୍ତକ ଉପରେ ନିକ୍ଷିପ୍ତ ହେଉ, ତଥାପି ମୋ ହୃଦୟରେ ତିଳେ ମାତ୍ର ଭୟ ନାହିଁ, ମୁଁ କାହିଁକି ବା ଭୟ କରିବି ?"

ଏ ଶତାବ୍ଦୀର ଅନ୍ୟତମ ଶ୍ରେଷ୍ଠ ମାନବ ରାଜାଜୀ ବହୁକାଳ ପାଇଁ ଅମର ରହିବେ ଏହା ସୁନିଶ୍ଚିତ । ଅମର ସୃଷ୍ଟିରାଜି ଅପେକ୍ଷା ଦୀର୍ଘକାଳ ବ୍ୟାପୀ ଧର୍ମର ଅକ୍ଷୟ ଓ ବିଶାଳ ସେତୁ ସ୍ୱରୂପ ରାଜାଜୀଙ୍କ କ୍ଷୟ ବା ବିଲୟ ସାଧନ କରିବା ମୃତ୍ୟୁ ପକ୍ଷେ ସମ୍ପୂର୍ଣ୍ଣ ଅସମ୍ଭବ ।

•  •  •  •

(କବି ସୁବ୍ରମନ୍ୟ ଭାରତୀଙ୍କ ପଦ୍ୟାଂଶ ଯାହା ରାଜାଜୀ ତାଙ୍କ ସ୍ୱରଚିତ ପୁସ୍ତକ: Hinduism: Doctrine and way of lifeରେ ଇଂରେଜୀରେ ଅନୁଦିତ କରି ଉଦ୍ଧାର କରିଥିଲେ ତାହାର ମର୍ମାନୁବାଦ )



ନୂଆ ଦିଲ୍ଲୀରେ ଅନୁଷ୍ଠିତ କ୍ଷୁଦ୍ର ଶିଳ୍ପ ମେଳାରେ ଓଡ଼ିଶା ମଣ୍ଡପରେ ''କୋଣାର୍କ ଦୂରଦର୍ଶନ''ରେ ଦର୍ଶକ ଭିଡ଼

# ରାଜାଜୀ
# ରାମାୟଣ ଓ ମହାଭାରତ

ପଣ୍ଡିତ ରଘୁନାଥ ମିଶ୍ର

ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ କାବ୍ୟ କବିତା ଲେଖିନାହାନ୍ତି କିମ୍ବା ନାଟକ ଉପନ୍ୟାସ ଲେଖିନାହାନ୍ତି । ଅଳଙ୍କାର ଶାସ୍ତ୍ର ନିୟମରେ ଏଥିରୁ କିଛି ଗୋଟାଏ ଲେଖିଲେ କବି ହେବା କଥା । ଅଳଙ୍କାର ଶାସ୍ତ୍ର ବର୍ତ୍ତମାନ ସେତେ ଚଳୁନାହିଁ । ତେଣୁ କାବ୍ୟ କବିତା ଲେଖିବା ଲୋକଙ୍କୁ ଲୋକେ 'କବି' ଆଖ୍ୟା ଦେଉଛନ୍ତି । ସେମାନଙ୍କୁ ବହୁ ମାନ ଓ ସମ୍ବର୍ଦ୍ଧନା ମଧ୍ୟ ଦିଆଯାଉଛି । ଅଳଙ୍କାରଶାସ୍ତ୍ର ଯେ ଯେତେ ନ ମାନୁଛି, ସେ ସେତେ ବଡ଼ କବି ହେଉଛି । ସାହିତ୍ୟ ଏକାଡେମୀ ମଧ୍ୟ ତାଙ୍କୁ ସ୍ୱୀକାର କରୁଛନ୍ତି ।

କିନ୍ତୁ ରାଜାଜୀ ଏସବୁ ନ ଲେଖି ସୁଦ୍ଧା କବି । କବି ଶବ୍ଦର ବାସ୍ତବ ଅର୍ଥ ହେଉଛି 'କ୍ରାନ୍ତଦର୍ଶୀ'—ଅର୍ଥାତ୍ ଯେ ଦୂର,ପରପାର ଦେଖିପାରେ । ରାଜାଜୀ ଏପରି ଦେଖି ପାରୁଥିଲେ ବୋଲି ଜନ୍ ଗୁନ୍ଥର ତାଙ୍କର "Inside Asia' ଗ୍ରନ୍ଥରେ ତାଙ୍କୁ ବୁଦ୍ଧିମାନ, ବିଚକ୍ଷଣ ଏବଂ ରାଜନୀତି କ୍ଷେତ୍ରରେ କୋକଶିଆଳୀ ପରି ବୋଲି ଲେଖିଛନ୍ତି । ଦ୍ୱିତୀୟ ମହାଯୁଦ୍ଧ ପରେ ଭାରତକୁ କେଉଁ ପ୍ରକାର ସ୍ୱାଧୀନତା ଓ କେତେ ସ୍ୱାଧୀନତା ଦେବାକୁ ହେବ ବୋଲି ଯେଉଁ କ୍ରିପସ-କମିଶନ୍ ଆସିଥିଲା ତାର ଅଧିନାୟକ ସାର ଷ୍ଟାଫୋର୍ଡ କ୍ରିପ୍ସ ଆଉ ପାହାଡେ ଉପରକୁ ଚଢ଼ି, ରାଜଗୋପାଳଙ୍କର ପ୍ରଶଂସା କରି କହିଛନ୍ତି ଯେ ସେ ପରପାର ଓ ପରିଣାମ-ଦର୍ଶୀ । ରାଜଗୋପାଳ ଅବିଭକ୍ତ ମାଡ୍ରାଜ ପ୍ରଦେଶର (ଆନ୍ଧ୍ର, ତାମିଲନାଡୁ, କର୍ଣ୍ଣାଟକ ଓ କେରଳ ରାଜ୍ୟ ମିଶିଲେ ଅବିଭକ୍ତ ମାଡ୍ରାଜ ପ୍ରଦେଶ) ନେତା ଥିଲେ ଓ ସେ ଥିଲେ ତାର ପ୍ରଥମ ମୁଖ୍ୟମନ୍ତ୍ରୀ । ତା'ପରେ ସେ ହେଲେ କେନ୍ଦ୍ରରେ ମନ୍ତ୍ରୀ ଓ ରାଜ୍ୟରେ ରାଜ୍ୟପାଳ । ଗୋଟାଏ ସମୟରେ ସେ ଏକପ୍ରକାର ରାଷ୍ଟ୍ରପତି ଆସନରେ ଥିଲେ । ଭାରତର ସ୍ୱାଧୀନତା ବ୍ରିଟିଶ ହାତରୁ ତାଙ୍କ ହାତକୁ ହସ୍ତାନ୍ତରିତ ହୋଇଥିଲା । ସେ ଥିଲେ ମହାତ୍ମାଗାନ୍ଧୀଙ୍କର ସମ୍ବନ୍ଧୀ, ତାଙ୍କ ଝିଅ ଗାନ୍ଧୀଙ୍କ ପୁଅକୁ ବିବାହ କରିଥିଲା । କିନ୍ତୁ ଏ ସବୁ କାରଣରୁ ରାଜାଜୀ କବି ନୁହନ୍ତି, କିମ୍ବା ଜାତିର ନମସ୍ୟ ନୁହନ୍ତି । ସେ ରାମାୟଣ ଓ ମହାଭାରତ ଠିକଣା ଭାବରେ ବୁଝି ପାରିଥିବାରୁ ଓ ଲେଖିଥିବାରୁ ସେ କବି, ସେ ଜାତି ପୂଜ୍ୟ ।

ରାଜାଜୀ ପ୍ରଥମେ ମହାଭାରତ ଲେଖି ପରେ ରାମାୟଣ ଲେଖିଲେ । ସେ ମାଡ୍ରାଜର ମୁଖ୍ୟମନ୍ତ୍ରୀ ଥିବାବେଳେ, କଣ୍ଟାନର ଘନଘଟା ମଧ୍ୟରେ, ମହାଭାରତ ଲେଖା ଆରମ୍ଭ କଲେ ୧୯୩୮ରେ । ୧୯୫୪ରେ ମାଡ୍ରାଜରେ ମୁଖ୍ୟମନ୍ତ୍ରୀତ୍ୱ ଦ୍ୱିତୀୟବାର ତ୍ୟାଗ କରିବା ପରେ ସେ ରାମାୟଣ ରଚନା କଲେ । ରାମାୟଣ ଓ ମହାଭାରତ ଉଭୟର ମୂଳ ରଚନା ତାମିଲ୍-ଭାଷାରେ ହୋଇଥିଲା । ମହାଭାରତର ପ୍ରଥମ ଇଂରେଜି ସଂସ୍କରଣ ୧୯୫୧ ରେ ଓ ରାମାୟଣର ୧୯୫୭ରେ ଭାରତୀୟ-ବିଦ୍ୟା-ଭବନ ପ୍ରକାଶ କଲେ ।

ମହାପୁରୁଷମାନଙ୍କର ଏକ ପ୍ରଧାନ ଲକ୍ଷଣ ହେଉଛି—ବିନୟ । ମହାକବି କାଳିଦାସ ରାମ କଥାକୁ "ରଘୁବଂଶ" ନାମ ଦେଇ ମହାକାବ୍ୟ ରଚନା କଲାବେଳେ ଲେଖିଲେ

'କ୍ୱ ସୂର୍ଯ୍ୟପ୍ରଭବୋ ବଂଶଃ କ୍ୱ ଚାଳ୍ପବିଷୟାମତିଃ,
ତିତୀର୍ଷୁ ଦୁସ୍ତରଂ ମୋହାଦୁଡୁପେନାସ୍ମି ସାଗରମ୍ ।
ମନ୍ଦଃ କବିଯଶଃପ୍ରାର୍ଥୀ ଗମିଷ୍ୟାମ୍ୟୁପହାସ୍ୟତାଂ,
ପ୍ରାଂଶୁଲଭ୍ୟେ ଫଳେ ଲୋଭାଦୁଦ୍ବାହୁରିବ ବାମନଃ ।

—ସୂର୍ଯ୍ୟଙ୍କଠାରୁ ଜନ୍ମ ହୋଇଥିବା ବଂଶ କେଉଁଠାରେ, ସ୍ୱଳ୍ପମତି ମୁଁ କେଉଁଠି ? ଭେଳାଟାଏ ଧରି ଦୁସ୍ତର ମହାସାଗର ପାର ହେବାକୁ ଇଚ୍ଛା କରୁଛି । ମୁଁ ନିତାନ୍ତ ମନ୍ଦଜନ । କବି ଯେଉଁ ଯଶପାଏ ତାହା ପାଇବା ଲାଗି ଯଦି ଇଚ୍ଛା କରୁଛି, ତାହାହେଲେ ହାତ ନ ପାଇବା ପରି ଡାଳରେ ଫଳିଥିବା ଫଳକୁ ତୋଳିବା ପାଇଁ ବାମନ ହାତ ବଢ଼ାଇ ଉପହସିତ ହେବା ପରି ମୁଁ ହେବି । —ମହାକବି କାଳିଦାସ କବି ଭାବରେ ଉପହସିତ ହେବେ ବୋଲି ଆଶଙ୍କା କରୁଛନ୍ତି । କିନ୍ତୁ ଏବର କବିମାନଙ୍କର ମନୋଭାବ ବିଚାର କରନ୍ତୁ, ସମସ୍ତେ ନିଜକୁ ବିଶ୍ୱକବି ବୋଲି ଭାବି ନେଉଛନ୍ତି, ସେହିପରି ଠାଣିମାଣି ଦେଖାଉଛନ୍ତି ।

କାଳିଦାସଙ୍କ ପରି ରାଜାଜୀ ଲେଖିଲେ—

"The fault such as may be noticed are entirely mine. If readers find pathos and beauty in spite of defects necessarily involved in translating such matter into a foreign tongue, it is all Valmiki's magic."

—ରାମାୟଣକୁ ଅନୁବାଦ କରିବାରେ ଯଦି କିଛି ଦୋଷ ରହିଛି, ସେ ଦୋଷ ସମ୍ପୂର୍ଣ୍ଣ

ଭାବରେ ମୋର । ଏଭଳି ବିଷୟ ବିଦେଶୀ ଭାଷାରେ ଅନୁବାଦ କରିବାରେ କେତେକ ଦୋଷ ରହିବ ନିଶ୍ଚୟ । ଏହା ସତ୍ତ୍ୱେ ଏଥିରେ ଯଦି କିଛି କରୁଣ ଓ ରମଣୀୟ ରସ ରହିଛି ତାହାହେଲେ ତାହା ବାଲ୍ମୀକିଙ୍କର ମହତ୍ତ୍ୱ, ତାଙ୍କର ଯାଦୁ ଓ କୌଶଳ [ଏଥିରେ ମୋର କିଛି ନାହିଁ ] । ରାଜାଜୀଙ୍କ ପରି ପ୍ରବୀଣ, ପାରଙ୍ଗମ ବ୍ୟକ୍ତି କେତେ ଲଭିପଡ଼ି ନାହାନ୍ତି ! ଏହା ହିଁ ବିନୟର ପରାକାଷ୍ଠା ।

"ମୋର ଆଉ ଅଧିକ ଶକ୍ତିସାମର୍ଥ୍ୟ ଥାନ ଗୌରବ ହେଲେ ଥାଆନ୍ତା । ତାହାହେଲେ ମୁଁ ରାମାୟଣ-ମହାଭାରତର ପରିବେଷଣ ଯେପରି କରିପାରିଛି ତାହାଠାରୁ ଆଉ ଅଧିକରେ କରି ପାରିଥାଆନ୍ତି ।" ଧନ୍ୟ ରାଜାଜୀ, ଏ ବିନୟ ଅନନ୍ୟଜନସାମାନ୍ୟ ।

ରାମାୟଣ—ମହାଭାରତ ଭାରତର ଘର-ଘରକ କଥା, ଦୈନନ୍ଦିନ ଆଲୋଚ୍ୟ ବିଷୟ । ଏହା ନଜାଣେ କିଏ ? ରାଜାଜୀଙ୍କ ପରି ପ୍ରବୀଣ ରାଜନୀତିଜ୍ଞ, ନମସ୍ୟ ନେତା, ନୀତିନିଷ୍ଠ ପ୍ରଶାସକ ଏହି ଦୁଇ ବିଷୟରେ ଗ୍ରନ୍ଥ ଲେଖିବାକୁ ଗଲେ । କାହିଁକି ? ପ୍ରଶ୍ନର ଉତ୍ତର ଦେଇ ରାଜାଜୀ କହିଛନ୍ତି—

"ପୁଣି କହିରଖେ ଭାରତ-ଇତିହାସର ଘଟନାବହୁଳ ସଙ୍କଟ ସଙ୍କୁଳ ପରିସ୍ଥିତିରେ ରହି ଜୀବନର ସାନ୍ଧ୍ୟକାଳରେ ମୁଁ ମହାଭାରତ ଓ ରାମାୟଣକୁ ଯେ ଲେଖିଛି, ତାହା ଦ୍ୱାରା ମୋର ମନେହେଉଛି, ମୁଁ ମୋ ଦେଶର ଯଥାର୍ଥ ସେବା କରିଛି ।"

କାରଣ "ପ୍ରାଚୀନ ଭାରତର ଆର୍ଯ୍ୟଋଷିଙ୍କ ସହିତ ଘନିଷ୍ଠତା ସ୍ଥାପନ କରିବା ବର୍ତ୍ତମାନ ସମୟରେ ଅପରିହାର୍ଯ୍ୟ ରୂପେ ଆବଶ୍ୟକ । ତାହାହେଲେ ଆମ ଭବିଷ୍ୟତ-ସୌଧ ବାଲୁଭୂମିରେ ନିର୍ମିତ ନହୋଇ ଶିଳାଭୂମିରେ ସୁଦୃଢ଼ ଭାବରେ ନ୍ୟସ୍ତ ହେବ ।"

"ଆମ ଦେଶର ଋଷି ଦେଶର ପରିସୀମା ଧାର୍ଯ୍ୟ କରି ନ ଥିଲେ । ସେମାନେ ସବୁ ବିଷୟରେ ମାନବ ଜାତି କଥା ଚିନ୍ତା କରୁଥିଲେ । ରାମାୟଣ ଓ ମହାଭାରତରେ ସେମାନଙ୍କର ଚିନ୍ତା ଫୁଟିଉଠିଛି । ସମଗ୍ର ପୃଥିବୀ ବୁଝି ପାରିବା ଭଳି ଭାଷାରେ ଏହାର ଅନୁବାଦ କରିବାରେ ସେମାନଙ୍କର ଉଦ୍ଦେଶ୍ୟ ହିଁ ସାଧନ କରାଯାଉଛି ।"

"ପୁରାଣ ଧର୍ମର ଏକ ବିଶେଷ ଅଂଶ । ପାଚିଲା ଫଳର ରସ ଓ ସ୍ୱାଦକୁ ତା ଖୋପା ନିବିଡ଼ ଭାବରେ ଚିପିରଖିବା ପାଇଁ ଯେପରି ପ୍ରୟୋଜନ ଧର୍ମ ଓ ଜାତୀୟ-ସଂସ୍କୃତିକୁ ରକ୍ଷା କରିବା ପାଇଁ ପୁରାଣ ସେହିପରି ଅବଶ୍ୟକ । ବାସ୍ତବ ବସ୍ତୁଠାରୁ ରୂପ କୌଣସି ଗୁଣରେ ଊଣା ନୁହେଁ । ଧର୍ମକୁ ଚିପୁଡ଼ି ନିଗାଡ଼ି ତାର ମୌଳିକ ରସକୁ ଗୋଟାଏ ବୋତଲ ଭିତରେ ଭର୍ତ୍ତି କରି ରଖାଯାଇ ନ ପାରେ । ଏହା ଯଦି କରାଯାଏ, ଏହା ବେଶିଦିନ ରହିବ ନାହିଁ କିମ୍ବା କିଛି କାମରେ ଲାଗିବ ନାହିଁ । ଯେ କୌଣସି ବିଶିଷ୍ଟ ସଂସ୍କୃତି, ତାର ଆଧ୍ୟାତ୍ମିକ ପ୍ରତିଷ୍ଠା ସ୍ଥାପନ କରିବାକୁ ହେଲେ, ତାର ପୁରାଣ ଓ ପୁଣ୍ୟପୁରୁଷଙ୍କ ଉପରେ ନିର୍ଭର କରିବା ଆବଶ୍ୟକ ।"

ଭାରତରେ ଏହି ଧାରଣା ଚଳି ଆସୁଥିବା କାରଣରୁ "ଭାରତରେ ପ୍ରତ୍ୟେକ ଘରେ ପିଲାଏ ମାଆ କୋଳରେ ବସି, ଭାଷା ଶିଖିବା ପରଠାରୁ, ଏହି ସବୁ ଆଖ୍ୟାୟିକା ମନ ଦେଇ ଶୁଣୁଥିଲେ, ଚିତ୍ରିତ ନାରୀ ପୁରୁଷଙ୍କର ସୁଖ-ଦୁଃଖରେ ଭାଗୀ ହେଉଥିଲେ । ସୀତା ଓ ଦ୍ରୌପଦୀଙ୍କର ଦୁଃଖ, ରାମ ଓ ଅର୍ଜୁନଙ୍କର ଧୈର୍ଯ୍ୟ ତଥା ସାହସ, ଲକ୍ଷ୍ମଣଙ୍କର ଭ୍ରାତୃଭକ୍ତି ଏବଂ ହନୁମାନ୍‌ଙ୍କର ସେବା ଭାବ ସେମାନଙ୍କର କୋମଳ ପ୍ରାଣରେ ଜୀବନ ଦର୍ଶନ ହୋଇଥିଲା ।"

ବର୍ତ୍ତମାନ ସୁଦ୍ଧା ଆମ ପିଲାଏ କେବେ କିପରି ରାମାୟଣ ଓ ମହାଭାରତ କଥା ଶୁଣୁଛନ୍ତି । ଏଥିର ଆଖ୍ୟାୟିକା "ସେମାନଙ୍କ ନିକଟରୁ 'କାଳକ୍ଷେପ' (ଓଡ଼ିଶାର ପାଲା ଓ ଦାସକାଠିଆ ପରି ଦାକ୍ଷିଣାତ୍ୟରେ 'କାଳ-କ୍ଷେପମ୍' କରାଯାଏ) ଓ ସିନେମା ଆକାରରେ ଆସୁଛି । କିନ୍ତୁ ବ୍ୟାସ—ବାଲ୍ମୀକି ଚରିତ୍ର ଯେପରି ଚିତ୍ରଣ କରିଛନ୍ତି ଏଥିରେ ସେପରି ହେଉନାହିଁ । କେଉଁଠାରେ ଅତିଶୟ ଚିତ୍ରଣ ରହୁଛି ତ କେଉଁଠାରେ ଚିତ୍ରଣ ଲଘୁ ହେଉଛି । ଚିତ୍ରଣକୁ ନିଜ ଶୈଳୀରେ କରାଯାଉଛି ।"

"କେହି ସମଗ୍ର ଭାରତବର୍ଷ ବୁଲି ସବୁ ଦେଖିପାରେ । କିନ୍ତୁ ରାମାୟଣ ମହାଭାରତ ନ ପଢ଼ିଲେ ଭାରତୀୟ ଜାତୀୟଜୀବନ ସମ୍ପର୍କରେ ତାର ଧାରଣା ହେବ ନାହିଁ ।" ସୁତରାଂ ଭାରତୀୟ ଜାତୀୟ-ଜୀବନ ସମ୍ପର୍କରେ ଧାରଣା ପାଇବାକୁ ହେଲେ ରାମାୟଣ ମହାଭାରତ ସର୍ବୋତ୍ତମ ପାଠ୍ୟ ଏବଂ ତାହା ବ୍ୟାସ—ବାଲ୍ମୀକି ଲେଖିଥିବା ରୂପରେ ହେବା ଉଚିତ । ଅବଶ୍ୟ ସଂସ୍କୃତ ଭାଷା ଜାଣି ନଥିବା ଲୋକେ ଏହା ଭାଷା-ନ୍ତରରେ ପଢ଼ି ପାରନ୍ତି କିନ୍ତୁ ଭାରତବାସୀ ମୂଳ ସଂସ୍କୃତରେ ଏହା ପଢ଼ିବାକୁ ହେବ ବୋଲି ରାଜାଜୀ ସୁସ୍ପଷ୍ଟ ଲେଖି ନଥିଲେ ସୁଦ୍ଧା, ରାମାୟଣ ଓ ମହାଭାରତ ପରି ଯେଉଁ ଭାଷା ସମଗ୍ର ଭାରତର ଐକ୍ୟ ସାଧନ କରିଛି ଓ କରୁଛି ତାହା ତାଙ୍କ ମନୋଭୂମିରେ ଥିବା ପରି ମନେହେଉଛି । ସଂସ୍କୃତରେ ନ ପଢ଼ିଲେ ରାମାୟଣର ସ୍ୱାରସ୍ୟ ଓ ମହାଭାରତର ମଧୁରିମା କଣ ଉପଲବ୍ଧିକୁ ଆସିବ ?

ରାମାୟଣ ଓ ମହାଭାରତ ଭାରତର ଅନିର୍ବାର୍ଯ୍ୟ ବିଷୟବସ୍ତୁ । "ଭାରତର ରାଜନୀତି ସେଇଠାରୁ ଉଠି ଚାଲିଯିବ ଏବଂ ଭାରତର ଅବସ୍ଥା ଯାହା କିଛି ହେଉ ବାଲ୍ମୀକିଙ୍କର ରାମାୟଣ ଓ ବ୍ୟାସଙ୍କର ମହାଭାରତ ଭାରତର ଭାଷାରେ ଚିରଦିନ ରହିବ ।"

"ଆମେ ଚିରଦିନ ମନେରଖିବା ଉଚିତ ଯେ ରାମାୟଣ ଓ ମହାଭାରତର ନିଖୁଣ ଚିତ୍ରଣ ଆମ ଏ ବିରାଟ ଜନତାକୁ ଜାତିଭିନ୍ନତା, ଦୁର୍ବଳତା ଓ ଭାଷାବହୁଳତା—ଯାହା ଆମକୁ ଖଣ୍ଡ ବିଖଣ୍ଡିତ କଲାପରି ଦେଖାଯାଉଛି ତାହା ସତ୍ତ୍ୱେ—ଏକ ମହାଜାତି କରି ରଖିଛି ।"

"ଆମେ ଏକତା ରକ୍ଷା କରି ଏକ ମହାଜାତି ହୋଇ ରହିବାକୁ ହେଲେ ଆମ ପ୍ରାଚୀନ ପରମ୍ପରାକୁ ରକ୍ଷା କରିବାକୁ ହେବ ଏବଂ ଧର୍ମ ଧାରଣା ଧରି ପୃଥିବୀର ସେବା କରିବାକୁ ହେବ । ଧର୍ମ ହିଁ ମାନବ-ଜାତିକୁ ଧରି ରଖିବ । ଧର୍ମ ନ ହେଲେ ମାନବଜାତି ସମୂଳେ ଧ୍ୱଂସ ପାଇଯିବା ନିଶ୍ଚିତ । "


ସୁତରାଂ ସ୍ୱାଧୀନ ଭାରତର ପିଲାଏ ରାମାୟଣ—ମହାଭାରତ ନ ପଢ଼ିବା ଫଳରେ ଏହି ତିରିଶ ବର୍ଷ ମଧ୍ୟରେ ଭାରତର ଦୁରବସ୍ଥା ଏପରି ଗତି କରିଛି । "ସ୍କୁଲ କଲେଜରେ ପଢ଼ୁଥିବା ପିଲାଏ ରାମାୟଣ, ମହାଭାରତ ଭଲ ଭାବରେ ପଢ଼ିବା ଉଚିତ । ୨x ମୂଳ ଗ୍ରନ୍ଥରେ ରାମାୟଣ ଓ ମହାଭାରତ ଯେପରି ଚିତ୍ରିତ କରାଯାଇଛି ଆମ ପିଲାଏ ତାହା ପଢ଼ିବା ଠିକ୍ ହେବ । ମୋର ଏହି ଦୁଇଟି ଗ୍ରନ୍ଥ ସେହି ଉଦ୍ଦେଶ୍ୟ ସାଧନ କରିବା ସକାଶେ ମୁଁ ଲେଖିଛି ।"* ଏହି ଦୁଇଗ୍ରନ୍ଥର ପଠନପାଠନ ଯଥାରୀତିରେ ହେଲେ ଆମ ପରମ୍ପରା, ଜାତୀୟତା ଓ ଏକତା ଦୃଢ଼-ଭିତ୍ତିରେ ପ୍ରତିଷ୍ଠିତ ହେବ ।

ସ୍କୁଲ କଲେଜର ପିଲାଙ୍କ ଉଦ୍ଦେଶ୍ୟରେ ଉପଦେଶ ଦେବା ପରେ ଦେଶନେତା, ରାଜନୀତିକ କର୍ମୀ ଓ ଜାତୀୟ ସେବକମାନଙ୍କୁ ଲକ୍ଷ୍ୟ କରି ରାଜାଜୀ ବିଭିନ୍ନ ଭୂମିକାରେ ଦୀର୍ଘକାଳ ଧରି ରହି ଯେଉଁ ବହୁଦର୍ଶିତା ଅର୍ଜନ କରିଛନ୍ତି ତାହାକୁ ଭିତ୍ତି କରି ଉପଦେଶ ଦେଇଛନ୍ତି—"ରାଜନୀତିକ କର୍ମୀ କିମ୍ବା ଜାତୀୟସେବକ ହୋଇ ପଦବୀରେ ରହି କଠିନ ଶ୍ରମ କରିବା ଉତ୍ତମ କଥା । ମୁଁ ଏସବୁ ଭିତର ଦେଇ ଆସିଛି । କିନ୍ତୁ ପରିଣାମରେ ମୋର ମନେହେଉଛି ଯେ ଏହା ତ୍ୟାଗ କରିବା ପାଇଁ ସମର୍ଥ ହୋଇ ଆମ ଦେଶର ସାଧୁସନ୍ଥଙ୍କ ସହିତ ମିଶି ପବିତ୍ର ଜୀବନଯାପନ

*ଏହି ଲେଖାର ଲେଖକ ଚକ୍ରବର୍ତ୍ତୀ ରାଜଗୋପାଳାଚାରୀଙ୍କର ରାମାୟଣ ଓ ମହାଭାରତ ଓଡ଼ିଆରେ ଅନୁବାଦ କରିଛନ୍ତି ଏବଂ କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର ପ୍ରକାଶ କରିଛନ୍ତି । ଏହି ଲେଖାର ସମସ୍ତ ଉକ୍ତି ରାଜାଜୀଙ୍କର ରାମାୟଣ ଓ ମହାଭାରତ ଭୂମିକାରେ ରହିଛି ।

କରିବା ଓ ଆମ ଲୋକଙ୍କୁ ଆମର ପବିତ୍ର ସଂସ୍କୃତି ଶିକ୍ଷା ଦେବାରେ ଆମ ସାଧୁସନ୍ଥଙ୍କୁ ସାହାଯ୍ୟ କରିବା ଉତ୍ତମ କଥା ।" ଗୋଟାଏ ବୟସରେ ରାଜନୀତି ଛାଡ଼ି ଏହା କରିବା ଉଚିତ ବୋଲି ସେ ନେତାମାନଙ୍କୁ ଏହା ଦ୍ୱାରା କହି ରଖିଛନ୍ତି । ରାଜାଜୀ ନିଜ ଜୀବନରେ ଏହା କରିଥିଲେ । ଭାରତରେ ପ୍ରାଚୀନ କାଳରେ ଯେଉଁ ସ୍ତରୋଟି ଆଶ୍ରମ ଥିଲା ସମ୍ଭବତଃ ତାହା ରାଜାଜୀଙ୍କର ଲକ୍ଷ୍ୟରେ ଥିଲା ।

ରାଜଗୋପାଳାଙ୍କର ଭୂମିକା ଗୋଟାଏ ନିଶୁଣୀ ପରି । ଏଥିରେ ତଳ ପାହିଠାରୁ ଆରମ୍ଭ କରି ଉପର ପାହି ପର୍ଯ୍ୟନ୍ତ ସବୁ ଭୂମିକା ରହିଛି । ଏଭଳି ଅଭିଜ୍ଞତା ଅର୍ଜିବା ଲୋକ ଅତି ଅଳ୍ପ । ସେ ଏ ଭାବରେ ଯଥାର୍ଥ ଚକ୍ରବର୍ତ୍ତୀ ।



ସର୍ବାଧିକ ଯକ୍ଷ୍ମା ଟିକଟ ବିକ୍ରୟ କରିଥିବାରୁ ଗଞ୍ଜାମ ଜିଲ୍ଲା ମୁଖ୍ୟ ମେଡ଼ିକାଲ ଅଫିସରଙ୍କୁ ଓଡ଼ିଶାର ରାଜ୍ୟପାଳ ଶ୍ରୀ ବି. ଡି. ଶର୍ମା ସିଲ୍ଡ ପ୍ରଦାନ କରୁଛନ୍ତି

# ଡାକ୍ତର ଆରୋଗ୍ୟମ୍

ମୂଳଲେଖା—ସ୍ୱର୍ଗତ ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ

ଓଡ଼ିଆ ଅନୁବାଦ-ଶ୍ରୀଦିବାକର ସୂପକାର

(ସ୍ୱର୍ଗତ ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ ଭାରତବର୍ଷର ଐତିହାସିକ ଆକାଶରେ ଏକ ଉଜ୍ଜ୍ୱଳ ନକ୍ଷତ୍ର । ରାଜନୈତିକ ନେତୃତ୍ୱ ଓ ଦୂରଦର୍ଶିତା ଯୋଗୁଁ ସେ ଦେଶ ବିଦେଶରେ ବିଖ୍ୟାତ । କିନ୍ତୁ ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେ ଜଣେ ମହାରଥୀ । ଇଂରେଜି ଭାଷାରେ ପ୍ରକାଶିତ ତାଙ୍କର ଦୁଇଟି ପୁସ୍ତକ 'ରାମାୟଣ' ଓ 'ମହାଭାରତ' ଭାରତର ନୈତିକ ଆଦର୍ଶ ଓ ସଂସ୍କୃତିକୁ ବିଶ୍ୱ ସାହିତ୍ୟରେ ପ୍ରତିଷ୍ଠିତ କରିଛି । ସାମ୍ବାଦିକତାରେ ମଧ୍ୟ ସେ ଅତି ନିପୁଣ ଥିଲେ । ତାଙ୍କର ଅନେକ କ୍ଷୁଦ୍ର ଗଳ୍ପ ତାମିଲ ଭାଷାରୁ ଭାଷାନ୍ତରିତ ହୋଇଛି । ତାଙ୍କର ଏହି ଗଳ୍ପମାନ ବିଶେଷ ଶିକ୍ଷାପ୍ରଦ । 'ଡାକ୍ତର ଆରୋଗ୍ୟମ୍' ତାଙ୍କର ଏକ କ୍ଷୁଦ୍ର ଗଳ୍ପ । ଏହା ତାଙ୍କର କଳାକୁଶଳତା ଓ ଶିକ୍ଷାପ୍ରଦ କୃତିତ୍ୱର ଏକ ସୁନ୍ଦର ନିଦର୍ଶନ ।)

ସେଠ୍ ବଂଶୀଲାଲ୍ ଗର୍ଜି ଉଠିଲେ "ଆଉ ଦିନେ ସୁଦ୍ଧା ସମୟ ଦେବି ନାହିଁ ।"

ଡାକ୍ତର ଆରୋଗ୍ୟମ୍ କହିଲେ, "ମୁଁ ଆପଣଙ୍କ ପାଇଁ କେତେ କଷ୍ଟ ନ ସହିଛି ? କିନ୍ତୁ ଆପଣଙ୍କୁ ଏକ କିସ୍ତିରେ ଏତେ ଟଙ୍କା କେଉଁଠୁ ଆଣି ଦେବି ?"

ସେ ପୁଣି କହିଲେ, "ଜାଣେ ନା, କେଉଁ ଖରାପ ସମୟରେ ମୋର ବୁଦ୍ଧି ଭ୍ରଷ୍ଟ ହୋଇ ଯାଇଥିଲା । ମୁଁ ଏପରି ଖରାପ କାମ କରି ପକାଇଛି । ଆପଣ ମୋତେ କ୍ଷମା କରନ୍ତୁ । ଭଗବାନ୍ ଆପଣଙ୍କର ମଙ୍ଗଳ କରିବେ । ଆପଣଙ୍କର କୌଣସି କଥା ଭଣା ନାହିଁ । ଭଗବାନ୍ ଆପଣଙ୍କୁ ଅଗାଧ ସମ୍ପତ୍ତି ଦେଇଛନ୍ତି । ଆପଣଙ୍କ ପକ୍ଷରେ ଏହା ବଡ଼ କଥା ନୁହେଁ ।"

ଡାକ୍ତରଙ୍କ ଆଖିରୁ ଦୀନତାର ଲୁହ ଝରୁଥିଲା । ସେଠ୍ ବଂଶୀଲାଲ ପାଟି କରି କହିଲେ, "ମୁଁ ଭଗବାନ୍ ଫଗବାନ୍ କିଛି ଶୁଣିବି ନାହିଁ । ତୁମେ ଯେତେବେଳେ ବିଶ୍ୱାସ ଘାତକତା କଲ, ସେତେବେଳେ ତୁମର ଭଗବାନ୍ କେଉଁଠି ଥିଲେ ? ଗଲା ବାରମାସ ଧରି ତୁମେ ବଦ୍ଧାବର ମିଛ କହି ଆସିଛ ଓ ମୋ ପଇସା ଲୁଟି ଗ୍ରସିଛି । ଏବେ ଭଗବାନଙ୍କ ନାମ ଧରିବାକୁ ତୁମକୁ ଲାଜ ମାଡୁ ନାହିଁ ? ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜେଲ୍‌ରେ ରହ ଓ ନିଜ ଭଗବାନଙ୍କୁ ପୂଜା କର । ମୁଁ ଶେଷ ଥର ପାଇଁ କହୁଛି । ଆସନ୍ତା ଶୁକ୍ରବାର ସୁଦ୍ଧା ମୋ ଟଙ୍କା ଶୁଝି ଦିଅ । ନ ହେଲେ ପୁଲିସ୍‌ରେ ରିପୋର୍ଟ କରିବି । ସାବଧାନ ।"

ଏତିକି କହି ବଂଶୀଲାଲ ଚାଲିଗଲେ । ଡାକ୍ତର ପଲ୍ ଆରୋଗ୍ୟମଙ୍କ ନାମ ତାଙ୍କର ପିତାମାତା ବୈଦ୍ୟନାଥନ୍ ରଖିଥିଲେ । ତାଙ୍କୁ ଖ୍ରୀଷ୍ଟିଆନ୍ କରାଇଥିବା ପାଦ୍ରୀ ନିଜ ନାମର ଏକ ଭାଗ ସହିତ ବୈଦ୍ୟନାଥନ୍ ନାମରେ ଅଳ୍ପ ପରିବର୍ତ୍ତନ କରି ଉଭୟ ନାମ ମିଶାଇ ପଲ ଆରୋଗ୍ୟମ୍ ନାମ ରଖିଥିଲେ । ପଲ୍ ଆରୋଗ୍ୟମ୍ କିଛି ଦିନ ଗୋଟିଏ ଖ୍ରୀଷ୍ଟିଆନ୍ ସ୍କୁଲରେ ପଢ଼ିଲେ । କିନ୍ତୁ ମେଟ୍ରିକ ପରୀକ୍ଷା ପାସ୍ କରି ପାରିଲେନାହିଁ । ତେଣୁ ଘରେ ଓ କଲିକତାକୁ ଯାଇ ଚାକିରୀ ଖୋଜିବାରେ ଲାଗିଲେ । ଯେତେବେଳେ କୌଣସି ଚାକିରୀ ମିଳିଲା ନାହିଁ, ସେତେବେଳେ ସେ କିଛି ହୋମିଓପାଥି ଚିକିତ୍ସା ଶିଖିଲେ । ସେ କିଛି ହୋମିଓପାଥି ଚିକିତ୍ସା ବ୍ୟବସାୟ ପରେ କାଶୀକୁ ଯାଇ ଚିକିତ୍ସା ବ୍ୟବସାୟ ଆରମ୍ଭ କଲେ । ସେଠାରେ ତାଙ୍କର ରୋଜଗାର ଭଲ ଚାଲିଲା ନାହିଁ । ଏହି ଭଳିଆ ପାଞ୍ଚ ବର୍ଷରେ ଥିବା ଲୁଗା ଦୋକାନର ବ୍ୟବସାୟୀଙ୍କ ସହିତ ମିତ୍ରତା ଆରମ୍ଭ କଲେ । ସେ ତାଙ୍କ ପାଇଁ ବାଙ୍ଗାଲୋରରେ ବ୍ୟବସାୟୀମାନଙ୍କଠାରୁ ନାନା ପ୍ରକାର ଶାଢ଼ୀ ମଗାଇ ଦେଲେ । କାଳକ୍ରମେ ସେ ଲୁଗା ମଗାଇବାରେ ଲାଗିଲେ । ଲୁଗା ବ୍ୟବସାୟୀଙ୍କଠାରୁ ଯାହା ପଇସା ମିଳିଲା ତାହା ବାଙ୍ଗାଲୋରକୁ ନ ପଠାଇ ନିଜେ ଖର୍ଚ୍ଚ କରିବାରେ ଲାଗିଲେ ଓ ବ୍ୟବସାୟୀମାନଙ୍କ ସହିତ ଟାଳଟୁଳ କରିବାକୁ ଲାଗିଲେ । ଏହି ପରି ଦୁଇବର୍ଷ ବିତିଗଲା । ବ୍ୟବସାୟୀ-ମାନଙ୍କଠାରୁ ଆଣିଥିବା ଅଗ୍ରିମ ଟଙ୍କା ବହୁତ ବଢ଼ିଗଲା । ଏହି ସମୟରେ ଶେଠ୍ ବଂଶୀଲାଲଙ୍କୁ ଏ ଖବର ମିଳିଲା ।

ପୁଲିସ୍ ବାଲାଙ୍କ ସଙ୍ଗେ ସେଠଜୀଙ୍କର ଖୁବ୍ ଘନିଷ୍ଠତା ଥିଲା । ସେ ସେମାନଙ୍କ ସଙ୍ଗେ ପରାମର୍ଶ କଲେ । ସେ ଜାଣିଥିଲେ ଯେ ମୋକଦ୍ଦମା ଚଳାଇଲେ ଡାକ୍ତରଙ୍କୁ ଜେଲଦଣ୍ଡ ହେବ । କିନ୍ତୁ ପଇସା ମିଳିବ ନାହିଁ । ତେଣୁ ସେମାନେ ଏହି ସିଦ୍ଧାନ୍ତରେ ପହଞ୍ଚିଲେ ଯେ କୌଣସି ମୋକଦ୍ଦମା ନ ଚଳାଇ, ଧମକ ଦେଇ, ଡରାଇ ତାଙ୍କଠାରୁ ଟଙ୍କା ଆଦାୟ କରିବାକୁ ହେବ । ଏହି ଯୋଜନା ଅନୁସାରେ ଗୁରୁବାର ଦିନ ଖରାବେଳେ ଜଣେ ପୁଲିସ୍ ଅଫିସର ଡାକ୍ତର ଆରୋଗ୍ୟମ୍‌ଙ୍କର ଘରକୁ ଗଲେ ଆଉ ପଚାରିଲେ "ଡାକ୍ତର ଘରେ ଅଛନ୍ତି କି ନାହିଁ ?"

ଡାକ୍ତର ଯେତେବେଳେ ଏହା ଜାଣିଲେ, ସେ ଖୁବ୍ ବିବ୍ରତ ହେଲେ । ସେ ସୋଫାରେ ଢଳି ପଡ଼ିଲେ । ଅତୀତ ଜୀବନର ସ୍ମୃତି ତାଙ୍କର ଆଖି ଆଗରେ ଖେଳିଗଲା । ତାଙ୍କର ଅତୀତ ଜୀବନ ଦୁଃଖମୟ ଥିଲା । ସେ ପିଲାଙ୍କ ପରି କାନ୍ଦିବାକୁ ଲାଗିଲେ । ଅତୀତର ଛୋଟ ଛୋଟ କଥା ତାଙ୍କର ମନେ ପଡ଼ିଲା ।

ଶୈଶବ ଅବସ୍ଥାରେ ତାଙ୍କର ମାଆ ମରିଗଲେ । ବାପା ତାଙ୍କର ଦ୍ୱିତୀୟ ବିବାହ କଲେ । ପିତାଙ୍କର ପୁନର୍ବିବାହ ଯୋଗୁଁ ତାଙ୍କୁ ଅନେକ କଷ୍ଟ ସହିବାକୁ ପଡ଼ିଥିଲା । ଶେଷରେ ସେ ଘରୁ ପଳାଇଗଲେ । ଖ୍ରୀଷ୍ଟିୟାନ୍ ପାଦ୍ରୀଙ୍କ ସହିତ ତାଙ୍କର ଭେଟ ହେଲା । ପାଦ୍ରୀ ତାଙ୍କୁ ତିରୁ କୋଚ୍ଚୁରକୁ ନେଇଗଲେ । ସେ ଖ୍ରୀଷ୍ଟ ଧର୍ମ ଗ୍ରହଣ କଲେ । ପାଦ୍ରୀ ତାଙ୍କୁ କିଛି ଦିନ ଭରଣ ପୋଷଣ କଲେ । ପରେ ସେ ତଡ଼ା ଖାଇଲେ । ପରେ ପୁଦୁଚେରି, ବମ୍ବାଇ, କଲିକତା ଆଦି ସ୍ଥାନରେ ବାରବୁଲା ହୋଇ ବୁଲିଲେ ।

ତାଙ୍କର ହୃଦୟ ପଟରେ ଏହି ସବୁ କଥା ଚଳଚ୍ଚିତ୍ର ପରି ଅଙ୍କିତ ହେଉଥାଏ । ସେ ଏହି ଚିନ୍ତାରେ ମଗ୍ନ ରହିଥିବା ସମୟରେ ତାଙ୍କର ଆଖି ବୁଜି ହୋଇଗଲା । ସ୍ୱପ୍ନରେ ସେ ଦେଖିଲେ ଗଣେଶ ପ୍ରସନ୍ନ ହୋଇ ତାଙ୍କୁ ଦେଖୁଛନ୍ତି ଓ ପଚାରୁଛନ୍ତି, "କିରେ ପଥ ହଜିକି ଯାଉଛୁ ?" ସେ ଆହୁରି ଦେଖିଲେ ତାଙ୍କର ଭଉଣୀ କାଳାମ୍ବାଲ୍ ମଧ୍ୟ ଗଣେଶଙ୍କ ସଙ୍ଗେ ଅଛନ୍ତି । ଭଉଣୀ ମଧ୍ୟ ତାଙ୍କର

ଏପରି ଦୁରବସ୍ଥା ଦେଖି ଖୁବ୍ ଦୁଃଖିତ ହେଉଛି । ଗଣେଶ କହିଲେ, "ପୁଅ, କାନ୍ଦନା, ତୋର ସବୁ ଦୁଃଖ ଦୂର ହେବ ।" ଭଉଣୀ ମଧ୍ୟ କହିଲା, "ଭାଇ କାନ୍ଦନା, ସବୁ ଠିକ୍ ହୋଇଯିବ ।

ସେମାନଙ୍କ ସାନ୍ତ୍ୱନାରେ ଡାଃ ଆରୋଗ୍ୟମ୍‌ଙ୍କୁ କିଛି ସାନ୍ତ୍ୱନା ମିଳିଲା । କିନ୍ତୁ ଠିକ୍ ତା' ପରେ ତାଙ୍କର ସାବତ ମାଆ ଓ ଶେଠଜୀ ପିଶାଚିନୀ ଓ ପିଶାଚ ବେଶରେ ଆସି ତାଙ୍କୁ ସ୍ୱପ୍ନରେ ଡରାଇବାକୁ ଲାଗିଲେ । ସେ ଶାବଡ଼େଇ ଯାଇ ଉଠି ପଡ଼ିଲେ । ଦେଖିଲେ ବାଟରେ କିଏ କବାଟ ବାଡ଼ଉଛି । ତାଙ୍କର ମନରେ ଟିକିଏ ସୁଦ୍ଧା ସନ୍ଦେହ ରହିଲା ନାହିଁ ସେ ପୁଲିସ୍ ତାଙ୍କୁ ଗିରଫ୍ କରିବାକୁ ଆସିଛି । ହଠାତ୍ ତାଙ୍କର ମନେ ପଡ଼ିଲା ଆଜି ଶୁକ୍ରବାର ନୁହେଁ । ସେ ମନରେ ଧୈର୍ଯ୍ୟ ଧରି ଉଠି ପଡ଼ିଲେ ଓ ଦରଜା ଖୋଲି ପଚାରିଲେ "କିଏ ସେ ତୁମେ ?"

ଆଗନ୍ତୁକଙ୍କର ନାମ ହେଉଛି ଶିବ-ସୁବ୍ରମଣ୍ୟମ୍ ଆୟାର । ଆଗନ୍ତୁକ କହିଲେ, "ଆପଣ ଯଦି ମୋତେ ଏତିକି କେବଳ ଲେଖି ଦିଅନ୍ତି ଯେ ମୁଁ ରୋଗୀର ଚିକିତ୍ସା କରିଛି କିନ୍ତୁ କିଛି ଭଲ ହେଲା ନାହିଁ ଓ ତାଙ୍କର ମୃତ୍ୟୁ ହେଲା, ତେବେ ମୁଁ ଆପଣଙ୍କୁ ପାଞ୍ଚ ହଜାର ଟଙ୍କା ଦେବି ।"

ଡାକ୍ତର ପଲ୍ ଆରୋଗ୍ୟମ୍ ଗମ୍ଭୀର ହୋଇ ଉଠିଲେ । ସେ କହିଲେ "ମିଷ୍ଟର ଆୟାର, ଆପଣ ଠିକ୍ କହୁଛନ୍ତି । ମୁଁ ସାର୍ଟିଫିକେଟ୍ ଦେବି, କିନ୍ତୁ ଏପରି କରି ମୁଁ କୌଣସି ବିପଦରେ ପଡ଼ିଯାଇ ପାରେ । ସେଥିପାଇଁ ମୁଁ ଏ କାମରେ ହସ୍ତକ୍ଷେପ କରି ପାରିବି ନାହିଁ ।"

ଆୟାର କହିଲେ, ଡାକ୍ତର ବାବୁ, ଆପଣଙ୍କର କୌଣସି ବିପଦ ପଡ଼ିବ ନାହିଁ । ଆପଣ ଟିକିଏ ସୁଦ୍ଧା ଚିନ୍ତା କରନ୍ତୁ ନାହିଁ । ମୁଁ ତାମିଲ ଭାଷୀ, ଆପଣ ମଧ୍ୟ ତାମିଲ ଭାଷୀ । ମୁଁ ଆପଣଙ୍କୁ କୌଣସି ବିପଦରେ ପକାଇବି ନାହିଁ । ମୁଁ ଆପଣଙ୍କୁ ଯାହା କହୁଛି, ସତ କହୁଛି । କୌଣସି କଥା ଗୋପନ କରି ନାହିଁ । ଆପଣ ଦୟା କରି ମୋତେ ସାହାଯ୍ୟ କରନ୍ତୁ । ମୁଁ ସାରା ଜୀବନ ଆପଣଙ୍କଠାରେ ଋଣୀ ହୋଇ ରହିବି" ।

ଏହା କହି ଆୟାର ମହାଶୟ ଡାକ୍ତର ପଲ୍ ଆରୋଗ୍ୟମ୍‌ଙ୍କୁ ନିଜର କଥା ବିସ୍ତୃତ ଭାବରେ ଶୁଣାଇଲେ । ସେ କହିଲେ, "ମୁଁ ଓ ମୋର ବୁଢ଼ା ଶ୍ୱଶୁର ତୀର୍ଥ କରିବା ପାଇଁ ବାହାରି ଥିଲୁ । ବଦ୍ରୀନାଥ ଆଦି ପବିତ୍ର ତୀର୍ଥରେ ବୁଲି ବୁଲି ଏଠାରେ କାଶୀ'ର ପହଁଚିଲୁ । ଏଠାରେ ଆମେ ଚେଟିଆର ଧର୍ମଶାଳାରେ ରହିଲୁ । ବାଟରେ ମୋର ଶ୍ୱଶୁରଙ୍କୁ ଯେଉଁ ଜ୍ୱର ଧରିଥିଲା, ତାହା ଆଉ ଛାଡ଼ିଲା ନାହିଁ । ଆଠଦିନ ଭୀଷଣ ଜ୍ୱରରେ ପଡ଼ି ଗତକାଲି ବୁଧବାର ରାତିରେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ବୃଦ୍ଧାବସ୍ଥାର ଦୁର୍ବଳତା ଓ ଜ୍ୱରର ଦଉଡ଼ ରଥା ପାଇଁ ସେ ବୁଲି ବୁଲି ଶେଷରେ ଏହି ପବିତ୍ର ତୀର୍ଥ ସ୍ଥାନରେ ପ୍ରାଣ ଛାଡ଼ିଲେ । ବର୍ଷେ ହେଲା ତାଙ୍କରେ ସ୍ୱାସ୍ଥ୍ୟ ଠିକ୍ ନ ଥିଲା । ସେ ଗୋଟିଏ ଉଇଲ୍ କରି ତାହା ରେଜେଷ୍ଟ୍ରି କରାଇ ଥିଲେ, ତହିଁରେ ଗୋଟିଏ ନକଲ ତାଙ୍କର ବାକ୍ସରେ ଥିଲା, ତାହା ମୁଁ ତାଙ୍କର ମଲା ପରେ ଦେଖିଲି । ସେହି ଉଇଲ୍‌ରେ ସେ ନିଜର ଜମିବାଡ଼ି ନିଜର କୁଟୁମ୍ବ ପାଳନ ପାଇଁ ରଖିଲେ । ସବୁ ନଗଦ ଟଙ୍କା ନିଜ ଝିଅ ଅର୍ଥାତ୍ ମୋ ଭାର୍ଯ୍ୟାକୁ ଦେଇଛନ୍ତି । କିନ୍ତୁ ସେଥିରେ ଗୋଟିଏ ସର୍ତ୍ତ ଅଛି, ତାଙ୍କର ମୃତ୍ୟୁ ପୂର୍ବରୁ ମୋର ପତ୍ନୀର ଗୋଟିଏ ପୁଅ ଜନ୍ମ ହେବାର କଥା । ନ ହେଲେ ସେ ଟଙ୍କା ତାଙ୍କର ପୁରୁଷ ଉତ୍ତରାଧିକାରୀଙ୍କୁ ମିଳିବ । ଡାକ୍ତର ବାବୁ, ମୁଁ ଆପଣଙ୍କଠାରୁ କିଛି ଲୁଚାଇବାକୁ ଚାହୁଁ ନାହିଁ । ସତ କହୁଛି, ଆମ ଘରେ ଗୋଟିଏ ପରେ ଗୋଟିଏ ହୋଇ ତିନି ଝିଅ ଜନ୍ମ ହେଲେ । ମୁଁ ଯେତେ-ବେଳେ ତୀର୍ଥ ଯାତ୍ରା ପାଇଁ ବାହାରିଲି, ମୋର ଭାର୍ଯ୍ୟାର ସାତ ମାସ ଗର୍ଭ ହୋଇ ଥାଏ । ଆଜି ସକାଳେ ଦଶଟା ସମୟରେ ଘରୁ ଗୋଟିଏ ତାର ମିଳିଛି ଯେ ମୋର ଗୋଟିଏ ପୁଅ ହୋଇଛି । ମାଆ ଓ ପିଲା ଉଭୟ ଭଲ ଅଛନ୍ତି । ପୁଅଟି ଯଦି କାଲି ରାତିରେ ମୋର ଶ୍ୱଶୁରଙ୍କ ମରିବା ପୂର୍ବରୁ ଜନ୍ମିଥାନ୍ତା, ତେବେ ସବୁ ସମ୍ପତ୍ତି ରକ୍ଷା ହୋଇ ପାରି ଥାନ୍ତା । ଏବେ ତାଙ୍କର ଅନ୍ୟ ବଂଶୀୟ ଲୋକଙ୍କର ହାତକୁ ସମ୍ପତ୍ତି ଚାଲିଯିବ । ମୋର ଶ୍ୱଶୁର ମୋତେ ନ କହି ମୋର ପରାମର୍ଶ ନ ନେଇ ମନକୁ ମନ ଏହି ଉଇଲ୍ ନାମା କରି ପକାଇଲେ ଓ ରେଜିଷ୍ଟ୍ରି ମଧ୍ୟ କଲେ । ଏବେ ଆଉ କିଛି ହୋଇ ପାରିବ ନାହିଁ । କେବଳ ଗୋଟିଏ ମାତ୍ର ଉପାୟ ଅଛି—ସେ ଉପାୟ ଆପଣଙ୍କ ହାତରେ । କେବଳ ଆପଣ ହିଁ ଏ ସମ୍ପତ୍ତି ବଂଶୀୟ ଅନ୍ୟ ଲୋକଙ୍କ ହାତରେ ପଡ଼ିବାରୁ ରକ୍ଷା କରି ପାରିବେ । ଶ୍ୱଶୁର କାଲି ରାତିରେ ମଲେ ବା ଆଜି ସକାଳେ ମଲେ—ଏଥିରେ ପ୍ରଭେଦ କଣ ଅଛି ? କାଶୀରେ ମୋର ସଂବନ୍ଧୀୟ ଲୋକେ କେହି ନାହାନ୍ତି । ସେ ଯଦି ଆଜି ସକାଳେ ମରିଥାନ୍ତେ, ତେବେ ସବୁ ସମ୍ପତ୍ତି ମୋ ପୁଅର ହୋଇଥାନ୍ତା, ମୋ ହାତରେ ରହିଥାନ୍ତା ମୁଁ ଶୁଣିଲି ଆପଣ ତାମିଲ-ଭାଷୀ, ତେଣୁ ଆପଣଙ୍କର ଶରଣାଗତ ହେଉଛି । ଏତେବେଳଯାଏ ଶବର ଅନ୍ତେଷ୍ଟିକ୍ରିୟା ମଧ୍ୟ କରି ନାହିଁ । ହନୁମାନ ଘାଟରେ ମୁଁ ଆଜି କ୍ରିୟା କର୍ମ କରିବି । ଆପଣ କେବଳ ଏତିକି ଲେଖିଦେବେ ଯେ ମୁଁ ରୋଗୀର ଚିକିତ୍ସା କଲି ଓ ସେ ଆଜି ଦୁଇ ପହରେ ମରିଗଲେ । ତେବେ ଆପଣଙ୍କର ଖୁବ୍ ଦୟା ହେବ । ଏହା ନିଶ୍ଚିତ ଯେ ଏଥିରେ ଆପଣ କାହାରି କିଛି ଅନିଷ୍ଟ କରୁ ନାହାନ୍ତି । ମୁଁ ଏବେ ଆପଣଙ୍କୁ ପାଞ୍ଚ ହଜାର ଟଙ୍କା ଦେଉଛି । ଆପଣ ଦୟା କରି ଏହା ନିଅନ୍ତୁ ଓ ମୁଁ ଯେପରି କହୁଛି, ସେପରି ଲେଖି ଦିଅନ୍ତୁ । ମୁଁ ତହିଁର ଗୋଟିଏ ନକଲ ତାର କରି ଘରକୁ ପଠାଇ ଦେବି । ମୋର ବିନୀତ ଅନୁରୋଧ ଆପଣ ମଧ୍ୟ ଆଜି ସନ୍ଧ୍ୟାରେ ଦୟାକରି ହନୁମାନ୍ ଘାଟକୁ ଆସି ଦାହ କ୍ରିୟା ଦେଖିଯିବେ । ମୋତେ ରକ୍ଷା କରନ୍ତୁ ।"

ଏ ସବୁ କଥା ଶୁଣି ଡାକ୍ତର ପଲ୍ ଆରୋଗ୍ୟମ୍ ଭାବିଲେ, ଗଣେଶ ମୋର ଦୁଃଖ ଦୂର କରିବା ପାଇଁ ଏ ରାସ୍ତା ବାହାର କରିଛନ୍ତି । ଏପରି କଲେ ସେହି ପାଜି ଶେଠ୍ ବଂଶୀଲାଲ କବଳରୁ ରକ୍ଷା ମିଳିବ । ତାଙ୍କୁ ଯାହା ଶୁଝିବାର କଥା ଦେଇସାରି ବାକି ଟଙ୍କା ଧରି ଦକ୍ଷିଣକୁ ଚାଲିଗଲେ ହେବ । ଆଉ ସେଠାରେ କୌଣସି ମତେ ଗୁଜରାଣ ମେଣ୍ଟାଇବାକୁ ହେବ । ସେ ଆହୁରି ମଧ୍ୟ ପ୍ରତିଜ୍ଞା କଲେ ଯେ ସେ ଆଉ ମଦ ଛୁଇଁବେ ନାହିଁ । ଲୋକଟି କାଲି ମଲା ବା ଆଜି ମଲା—ସେଥିରେ କିଛି ପ୍ରଭେଦ ନାହିଁ । ସମ୍ପତ୍ତି ଝିଅକୁ ମିଳିବାର କଥା ; ତାହା ନ୍ୟାୟସଙ୍ଗତ ମଧ୍ୟ ।

ଏ ସବୁ ଭାବି ସେ କହିଲେ, "ମୁଁ ଟିକିଏ ଭାବିବା ପାଇଁ ସମୟ ଚାହୁଁଛି । ଆପଣ ସନ୍ଧ୍ୟାରେ ଆସିବେ । ମୁଁ ଆପଣଙ୍କୁ ମୋର ସିଦ୍ଧାନ୍ତ କଥା କହିବି ।"

"ନା, ନା, ଏଥିରେ ଭାବିବାର କଥା କିଛି ନାହିଁ । ଦାହକ୍ରିୟା ପାଇଁ ଅଧିକ ବିଳମ୍ବ କଲେ ଚଳିବ ନାହିଁ । ଏଥିରେ ଚଞ୍ଚଳତା କିଛି ନାହିଁ । ଧରନ୍ତୁ, ଆଉହଜାରେ ଟଙ୍କା ଦେଉଛି । ଏଇ, ନିଅନ୍ତୁ ପୁରା ଛଅ ହଜାରେ ଟଙ୍କା ।"

ଏହା କହି ଶିବ ସୁବ୍ରହ୍ମଣ୍ୟମ୍ ଆୟାର ଜବରଦସ୍ତି ଡାକ୍ତରଙ୍କ ହାତରେ ଛଅ ହଜାର ଟଙ୍କାର ନୋଟ ଗୁଞ୍ଜି ଦେଲେ ଓ କାଗଜ କଲମ ତାଙ୍କ ଆଗରେ ରଖି ଦେଲେ । ଡାକ୍ତର ଟଙ୍କା ନେଇ ଘର ଭିତରକୁ ପଶି ଗଲେ ଓ ବାକ୍ସରେ ଟଙ୍କା ରଖି କରି ଆସିଲେ ଓ ଲେଖିବାକୁ ବସିଲେ ।

ସେ ପଚାରିଲେ, "ଆପଣଙ୍କ ନାମ କଣ ?"

"ଶିବ ସୁବ୍ରହ୍ମଣ୍ୟମ୍ ଆୟାର ।"

ଡାକ୍ତର ଲେଖିଲେ, "ଶିବସୁବ୍ରହ୍ମଣ୍ୟମ୍ ଆୟାର ନାମକ ଜଣେ ବ୍ରାହ୍ମଣ ନିଜ ଶ୍ୱଶୁର ସଙ୍ଗେ ତୀର୍ଥାଟନରେ ବାହାରି କାଶୀ ଆସିଥିଲେ । ଯାତ୍ରା ସମୟରେ ବୁଢ଼ା ବେମାର ହେବାରୁ ମୋ ଦ୍ୱାରା ତାଙ୍କର

ଚିକିତ୍ସା କରାଇଲେ । ବୁଢ଼ା ଅବସ୍ଥା ଯୋଗୁଁ ଔଷଧର କୌଣସି ଫଳ ହେଲା ନାହିଁ । ଆଜ ସକାଳ ଦଶଟାରେ ତାଙ୍କର ମୃତ୍ୟୁ ହେଲା । ଶିବ ସୁବ୍ରହ୍ମଣ୍ୟମ୍ ଆୟାର ସୁହିଁବାକୁ ଏ ପତ୍ର ତାଙ୍କୁ ଦିଆ ଯାଉଛି ।"

କାଗଜରେ ଏତିକି ଲେଖି ଡାକ୍ତର ଆରୋଗ୍ୟମ୍ ଦସ୍ତଖତ ଦେଲେ ଓ କାଗଜଟି ଶିବ ସୁବ୍ରହ୍ମଣ୍ୟମ୍ ଆୟାରଙ୍କୁ ଦେଲେ । ଆୟାର ଡାକ୍ତରଙ୍କୁ ନମ୍ର ପ୍ରଣାମ କଲେ ଓ ସନ୍ଧ୍ୟା ଛଅଟାରେ ନିଶ୍ଚୟ ହନୁମାନ୍ ଘାଟକୁ ଦୟାକରି ଯିବାକୁ ଅନୁରୋଧ କଲେ ।

ଡାକ୍ତର ଆରୋଗ୍ୟମ୍ ଶେଠଜୀଙ୍କୁ ପାଉଣା ଟଙ୍କା ଦେଇ ରସିଦ୍ ଲେଖାଇ ନେଲେ । ଶେଠଜୀ ଓ ପୁଲିସ ତାଙ୍କୁ ସାବଧାନ କରାଇ କହିଲେ "ଏଥର ଆପଣଙ୍କୁ କ୍ଷମା କରା ଯାଉଛି । ଆଉ ଏପରି ହଇରାଣ କରିବ ନାହିଁ ।

ସେ ଦିନ ଥିଲା ଗଣେଶ ଚତୁର୍ଥୀ । ଫେରିବା ବେଳକୁ ଡାକ୍ତର ଗଣେଶଙ୍କର ଗୋଟିଏ ମୂର୍ତ୍ତି କିଣିଲେ । ଖ୍ରୀଷ୍ଟ ଧର୍ମକୁ ମନରୁ କାଢି ଦେଇ ଗଣେଶଙ୍କର ସେବକ ହେଲେ । ଦୀପ ଜାଳି ସେ ଭକ୍ତିପୂର୍ଣ୍ଣ ଭାବରେ ମୂର୍ତ୍ତିର ପୂଜା ଅର୍ଚ୍ଚନା କଲେ । ଫୁଲ ଚନ୍ଦନ ଆଦି ଦେଇ କହିଲେ, "ହେ ଦେବାଧିଦେବ, ତୁମେ ମୋତେ ଉଦ୍ଧାର କର । ଏବେ ମୁଁ ତୁମର ଦାସ ହେଲି ।" ଏହା କହି ସେ ଧ୍ୟାନମଗ୍ନ ହେଲେ । ସନ୍ଧ୍ୟାରେ ହନୁମାନ୍ ଘାଟକୁ ଯାଇ ଶିବ ସୁବ୍ରହ୍ମଣ୍ୟମଙ୍କ ସଙ୍ଗେ ସାକ୍ଷାତ୍ କଲେ । ତାଙ୍କର ଶ୍ୱଶୁରଙ୍କ ମୃତ ଦେହକୁ ଦେଖିବାର ବଳବତୀ ଇଚ୍ଛା ତାଙ୍କ ମନରେ ଜାତ ହେଲା । ବୁଢ଼ା ପାଇଁ ଡାକ୍ତର ଆଜି ଏତେ ବଡ଼ ସଙ୍କଟରୁ ରକ୍ଷା ପାଇଛନ୍ତି ।

ମୃତ ଦେହ ଦେଖି ଡାକ୍ତର ଆରୋଗ୍ୟମ୍ ଚାଟକା ହେଲେ । ତାଙ୍କର ମନେ ହେଲା, ମୃତ ଲୋକର ଚେହେରା ତାଙ୍କର ବାପାଙ୍କର ଚେହେରା ସଙ୍ଗେ ମିଶି ଯାଉଛି । ଆଉ ଟିକିଏ ମନ ଦେଇ ଦେଖିଲେ ନିଃସନ୍ଦେହ ହେଲେ, ଶବଟି ନିଜର ବାପାଙ୍କର, ସନ୍ଦେହ କରିବାର କୌଣସି କାରଣ ନାହିଁ । ତଥାପି ମନରେ ଟିକିଏ ଶଙ୍କା ରହିଗଲା । ବାପାଙ୍କର ତ ଦୁଇ ଏକରରୁ ଅଧିକ ଜମି ନ ଥିଲା । ତେବେ ଏହା କିପରି.........?

ସବୁ କ୍ରିୟା କର୍ମ ଶୀଘ୍ର ସରିଗଲା । ଡାକ୍ତର ଆୟାରଙ୍କୁ ନିଜ ଘରକୁ ଆସିବାକୁ ନିମନ୍ତ୍ରଣ କଲେ । କିନ୍ତୁ ଆୟାର କହିଲେ, "ନା, ମୁଁ ଏବେ ଧର୍ମଶାଳାକୁ ଯାଇ ନିୟମ ଅନୁସାରେ ସବୁ ଶାସ୍ତ୍ର ସମ୍ମତ କ୍ରିୟା ବ୍ରାହ୍ମଣ ପୁରୋହିତ ଦ୍ୱାରା କରାଇବି । କାଲି ସକାଳେ ଆପଣଙ୍କ ଘରକୁ ଆସିବି ।

ତହିଁ ଆରଦିନ ଆୟାର ଡାକ୍ତରଙ୍କ ଘରକୁ ଆସିଲେ ଓ ସବୁ କଥା ଆହୁରି ବିସ୍ତୃତ ଭାବରେ ଶୁଣାଇଲେ । ତାଙ୍କ ପାଖରେ ଥିବା ଉଇଲର ନକଲ ମଧ୍ୟ ଡାକ୍ତରଙ୍କୁ ଦେଖାଇଲେ ।

ଉଇଲରେ ଲେଖା ଥିଲା–

"ପିଥାପ୍ପି ତାଲୁକାର କାତ୍‌ମୁନିପ୍‌ପୁର କୋଲିର ନିବାସୀ ମହାଦେବ ଆୟାରଙ୍କ ପୁତ୍ର ସାମଶିବ ଆୟାରଙ୍କ ଲେଖା ଶେଷ ଉଇଲ ଅଟେ । ମୋର ପ୍ରଥମ ପତ୍ନୀର ଗର୍ଭଜାତ ପୁତ୍ର ଘରୁ ବାହାରି ଯିବାର ତିରିଶ ବର୍ଷ ହୋଇଗଲା । ମୋର ଦ୍ୱିତୀୟ ପତ୍ନୀର ଗର୍ଭଜାତ ପୁତ୍ର ବସନ୍ତ ରୋଗରେ ମୃତ ହେଲା । ପ୍ରଥମ ପତ୍ନୀର ଗର୍ଭରୁ ଜାତ କନ୍ୟା ବାଳାମଣିର ବିବାହ ମିରାସ୍‌ଦାର ଶିବ-ସୁବ୍ରହ୍ମଣ୍ୟମ୍ ଆୟାର ସହିତ ହୋଇଛି । ଆଉ ସେ ସୁଖରେ ରହୁଛି । ତାର କୌଣସି ଅଭାବ ନାହିଁ । ମୋର ଯେଉଁ ଦଶ ଏକର ଜମି ଅଛି, ତାହା ମୋର ଦ୍ୱିତୀୟ ଭାର୍ଯ୍ୟା ଗୌରୀଅମ୍ମାଳ ପାଇବ । ମୁଁ ଯୁଦ୍ଧ ସମୟରେ ଠିକାଦାରୀ କାମ କରି ଯେଉଁ ଟଙ୍କା ଅର୍ଜନ କରିଛି, ତାହା ବେଙ୍କରେ ଜମା ଅଛି । ତାହା ଦୁଇଲକ୍ଷ ଟଙ୍କାରୁ କିଛି ଅଧିକ ହେବ । ମୁଁ ଆପଣା ଔଷଧ ପାଇଁ ସେଥିରୁ କିଛି ନେଉଛି ଓ ବାକି ଯାହା କିଛି ଜମା ଅଛି, ତାହା ମୋର ମୃତ୍ୟୁ ପୂର୍ବରୁ ଯଦି ମୋର ଝିଅ ଗର୍ଭରୁ କୌଣସି ପୁଅ ଜନ୍ମେ ତେବେ ସେ ପୁଅକୁ ମିଳିବ । ଝିଅର ସେହି ପୁଅ ମୋର ଅନ୍ତ୍ୟେଷ୍ଟିକ୍ରିୟା ଆଦି କରିବ । ମୋର ଜୀବିତ ଅବସ୍ଥାରେ ଯଦି ମୋ ଝିଅ କୌଣସି ପୁତ୍ର ସନ୍ତାନ ନ ଜନ୍ମେ, ତେବେ ମନୁସ୍ମୃତି ଅନୁସାରେ ମୋର ଉତ୍ତରାଧିକାରୀ ପୁତ୍ରକୁ ମିଳିବ ଅର୍ଥାତ୍ ମୋର ଯେଉଁ ପୁଅ ଘରୁ ପଳାଇ ଯାଇଛି, ସେ ଯଦି ଘରକୁ ଫେରେ, ତେବେ ତାହାକୁ ମିଳିବ, ନ ହେଲେ ମୋର ମୃତ୍ୟୁ ପରେ ମୋର ନିକଟତମ ବଂଶୀୟ ଯେ ଥିବେ, ତାହାକୁ ମିଳିବ ।

ଏହି ଉଇଲ ତାରିଖ.............. ରେ ଗୁଣ୍ଟୁରରେ ରେଜେଷ୍ଟ୍ରି କରାଗଲା ।

ଡାକ୍ତର ଆରୋଗ୍ୟମ୍ ଏହା ପଢି ଅଧିକ କହିଲେ ନାହିଁ । ଶିବ ସୁବ୍ରହ୍ମଣ୍ୟମ୍ ଆୟାର ଧର୍ମଶାଳାକୁ ଫେରିଗଲେ ।

"ସବୁ ଟଙ୍କା ମୋର ଭଉଣୀ ବାଳାମଣି ପାଇବ । ଅବଶ୍ୟ ମୁଁ ଠକାମିରେ ପଡ଼ିଗଲି, କିନ୍ତୁ ଏଥିରେ ଦୁଃଖିତ ହେବାର କିଛିନାହିଁ ।" ଏହିପରି ମନକୁ ପ୍ରବୋଧ କରି ପଲ୍ ଆରୋଗ୍ୟମ୍ ଗଣେଶଙ୍କୁ ଧ୍ୟାନ କରିବାକୁ ଲାଗିଲେ ।

* * * *

"ଭାଇ ଫେରି ଆସିଛ ! ତୁମକୁ ଫେରି ପାଇ ମୁଁ ବାପାଙ୍କର ମୃତ୍ୟୁ ଶୋକ ଭୁଲି ଯାଉଛି । ବୈଦ୍ୟନାଥ, ମୁଁ ଶୁଣିଥିଲି ତୁମେ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଥିଲ । କାହିଁକି ?"

ବାଳାମଣି ଏହା କହି ଭାଇଙ୍କର ମୁହଁକୁ କିଛି କ୍ଷଣ କରିବାକୁ ଯାଉଁ ଥିଲେ ।

"ନା ବାଳା, ଏଇ ଦେଖ୍ ମୋର ପଇତା ।" ପଲ୍ ଆରୋଗ୍ୟମ୍ ନିଜ କାମିଜ ଭିତରୁ ପଇତା କାଢ଼ି ଦେଖାଇଲେ । ସେ କହିଲେ, "ଦୁଇ ଲକ୍ଷ ଟଙ୍କାର ସମ୍ପତ୍ତି ଛାଡ଼ି ମୁଁ ଛଅ ହଜାର ଟଙ୍କା ପାଇଁ ବୋକା ବନିଗଲି । ଦେଖିଲୁ ?" ଏହା କହି ସେ ପାଟି କରି ହସିବାକୁ ଲାଗିଲେ ।

"ଭାଇ ଭଗବାନଙ୍କୁ ବିଶେଷ ଧନ୍ୟବାଦ– ତୁମେ ଫେରି ଆସିଛ । ସମ୍ପତ୍ତିର ଅଧା ତୁମେ ନିଅ । ନା, ନା, ସବୁ ସମ୍ପତ୍ତି ତୁମେ ନିଅ । ମୋର କିଛି ଦରକାର ନାହିଁ ।

ଏହା କହି ବାଳାମଣି ପୁଅକୁ ଦୁଧ ପିଆଇବାକୁ ବାହାରିଲେ ।

ସୁବ୍ରହ୍ମଣ୍ୟମ୍ ଆୟାର କହିଲେ "ଓଲୁଙ୍କ ପରି କଥା କହ ନାହିଁ । ଆମେ କଣ ତାଙ୍କ ଟଙ୍କା ପାଇଁ ଲୋଭ କରୁଛୁ । ଦମ ଭାଇ ତ ଜଣେ ବୈରାଗୀ ପୁରୁଷ । ସେ ନିଷ୍ପତ୍ତି କରିଛନ୍ତି ସେ ସେ ଶଙ୍କରାଚାର୍ଯ୍ୟଙ୍କ ମଠକୁ ଯାଇ ସତ୍ ସଙ୍ଗରେ ନିଜ ଜୀବନ ଯାପନ କରିବେ । ସେ କଣ ତୁମର କଥା ମାନିବେ ।"

ଶିବ ସୁବ୍ରହ୍ମଣ୍ୟମ୍ ଆୟାର ସତ କଥା କହିଥିଲେ । ଡାକ୍ତର ପଲ୍ ଆରୋଗ୍ୟମ୍ ନିଜ ବେଶ ଭୂଷା ପୁରାପୁରି ବଦଳାଇ ଦେଲେ । ସେ ଏବେ ନୂଆ ହୋଇ ବୈଦ୍ୟନାଥ ଆୟାର ହୋଇଗଲେ । ସେଠାରୁ ସେ କୁମ୍ଭକୋଣମ୍ ଗଲେ ଓ ବୈଦିକ ପରମ୍ପରାରେ ସମ୍ମିଳିତ ହୋଇ ନିଷ୍ଠାବାନ୍ ହେଲେ ଓ ଶାନ୍ତିରେ ଜୀବନ ଯାପନ କରିବାକୁ ଲାଗିଲେ ।

# Rajaji some anecdotes

Dr. H. K. Mahtab

It was in 1940 when hot exchanges were going on between Gandhiji and Jinnah regarding partition of India on which the question of Independence of India was hinging. While Gandhiji was pressing for independence without partition, Jinnah was insisting on partition, Independence or no independence. The British were insisting upon Hindu-Muslem unity before any proposal for independence could be taken up for consideration. It was indeed a very delicate and complicated situation in which Gandhiji was *steering* the Congress politics in those critical days. Rajagopalachari, who was all along accepted as the mouthpiece of Gandhiji's policies and programmes and who was in fact all along interpreting Gandhiji in his own inimitable way to the full conviction of the intellectuals, decided to break away from Gandhiji and went on propagating the benefits of partition of India. He was a master of popular *simile* to explain the most complicated matters which could be quoted even in literary circles. With regard to partition his *simile* was that when a piece of cloth was torn in the middle and thus became useless, it could be made some use of if the piece was completely torn to two pieces. He was so enthusiastic in his opinion in favour of partition, that he started an all India tour only to invite abuse, ridicule and insult. But he did not flinch from his view. I was then staying with Sardar Patel in his flat in Bombay, 61 Marine Drive. When Rajaji arrived there to hold public meetings to popularise partition. Sardar dissuaded him from his venture but in vain. Rajaji went out to hold a meeting in the evening. We were waiting for his return till about 9 P. M. He returned with a smiling face but with his shirt besmeared with coal tar which was thrown at the meeting by the hostile audience. While Sardar was expressing his sorrow for what had happened and trying to persuade him not to go direct against Gandhiji, he was replying smilingly that he had been taught by Gandhiji to express his views fearlessly even if there was none to listen to him. I do not think there was a single leader at that time in the Congress who dare oppose Gandhiji as Rajaji did. It is well known that Jawaharlalji and Moulana who were disapproving Gandhiji's programme of quit India movement ultimately joined it most reluctantly. Ultimately Rajaji's view prevailed.

Because of his crusade for partition and against the quit India movement, Rajaji fell for a while from the Central leadership when it was called upon to frame the Constitution of India after independence. The Constituent Assembly did not have the advantage of mature foresight of the great statesman and intellectual leader as Rajaji was. Things began to change. Rajaji gradually came close to the Central leadership. But he was all along sceptical about Jawaharlal's wisdom in practical

politics. But nevertheless he offered his active and sincere co-operation to Jawaharlalji's administration. He jointed his cabinet as Home Minister after Sardar's demise. I had the privilege then to be one of his colleagues in the Central cabinet. On the eve of the general election in 1952, when Rajaji decided not to contest for Lok Sabha, I invited him to tea at my place just to exchange views about the politics of the Country as it was drifting then. He came and handed over the following poem composed by him and written in his own hand-writing which I treasure today as a masterpiece in characterisation of the Indian Constitution.

"FATAL ECSTASY"

1. The gods decide, whate'er our plans: So when at last we got the chance After the long battle to frame the law We framed it without a single flaw So that of power we were quite bereft And could not move to right or left.

2. For a wonder to the civilised world On three hundred millions we hurled What spread our glory wide and far Adult franchise sans sex bar.

3. The evil power of the rich we smote Through secret ballot and direct vote So the halls of power they cannot enter In the States nor at the Centre.

4. The harvest indeed was plenteous But it soon became quite obvious The reaping would be ruinous Our men being impecunious.

5. No congressmen could bear the expense Without the help of monyed friends: Help always carries strings held tight was it for this our long drawn fight?

6. O the vanity of human wishes The gods do mock our plans ambitious help O muse of truthful song ! And let the rhythm be melancholy For the theme of my lament is human folly.

7. They stand in a queue the struggling man For ruin now as for glory then But do not the lepidoptera fly Into the burning flame to die?

8. Nature's law is just the same For man and woman, for moth and bee, When the purpose is over for which they come She sends a fatal ecstasy.

Rajaji gradually drifted away from Jawaharlal's leadership and took up the leadership of the Swatantra Party. When I parted company with the Congress in 1966 and organised the Jana Congress in Orissa, I had the privilege of discussing with him the policies and programmes of the Swatantra Party and the Jana Congress and how they could be co-ordinated. A workable programme of co-ordination was agreed upon and Swatantra Jana Congress coalition formed the Ministry in Orissa. Naturally it was expected that I would be the Chief Minister. But I volunteered and offered the office to the Swatantra Party so that Rajaji might have the satisfaction of seeing his party heading at least one State Government. He was so pleased and showered blessings placing his two hands on my head which I will never forget.

# Memories About Rajaji

**Nityananda Kanungo**

Sometime in 1943 or 1944 winter Rajaji had come to Cuttack, where he addressed a meeting in the Ravenshaw College Hall. He was heckled. We read the news in the papers while we were confined in the Berhampore Camp Jail. Most of my fellow-prisoners were released. Somehow I did not relish it.

In those days Rajaji was travelling all over India and speaking, in his persuasive way, appealing to the countrymen to accept the proposal Pakistan, and partition of India. In those days the Muslim League or their leader Jinnah had only vague ideas about the idea of Pakistan, and partition of India was talked about vaguely. Rajaji also was not listened to kindly anywhere; rather he was heckled and worse things happened in his meetings. Most Congressmen were in prison, there was a feeling of intense hostility to any idea of opposition to the stand of the Congress. Some people accused Rajaji of being gone over to the side of the British. In 1946, when Congress took up Ministries in the States, rather before that, Gandhiji toured the whole of Madras with a view to persuading Congressmen to accept Rajaji as the Chief Minister of Madras. But he failed. This is mentioned merely to show that Gandhiji had immense faith in Rajaji whatever others thought of him.

This episode clearly shows that Rajaji was a statesman, who could clearly see what was to happen in future; and he had the courage to persuade the people of India against all odds. Everyone has admitted that his was the keenest intellect among the public men of India and Gandhiji has spoken of him as his (Gandhiji's) conscience keeper. The following extract from his diary which he wrote in prison when he was sentenced to a short term of imprisonment in 1921 clearly shows how far ahead into the future he could clearly see. His vison is prophetic.

**An Extract from the Diary of Rajaji written in prison dated the 24th January, 1922.**

"We all ought too know that *Swaraj* will not at once or, I think, even for a long time to come, be better Government or greater happiness for the people. Elections and their corruptions, injustice and the power and tyranny of wealth and inefficiency of administration, will make a hell of life as soon as freedom is given to us. Men will look regretfully back to the old regime of comparative justice and efficient, peaceful more or less honest administration. The only thing gained will be that as a race we will be saved from dishonour and subordination. Hope lies only in universal education by which right conduct, fear of God and love, will be developed among the citizens from childhood. It is only if we succeed in this that Swaraj will mean happiness. Otherwise it will mean the grinding injustices and tyranny of wealth. What a beautiful

world it would be, if everybody were just and God-fearing and realised the happiness of loving others. Yet there is more practical hope for the ultimate consummation of this ideal in India than elsewhere."

His humour was very subtle. He had come to visit Orissa as the Governor General, the Grow More Food campaign was launched intensely. We had grown some Mandia (Ragi) in the lawns of the Governor's residence at Cuttack. At lunch a sweet pudding of ragi was served; and I pointed out rather proudly that Ragi had been grown on the Government House Lawn by the Agricultural Department. Then he enquired what has been used for flavour ing. Some one at the table said that Vanila had been used to mask the smell of thickened milk. He talked about other matters about food in different parts of India and how it was often rich. Then he mentioned that a type of kheer (Sweet porridge) is made in Gujarat where a large quantity of milk was boiled for evaporation and plenty of sugar and some saffron was used, and the whole thing was expensive. After a while it dawned on one of my friends that, he was having a dig at me, for being proud of Mandia pudding. When he was Governor General, Prime Minister Nehru sent up the proposals for the formal official dress of Achkan and Churidár Paijama. Rajaji approved the proposal; but put a query 'Do these rules apply to me?' The joke was appreciated by Nehru, Rajaji used to dress only with a Dhoti and a Kurta and a folded chadar. It was ridiculous to think of him dressed in Achkan and Churidar. Nehru used to tell this story sometimes as an example of subtle humour.

Rajaji lived an ascetic life always, even when he lived in Raj Bhavan and Rastrapati Bhavan as Governor and Governor General. He used to have not more than two dhotis, two kurtas and two chadars in his wardrobe. Except in Raj Bhavans where there were regular washermen, he used to wash his dhoti and kurta himself. When he used to come to attend meetings of the Working Committee at Wardha or elsewhere he used to wash his clothes himself. His food was very simple; just rice, dal and curd. His health was not good. But he never complained about it.

He was very punctilious in replying to all letters addressed to him by friends or strangers. He used to write in his own hand even when he had the services of stenographers and secretaries at his disposal. Usually the replies were a few sentences on a postcard; but the replies were adequate.

Most of his literary writings were in Tamil; many of which he had translated into English himself. One of his works was translated by others also. On current affairs he used to write in English, mostly in newspapers an sometimes in magazines. He wrote in Tamil for magazines regularly. Sooner or later efforts will be made to publish his writings in a collected form.

As the years pass his services to the nation and to humanity will be appreciated and inspire many people in many lands.

# *Here under this uniting Roof*

RAJAJI

May the Lord forgive our sins
And gather all the nations
Here under this Uniting Roof.

To give up hate and fear
And learn to understand
Here under this Uniting Roof.

They took the risks of war
and dying, wished us take
the better risks of peace
Here under this Uniting Roof.

The good in every man
is an atom too
of measureless potential.
Let us learn to find it
And explode it into lasting peace.
Here under this Uniting Roof.

May the Lord forgive our sins
Inspiring us to peace on Earth
Here under this Uniting Roof.*

[*ରାଜାଜୀଙ୍କ ଦ୍ୱାରା ରଚିତ ଏଇ ଗୀତିକାଟି ଅକ୍ଟୋବର ୨୩, ୧୯୬୬ ଜାତିସଂଘ ଦିବସ ଉପଲକ୍ଷେ ଶ୍ରୀମତୀ ଏମ୍. ଏସ୍. ସୁବୁଲକ୍ଷ୍ମୀ ଜାତିସଂଘ ସାଧାରଣ ପରିଷଦରେ ପରିବେଷଣ କରିଥିଲେ । ]

**OGP**—MP-VI [I. & P. R.] 53—15,000—1-1-1979



ଜାକୀର ହୁସେନ୍ ଓ ଘଡ଼ାରୀ



ଶାସ୍ତ୍ରୀ ଓ ଘଡ଼ାରୀ

Vol. XXXV No. 4 UTKAL PRASANGA Regd. No. O-247
Licence No. C. R. N. P. 5—Licensed to post without Pre-Payment



ରାଜେନ୍ଦ୍ର ପ୍ରସାଦଙ୍କୁ ପ୍ରଥମ ରାଷ୍ଟ୍ରପତି ଭାବେ ପ୍ରତିଷ୍ଠିତ କରି ବଡ଼ ଲାଟ ପଦରୁ ବିଦାୟ ନେଉଛନ୍ତି ରାଜାଜୀ



ସାମରିକ ସମ୍ମାନ ସହିତ ଶେଷକୃତ୍ୟର ଆୟୋଜନ

PRINTED AT ORISSA GOVT. PRESS, CUTTACK-10